# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ସୋମବାର, ଜୁନ୍ ୧୭/୨୦୨୪ (୧୪ ପୃଷ୍ଠା) | Bhubaneswar, Monday, June 17/2024 | Page 14 | ₹ 7.00

୫୦ଶ ଭାଗ ୨୦୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 203 | ମୂଲ୍ୟ ₹୭/-





**ଦର୍ଶକଙ୍କ ପ୍ରଶଂସା ସାଉଁଟୁଛି 'ଚନ୍ଦୁ ଚାମ୍ପିୟନ'**

କାର୍ତ୍ତିକ ଆର୍ଯ୍ୟନଙ୍କ ଫିଲ୍ମ 'ଚନ୍ଦୁ ଚାମ୍ପିୟନ' ରିଲିଜ୍ ହେବାର ପ୍ରଥମ ୨ ଦିନରେ ବକ୍ସ ଅଫିସରୁ ୧୩.୧ କୋଟି ଟଙ୍କାର ରୋଜଗାର କରିଛି। **୦୨**

**୧୪** **ସ୍ମୃତି ମନ୍ଧାନାଙ୍କ ଶତକ**

ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ମହିଳା ଦିନିକିଆ କ୍ରିକେଟ ମ୍ୟାଚରେ ଶତକ ହାସଲ କରିଛନ୍ତି ଭାରତର ସ୍ମୃତି ମନ୍ଧାନା ।




# ସନ୍ଦେହ ଘେରରେ ଇଭିଏମ୍

**ୱାଶିଂଟନ୍/ନୂଆଦିଲ୍ଲୀ,୧୬ା୬**

ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍)ର ବିଶ୍ୱସନୀୟତାକୁ ନେଇ ଭାରତ ସମେତ ବିଶ୍ୱରେ ବଡ଼ ବିବାଦ ସୃଷ୍ଟି ହୋଇଛି। ଇଭିଏମ୍‌କୁ ମଣିଷ କିମ୍ବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଦ୍ୱାରା ହ୍ୟାକ୍ କରାଯାଇପାରିବ। ତେଣୁ ଏହାକୁ ନିର୍ବାଚନ ବେଳେ ବ୍ୟବହାର ନ କରି ହଟାଇ ଦିଆଯିବା ଉଚିତ ବୋଲି ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି ଏଲନ୍ ମସ୍କ ନିଜ ମାଇକ୍ରୋବ୍ଲଗିଂ ସାଇଟ୍ ଏକ୍ସ'ରେ ଉଲ୍ଲେଖ କରିଛନ୍ତି। ଏହାପରେ ଇଣ୍ଡିଆନ୍ ଡେମୋକ୍ରାଟିକ୍ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ବ୍ଲକ୍‌ର ନେତାମାନେ ମଧ୍ୟ ଅନୁରୂପ ଇଭିଏମ୍‌ର ଦୁରୁପଯୋଗ ଅଭିଯୋଗ ଆଣି ଏହାକୁ ହଟାଯିବା ନେଇ ମତବ୍ୟକ୍ତ କରିଛନ୍ତି। ଇତିମଧ୍ୟରେ ଜୁନ୍ ୪ରେ ଲୋକ ସଭା ନିର୍ବାଚନର ଭୋଟ ଗଣତି ବେଳେ ମହାରାଷ୍ଟ୍ରର ଶାସକ ଦଳ ଶିବସେନା (ଶିନ୍ଦେ)ର ଜଣେ ଏମ୍‌ପିଙ୍କ ସମ୍ପର୍କୀୟ ମୋବାଇଲ୍ ଫୋନ୍‌ରୁ ୱାନ୍ ଟାଇମ୍ ପାସ୍‌ୱାର୍ଡ (ଓଟିପି) ଜେନେରେଟ୍ କରି ଫଳାଫଳକୁ ପ୍ରଭାବିତ କରିଥିବା ବିଷୟ ସାମ୍ନାକୁ ଆସିଛି। ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଶିବସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଠାକ୍‌ରେ ନିର୍ବାଚନ ଫଳକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବେ ବୋଲି ଚେତାବନୀ ଦେଇଛନ୍ତି।

ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜନ୍ ଏଫ୍. କେନେଡିଙ୍କ ପୁତୁରା ରବର୍ଟ ଏଫ୍. କେନେଡି ଜୁନିଅର ୨୦୨୪ ନଭେମ୍ବରରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ହୋଇଛନ୍ତି। କେନେଡି ଜୁନିଅର ପୁର୍ତୋ ରିକୋ ନିର୍ବାଚନ ବେଳେ ହୋଇଥିବା ଇଭିଏମ୍ ଅନିୟମିତତା ☞ପୃଷ୍ଠା-୪



Elon Musk @elonmusk · 1d
We should eliminate electronic voting machines. The risk of being hacked by humans or AI, while small, is still too high.

Robert F. Kennedy Jr @... · 1d
Puerto Rico's primary elections just experienced hundreds of voting irregularities related to electronic voting machines, according to the Associated Press....

" ଭାରତରେ ଇଭିଏମ୍‌ଗୁଡ଼ିକ ଏକ ବ୍ଲାକ୍ ବକ୍ସ (ରହସ୍ୟ)। ଏହାକୁ ଯାଞ୍ଚ କରିବା ପାଇଁ ଦେଶରେ କାହାକୁ ଅନୁମତି ଦିଆଯାଇ ନ ଥାଏ। ଆମ ନିର୍ବାଚନୀ ପ୍ରକ୍ରିୟାର ସ୍ୱଚ୍ଛତା ଉପରେ ଗମ୍ଭୀର ଚିନ୍ତା ପ୍ରକଟ କରାଯାଉଛି। ସାମ୍ବିଧାନିକ ସଂସ୍ଥାଗୁଡ଼ିକର ଉତ୍ତରଦାୟିତ୍ୱ ନ ରହିଲେ ଗଣତନ୍ତ୍ର ପ୍ରହସନ ପାଲଟିଯାଏ ଏବଂ ଫୋନ୍ ଜରିଆରେ ଜାଲିଆତି କରାଯାଇଥାଏ।

**-ରାହୁଲ ଗାନ୍ଧୀ, କଂଗ୍ରେସ ନେତା**

" ସାରା ବିଶ୍ୱରେ ଇଭିଏମ୍ ଟ୍ୟାମ୍ପରିଂକୁ ନେଇ ପ୍ରଶ୍ନ ଉଠୁଥିବାବେଳେ ଜଣାଶୁଣା କାରିଗରି ବିଶେଷଜ୍ଞମାନେ ଏହାର ବିପଜ୍ଜନକ ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛନ୍ତି। ଭାଜପା ଇଭିଏମ୍‌କୁ କାହିଁକି ଏତେ ଜୋର୍ ଦେଉଛି ଏହାର ନେତାମାନେ ସ୍ପଷ୍ଟ କରନ୍ତୁ। ଆଗାମୀ ନିର୍ବାଚନଗୁଡ଼ିକରେ ଇଭିଏମ୍ ପରିବର୍ତ୍ତେ ପୂର୍ବଭଳି ବାଲଟ୍ ପେପର ପଦ୍ଧତି ଆପଣାଯାଉ।

**-ଅଖିଳେଶ ଯାଦବ, ଏସ୍‌ପି ଅଧ୍ୟକ୍ଷ**

## ମୋବାଇଲରେ ଇଭିଏମ୍ ଓଟିପି

### ୪୮ ଭୋଟରେ ଜିତିଛନ୍ତି ଶିନ୍ଦେ ସେନା ଏମ୍‌ପି

**ମୁମ୍ବାଇ,୧୬ା୬**

ଲୋକ ସଭା ନିର୍ବାଚନ ଫଳ ପ୍ରକାଶ ପାଇବା ପରେ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ରାଜୀବ କୁମାର ଇଭିଏମ୍‌କୁ ନେଇ ପ୍ରଶ୍ନ ଉଠାଉଥିବା ବିରୋଧୀ ନେତାମାନଙ୍କୁ ସମାଲୋଚନା କରିଥିଲେ। ଏଥିସହ ସେ ଇଭିଏମ୍‌କୁ ଅତ୍ୟନ୍ତ ସୁରକ୍ଷିତ ବୋଲି କହିଥିଲେ, ଯାହାକି ଏବେ ମିଛ ପ୍ରମାଣିତ ହୋଇଛି। ମୁମ୍ବାଇ ନର୍ଥ ୱେଷ୍ଟ ଆସନରୁ ଶିବସେନା (ଶିନ୍ଦେ) ଟିକେଟରେ ରବୀନ୍ଦ୍ର ୱାଇକର ନିର୍ବାଚନ ଲଢୁଥିଲେ। ସେ ନିଜ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଶିବସେନା (ଉଦ୍ଧବ) ପ୍ରାର୍ଥୀ ଅମୋଲ ଗଜାନନଙ୍କୁ ମାତ୍ର ୪୮ ଭୋଟରେ ହରାଇଛନ୍ତି। ଫଳାଫଳ ଆସିବାର ୧୧ ଦିନ ପରେ ଜଣାପଡ଼ିଛି ଯେ, ଜୁନ୍ ୪ରେ ଗୋରେଗାଓଁସ୍ଥିତ ଭୋଟ ଗଣତି କେନ୍ଦ୍ରରେ ରବୀନ୍ଦ୍ରଙ୍କ ଶାଳକ ମଙ୍ଗେଶ ପାଣ୍ଡିଲକର ନିର୍ବାଚନ କମିଶନଙ୍କ ଜଣେ ଅଧିକାରୀଙ୍କଠାରୁ ମୋବାଇଲ୍ ☞ପୃଷ୍ଠା-୪

# ଦଙ୍ଗା ଶିକ୍ଷା ଅନାବଶ୍ୟକ : ଏନ୍‌ସିଇଆର୍‌ଟି

**ନୂଆଦିଲ୍ଲୀ,୧୬ା୬ (ପି.ଟି.)**

ସ୍କୁଲ୍ ପାଠ୍ୟପୁସ୍ତକରେ ଦଙ୍ଗା ଉପରେ ଶିକ୍ଷା ଦେବାର ଆବଶ୍ୟକତା ନାହିଁ ବୋଲି ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଏନ୍‌ସିଇଆର୍‌ଟି)ର ନିର୍ଦ୍ଦେଶକ ଦୀନେଶ ପ୍ରସାଦ ସାକ୍ଲାନି ରବିବାର କହିଛନ୍ତି। ସ୍କୁଲ ପାଠ୍ୟକ୍ରମର ନୂତନ ସଂସ୍କରଣରେ ଗୁଜରାଟ ଦଙ୍ଗା ଏବଂ ବାବ୍ରୀ ମସ୍‌ଜିଦ ଭଙ୍ଗ ବିଷୟକୁ ସଂଶୋଧନ କରାଯାଇଥିବାରୁ ଭାଜପା ନେତୃତ୍ୱାଧୀନ ସରକାରରେ ବିଦ୍ୟାଳୟ ପାଠ୍ୟକ୍ରମର ଗୈରିକୀକରଣ କରାଯାଉଥିବା ଅଭିଯୋଗ ପରେ ସେ ଏଭଳି ସଫେଇ ଦେଇଛନ୍ତି। ପିଲାଙ୍କୁ ଦଙ୍ଗା ବିଷୟ ପଢ଼ାଗଲେ ତାହା ସକାରାତ୍ମକ ପ୍ରଭାବ ପକାଇବ ନାହିଁ। ଏହା ହିଂସ୍ର ଏବଂ ବିଚଳିତ ବ୍ୟକ୍ତିବିଶେଷଙ୍କୁ ସୃଷ୍ଟି କରିବ। ଆମେ ସକାରାତ୍ମକ ନାଗରିକ ସୃଷ୍ଟି କରିବାକୁ ଚାହୁଁ, ହିଂସ୍ର ଏବଂ ଉଦାସ ବ୍ୟକ୍ତି ନୁହେଁ ବୋଲି ଏନ୍‌ସିଇଆର୍‌ଟି ନିର୍ଦ୍ଦେଶକ ଏକ ସାକ୍ଷାତ୍‌କାରରେ କହିଛନ୍ତି। ଦ୍ୱାଦଶ ଶ୍ରେଣୀ ରାଜନୀତି ବିଜ୍ଞାନ ପାଠ୍ୟପୁସ୍ତକର ସଦ୍ୟ ପ୍ରକାଶିତ ସଂସ୍କରଣରେ କେତେକ ବିଷୟକୁ ବାଦ୍ ଦିଆଯିବା ସହ ଅନ୍ୟ କେତେକରେ ପରିବର୍ତ୍ତନ କରାଯାଇଛି, ଯାହାକୁ ନେଇ ବିବାଦ ମୁଣ୍ଡ ଟେକିଛି। ବାବ୍ରୀ ମସ୍‌ଜିଦ୍ ଭଙ୍ଗା ବିଷୟରେ ପରିବର୍ତ୍ତନ କରାଯାଇଛି। ମସ୍‌ଜିଦକୁ ଏକ 'ତିନି ଗମ୍ବୁଜ ବିଶିଷ୍ଟ ଢାଞ୍ଚା' ଭାବେ ବର୍ଣ୍ଣନା କରାଯାଇଥିବାବେଳେ ଅଯୋଧ୍ୟା ବିଷୟକୁ ୪ ପୃଷ୍ଠାରୁ ୨ ପୃଷ୍ଠାକୁ ହ୍ରାସ କରାଯାଇଛି। ବହିର ପୂର୍ବ ସଂସ୍କରଣରେ ଥିବା କେତେକ ନିର୍ଦ୍ଦିଷ୍ଟ ବର୍ଣ୍ଣନା ଯଥା ଗୁଜରାଟର ସୋମନାଥରୁ ଅଯୋଧ୍ୟାକୁ ଭାଜପାର ରଥଯାତ୍ରା, ବାବ୍ରୀ ମସ୍‌ଜିଦ ଭଙ୍ଗରେ କରସେବକମାନଙ୍କ ସମ୍ପୃକ୍ତି, ଏହା ପରବର୍ତ୍ତୀ ସାମ୍ପ୍ରଦାୟିକ ଦଙ୍ଗା, ଭାଜପା ଶାସିତ ରାଜ୍ୟଗୁଡ଼ିକରେ ରାଷ୍ଟ୍ରପତି ଶାସନ ଲାଗୁ, ଅଯୋଧ୍ୟା ଘଟଣାରେ ଭାଜପାର ଦୁଃଖ ପ୍ରକାଶ ବିବୃତିକୁ ନୂତନ ସଂସ୍କରଣରୁ ବାଦ୍ ଦିଆଯାଇଛି। ସେହିପରି ରାଜନୀତି ବିଜ୍ଞାନ ପାଠ୍ୟପୁସ୍ତକର ଗଣତାନ୍ତ୍ରିକ ଅଧିକାର ଅଧ୍ୟାୟରୁ ଗୁଜରାଟ ଦଙ୍ଗା ବିଷୟକୁ ହଟାଇ ଦିଆଯାଇଛି। ଏହା ଉପରେ ସଫେଇ ଦେଇ ଏନ୍‌ସିଇଆର୍‌ଟି ନିର୍ଦ୍ଦେଶକ କହିଛନ୍ତି, ଯଦି କୌଣସି ବିଷୟ ପୁରୁଣା ବା ଅପ୍ରାସଙ୍ଗିକ ହୋଇଗଲା, ତାହାକୁ ସଂଶୋଧନ କରାଯିବା ଆବଶ୍ୟକ। ଏଥିରେ ଗୈରିକୀକରଣ ହୋଇଥିବା ସେ ଦେଖୁନାହାନ୍ତି। ପିଲାମାନଙ୍କୁ ତଥ୍ୟଗତ ଜ୍ଞାନ ଦେବା ପାଇଁ ଇତିହାସ ପଢ଼ାଯାଉଛି, ଯୁଦ୍ଧକ୍ଷେତ୍ର ସୃଷ୍ଟି ପାଇଁ ନୁହେଁ। ସୁପ୍ରିମକୋର୍ଟ ରାମମନ୍ଦିର ସପକ୍ଷରେ ରାୟ ଦେଇଛନ୍ତି। ଏହା ପାଠ୍ୟପୁସ୍ତକରେ ସ୍ଥାନ ପାଇବା ଉଚିତ ନୁହେଁ କି ବୋଲି ସେ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷେ ପାଠ୍ୟପୁସ୍ତକରୁ ଅଯୋଧ୍ୟା ଆନ୍ଦୋଳନ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟକୁ କାଟଛାଣ୍ଟ କରାଯିବାକୁ ନେଇ ରାମମନ୍ଦିରର ମୁଖ୍ୟ ପୂଜକ ସତ୍ୟେନ୍ଦ୍ର ଦାସ ମହାରାଜ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। କେଉଁ ପୃଷ୍ଠଭୂମି ଆଧାରରେ ବାବ୍ରୀ ଭଙ୍ଗାଗଲା ତାହା ପିଲାମାନେ ଜାଣିବା ଆବଶ୍ୟକ ବୋଲି ସେ କହିଛନ୍ତି।









# ଆଗଉନି ମୌସୁମୀ, କମୁନି ତାତି

**ଭୁବନେଶ୍ୱର, ୧୬ା୬(ଅସମାପିକା ସାହୁ)**

ରାଜ୍ୟରେ ଅସମ୍ଭାଳ ହେଲାଣି ତାତି। ଓଡ଼ିଶାରେ ସାଧାରଣତଃ ଜୁନ୍ ୧୨ରୁ ୧୪ ତାରିଖ ମଧ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରବେଶ କରିଥାଏ। ଏଥର କିନ୍ତୁ ୪ଦିନ ଆଗରୁ ମୌସୁମୀ ପ୍ରବେଶ କରିଥିଲା। ଏବେ ରଜ ସରିଯାଇଥିଲେ ବି ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସାରା ରାଜ୍ୟକୁ ଅଗ୍ରସର ହୋଇପାରିନାହିଁ। ପ୍ରଥମେ ମାଲକାନଗିରି ଓ ପରେ ୩ଦିନ ତଳେ ରାୟଗଡ଼ାକୁ ମୌସୁମୀ ଛୁଇଁଥିଲା। ତେବେ ପାଗ ଅନୁକୂଳ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଗୋଟିଏ ନିଯୁକ୍ତି ୩.୨ କୋଟି**

# ପୁନର୍ବାର ମମିତା

**ବଲାଙ୍ଗୀର/କଣ୍ଟାବାଞ୍ଜି,୧୬ା୬ (ବୀରେନ୍ଦ୍ର କୁମାର ଝାଙ୍କର/ଗୁରୁଦୟାଲ ହଂସ)**



ସାରା ରାଜ୍ୟରେ ହଇଚଇ ସୃଷ୍ଟି କରିଥିବା ମମିତା ମେହେର ହତ୍ୟା ମାମଲା ପୁଣିଥରେ ଚର୍ଚ୍ଚାର ବିଷୟ ହୋଇଛି। ଏହି ବୀଭତ୍ସ ହତ୍ୟା ମାମଲାର ସିବିଆଇ ତଦନ୍ତ ଦାବି କରିଛନ୍ତି ପୀଡ଼ିତ ପରିବାର ସଦସ୍ୟ। ରାଜ୍ୟରେ ସରକାର ପରିବର୍ତ୍ତନ ପରେ ପୀଡ଼ିତ ପରିବାର ଲୋକେ ଏହି ହତ୍ୟା ମାମଲାର ସିବିଆଇ ତଦନ୍ତ ଦାବି କରିବା ପରେ ପୁନର୍ବାର ଏହି ହତ୍ୟା ମାମଲା ଚର୍ଚ୍ଚାକୁ ଆସିଛି। ରବିବାର କଣ୍ଟାବାଞ୍ଜି ବିଧାନସଭା ଆସନର ନବନିର୍ବାଚିତ ବିଧାୟକ ଲକ୍ଷ୍ମଣ ବାଗ୍ ହତ୍ୟାର ଶିକାର ହୋଇଥିବା ମମିତା ମେହେରଙ୍କ ପରିବାର ସଦସ୍ୟଙ୍କୁ ଭେଟିବା ପାଇଁ ଝରଣୀ ଗାଁକୁ ଯାଇଥିଲେ। ମମିତାଙ୍କ ପିତା ସୁଚନ୍ଦ୍ର ମେହେର ଏବଂ ମାତା ତୁଳସୀ ମେହେରଙ୍କୁ ଭେଟି ସେ ସମବେଦନା ଜଣାଇଥିଲେ। ବିଧାୟକ ବାଗ ତାଙ୍କ ଘରକୁ ଆସି ଭେଟିବା ପରେ ପୁଣି ଥରେ ମମିତାଙ୍କ ସ୍ମୃତି ତାଜା ହୋଇଉଠିଥିଲା। ମମିତାଙ୍କ ପିତାମାତାଙ୍କ ଆଖି ଛଳଛଳ ହୋଇଉଠିଥିଲା। ସେମାନେ ଆଜି ବି ନ୍ୟାୟରୁ ବଞ୍ଚିତ ହୋଇଥିବା ଜଣାଇ ନ୍ୟାୟ ଭିକ୍ଷା ପାଇଁ ବିଧାୟକଙ୍କ ସହଯୋଗ କାମନା କରିଥିଲେ। ସିବିଆଇ ତଦନ୍ତ କରାଗଲେ ହତ୍ୟା ଘଟଣାର ସମ୍ପୂର୍ଣ୍ଣ ରହସ୍ୟ ଉପରୁ ପର୍ଦ୍ଦା ହଟିବ ଏବଂ ସମସ୍ତ ଦୋଷୀ ଧରାପଡିବେ ବୋଲି ସେମାନେ ଜଣାଇଥିଲେ।

ହତ୍ୟା ଘଟଣାକୁ ପ୍ରାୟ ୨ ବର୍ଷ ୮ ମାସ ସମୟ ଅତିବାହିତ ହୋଇଯାଇଥିଲେ ମଧ୍ୟ ଏହି ଘଟଣାର ସମ୍ପୂର୍ଣ୍ଣ ସତ୍ୟାସତ୍ୟ ଲୋକଲୋଚନକୁ ଆସିପାରିନାହିଁ। ସିବିଆଇ ତଦନ୍ତ କଲେ ସବୁ ଘଟଣା ସ୍ପଷ୍ଟ ହୋଇଯିବ। ଏ ବିଷୟରେ ନୂଆ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଗୁହାରି କରିବେ ବୋଲି ମମିତାଙ୍କ ମାତାପିତା ବିଧାୟକ ବାଗଙ୍କୁ ନିବେଦନ କରିଥିଲେ। ବିଧାୟକ ବାଗ୍ ପୀଡ଼ିତ ପରିବାର ସଦସ୍ୟଙ୍କୁ ପ୍ରତିଶ୍ରୁତି ଦେଇ ମମିତାଙ୍କୁ ନ୍ୟାୟ ପ୍ରଦାନ ଦିଗରେ ସମସ୍ତ ପଦକ୍ଷେପ ନିଆଯିବ, ଯେଉଁମାନେ ଦୋଷୀ ସେମାନଙ୍କୁ କିଭଳି ଉଚିତ୍ ☞ପୃଷ୍ଠା-୪

# ବିଜେଡି: ବିରୋଧୀ ପରିବର୍ତ୍ତେ ଡର

**ଭୁବନେଶ୍ୱର, ୧୬ା୬(ସୁନିତ୍ ମିଶ୍ର)**

୨୦୦୦ ମସିହାରୁ ୨୪ ବର୍ଷ ଧରି ଓଡ଼ିଶାରେ ବିଜେଡି ସରକାର ଗଠନ କରିଆସୁଥିଲା। ହେଲେ ୨୦୨୪ ନିର୍ବାଚନରେ ଦଳ ପ୍ରଥମ ଥର ଲାଗି ମୋଟ୍ ୫୧ଟି ବିଧାନସଭା ଆସନରେ ଜିତି ଦୁଇ ନମ୍ବର ସ୍ଥାନକୁ ଖସିଆସିଛି। ଓଡ଼ିଶାରେ ପ୍ରଥମ ଥର ଲାଗି ଭାଜପା ସରକାର ଗଠନ କରିଥିବାବେଳେ ବିଜେଡିକୁ ବିରୋଧୀ ଦଳ ଭୂମିକା ନେବାକୁ ପଡ଼ିଛି। ତେବେ ୨୪ ବର୍ଷ ଧରି ରାଜ୍ୟରେ କ୍ଷମତାରେ ରହିଆସିଥିବା ବିଜେଡିକୁ କାହିଁକି ଲୋକମାନେ ଏଥର ପ୍ରତ୍ୟାଖ୍ୟାନ କଲେ ସେନେଇ ବିଜେଡିର ଆଗଧାଡ଼ିର ନେତାମାନେ ଏଯାଏ ମୁହଁ ଖୋଲୁନାହାନ୍ତି। ଆଗରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ତାଙ୍କ ଦଳର ନେତାମାନେ ଦେଖା କରିପାରୁନାହାନ୍ତି ବୋଲି ପ୍ରତ୍ୟେକ ଦିନ ଆଲୋଚନାର ବିଷୟବସ୍ତୁ ପାଲଟୁଥିଲା। ଯେଉଁ ନେତାମାନେ ଦେଖାକରି କିଛି ନିଷ୍ପତ୍ତି ନେଉଥିଲେ, ସେମାନଙ୍କୁ କାର୍ତ୍ତିକ ପାଣ୍ଡିଆନଙ୍କ ନିର୍ଦ୍ଦେଶ ମାନିବାକୁ ପଡୁଥିଲା। ହେଲେ ନିର୍ବାଚନରେ ବିଜେଡି ପରାଜିତ ହେବା ପରେ ପ୍ରତ୍ୟେକ ଦିନ ନବୀନ ଦଳର ବରିଷ୍ଠ ନେତାମାନଙ୍କୁ ଭେଟି ବିଭିନ୍ନ ବିଷୟରେ ଆଲୋଚନା କରୁଛନ୍ତି। ନବୀନ ମଧ୍ୟ ଏହାରି ଭିତରେ ବହୁତ ଫୁର୍ତ୍ତି ହୋଇଯାଇଥିବା ଭଳି ଦେଖିବାକୁ ମିଳୁଛନ୍ତି ବୋଲି ତାଙ୍କ ଦଳର ଲୋକେ କହୁଛନ୍ତି। ଏଥିସହିତ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଥିବା ଭିଡିଓ ଦେଖିଲେ ଜଣାପଡୁଛି, ନବୀନ ଫୁର୍ତ୍ତି ହୋଇପଡ଼ିଛନ୍ତି ଓ ତାଙ୍କ ହାତ ବି ଥରୁନାହିଁ। ହେଲେ ଏଯାଏ ବିଜେଡି ବିରୋଧୀ ଦଳ ଭୂମିକା ନେଇ ନ ଥିବା ଦେଖିବାକୁ ମିଳିଛି। ଏ ପର୍ଯ୍ୟନ୍ତ ଭାଜପା ସରକାର ବିରୋଧରେ ପଦୁଟିଏ ହେଲେ ଦଳ ମୁହଁ ଖୋଲିନାହିଁ। ଏପରି କି ଜାତୀୟ ପ୍ରସଙ୍ଗ ପାଲଟିଥିବା ଏନ୍‌ଇଇଟି ପରୀକ୍ଷା ଫଳ ବିଭ୍ରାଟ ପ୍ରସଙ୍ଗରେ ମଧ୍ୟ ବିଜେଡିର କୌଣସି ନେତା ପଦୁଟିଏ ମୁହଁ ଖୋଲିନାହାନ୍ତି। ଭାଜପା ସରକାର ଶପଥ ନେବା ପରେ ଶ୍ରୀମନ୍ଦିର ୪ ଦ୍ୱାର ଖୋଲିବାର କାର୍ଯ୍ୟ କରାସରିଛି। ଏହାପରେ ☞ପୃଷ୍ଠା-୪

**ଅଂଶୁଘାତରେ ୧୯ ହଜ୍ ଯାତ୍ରୀଙ୍କ ମୃତ୍ୟୁ**
ହଜ୍ ଯାତ୍ରାରେ ସାଉଦି ଆରବ ଆସିଥିବା ୧୯ ତୀର୍ଥଯାତ୍ରୀଙ୍କର ଅଂଶୁଘାତରେ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରୁ ଜୋର୍ଡାନର ୧୪ ଜଣ ହୋଇଥିବାବେଳେ ଇରାନର ୫ ଜଣ। ୧୭ ଜଣ ନିଖୋଜ ଅଛନ୍ତି। ଏଥର ହଜ୍ ବେଳେ ସାଉଦି ଆରବରେ ୪୦ ଡିଗ୍ରୀ ସେଲ୍‌ସିୟସ୍‌ରୁ ଅଧିକ ତାପମାତ୍ରା ଅନୁଭୂତ ହୋଇଥିଲା।

# ଏନ୍‌ଟିଏର ସାଧୁତା ଉପରେ ପ୍ରଶ୍ନ

## ଏନ୍‌ଇଇଟି ଦୁର୍ନୀତି ନେଇ କେନ୍ଦ୍ର ଉପରେ ବର୍ଷିଲେ ବିରୋଧୀ

ନୂଆଦିଲ୍ଲୀ,୧୬।୬

ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ଚଳିତ ବର୍ଷ ଅନୁଷ୍ଠିତ ଜାତୀୟ ଯୋଗ୍ୟତା ତଥା ପ୍ରବେଶିକା ପରୀକ୍ଷା (ଏନ୍‌ଇଇଟି)ରେ ପ୍ରଶ୍ନପତ୍ର ଲିକ୍ ଏବଂ ଅନିୟମିତତାକୁ ନେଇ ବିବାଦ ଜୋର୍ ଧରିଥିବାବେଳେ ବିରୋଧୀ ଦଳଗୁଡ଼ିକ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି। ରେଜଲ୍ଟ ବିଭ୍ରାଟ ଅଭିଯୋଗର ତଦନ୍ତ ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ କରାଯିବା ଏବଂ ସାନି ପରୀକ୍ଷା କରାଇବା ଦାବିରେ ଦେଶର ବିଭିନ୍ନ ଭାଗରେ ମେଡିକାଲ ଶିକ୍ଷା ଆଶାୟୀମାନେ ବିକ୍ଷୋଭ ଚଳାଇଥିବାବେଳେ ପରୀକ୍ଷା ପରିଚାଳନାକାରୀ ସଂସ୍ଥା ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ)ର ସାଧୁତା ଉପରେ ବିରୋଧୀ ଦଳ କଂଗ୍ରେସ ଗମ୍ଭୀର ପ୍ରଶ୍ନ ଉଠାଇଛି। ପାର୍ଲାମେଣ୍ଟର ନୂଆ ସ୍ଥାୟୀ କମିଟି ଗଢ଼ାଯିବା ପରେ ଏନ୍‌ଇଇଟି ଏବଂ ଏନ୍‌ଟିଏ ସମେତ ଏନ୍‌ସିଇଆର୍‌ଟିର ସମୀକ୍ଷା କରାଯିବ ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି। କଂଗ୍ରେସ ପ୍ରଧାନମନ୍ତ୍ରୀଙ୍କ ନୀରବତାକୁ ନେଇ ପ୍ରଶ୍ନ କରିବା ସହ ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ତଦନ୍ତ ଦାବି କରିଛି। ସେହିପରି ଏନ୍‌ଇଇଟି ଆରମ୍ଭ ହେବା ଦିନରୁ




ଏହାକୁ ବିରୋଧ କରିଆସୁଥିବା ଡିଏମ୍‌କେ ପରୀକ୍ଷା ପରିଚାଳନାକାରୀ ସଂସ୍ଥା ଏନ୍‌ଟିଏକୁ ସମାଲୋଚନା କରିଛି। ପରୀକ୍ଷାର ପବିତ୍ରତାକୁ ଏନ୍‌ଟିଏ ଧ୍ୱଂସ କରିଦେଇଛି। କେନ୍ଦ୍ର ସରକାର ନୀରବ ଦର୍ଶକ ସାଜି କୋଚିଂ ସେଣ୍ଟରଗୁଡ଼ିକୁ ସମର୍ଥନ କରୁଛନ୍ତି।

ଏନ୍‌ଇଇଟି ଦୁର୍ନୀତି ପାଇଁ ୨୪ ଲକ୍ଷରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଓ ସେମାନଙ୍କ ପରିବାରର ଭବିଷ୍ୟତ ନଷ୍ଟ ହୋଇଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ ଅଭିଯୋଗ କରିଛନ୍ତି। ଶିକ୍ଷାମନ୍ତ୍ରୀଙ୍କ ଅହଂକାର ଏଥିପାଇଁ ଦାୟୀ ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା କହିଛନ୍ତି। ପ୍ରଶ୍ନପତ୍ର ଲିକ୍ ହୋଇଥିବାର କୌଣସି ପ୍ରମାଣ ନାହିଁ ବୋଲି ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହୁଥିବାବେଳେ ପ୍ରଶ୍ନପତ୍ର ଲିକ୍ ଘଟଣାରେ ବିହାର ଓ ଗୁଜରାଟରୁ ୧୮ ଜଣ ଗିରଫ ହେଲେଣି। ପ୍ରଶ୍ନପତ୍ର ଲିକ୍ ହୋଇଥିବା ନେଇ ଗିରଫ ଅଭିଯୁକ୍ତମାନେ ସ୍ୱୀକାର ମଧ୍ୟ କରିଛନ୍ତି। ପରୀକ୍ଷା ଦୁର୍ନୀତିକୁ ଇଣ୍ଡିଆ ମେଣ୍ଟର ଅନ୍ୟ ସହଯୋଗୀ ଦଳଗୁଡ଼ିକ ମଧ୍ୟ ବିରୋଧ କରିଛନ୍ତି। ଭାଜପା କେନ୍ଦ୍ର ଏବଂ ରାଜ୍ୟରେ କ୍ଷମତାରେ ଥିବା ପର୍ଯ୍ୟନ୍ତ ପ୍ରଶ୍ନପତ୍ର ଲିକ୍ ଅନିବାର୍ଯ୍ୟ ବୋଲି ଆର୍‌ଜେଡି ନେତା ତେଜସ୍ୱୀ ଯାଦବ କହିଛନ୍ତି। ସେହିପରି ତୃଣମୂଳ କଂଗ୍ରେସ ନେତା ତଥା ପଶ୍ଚିମବଙ୍ଗ ଶିକ୍ଷାମନ୍ତ୍ରୀ ବ୍ରତ୍ୟା ବସୁ କହିଛନ୍ତି, ରାଜ୍ୟରେ ଶିକ୍ଷକ ନିଯୁକ୍ତିରେ ଅନିୟମିତତା ଅଭିଯୋଗର ତଦନ୍ତକୁ କେନ୍ଦ୍ର ସରକାର ଜୋର୍‌ଦାର କରିଥିବାବେଳେ ଏନ୍‌ଇଇଟି ଅନିୟମିତତାର ତଦନ୍ତ ପ୍ରସଙ୍ଗରେ ଚୁପ୍ ରହିଛନ୍ତି। ଆମ୍ ଆଦ୍‌ମୀ ପାର୍ଟି ନେତା ତଥା ଦିଲ୍ଲୀ ସ୍ୱାସ୍ଥ୍ୟମନ୍ତ୍ରୀ ସୌରଭ ଭରଦ୍ୱାଜ ଏନ୍‌ଇଇଟି-ୟୁଜି ପରୀକ୍ଷା ଅନିୟମିତତାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ସାନି ପରୀକ୍ଷା ଦାବିରେ ଛାତ୍ରୀଛାତ୍ରଙ୍କୁ ସମର୍ଥନ କରିବା ପାଇଁ ସେ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି। ରାଜ୍ୟ ସଭା ସଦସ୍ୟ କପିଲ ସିବଲ ଏନ୍‌ଇଇଟି ଅନିୟମିତତା ଅଭିଯୋଗର ତଦନ୍ତ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଅଧିକାରୀଙ୍କ ଜରିଆରେ କରାଇବାକୁ ଦାବି କରିଛନ୍ତି। ଯଦି ପରୀକ୍ଷା ବ୍ୟବସ୍ଥା ଦୁର୍ନୀତିଗ୍ରସ୍ତ ହୋଇଯାଏ, ତେବେ ଚୁପ୍ ରହିବା ପ୍ରଧାନମନ୍ତ୍ରୀଙ୍କ ପାଇଁ ବାସ୍ତବରେ ସ୍ୱଚ୍ଛତା ନୁହେଁ ବୋଲି ସିବଲ କହିଛନ୍ତି।

ସୂଚନାଯୋଗ୍ୟ, ଗତ ମେ' ୫ରେ ୨୪ ଲକ୍ଷ ଛାତ୍ରୀଛାତ୍ର ଦେଶର ୪,୭୫୦ ସେଣ୍ଟରରେ ଏନ୍‌ଇଇଟି-ୟୁଜି ପରୀକ୍ଷା ଦେଇଥିଲେ। ୬୭ ଜଣ ପରୀକ୍ଷାର୍ଥୀଙ୍କୁ ସର୍ବୋଚ୍ଚ ନମ୍ବର ଦିଆଯାଇଥିବାବେଳେ ହରିୟାଣାର ଗୋଟିଏ ପରୀକ୍ଷା କେନ୍ଦ୍ରର ୬ ଜଣ ପିଲା ସର୍ବୋଚ୍ଚ ନମ୍ବର ରଖିଥିଲେ। ଫଳରେ ପରୀକ୍ଷାରେ ଜାଲିଆତି ସାଙ୍ଗକୁ ପ୍ରଶ୍ନପତ୍ର ଲିକ୍ ହୋଇଥିବା ନେଇ ଅଭିଯୋଗ ଉଠିଥିଲା। କେତେକ ପରୀକ୍ଷା କେନ୍ଦ୍ରର ଛାତ୍ରୀଛାତ୍ରଙ୍କୁ ଅଧିକ ଗ୍ରେସ୍‌ମାର୍କ ଦିଆଯିବାକୁ ନେଇ ପ୍ରଶ୍ନ ଉଠିଛି। ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ)ର ଦୁର୍ନୀତି ଓ କୁପରିଚାଳନା ବିରୋଧରେ ଓ ସାନି ପରୀକ୍ଷା ଦାବିରେ ବାମପନ୍ଥୀ ଛାତ୍ର ସଂଗଠନ ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟସ୍ ଆସୋସିଏଶନ୍ (ଏଆଇଏସ୍ଏ) ପକ୍ଷରୁ ୧୯ ଓ ୨୦ ତାରିଖରେ ଆନ୍ଦୋଳନ ଡାକରା ଦିଆଯାଇଛି।

## ଭାଗବତ-ଯୋଗୀଙ୍କ ରୁଦ୍ଧଦ୍ୱାର ବୈଠକ

ଗୋରଖପୁର,୧୬।୬

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ମୁଖ୍ୟ ମୋହନ ଭାଗବତ ଓ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ମଧ୍ୟରେ ଶନିବାର ଗୋରଖପୁରରେ ୨ ଥର ରୁଦ୍ଧଦ୍ୱାର ବୈଠକ ହୋଇଛି। ଅପରାହ୍ନ ଓ ରାତିରେ ଦୁହେଁ ଘଣ୍ଟାଏରୁ ଉର୍ଦ୍ଧ୍ୱ ସମୟ ଧରି ଆଲୋଚନା କରିଥିବା ଜଣାପଡ଼ିଛି। ଲୋକ ସଭା ନିର୍ବାଚନରେ ଭାଜପାର ପରାଜୟ ପରଠୁ ଶାସକ ଦଳ ଓ ଏହାର ବୈଚାରିକ ମାର୍ଗଦର୍ଶକ ମଧ୍ୟରେ ମତଭେଦ ଲାଗିରହିଥିବାରୁ ଏହି ବୈଠକକୁ ଗୁରୁତ୍ୱପୂର୍ଣ୍ଣ ମନେକରାଯାଉଛି। ଲୋକ ସଭା ନିର୍ବାଚନରେ '୪୦୦ ପାର୍' ଆଶା ବାନ୍ଧିଥିବା ଭାଜପା ୨୪୦ରେ ସୀମିତ ରହିଯାଇଛି। ୟୁପିରେ ଭାଜପା ସମସ୍ତ ୮୦ ଆସନ ଦଖଲ ଲକ୍ଷ୍ୟ ରଖିଥିଲା। କିନ୍ତୁ ମାତ୍ର ୩୩ ଆସନ ଜିତିପାରିଛି। ବିରୋଧୀ ସମାଜବାଦୀ ପାର୍ଟି ୩୭ ଓ କଂଗ୍ରେସକୁ ୬ ଆସନରେ ସଫଳତା ମିଳିଛି। ଏହାକୁ ନେଇ ଗତ ସୋମବାର ଭାଗବତ ନାଗପୁରରେ କହିଥିଲେ, ପ୍ରକୃତ ସେବକ ଅହଂକାରୀ ହେବା ଅନୁଚିତ। ଏହା ପରେ ଆର୍‌ଏସ୍‌ଏସ୍‌ର ଇନ୍ଦ୍ରେଶ କୁମାର ଜୟପୁରରେ କହିଥିଲେ, ଅହଂକାରୀଙ୍କୁ ଭଗବାନ ରାମ ୨୪୦ରେ ଅଟକାଇଦେଲେ।

### ସଂକ୍ଷେପରେ

## ଆମେରିକାରେ ଗୁଳି: ୨ ମୃତ, ୧୫ ଆହତ

ୱାଶିଂଟନ, ୧୬।୬

ଆମେରିକାର ଟେକ୍ସାସ୍ ପ୍ରଦେଶର ରାଉଣ୍ଡ ରକ୍ ସହରସ୍ଥିତ ଓଲ୍ଡ ସେଟ୍‌ଲର୍ସ ପାର୍କରେ ଜୁନ୍‌ଟିନ୍‌ଥ ଉତ୍ସବ ଚାଲିଥିବା ସମୟରେ ଜଣେ ଆତତାୟୀଙ୍କ ଗୁଳିମାଡ଼ରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ୨ ଶିଶୁଙ୍କ ସମେତ ୬ ଜଣ ଆହତ ହୋଇଛନ୍ତି। ରବିବାର ଜୁନ୍‌ଟିନ୍‌ଥ ଉତ୍ସବ ଯୋଗୁ ଉକ୍ତ ପାର୍କ ଲୋକାରଣ୍ୟ ଥିବାବେଳେ ହଠାତ୍ ୨ ଗୋଷ୍ଠୀଙ୍କ ମଧ୍ୟରେ ଝଗଡ଼ାରୁ ଗୁଳିକାଣ୍ଡ ହୋଇଥିଲା। ଆହତ ୬ ଜଣଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ଘଟଣାର ତଦନ୍ତ ଚାଲିଛି। ରବିବାର ଆମେରିକାର ମିଶିଗାନ ପ୍ରଦେଶ ଡେଟ୍ରାୟଟ୍ ଅଞ୍ଚଳର ଏକ ଜଳକ୍ରୀଡ଼ା ପାର୍କରେ ଜଣେ ଆତତାୟୀଙ୍କ ଗୁଳିମାଡ଼ରେ ୨ ଶିଶୁଙ୍କ ସମେତ ୯ ଜଣ ଆହତ ହୋଇଛନ୍ତି। ଜଣେ ୮ ବର୍ଷୀୟ ବାଳକଙ୍କ ମୁଣ୍ଡରେ ଗୁଳି ବାଜିଥିବାରୁ ଅବସ୍ଥା ସଙ୍କଟାପନ୍ନ ରହିଛି।

## କୋଟାରେ ଆଉ ଜଣେ ଛାତ୍ରଙ୍କ ଆତ୍ମହତ୍ୟା

### ଚଳିତବର୍ଷର ୧୧ତମ ଆତ୍ମହତ୍ୟା

କୋଟା, ୧୬।୬

ରାଜସ୍ଥାନର କୋଟା ସହରରେ ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷା (ଆଇଆଇଟି-ଜେଇଇ) ପାଇଁ ପ୍ରସ୍ତୁତି କରୁଥିବା ଜଣେ ୧୭ ବର୍ଷୀୟ ଛାତ୍ର ଆୟୁଷ ଜୟସ୍ୱାଲ ରବିବାର ଦଉଡ଼ି ଲଗାଇ ଆତ୍ମହତ୍ୟା କରିଛନ୍ତି। ବିହାରର ମୋତିହାରୀ ନିବାସୀ ଆୟୁଷ ସ୍ଥାନୀୟ ମହାବୀର ନଗର ଅଞ୍ଚଳର ସମ୍ରାଟ ଛକସ୍ଥିତ ଏକ ଛାତ୍ରାବାସରେ ରହି ଜେଇଇ ପାଇଁ ପ୍ରସ୍ତୁତି ଜାରି ରଖିଥିଲେ। ଖବର ପାଇ ଘଟଣାସ୍ଥଳରେ କୋଟା ପୋଲିସ ପହଞ୍ଚି ଆୟୁଷଙ୍କ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ତେବେ ମୃତଦେହ ନିକଟରୁ କୌଣସି ସୁଇସାଇଡ୍ ନୋଟ୍ ମିଳି ନ ଥିବା ପୋଲିସ ସୂଚନା ଦେଇଛି। ଇଞ୍ଜିନିୟରିଂ ଓ ମେଡିକାଲ ପ୍ରବେଶିକା ପରୀକ୍ଷା ପାଇଁ ଭାରତର କୋଚିଂ ହବ୍ ପାଲଟିଥିବା କୋଟା ସହରରେ ଏହା ଚଳିତ ବର୍ଷର ୧୧ତମ ଆତ୍ମହତ୍ୟା ମାମଲା।

## କଶ୍ମୀର ସୁରକ୍ଷା ପାଇଁ ପ୍ରତିଶ୍ରୁତିବଦ୍ଧ: ଶାହା

ନୂଆଦିଲ୍ଲୀ,୧୬।୬

ଜମ୍ମୁ-କଶ୍ମୀରର ସୁରକ୍ଷା ସ୍ଥିତିକୁ ନେଇ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ରବିବାର ଏକ ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କରିଛନ୍ତି। ଉପତ୍ୟକାରେ ଆତଙ୍କବାଦର ମୂଳୋତ୍ପାଟନ ପାଇଁ ଉଦ୍ଦିଷ୍ଟ 'ଜିରୋ ଟେରର୍ ପ୍ଲାନ୍'କୁ କାର୍ଯ୍ୟକାରୀ କରିବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସ୍ୱରାଷ୍ଟ୍ରମନ୍ତ୍ରୀ ଜୁନ୍ ୨୯ରେ ଆରମ୍ଭ ହେବାକୁ ଥିବା ଅମରନାଥ ଯାତ୍ରା ପ୍ରସ୍ତୁତିର ମଧ୍ୟ ସମୀକ୍ଷା କରିଛନ୍ତି। ଏହି ଅବସରରେ ଶାହା କହିଛନ୍ତି, ଜମ୍ମୁ-କଶ୍ମୀରରେ ଅଭିନବ ଉପାୟରେ ଆତଙ୍କବାଦ ଦମନ କରାଯାଉଛି। କେନ୍ଦ୍ରଶାସିତ ଅଞ୍ଚଳର ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ମୋଦି ସରକାର ପ୍ରତିଶ୍ରୁତିବଦ୍ଧ। ବୈଠକରେ ଏନ୍‌ଏସ୍ଏ ଅଜିତ୍ ଡୋଭାଲ, ଜମ୍ମୁ-କଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା, ସେନାଧ୍ୟକ୍ଷ ଜେନେରାଲ ମନୋଜ ପାଣ୍ଡେ, ସେନା ଉପାଧ୍ୟକ୍ଷ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ, କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ ଅଜୟ ଭଲ୍ଲା,




ଗୋଇନ୍ଦା ବ୍ୟୁରୋ ନିର୍ଦ୍ଦେଶକ ତପନ ଡେକା, ସିଆର୍‌ପିଏଫ୍ ଡିଜି ଅନୀଶ ଦୟାଲ ସିଂ, ବିଏସ୍ଏଫ୍ ଡିଜି ନୀତିନ ଅଗ୍ରୱାଲ, ଜମ୍ମୁ-କଶ୍ମୀର ପୋଲିସ ମହାନିର୍ଦ୍ଦେଶକ ଆର୍.ଆର୍. ସ୍ୱାଇଁ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। କିଛିଦିନ ହେଲା ଉପତ୍ୟକାରେ ଆତଙ୍କବାଦୀଙ୍କ ଆକ୍ରମଣ ବଢ଼ିବାରେ ଲାଗିଥିବାରୁ ଏହି ବୈଠକକୁ ଗୁରୁତ୍ୱପୂର୍ଣ୍ଣ ମନେକରାଯାଉଛି।

## ମଦ କାରଖାନାରୁ ୬୦ ଶିଶୁ ଶ୍ରମିକ ଉଦ୍ଧାର

ରାଇସେନ୍,୧୬।୬

ମଧ୍ୟପ୍ରଦେଶର ରାଇସେନ୍ ଜିଲାର ଏକ ମଦ କାରଖାନାରୁ ୬୦ରୁ ଅଧିକ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଏନ୍‌ସିପିସିଆର୍) ଅଚାନକ ସୋମ୍ ଡିଷ୍ଟିଲେରି ପରିଦର୍ଶନରେ ଯାଇ ପିଲାମାନଙ୍କୁ ସେଠାରେ ବିପଜ୍ଜନକ କାର୍ଯ୍ୟରେ ନିୟୋଜିତ କରାଯାଇଥିବା ଦେଖିବାକୁ ପାଇଥିଲା। ଉଦ୍ଧାର ଶିଶୁଶ୍ରମିକଙ୍କ ମଧ୍ୟରୁ ୨୦ ଜଣ ଝିଅ। ସେମାନେ ଦୈନିକ ୧୫ରୁ ୧୬ ଘଣ୍ଟା କାମ କରୁଥିଲେ। ରାସାୟନିକ ପଦାର୍ଥର ପ୍ରତିକ୍ରିୟା ଯୋଗୁ ସେମାନଙ୍କ ହାତରୁ ଚର୍ମ ଛାଡିଥିବା ଦେଖାଯାଇଥିଲା। ଅନେକଙ୍କ ଦେହରେ ରାସାୟନିକ ପଦାର୍ଥ ପଡ଼ି ପୋଡ଼ିଯାଇଥିବା ଦେଖାଯାଇଥିଲା। ତେବେ କାରଖାନା କର୍ତ୍ତୃପକ୍ଷଙ୍କଠାରେ ଏଥିପାଇଁ ଅନୁତପ୍ତର ଲକ୍ଷଣ ଦେଖାଯାଇ ନ ଥିଲା ବୋଲି ଏନ୍‌ସିପିସିଆର୍ ଅଧ୍ୟକ୍ଷ ପ୍ରିୟଙ୍କା କାନୁନ୍‌ଗୋ କହିଛନ୍ତି। ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଜିଲା ଅବକାରୀ ଅଧିକାରୀ, ୩ ସବ୍‌ଇନ୍ସପେକ୍ଟରଙ୍କ ସମେତ ଅନେକ ଅଧିକାରୀଙ୍କୁ ନିଲମ୍ବନ କରିଛନ୍ତି।

## ଗଙ୍ଗାରେ ଡଙ୍ଗା ବୁଡ଼ି ୬ ନିଖୋଜ

ପାଟନା,୧୬।୬

ବିହାରର ପାଟନା ଜିଲା ଦେଇ ଯାଇଥିବା ଗଙ୍ଗା ନଦୀରେ ରବିବାର ଏକ ବୋଟ୍ ବୁଡ଼ିଯିବାରୁ ୬ ଜଣ ନିଖୋଜ ହୋଇଛନ୍ତି। ବୋଟ୍‌ରେ ୧୭ ଯାତ୍ରୀ ଥିବାବେଳେ ତାହା ଉମାନାଥ ଗଙ୍ଗାଘାଟ ନିକଟରେ ସକାଳ ୯ଟା ୧୫ ମିନିଟ୍ ସମୟରେ ଓଲଟି ପଡ଼ିଥିଲା। ଅଧିକାଂଶ ଯାତ୍ରୀ ଗୋଟିଏ ପରିବାରର। ୧୧ ଜଣଙ୍କୁ ଉଦ୍ଧାର କରାଯାଇଥିବାବେଳେ ୬ ଜଣଙ୍କ ପତ୍ତା ମିଳି ନ ଥିବା ଏସ୍‌ଡିଏମ୍ ଶୁଭମ୍ କୁମାର କହିଛନ୍ତି। ସ୍ଥାନୀୟ ଲୋକଙ୍କ ସହାୟତାରେ ଜିଲା ପ୍ରଶାସନ ଏବଂ ପୋଲିସ ଉଦ୍ଧାର କାର୍ଯ୍ୟ ଜାରି ରଖିଛି।

## ଦିଲ୍ଲୀ ଜଳ ବୋର୍ଡ ଅଫିସ୍‌ରେ ଭଙ୍ଗାରୁଜା, ୩ ଆହତ

ନୂଆଦିଲ୍ଲୀ, ୧୬।୬

ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁ ଦିଲ୍ଲୀରେ ଜଳ ସଙ୍କଟ ପରିସ୍ଥିତି ଦେଖାଦେଇଛି। ଫଳରେ ରାଜ୍ୟର ଆମ୍ ଆଦମୀ ପାର୍ଟି(ଆପ୍) ସରକାରଙ୍କ ପ୍ରତି ଅସନ୍ତୋଷ ବ୍ୟକ୍ତ କରିବା ସହ ଟ୍ୟାପ୍ ଯୋଗେ ଜଳ ମିଳୁ ନ ଥିବା ଅଭିଯୋଗ କରି ରବିବାର କିଛି ଲୋକ ଛତରପୁରସ୍ଥିତ ଦିଲ୍ଲୀ ଜଳ ବୋର୍ଡର କାର୍ଯ୍ୟାଳୟକୁ ଘେରାଉ କରିବା ସହ ଭଙ୍ଗାରୁଜା କରିଛନ୍ତି। ଉତ୍ତ୍ୟକ୍ତ ଲୋକେ ନିଜ ସହ ଆଣିଥିବା ମାଟି ହାଣ୍ଡିରେ କାର୍ଯ୍ୟାଳୟର ଝରକାକୁ ଭାଙ୍ଗିଥିବା ସିସିଟିଭି ଫୁଟେଜରୁ ଜଣାପଡ଼ିଛି। ଭଙ୍ଗାରୁଜାରେ ୩ ଜଣ ଆହତ ହୋଇଥିବା ପୋଲିସ ସୂଚନା ଦେଇଛି। ତେବେ ଏହି ଭଙ୍ଗାରୁଜାକୁ ନେଇ ଦିଲ୍ଲୀରେ ଭାଜପା ଏବଂ ଆପ୍ ନେତାଙ୍କ



ମଧ୍ୟରେ କଥା କଟାକଟି ଦେଖିବାକୁ ମିଳିଛି। ଦିଲ୍ଲୀ ଜଳ ବୋର୍ଡ କାର୍ଯ୍ୟାଳୟରେ ଭଙ୍ଗାରୁଜା ପାଇଁ ଉତ୍ତ୍ୟକ୍ତ ଲୋକଙ୍କୁ ଭାଜପା ନେତା ଉସ୍‌କାଇଥିବା ଦିଲ୍ଲୀ ସରକାରଙ୍କ ମନ୍ତ୍ରୀ ସୌରଭ ଭରଦ୍ୱାଜ କହିଛନ୍ତି। ସେପଟେ ଆପ୍ ସରକାରଙ୍କ ପ୍ରୋତ୍ସାହନରେ ଦିଲ୍ଲୀ ଜଳ ବୋର୍ଡରେ ବର୍ଷ ବର୍ଷ ଧରି ଦୁର୍ନୀତି ଚାଲି ଆସିଥିବା ପୂର୍ବତନ ଭାଜପା ଏମ୍‌ପି ରମେଶ ବିଧୁଡ଼ି ପାଲଟା ଅଭିଯୋଗ ଆଣିଛନ୍ତି।

## ଶାନ୍ତି ଦସ୍ତାବିଜ୍‌ରେ ସ୍ୱାକ୍ଷର କଲାନି ଭାରତ

### ୟୁକ୍ରେନ୍ ଉପରେ ସୁଇସ୍ ସମ୍ମିଳନୀ

ନୂଆଦିଲ୍ଲୀ,୧୬।୬

ସୁଇଜରଲାଣ୍ଡରେ ଅନୁଷ୍ଠିତ ଦୁଇଦିନିଆ ସମ୍ମିଳନୀ ଅବସରରେ ଶାନ୍ତି ଚୁକ୍ତିନାମା ଆଧାରରେ ରୁଷିଆ ଯୁଦ୍ଧର ଅବସାନ ପାଇଁ ରବିବାର 'ଆଞ୍ଚଳିକ ଅଖଣ୍ଡତା'ର ଆହ୍ୱାନ ଦିଆଯାଇଥିଲା। ଏଥିପାଇଁ ଅଣାଯାଇଥିବା ଦସ୍ତାବିଜ୍‌ରେ ୮୦ଟି ଦେଶ ସ୍ୱାକ୍ଷର କରିଛନ୍ତି। ତେବେ ଭାରତ ସମେତ କେତେକ ବିକାଶଶୀଳ ଦେଶ ସମ୍ମିଳନୀରେ ଯୋଗ ଦେଇଥିଲେ ମଧ୍ୟ ଦସ୍ତାବିଜରେ ସ୍ୱାକ୍ଷରରୁ ବିରତ ରହିଛନ୍ତି। ଏହି ସମ୍ମିଳନୀକୁ ରୁଷିଆ ନିମନ୍ତ୍ରିତ ହୋଇ ନ ଥିଲାବେଳେ ଏହାର ମୁଖ୍ୟ ସହଯୋଗୀ



ସୁଇସ୍ ସମ୍ମିଳନୀରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲଡିମିର ଜେଲ୍‌ନସ୍କି ଓ ଅନ୍ୟ ରାଷ୍ଟ୍ର ନେତାମାନେ।

ଚାଇନା ଏବଂ ବ୍ରାଜିଲ ସମ୍ମିଳନୀରେ ଯୋଗଦେଇ ନ ଥିଲେ। ଅନ୍ୟପକ୍ଷରେ ସାଉଦି ଆରବ, ଭାରତ, ଦକ୍ଷିଣ ଆଫ୍ରିକା, ଥାଇଲାଣ୍ଡ, ଇଣ୍ଡୋନେସିଆ, ମେକ୍ସିକୋ ଏବଂ ୟୁନାଇଟେଡ୍ ଆରବ ଏମିରେଟ୍ସ ସମେତ ଅନେକ ଦେଶ ଯୋଗଦେଇଥିଲେ ମଧ୍ୟ ଚୂଡ଼ାନ୍ତ ଆନୁଷ୍ଠାନିକ ବିବୃତିରେ ସ୍ୱାକ୍ଷର କରି ନ ଥିଲେ। ସମିଟ୍‌ର କୌଣସି ଆନୁଷ୍ଠାନିକ ବିବୃତି ବା ଦସ୍ତାବିଜ୍‌ରେ ଭାରତ ସାମିଲ ହେବାକୁ ଚାହେଁନାହିଁ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

### ଫୁରସତ୍

# ୨୫ ଫୁଟ୍ ୫ ଇଞ୍ଚ୍ ଉଚ୍ଚ ସାଇକେଲ

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସରେ ସ୍ଥାନିତ

ପ୍ୟାରିସ

ଫ୍ରାନ୍ସର ନିକୋଲାସ୍ ବାରିଓସ୍ ଓ ଡେଭିଡ୍ ପେରୋ ନାମକ ୨ ବନ୍ଧୁ ୫ ବର୍ଷ ତଳେ ଦେଇଥିବା ଏକ ନିଆରା ଏବଂ ଆହ୍ୱାନପୂର୍ଣ୍ଣ ସର୍ତ୍ତକୁ ପୂରଣ କରିଛନ୍ତି। ଉଭୟେ ମିଳିତ ଭାବେ ବିଶ୍ୱର ସବୁଠାରୁ ଉଚ୍ଚ ଚଳନଶୀଳ ସାଇକେଲ୍ ପ୍ରସ୍ତୁତ କରିଛନ୍ତି। ଏହି ସାଇକେଲର ଉଚ୍ଚତା ୨୫ ଫୁଟ୍ ୫ ଇଞ୍ଚ(୭.୭ ମିଟର) ରହିଛି। ଉଭୟେ ନିକୋଲାସ୍ ଓ ଡେଭିଡ୍ ଏହି ସାଇକେଲର ନାମ 'ଷ୍ଟାର ବାଇକ୍' ରଖିଥିବା ବେଳେ ଏହାକୁ ନିର୍ମାଣ କରିବାକୁ ସେମାନଙ୍କୁ ୨ ବର୍ଷ ସମୟ ଲାଗିଥିଲା। ଏକ ସାଧାରଣ ସାଇକେଲ୍ ପରି ଏହି ସାଇକେଲରେ ଗୋଟିଏ ସିଟ୍, ୨ଟି ଚକ, ୨ଟି ବ୍ରେକ୍ ଓ ଗୋଟିଏ ହ୍ୟାଣ୍ଡଲ୍ ରହିଛି। ଏହାସହ



ଉଚ୍ଚତମ ସାଇକେଲ ଭାବେ 'ଷ୍ଟାର ବାଇକ୍' ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ୍ସରେ ପଞ୍ଜୀକୃତ ହୋଇଛି। ଗିନିଜ ୱାର୍ଲ୍ଡ ରେକର୍ଡ୍ସର ରିପୋର୍ଟ ଅନୁଯାୟୀ, ୫ ବର୍ଷ ପୂର୍ବେ ଉଭୟ ନିକୋଲାସ ଏବଂ ଡେଭିଡ୍ ଏକ ପବ୍‌ରେ ପରସ୍ପର ସହ ଥଟ୍ଟାମଜା କରି ସମଗ୍ର ବିଶ୍ୱକୁ ଆଶ୍ଚର୍ଯ୍ୟ କରିପାରୁଥିବା ଏକ ସାଇକେଲର ନିର୍ମାଣ ନେଇ ସର୍ତ୍ତ ଲଗାଇଥିଲେ। ପରେ ଉଭୟେ ଏହି ସର୍ତ୍ତକୁ ପୂରଣ କରିବାରେ ଲାଗି ପଡ଼ିଥିଲେ।

ନିକୋଲାସ୍‌ଓଡେଭିଡଏହିସାଇକେଲରେ ଏକ ବିଶାଳ ଫ୍ରେମ୍‌ର ବ୍ୟବହାର କରିଛନ୍ତି, ଯେଉଁଥିରେ ସାଇକେଲର ଉଭୟ ପେଡାଲ ୫୩ ଫୁଟ ଲମ୍ବର ଶୃଙ୍ଖଳ ମାଧ୍ୟମରେ ପଛ ଚକ ସହ ସଂଯୁକ୍ତ ହୋଇ ରହିଛି। 'ଷ୍ଟାର ବାଇକ୍' ଅତି କମ୍‌ରେ ୧୫ରୁ ୨୦ କିଲୋମିଟର ପ୍ରତି ଘଣ୍ଟା ବେଗରେ ଯାଇ ପାରୁଥିବାବେଳେ ଏହାର ମୂଲ୍ୟ ୧୦୦୦ ୟୁରୋ (ପ୍ରାୟ ୯୦ ହଜାର ଟଙ୍କା) ରହିଛି। ମିସେଲିନ୍ ନାମକ ଏକ ଟାୟାର ଉତ୍ପାଦନକାରୀ କମ୍ପାନୀ ଏହି ପ୍ରକଳ୍ପ ପାଇଁ ମାଗଣା ଟାୟାର ଯୋଗାଇଥିବା ଡେଭିଡ୍ କହିଛନ୍ତି। ନିକଟରେ କ୍ଲର୍ମୋଣ୍ଟ-ଫେରେଣ୍ଡ ସହରରେ ଅନୁଷ୍ଠିତ ହୋଇଥିବା ବାର୍ଷିକ ସାଇକେଲ ମହୋତ୍ସବରେ 'ଷ୍ଟାର ବାଇକ୍'କୁ ପ୍ରଦର୍ଶିତ କରାଯାଇଥିଲା, ଯାହାକୁ ଦେଖିବାକୁ ଲୋକମାନଙ୍କ ମଧ୍ୟରେ ଉତ୍ସାହ ଲାଗି ରହିଥିଲା।

## ପ୍ରଶଂସା ସାଉଁଟୁଛି 'ଚନ୍ଦୁ ଚାମ୍ପିୟନ'

ମୁମ୍ବାଇ

କାର୍ତ୍ତିକ ଆର୍ଯ୍ୟନଙ୍କ ଫିଲ୍ମ 'ଚନ୍ଦୁ ଚାମ୍ପିୟନ' ଗତ ୧୪ ତାରିଖରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଛି। କବୀର ଖାନ୍‌ଙ୍କ ନିର୍ଦ୍ଦେଶିତ ଏବଂ ସାଜିଦ ନାଡିଆଡୱାଲାଙ୍କ ପ୍ରଯୋଜିତ ଏହି ଫିଲ୍ମରେ କାର୍ତ୍ତିକଙ୍କ ସହ ଭୁବନ ଆରୋରା, ଯଶପାଲ ଶର୍ମା, ରାଜପାଲ ଯାଦବ, ଶ୍ରେୟାସ ତଲପଡ଼େ ଏବଂ ଭାଗ୍ୟଶ୍ରୀ ବୋର୍ସେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିଛନ୍ତି। ଏହି ବାୟୋପିକ ଫିଲ୍ମରେ କାର୍ତ୍ତିକ ଭାରତର ପ୍ରଥମ ପାରାଲିମ୍ପିକ ସ୍ୱର୍ଣ୍ଣ ପଦକ ବିଜେତା ମୁରଲିକାନ୍ତ ପେଟ୍‌କରଙ୍କ ଭୂମିକାରେ ଅଭିନୟ କରିଛନ୍ତି, ଯାହାକୁ ନେଇ ଦର୍ଶକ ଏବଂ ଫିଲ୍ମ ସମୀକ୍ଷକଙ୍କ ମଧ୍ୟରେ ସକାରାତ୍ମକ ପ୍ରତିକ୍ରିୟା ଦେଖିବାକୁ ମିଳିଛି। ରିଲିଜ ହେବାର ପ୍ରଥମ ୨ ଦିନରେ ଏହି ଫିଲ୍ମ ଭଲ ବ୍ୟବସାୟ କରିଛି।

ଶନିବାର ରିଲିଜ୍ ହେବାର ଦ୍ୱିତୀୟ ଦିନରେ 'ଚନ୍ଦୁ ଚାମ୍ପିୟନ' ୭.୭ କୋଟି ଟଙ୍କାର ବ୍ୟବସାୟ କରିଛି। ସେହିପରି ଶୁକ୍ରବାର ଏହି ଫିଲ୍ମ ରିଲିଜ୍




ହୋଇଥିବା ବେଳେ ଏହା ୫.୪ କୋଟି ଟଙ୍କାର ବ୍ୟବସାୟ କରିଥିଲା। ରିଲିଜ୍ ହେବାର ପ୍ରଥମ ୨ ଦିନରେ ଏହି ଚଳଚ୍ଚିତ୍ର ମୋଟ୍ ୧୩.୧ କୋଟି ଟଙ୍କାର ରୋଜଗାର କରିଛି। ଆସନ୍ତା ସପ୍ତାହରେ ଏହାର ରୋଜଗାର ଆହୁରି ବୃଦ୍ଧି ପାଇବ ବୋଲି ଫିଲ୍ମ ସମୀକ୍ଷକମାନେ ମତ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ଭାରତର ଭେଟେରାନ କ୍ରୀଡ଼ାବିତ ମୁରଲିକାନ୍ତ ପେଟ୍‌କର ୧୯୭୨ ହାଇଡେଲ୍‌ବର୍ଗ ସମର ପାରାଲିମ୍ପିକ୍ସର ୫୦ ମିଟର ଫ୍ରିଷ୍ଟାଇଲ ସନ୍ତରଣ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ୨୦୧୮ରେ ତାଙ୍କୁ ଭାରତ ସରକାରଙ୍କ ପକ୍ଷରୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା।

# ରାୟଗଡ଼ାରେ ଡିପ୍‌ଥେରିଆ ଆତଙ୍କ

ଭୁବନେଶ୍ୱର/ ରାୟଗଡ଼ା,୧୬।୬
(ଅସମାପିକା ସାହୁ/ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଅନ୍ତର୍ଗତ ମନୁଷପଦର ଗାଁରେ ଅଜଣା ରୋଗରେ ୫ ଶିଶୁଙ୍କ ମୃତ୍ୟୁ ପରେ କାରଣ ଖୋଜା ଆରମ୍ଭ ହୋଇଛି। ତେବେ ଡିପ୍‌ଥେରିଆ ରୋଗରେ ସମସ୍ତ ଶିଶୁଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଭୁବନେଶ୍ୱରସ୍ଥିତ ରିଜିଓନାଲ ମେଡିକାଲ ରିସର୍ଚ୍ଚ ସେଣ୍ଟର (ଆର୍‌ଏମ୍‌ଆର୍‌ସି) ଯେଉଁ ପଞ୍ଚମ ସାମ୍ପଲ ନେଇଥିଲା, ସେଥିରୁ ରୋଗୀଙ୍କୁ ଡିପ୍‌ଥେରିଆ ହୋଇଥିବା ସନ୍ଦେହ କରାଯାଉଛି। ଏ ନେଇ ଅଧିକ ଯାଞ୍ଚ ଜାରି ରହିଛି। ଆଗକୁ ବର୍ଷାଋତୁ ଆସୁଥିବାରୁ ଏହା ପୂର୍ବରୁ ସମସ୍ତ ଅଞ୍ଚଳରେ ପାନୀୟଜଳ ବ୍ୟବସ୍ଥା ଠିକ କରିବା ସହ ଉପାନ୍ତ ଅଞ୍ଚଳର ରାସ୍ତା ମରାମତି ଲାଗି ପଞ୍ଚାୟତିରାଜ ବିଭାଗ ନିର୍ଦ୍ଦେଶ ଦେଇଛି।

ସେହିପରି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଅଜଣା ରୋଗର କାରଣ ଖୋଜିବା ଲାଗି ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛି। ସେମାନଙ୍କ ସହିତ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ଟିମ୍ ମଧ୍ୟ ଉପାନ୍ତ ଅଞ୍ଚଳ ମନୁଷପଦର ଗସ୍ତ କରିଛି। ଡାକ୍ତରୀ ଟିମ୍ ଗାଁରେ ଘରକୁ ଘର ଯାଇ ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରୁଛି। ବର୍ତ୍ତମାନ ସ୍ଥିତି ସ୍ୱାଭାବିକ ରହିଛି। ଅନ୍ୟପକ୍ଷରେ ମନୁଷପଦରରେ ଯେଉଁ ୪ଜଣଙ୍କ ମୃତ୍ୟୁ ଘଟିଥିଲା, ସେମାନଙ୍କ ମୃତଦେହକୁ ଆଦିବାସୀ ପରମ୍ପରା ଅନୁଯାୟୀ ମାଟି ତଳେ ପୋତି ଦିଆଯାଇଛି। ଏହି ମୃତକମାନଙ୍କୁ ଡିପ୍‌ଥେରିଆ ହୋଇଥିଲା ବୋଲି ସନ୍ଦେହ କରାଯାଉଛି।

ସେପଟେ ଡିପ୍‌ଥେରିଆ ରୋଗର ଚିକିତ୍ସା ପାଇଁ ରବିବାର ୬୦ ଆଣ୍ଟିଟକ୍ସିନ ଇଞ୍ଜେକ୍ସନ ପହଞ୍ଚିଛି। ୩୦ଟି ରାୟଗଡ଼ା ଜିଲା ସ୍ୱାସ୍ଥ୍ୟ ବିଭାଗରେ ଗଚ୍ଛିତ ରଖାଯାଇଥିବାବେଳେ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ରୋଗୀ ଚିକିତ୍ସାଧୀନ ଥିବାରୁ ସେଠାକୁ ୩୦ଟି ଇଞ୍ଜେକ୍ସନ ପଠାଯାଇଥିବା ସୂଚନା ମିଳିଛି। ରାୟଗଡ଼ା ମେଡିକାଲ ଏବଂ ଅନ୍ୟତ୍ର ଚିକିତ୍ସାଧୀନ ଥିବା ସମସ୍ତ ରୋଗୀଙ୍କୁ ଇଞ୍ଜେକ୍ସନ ଦିଆଯାଇଥିବା ନେଇ ମେଡିକାଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ପ୍ରକାଶଥାଉ କି, ଡିପ୍‌ଥେରିଆ ରୋଗରେ ଆକ୍ରାନ୍ତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ହରି ମାଝି (୬୧), ବିଜୟ ମାଝି (୩) ଓ ମୋହନ ମାଝି (୫) ଚିକିତ୍ସିତ ହେଉଛନ୍ତି। ସେହିପରି ମହେନ୍ଦ୍ର ମାଝି (୫), ପବିତ୍ର ମାଝି (୮) ଓ ଜୟରାମ ମାଝି(୫)ଙ୍କର ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜରେ ଚିକିତ୍ସା ଚାଲିଛି। ଏହାବ୍ୟତୀତ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କିଛି ଜଣ ଚିକିତ୍ସିତ ହେଉଥିବା ସୂଚନା ମିଳିଛି। ଏ ସମ୍ପର୍କରେ ସିଡିଏମଓ ଡା. ଲାଲମୋହନ ରାଉତରାୟଙ୍କୁ ପଚାରିବାରୁ ସମସ୍ତ ରୋଗୀଙ୍କୁ ଇଞ୍ଜେକ୍ସନ ପ୍ରଦାନ କରାଯାଇଛି। ଏହାସହିତ ମନୁଷପଦର ଗ୍ରାମ ସମେତ କାଶୀପୁର ବ୍ଲକର ସମସ୍ତ ଗ୍ରାମରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିୟମିତ କ୍ୟାମ୍ପ କରାଯାଉଛି। ସୋମବାରଠାରୁ ଏହି ପ୍ରକ୍ରିୟା ଆହୁରି ବ୍ୟାପକ କରାଯିବ ବୋଲି ଡା ରାଉତରାୟ କହିଛନ୍ତି।



## ଡିପ୍‌ଥେରିଆ କ’ଣ

ଡିପ୍‌ଥେରିଆ ଏକ ଜୀବାଣୁବାହିତ ରୋଗ। ଟିକାକରଣ ଦ୍ୱାରା ଏହାର ନିରାକରଣ ସମ୍ଭବ ହୋଇପାରିବ ବୋଲି ପୂର୍ବତନ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି। ଡିପ୍‌ଥେରିଆ ରୋଗ କେବଳ ମଣିଷ ଦେହରେ ଦେଖାଦେଇଥାଏ। ଏହି ରୋଗ ହେଲେ କାଶ, ଛିଙ୍କ, ଗଳା ଫୁଲିବା ଭଳି ଲକ୍ଷଣ ଦେଖାଦିଏ। ଆକ୍ରାନ୍ତଙ୍କ ସହ ମିଳାମିଶା କିମ୍ବା କପଡ଼ା ବ୍ୟବହାର କଲେ ରୋଗ ବ୍ୟାପିବାର ସମ୍ଭାବନା ଥାଏ ବୋଲି ମିଶ୍ର କହିଛନ୍ତି।

# ୫ ଦିନରେ ଲକ୍ଷେ ଲୋକଙ୍କୁ ଭେଟିସାରିଲେଣି ନୂଆ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୬।୬(ସୁନିତ୍ ମିଶ୍ର)

ଅନେକ ସଙ୍ଗଠନର କର୍ମକର୍ତ୍ତା, ବିଶିଷ୍ଟ ବ୍ୟକ୍ତି ଏବଂ ସାଧାରଣ ଲୋକ ଆସି ରାଜ୍ୟ ଅତିଥି ଭବନର ଅସ୍ଥାୟୀ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପ୍ରତ୍ୟେକ ଦିନ ଭେଟୁଛନ୍ତି। ରବିବାର କେତେଜଣ ଛଟେଇ କମ୍ପ୍ୟୁଟର ଶିକ୍ଷକ ଆସି ଭେଟିଛନ୍ତି। ସେମାନଙ୍କ ଭିତରେ ଅର୍ଜୁନ ନାୟକ ନାମକ ଜଣେ ଭିନ୍ନକ୍ଷମ ଶିକ୍ଷକ ଥିଲେ। ଦୁର୍ଘଟଣାରେ ଅର୍ଜୁନ ଗୋଟିଏ ଗୋଡ଼ ହରାଇଥିଲେ। ତାଙ୍କୁ ଦେଖି ମୁଖ୍ୟମନ୍ତ୍ରୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ତାଙ୍କ ସମସ୍ୟା ବିଷୟରେ ଶୁଣିଛନ୍ତି। ତାଙ୍କୁ ନିଜ ହାତରେ ମୁଖ୍ୟମନ୍ତ୍ରୀ ପାଣି ପିଆଇ ଅଧୈର୍ଯ୍ୟ ନ ହେବା ପାଇଁ ସାନ୍ତ୍ୱନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କଠାରୁ ଏଭଳି ଆଦର ପାଇ ସେ ଆଶା, ବିଶ୍ୱାସରେ ଫେରିଛନ୍ତି। ଗତ ୧୨ ତାରିଖରେ ଦାୟିତ୍ୱ ନେବା ପରଠାରୁ ରବିବାର ଯାଏ ୫ ଦିନରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରାୟ ୧ ଲକ୍ଷ ଲୋକ ଭେଟିସାରିଲେଣି।

### ଭିନ୍ନକ୍ଷମ ଶିକ୍ଷକଙ୍କୁ ପାଣି ପିଆଇଲେ ମୋହନ ମାଝୀ

ନିଜ ବାସଗୃହଠାରୁ ଆରମ୍ଭକରି ରାଜ୍ୟ ଅତିଥି ଭବନର ଅସ୍ଥାୟୀ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସବୁଠାରେ ଲୋକଙ୍କୁ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାର ସୁଯୋଗ ମିଳୁଛି। କୌଣସିଠାରେ କିଛି ପ୍ରତିବନ୍ଧକ ନାହିଁ। ପୂର୍ବ ସରକାରରେ ଜଣେ ସାଧାରଣ ଲୋକ ମୁଖ୍ୟମନ୍ତ୍ରୀଙ୍କ ଏତେ ନିକଟତର ହେବା କଷ୍ଟକର ଥିଲା। ଏବେ ଯେକେହି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିକଟକୁ ଆସି ଶୁଭେଚ୍ଛା ଜଣାଇପାରୁଛନ୍ତି କିମ୍ବା ସେମାନଙ୍କ ସମସ୍ୟା ବିଷୟରେ କହିପାରୁଛନ୍ତି। ମୁଖ୍ୟମନ୍ତ୍ରୀ ଭାବେ ବ୍ୟସ୍ତବହୁଳ ସରକାରୀ କାର୍ଯ୍ୟକ୍ରମ ତଥା ସରକାରୀ ଅଧିକାରୀମାନଙ୍କୁ ଭେଟିବା ଭିତରେ ମଧ୍ୟ ଲୋକଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପାଖରେ ପର୍ଯ୍ୟାପ୍ତ ସମୟ ରହିଛି। ଏହାଦ୍ୱାରା ସାଧାରଣ ଜନତା ଓ ସରକାରଙ୍କ ମଧ୍ୟରେ ଥିବା ଦୂରତା ହଟିଯାଇଛି। ଲୋକଙ୍କ ଏହି ଭଲପାଇବା ବିଷୟରେ ଗଣମାଧ୍ୟମରେ ପ୍ରତିକ୍ରିୟା ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି, ଗତ ୨୪ ବର୍ଷରେ ଲୋକମାନେ ସେମାନଙ୍କ ସୁବିଧା ଅସୁବିଧା ସରକାରଙ୍କୁ ଜଣାଇବାକୁ ସୁଯୋଗ ପାଉ ନ ଥିଲେ। ସେମାନଙ୍କୁ ଯେଉଁ ନ୍ୟାୟ ମିଳିବା କଥା ତାହା ମିଳୁ ନ ଥିଲା। ସେ ଗୋଟେ ସାଧାରଣ ପରିବାରରୁ ଆସି ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ତଳସ୍ତରର ସମସ୍ୟା କ’ଣ ରହିଛି ସେ ବିଷୟରେ ଭଲ ଭାବେ ଜାଣିଛନ୍ତି। ଲୋକଙ୍କ ସହ ଭଲରେ ମିଶିଲେ ଯାଇ ତଳସ୍ତରର ସମସ୍ୟାର ସମାଧାନ ପାଇଁ ବାଟ ଫିଟିବ। ତେଣୁ ଲୋକମାନେ ସ୍ୱଇଚ୍ଛାରେ ତାଙ୍କୁ ଭେଟିବା ପାଇଁ ଆସୁଛନ୍ତି। ଲୋକମାନେ ବିକାଶ ଓ ସେବା ଚାହୁଁଥିଲେ, ତେଣୁ ସେମାନେ ପରିବର୍ତ୍ତନ ଆଣିଲେ। ଲୋକମାନଙ୍କ ସହଯୋଗରେ ଆଗାମୀ ୫ ବର୍ଷରେ ୫୦ ବର୍ଷର ସମସ୍ୟାର ସମାଧାନ ସହିତ ଲୋକଙ୍କ ବିକାଶର ସ୍ୱପ୍ନ ମଧ୍ୟ ନିଶ୍ଚିତ ପୂରଣ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ଭିଣୋଇ ଗୁଳିରେ ଶାଳକ ମୃତ

ମୋହନା,୧୬।୬(ମନ୍ମଥ ମିଶ୍ର)

ଶିକାର କରିବାକୁ ଯାଇଥିବା ବେଳେ ଭିଣୋଇ ଗୁଳିମାଡ଼ରେ ଶାଳକଙ୍କର ମୃତ୍ୟୁ ଘଟିଛି। ଘଟଣାଟି ଘଟିଛି ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ ଭାଲିଆଗଣି ଗାଁରେ। ମୃତକଙ୍କ ନାଁ କୈଳାସ ନାୟକ। ଶନିବାର ଅପରାହ୍ନରେ କୈଳାସ ଓ ତାଙ୍କ ଭିଣୋଇ ଉଦୟ ନାୟକ ଶିକାର କରିବାକୁ ନିକଟସ୍ଥ ଜଙ୍ଗଲକୁ ଯାଇଥିଲେ। ସନ୍ଧ୍ୟାରେ ଜଙ୍ଗଲରୁ ଗୁଳିମାଡ଼ ଶବ୍ଦ ଶୁଭିଥିଲା। ଗ୍ରାମବାସୀ ଘଟଣାସ୍ଥଳକୁ ଯାଇ ଦେଖିଲାବେଳକୁ କୈଳାସଙ୍କ ଦେହରେ ଗୁଳି ବାଜିଥିଲା ବେଳେ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଗ୍ରାମବାସୀ ପୋଲିସକୁ ଖବର ଦେବା ପରେ ପୋଲିସ ପହଞ୍ଚି କୈଳାସଙ୍କ ମୃତଦେହ ଜବତ କରି ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ରବିବାର ସକାଳେ ପୋଲିସ ମୃତଦେହ ହସ୍ତାନ୍ତର କରି କୈଳାସଙ୍କ ପରିବାର ସଦସ୍ୟଙ୍କୁ ପଚରାଉଚରା କରିଥିଲା। ଉଦୟ ଓ କୈଳାସଙ୍କ ମଧ୍ୟରେ ପୂର୍ବରୁ ଶତ୍ରୁତା ଥିବା ମୃତ କୈଳାସଙ୍କ ସ୍ତ୍ରୀ କହିଥିଲେ। ପ୍ରାଥମିକ ତଦନ୍ତ ପରେ ପୋଲିସ କେସ୍ ନଂ.୧୧୯/୨୪ରେ ମାମଲା ରୁଜୁ କରି ଉଦୟଙ୍କୁ ଅଟକ ରଖି ପଚରାଉଚରା କରୁଛି। ତେବେ ଉଦୟଙ୍କ ଗୁଳିରେ କୈଳାସଙ୍କ ମୃତ୍ୟୁ ଘଟିଥିବା ପୋଲିସ ଜାଣିବାକୁ ପାଇଛି।

# ଆଜି ସରିବ ଯୁକ୍ତ୩ ନାମଲେଖା ଆବେଦନ

ଭୁବନେଶ୍ୱର,୧୬।୬(ଅସମାପିକା ସାହୁ)

୨୦୨୪-୨୫ ଶିକ୍ଷାବର୍ଷ ପାଇଁ ଯୁକ୍ତ୩ ନାମଲେଖା ନିମନ୍ତେ ଆବେଦନ ପ୍ରକ୍ରିୟା ସୋମବାର ଶେଷ ହେବ। ସୋମବାର ରାତି ୧୧ଟା ୪୫ ମିନିଟ୍ ଭିତରେ ଛାତ୍ରୀଛାତ୍ର samsodisha.gov.in ୱେବସାଇଟ ମାଧ୍ୟମରେ ଆବେଦନ କରିପାରିବେ। ୧୮ରୁ ୧୯ ତାରିଖ ମଧ୍ୟରେ ଆବେଦନ ଫର୍ମରେ ତ୍ରୁଟି ସୁଧାରିପାରିବେ। ୨୫ ତାରିଖ ଅପରାହ୍ନ ୪ଟାରେ ପ୍ରଥମ ମେଧାବୀ ତାଲିକା ପ୍ରକାଶ ପାଇବ। ୨୫ରୁ ୨୮ ତାରିଖ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ସ୍ଲାଇଡ ଅପ୍‌ସନ ଚୟନ କରିପାରିବେ। ୨୬ରୁ ୨୯ ତାରିଖ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ନାମଲେଖା ଅନୁଷ୍ଠିତ ହେବ। ସେହିଭଳି ଜୁଲାଇ ୫ ତାରିଖ ଅପରାହ୍ନ ୪ଟାରେ ଦ୍ୱିତୀୟ ପର୍ଯ୍ୟାୟ ମେଧାବୀ ତାଲିକା ପ୍ରକାଶ ପାଇବ। ୬ରୁ ୯ ତାରିଖ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ହେବ। ଜୁଲାଇ ୧୫ ତାରିଖ ଅପରାହ୍ନ ୪ଟାରେ ତୃତୀୟ ପର୍ଯ୍ୟାୟ ମେଧାବୀ ତାଲିକା ପ୍ରକାଶ ପାଇବ। ୧୬ରୁ ୧୯ତାରିଖ ପର୍ଯ୍ୟନ୍ତ ତୃତୀୟ ପର୍ଯ୍ୟାୟରେ ମନୋନୀତ ଛାତ୍ରୀଛାତ୍ର ନାମଲେଖାଇପାରିବେ। ଅଗଷ୍ଟ ୧ରୁ ଯୁକ୍ତ୩ ପ୍ରଥମ ବର୍ଷ ପାଠପଢ଼ା ହେବ ଆରମ୍ଭ ହେବ। ସୂଚନାଯୋଗ୍ୟ, ରବିବାର ସୁଦ୍ଧା ୨ଲକ୍ଷରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୁକ୍ତ୩ ନାମଲେଖା ପାଇଁ ଆବେଦନ କରିଥିବା ଜଣାପଡ଼ିଛି।



E-BOOK TODAY AT WWW.MARUTISUZUKI.COM OR VISIT YOUR NEAREST MARUTI SUZUKI DEALERSHIP.

ODYSSEY MOTORS
ANGUL: 7752076136, 9776901481, PALLAHARA: 7873565435, 9437831123.

TUSHI MOTORS
CUTTACK: 9078076450. PANIKOILI: 9078076450. ATHAGARH: 9078076450.

JYOTE MOTORS
BHUBANESWAR: LEWIS ROAD: 9798190190. NAYAPALLI: 9798190190. TAMANDO: 9798190190. KEONJHAR: 9798190190. NAYAGARH: 9798190190. BALUGAON: 9798190190. ANANDPUR: 9798190190. KENDRAPARA: 9798190190. PATTAMUNDAI: 7440016539. BALASORE: 9798190190. BHADRAK: 9798190190. BARIPADA: 9798190190. UDALA: 7064499950. RAIRANGPUR: 9853446906. JALESWAR: 7064499950. BASUDEVPUR: 9798190190.

SKY AUTOMOBILES
BHUBANESWAR: PATIA : 7381045356. CUTTACK: 9776677771, 7381873818. DHENKANAL: 7381045357. NARSHINGPUR: 7381045357. KAMAKHYANAGAR: 7381045357. JAJPUR: 9776900777, SALEPUR: 9583544555, CHANDIKHOL: 9776900777, TANGI: 7381045356.

NARAYANI MOTORS
BHUBANESHWAR: RASULGARH: 9583022012, 7440019592, 9583022013. JAGATSINGHPUR: 9583022090. PURI: 9583022035. NIMAPARA: 7381094851. PARADEEP: 9583022034/48. PURI HIGHWAY PIPLI: 9583022013. TIRTOL: 7381000159.

*Offer includes consumer offer, exchange bonus, institutional or rural offer (wherever applicable) on selected models/ variants. Above mentioned savings amount is the value of maximum savings on selected models. ^Up to 100% on road funding is provided by select financiers only. ^Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. Terms and conditions apply. Terms and conditions are subject to change without any prior notice. For more details, please contact your nearest ARENA dealership. **Accessories and features shown in the pictures may not be a part of standard equipment and may vary according to the variant. ##As certified by Test agency under Rule 115(G) of Central Motor Vehicles Rules 1989. ^^1.0L VXI AGS petrol variants. Black Glass Shade on the vehicle is due to the lighting effect. Images used are for illustration purposes only. Car color may vary due to printing on paper. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 30th June, 2024.

**ଆଜିର ମନ୍ତବ୍ୟ**

“ଏକକ ଦେୱାନି ସଂହିତା (ୟୁସିସି) ଏବେ ମଧ୍ୟ ଭାଜପା କାର୍ଯ୍ୟସୂଚୀରେ ରହିଛି। କିଛି ରାଜ୍ୟ ଏହାକୁ କାର୍ଯ୍ୟକାରୀ କରିବା ଆରମ୍ଭ କରିଥିବାବେଳେ ସାରା ଦେଶରେ ଲାଗୁ ପାଇଁ କେନ୍ଦ୍ର ସରକାର ଆଶାବାଦୀ। **–ଅର୍ଜୁନରାମ ମେଘୱାଲ, କେନ୍ଦ୍ର ଆଇନ ମନ୍ତ୍ରୀ**

# ଆଜି କ’ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଆ, ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୬ତମ ପୂଣ୍ୟତିଥି, ସ୍ଥାନ: ଗୋପବନ୍ଧୁ ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା।
- ରଜ ଉତ୍ସବ ଉପଲକ୍ଷେ ଚଇତାଳି ଘୋଡ଼ା ନାଚ, ସ୍ଥାନ: ମା ଉତ୍ତରମୁଖୀ ମନ୍ଦିର ପରିସର, ଭୁନପୁର ବାଲିଅନ୍ତା, ସମୟ: ସକାଳ ୯ଟା ୩୦।
- ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ ମରଣୋତ୍ତର ଭାରତରତ୍ନ ପ୍ରଦାନ ଦାବିରେ ଭୁବନେଶ୍ୱରରୁ ଦିଲ୍ଲୀ ସାଇକେଲ ଯାତ୍ରା, ସ୍ଥାନ: ଗୋପବନ୍ଧୁ ଛକ, ସମୟ: ପୂର୍ବାହ୍ନ ୧୦ଟା।
- ନ୍ୟୁ ବ୍ରାଉଡ୍ ଇଣ୍ଡିଆ ଏବଂ ଓଡ଼ିଶା ଷ୍ଟେଟ ମ୍ୟୁଜିୟମ୍ ମିଳିତ ଆନୁକୂଲ୍ୟରେ ଆର୍ଟ ଏକ୍ସିବିଶନ ‘ବଏ ଡ୍ୟାନ୍ସର’, ସ୍ଥାନ: ଓଡ଼ିଶା ଷ୍ଟେଟ ମ୍ୟୁଜିୟମ୍ ଆର୍ଟ ଗ୍ୟାଲେରୀ, ସମୟ: ଅପରାହ୍ନ ୪ଟା ୩୦।
- ‘ଆଜିର ସୃଜନୀ’ର ସାହିତ୍ୟ ପତ୍ରିକା ଉନ୍ମୋଚନ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ଅପରାହ୍ନ ୫ଟା।
- ଦିବାକର ମିଶ୍ର ଗନ୍ଧର୍ବ କଳା ମହୋତ୍ସବ, ସ୍ଥାନ: ବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ରଜ ଉତ୍ସବ ଅବସରରେ ବାଦି ପାଲା ପରିବେଷଣ, ସ୍ଥାନ: ଗଡ଼ନହରକଣ୍ଟାସ୍ଥିତ ଶ୍ରୀରୁଦ୍ରେଶ୍ୱର ମନ୍ଦିର ନିକଟ ପଡ଼ିଆ, ସମୟ: ରାତି ୭ଟା।

## କଟକ

- ଇଦୁଲ୍ ଅଜିହା ନମାଜ ପାଠ, ସ୍ଥାନ: ମଙ୍ଗଳାବାଗସ୍ଥିତ ଅହମ୍ମଦୀୟା ମୁସ୍‌ଲିମ୍ ମିଶନ, ସମୟ: ସକାଳ ୮ଟା ୫୫ ମିନିଟ୍।
- ପଙ୍କାଲ ଜମାତ ଅହମ୍ମଦିୟା ତରଫରୁ ଇଦ୍ ଉଦ୍‌ଜୁହା ନମାଜ ପାଠ, ସ୍ଥାନ: ପଙ୍କାଲ ଇଦ୍‌ଗାହା, ତିଗିରିଆ ସମୟ: ସକାଳ ୯ଟା।
- ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ସଂଘ ଶିକ୍ଷାବର୍ଗ ସମାରୋପ ଉତ୍ସବ, ସ୍ଥାନ: ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର, ଗତିରାଉତପାଟଣା, ସମୟ: ଅପରାହ୍ନ ୩ଟା।
- ରଜ ମହୋତ୍ସବ ଉଦ୍‌ଯାପିତ, ସ୍ଥାନ: ଗୋପମଥୁରା ପଡ଼ିଆ, ବଡ଼ମ୍ବା, ସମୟ: ସନ୍ଧ୍ୟା ୭ଟା।

## ପୁରୀ

- ଆକ୍ୱାଟିକ୍ ଆସୋସିଏଶନ ପକ୍ଷରୁ ସନ୍ତରଣ ପ୍ରତିଯୋଗିତା, ସ୍ଥାନ: ଶ୍ରୀଜଗନ୍ନାଥ ଷ୍ଟାଡିୟମ, ପୁରୀ, ସମୟ: ସକାଳ ୯ଟା।
- ଆନ୍ତର୍ଜାତୀୟ ଆର୍ଟ ଅଫ୍ ଗିଭିଂ ଦିବସ ପାଳନ, ସ୍ଥାନ: ସଂସ୍କୃତି ଭବନ, ପୁରୀ, ସମୟ: ପୂର୍ବାହ୍ନ ୧୦ଟା।
- ଦ୍ୱାରକା ନାଥ ଦାସଙ୍କ ପଞ୍ଚତ୍ରିଂଶ ସ୍ମୃତି ସଭା, ସ୍ଥାନ: ସଂସ୍କୃତି ଭବନ, ପୁରୀ, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା

- ରଜ ମହୋତ୍ସବ, ସ୍ଥାନ: ମା’ରାମଚଣ୍ଡୀଙ୍କ ପୀଠ, ଗଡ଼ମାଣତୀର, ବେଗୁନିଆ, ସମୟ: ଅପରାହ୍ନ ୪ଟା।
- ରଜ ମହୋତ୍ସବ, ସ୍ଥାନ: ବେଗୁନିଆ ଆମ୍ରକାନନ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ସୂଚନା ଅଧିକାର ଆଇନ କର୍ମଶାଳା, ସ୍ଥାନ: ଅସ୍ତିଆ, ସିମୁଳିଆ, ସମୟ: ସକାଳ ୯ଟା।

## ଭଦ୍ରକ

- ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ଇଦ୍‌ଗା ପରିସର, ଭଦ୍ରକ, ସମୟ: ସକାଳ ୭ଟା।
- ଇଦ୍– ଉଲ୍–ଅଜହା ଅବସରରେ ସମୂହ ପ୍ରାର୍ଥନା, ସ୍ଥାନ: ଇଦ୍‌ଗା ପଡ଼ିଆ, ଭଦ୍ରକ, ସମୟ: ସକାଳ ୮ଟା।
- ଏକାଦଶତମ ଆର୍ଟ ଅଫ୍ ଗିଭିଂ ସମାରୋହ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର

- ଇଦ୍ ଉଲ୍ ଜୁହା, ସ୍ଥାନ : ପାଟଣା ବ୍ଲକ ମୁଖ୍ୟାଳୟ ମସଜିଦ ପଡ଼ିଆ, ସମୟ: ସକାଳ ୬ଟା ୩୦।
- ରଜ ମହୋତ୍ସବ, ସ୍ଥାନ: ପାଟଣା ବ୍ଲକ କୁଆପଶି ଦୋଳି ପଡ଼ିଆ ସମୟ: ସନ୍ଧ୍ୟା ୭ଟା।
- ଦେବସ୍ନାନ ପୂର୍ଣ୍ଣିମା ପାଇଁ ବୈଠକ, ସ୍ଥାନ: ହରିହର ମନ୍ଦିର, ବଡ଼ବିଲ, ସମୟ: ସନ୍ଧ୍ୟା ୭ଟା।

## ମୟୂରଭଞ୍ଜ

- ବାରିପଦା ସଫିଂ ଫେଷ୍ଟିଭାଲ, ସ୍ଥାନ:ଛଉ ପଡ଼ିଆ, ସମୟ: ଅପରାହ୍ନ ୫ଟା।
- ଆମ ଶରୀର ଆମେ ଡାକ୍ତର କାର୍ଯ୍ୟକ୍ରମ, ସ୍ଥାନ: ପିସିଏମ୍ କଲ୍ୟାଣ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## ବ୍ରହ୍ମପୁର

- ଲେଖକ ସାମୁଖ୍ୟ ଓ ଲେଖିକା ସାମୁଖ୍ୟର କବିତା ପାଠୋତ୍ସବ, ସ୍ଥାନ:ଉତ୍କଳ ଆଶ୍ରମ ଭାଷା ଭବନ,ସମୟ: ସନ୍ଧ୍ୟା ୬ଟା।

## ଗଞ୍ଜାମ

- ଶୀତଳ ଷଷ୍ଠୀ ଯାତ୍ରା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଭଞ୍ଜନଗର ବ୍ଲକ ଛେଦ୍ୱାଭୂମି, ସମୟ: ସନ୍ଧ୍ୟା ୬ଟା।

## କନ୍ଧମାଳ

- ରଜ ମହୋତ୍ସବ ଉଦଯାପନୀ ସମାରୋହ, ସ୍ଥାନ :ପାରିଜାତ କଲ୍ୟାଣ ମଣ୍ଡପ ଫୁଲବାଣୀ , ସମୟ :ସନ୍ଧ୍ୟା ୭ଟା।

## ଢେଙ୍କାନାଳ

- ଆର୍ଟ ଅଫ୍ ଗିଭିଙ୍ଗ୍ କାର୍ଯ୍ୟକ୍ରମ, ସ୍ଥାନ:ଗୋପବନ୍ଧୁ ଟାଉନହଲ ଢେଙ୍କାନାଳ,ସମୟ:ସନ୍ଧ୍ୟା ୬ଟା।

## ଜଗତ୍‌ସିଂହପୁର

- ନବନିର୍ବାଚିତ ଏମ୍‌ପି ଓ ପାରାଦୀପ ବିଧାୟକ ତଥା ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ: ବାଲିପ୍ଲଟ, ଅଠରବାଙ୍କୀ, ପାରାଦୀପ ସମୟ: ପୂର୍ବାହ୍ନ ୧୦ଟା।
- ଜଗନ୍ନାଥ ଲଳିତ କଳା ସଂସଦ ପକ୍ଷରୁ ରଜ ମହୋତ୍ସବର ଉଦଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ଗୋପବନ୍ଧୁ ଷ୍ଟାଡିୟମ, ନୂଆବଜାର, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ଇଦ୍ ଉଲ ଜୁହା ଉପଲକ୍ଷେ ସମୁହ ନମାଜପାଠ, ସ୍ଥାନ: କେନ୍ଦ୍ରାପଡ଼ା ସହରର ରଣପଡାସ୍ଥିତ ନୁରୀ ମସଜିଦ୍, ରାଜା ମସଜିଦ୍, ରସୁଲାବାଦ ମସଜିଦ, ସଫିଆ ଇଦଗାହ, ସମୟ: ସଖାଳ ୭ଟା, ଫକୀରାବଦସ୍ଥିତ ମରକଜି ମସଜିଦ, ପୁରୁଣା ଇଦ୍‌ଗାହ, ସମୟ: ସକାଳ ୮ଟା, ନୂଆ ଇଦଗାହ, ସମୟ: ସକାଳ ସାଢେ ୬ଟା।
- ଆର୍ଟ ଅଫ ଗିଭିଙ୍ଗ କାର୍ଯ୍ୟକ୍ରମ, ସ୍ଥାନ: ଭାରତୀ ବିଦ୍ୟା ମନ୍ଦିର, କେନ୍ଦ୍ରାପଡା ସହର ସମୟ: ଅପରାହ୍ନ ୪ଟା।

## ନୟାଗଡ଼

- ରଘୁନାଥ ଆଥ୍‌ଲେଟିକ୍ ଆସୋସିଏଶନ ପକ୍ଷରୁ ଓଡ଼ଗାଁ କ୍ରିକେଟ ଲିଗ୍‌ର ଫାଇନାଲ ମ୍ୟାଚ, ସ୍ଥାନ:ଓଡ଼ଗାଁ ମିନି ଷ୍ଟାଡିୟମ, ସମୟ: ସକାଳ ୮ଟା।
- ରଜ ଉତ୍ସବର ଉଦ୍‌ଯାପନୀ ଦିବସ, ସ୍ଥାନ: ଉମାଦେବୀ ପୀଠ ଖଣ୍ଡପଡ଼ା, ସମୟ: ସକାଳ ୮ଟା ।
- ଜଗନ୍ନାଥ ପ୍ରସାଦ ମହିଷାଶୁଣୀ ପୀଠରେ ରଜ ଉତ୍ସବର ଉଦ୍‌ଯାପନ ଦିବସ, ସ୍ଥାନ: ଦରଦା, ସମୟ: ସକାଳ ସାଢ଼େ ୭ଟା।
- ରୁକ୍ମଣୀ ବିବାହ ପାଇଁ ପ୍ରସ୍ତୁତି, ସ୍ଥାନ:କଣ୍ଟିଲୋ ନୀଳ ମାଧବ ପୀଠ, ସମୟ: ଅପରାହ୍ନ ୪ଟା।
- କୃତଜ୍ଞତା ଜ୍ଞାପନ ସଭା, ନୟାଗଡ଼ ବିଜେଡି କାର୍ଯ୍ୟାଳୟ, ସମୟ:ସକାଳ ୮ଟା।

## ରାୟଗଡ଼ା

- ଇଦ୍ ଉଲ ଜୁହା ପାଳନ, ସ୍ଥାନ: ଇଦଗା, ଜେକେପୁର, ସମୟ: ସକାଳ ୭ଟା ।
- ବାବା ବଳିଆଙ୍କ ଗଣତନ୍ତ୍ର ଓ ପରିବେଶ ସଚେତନତା ଉପରେ ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ତେଜସ୍ୱୀ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ତର୍ଜାତୀୟ ଆର୍ଟ ଅଫ ଗିଭିଙ୍ଗ ଦିବସ ପାଳନ: ସ୍ଥାନ: ତେଜସ୍ୱୀ ହୋଟେଲ, ରାୟଗଡ଼ା,ସମୟ: ସନ୍ଧ୍ୟା ୫ଟା ୩୦।

## ନବରଙ୍ଗପୁର

- ଧନନ୍ତରି ଆୟୁର୍ବେଦିକ ଚିକିତ୍ସାଳୟର ନୂତନ କୋଠାଘର ଉଦଘାଟନ କରିବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସ୍ଥାନ: ଉମରକୋଟ ଏକଟାଗୁଡ଼ା ଗ୍ରାମ, ସମୟ: ସକାଳ ୮ଟା।

## କୋରାପୁଟ

କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକର ଗୌଡଗୁଡ଼ା ଗ୍ରାମ ପଞ୍ଚାୟତ ମଣ୍ଡପରେ ଅନ୍ତର୍ଜାତୀୟ ଆର୍ଟ ଅଫ ଗିଭିଂ ଦିବସ ପାଳିତ, ସ୍ଥାନ: ପଞ୍ଚାୟତ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।

ଜିଲାସ୍ତରୀୟ ଆର୍ଟ ଅଫ୍ ଗିଭିଂ ସମାରୋହ, ସ୍ଥାନ: ଆଦିବାସୀ ସଂଗ୍ରହାଳୟ କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା।

## ମାଲକାନଗିରି

କିଟ୍ ଶିକ୍ଷାନୁଷ୍ଠାନ ପକ୍ଷରୁ ବିଭିନ୍ନ ବ୍ୟକ୍ତିଙ୍କୁ ସମ୍ମାନୀତ, ସ୍ଥାନ– ଆଓମା ସମ୍ମିଳନୀ କକ୍ଷ, ମାଲକାନଗିରି , ସମୟ ଅପରାହ୍ନ ୫ ଟା

## ସମ୍ବଲପୁର

- ସାଓଲିନ କୁମ୍ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ, ସମୟ : ସକାଳ ୭ଟା ।
- ଯୁବ ଭାଜପାର ସାଙ୍ଗଠନିକ ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଜୁଡୋ ପ୍ରଶିକ୍ଷଣ ଶିବିର, ସ୍ଥାନ:ଜୁଡୋ ହଲ, ସମୟ: ପୂର୍ବାହ୍ନ ୧୦ଟା।

## ବଲାଙ୍ଗୀର

- ସ୍ୱାସ୍ଥ୍ୟମନ୍ତ୍ରୀ ଡ଼.ମୁକେଶ ମହାଲିଙ୍ଗଙ୍କୁ ସ୍ୱାଗତ ସମାରୋହ, ସ୍ଥାନ: ଲୋଇସିଂହା ରାମ ମନ୍ଦିର, ସମୟ: ସକାଳ ୯ଟା।

## ସୁବର୍ଣ୍ଣପୁର

- ବୃନ୍ଦାବନ ମିଶ୍ର ମେମୋରିଆଲ ଏକ ଦ୍ୱିବସୀୟ ଫ୍ଲଡ୍‌ଲାଇଟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ, ସ୍ଥାନ: ତରଭା ଖେଳ ପଡିଆ, ସମୟ: ସନ୍ଧ୍ୟା ୬ଟା ୩୦।

## ରାଉରକେଲା

- ରଜ ରାଜକୁମାରୀ ସିଜନ–୩ ଗ୍ରାଣ୍ଡ ଫିନାଲେ,ସ୍ଥାନ: ସେକ୍ଟର–୨୦ ରାଉରକେଲା କ୍ଲବ,ସମୟ: ସଂନ୍ଧ୍ୟା ୬ଟା ୪୫।
- ରଜ ମହୋତ୍ସବ ନୃତ୍ୟ ପ୍ରତିଯୋଗୀତା ଉଦ୍‌ଯାପିତ,ସ୍ଥାନ:ଭଞ୍ଜଭବନ ପ୍ରେକ୍ଷାଳୟ,ସମୟ: ସକାଳ ୮ଟା।
- ଗ୍ରୀଷ୍ମକାଳୀନ କ୍ରୀଡା ଶିବିର ଉଦ୍‌ଯାପିତ,ସ୍ଥାନ: ଡିଏଭି ପଡିଆ, ସମୟ: ସକାଳ ୮ଟା।
- ମହରମ୍ କମିଟି ପକ୍ଷରୁ ଉଦ୍‌ଲୁଜୁହା ପାଳିତ,ସ୍ଥାନ: ମାଲଗୋଦାମ, ସମୟ: ସକାଳ ୯ଟା।
- ମାଧବ ଆଶ୍ରମରେ ଗୀତା ପାରାୟଣ,ସ୍ଥାନ: ବାସନ୍ତୀ କଲୋନୀ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ଆର୍ଟ ଅଫ୍ ଗିଭିଂ କାର୍ଯ୍ୟକ୍ରମ, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ: ସନ୍ଧ୍ୟା ୬ଟା।
- ଆର୍ଟ ଅଫ୍ ଗିଭିଂ କାର୍ଯ୍ୟକ୍ରମ, ସ୍ଥାନ: ସରକାରୀ ବସଷ୍ଟାଣ୍ଡ, ବରଗଡ଼, ସମୟ: ସକାଳ ୭ଟା।
- ଜର୍ଜଗଡ଼ ଗ୍ରାମକୁ ପିଇବା ପାଣି ଯୋଗାଣ ଦାବିରେ ରାସ୍ତାରୋକୋ, ସ୍ଥାନ: ପାଇକମାଲ ତହସିଲ ଅଫିସ ନିକଟ, ସମୟ: ସକାଳ ୮ଟା।

## କଳାହାଣ୍ଡି

- ଅନ୍ତର୍ଜାତୀୟ ଆର୍ଟ ଅଫ୍ ଗିଭିଂ ଦିବସ ସମାରୋହ, ସ୍ଥାନ: ଜୁନାଗଡ଼ ସଂସ୍କୃତି ଭବନ, ସମୟ: ସକାଳ ୯ଟା।

## ନୂଆପଡ଼ା

- ଭାଗିବତ ମହାପାରାୟଣା, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ଖଡ଼ିଆଳ ବ୍ଲକଠାରେ ଉତ୍କଳ ବାଳାଶ୍ରମ ପରିସରରେ କିଟ୍, କିସ୍ ଓ କଳିଙ୍ଗ ଟିଭି ପକ୍ଷରୁ ଆର୍ଟ ଅଫ ଲିଭିଙ୍ଗ କାର୍ଯ୍ୟକ୍ରମ ଆୟୋଜନ, ସ୍ଥାନ: ଉତ୍କଳ ବାଳାଶ୍ରମ ପରିସର, ସମୟ: ସକାଳ ୯ଟା
- କୋମନା ବ୍ଲକ ନାଏକପଡ଼ାରେ ଅଷ୍ଟପ୍ରହରୀ ନାମଯଜ୍ଞର କଳସ ଯାତ୍ରା, ସ୍ଥାନ: ନାଏକପଡ଼ା, ସମୟ: ଅପରାହ୍ନ ୫ଟା।

## ବୌଦ୍ଧ

- ଆର୍ଟ ଅଫ ଗିଭିଂ ସମାରୋହ, ସ୍ଥାନ: ଟାଉନ ହଲ ବୌଦ୍ଧ, ସମୟ: ସନ୍ଧ୍ୟା ୬ଟା।
- ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ବୈଠକ ସ୍ଥାନ: ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ ବୌଦ୍ଧ , ସମୟ: ସନ୍ଧ୍ୟା ୬ଟା।

## ଦେବଗଡ଼

- ମା’ କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ଝାରସୁଗୁଡ଼ା

- ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ଆଳତି, ସ୍ଥାନ: ଝାରସୁଗୁଡା ସହରସ୍ଥିତ ଝାଡେଶ୍ୱର ମନ୍ଦିର, ସମୟ: ସକାଳ ୬ଟା।
- ପବିତ୍ର ଇଦ୍ ପାଇଁ ସାମୂହିକ ନମାଜ ପାଠ, ସ୍ଥାନ: ସହରସ୍ଥିତ ଇଦଗା, ସମୟ: ସକାଳ ୭ଟା।
- ଆର୍ଟ ଅଫ୍ ଗିଭିଂ ସମାରୋହ ପାଳିତ, ସ୍ଥାନ: ସହରସ୍ଥିତ କାପୁମାଲ ଗ୍ରାମ ଗୋଣ୍ଡୱାନା ଭବନ, ସମୟ: ସକାଳ ୯ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ: ସହର ପୁରୁଣା ବସ୍‌ଷ୍ଟାଣ୍ଡ ଜିଲା କଂଗ୍ରେସ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ୍।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ସ୍ୱାସ୍ଥ୍ୟ ପରିସ୍ଥିତି ଭଲ ରହିଲେ ମଧ୍ୟ କ୍ରୋଧ ବିବାଦୀୟ ପରିସ୍ଥିତି ସୃଷ୍ଟି କରିପାରେ। ଶନି ପ୍ରଭାବରୁ କର୍ମକ୍ଷେତ୍ରରେ ମନୋବଳ ଖୁବ୍ ଟାଣ ରହିବ, ମାତ୍ର ନିଜ ଜିଦ୍‌ରେ ଅଟଳ ରହିପାରନ୍ତି। ସମସ୍ୟା ସମାଧାନ କ୍ଷେତ୍ରରେ ନିକଟ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ସଫଳତା ହାସଲ କରିବାର ସମ୍ଭାବନା ରହିଛି।

**ବୃଷ** ଧନ ସ୍ଥାନସ୍ଥ ଗ୍ରହମାନଙ୍କ ପ୍ରଭାବରୁ ଅର୍ଥନୈତିକ ଅଭିବୃଦ୍ଧି ସକାଶେ ଯୋଜନା କରିପାରନ୍ତି। ଅନ୍ୟମାନଙ୍କ ଦ୍ୱାରା ପ୍ରରୋଚିତ ହୋଇ ଭୁଲ୍ ନିଷ୍ପତ୍ତି ନେଇ ସମାଲୋଚିତ ହୋଇପାରନ୍ତି। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ନ ରହିବାରୁ କାମ ହାସଲରେ ଅନ୍ତରାୟ ସୃଷ୍ଟି କରିବ। ଶୁକ୍ରଙ୍କ ପ୍ରଭାବରୁ ବିଳାସପ୍ରିୟ ଓ ଭ୍ରମଣ ଇଚ୍ଛା ଜାଗ୍ରତ ହେବ।

**ମିଥୁନ** ବୁଧଗ୍ରହ ମଙ୍ଗଳଙ୍କ ନକ୍ଷତ୍ରରେ ଥିବାରୁ ଟିକିଏ କଥାରେ ରାଗି ପରିସ୍ଥିତିକୁ ବିଗାଡି ଦେଇ ପାରନ୍ତି। ଆଜି ବନ୍ଧୁଙ୍କ ସହ ଫଳପ୍ରଦ ଆଲୋଚନା କରି ଆଶ୍ୱସ୍ତି ଲାଭ କରିବେ। ବିବାଦୀୟ ଘଟଣାରେ ନୀରବତା ଅବଲମ୍ବନ କରିବା ଭଲ। ସମ୍ପର୍କ ସ୍ଥାପନ କ୍ଷେତ୍ରରେ, ଚୁକ୍ତିପତ୍ରରେ, ବୈବାହିକ ସମ୍ପର୍କୀୟ ନିଷ୍ପତ୍ତିରେ ମଉଳି ଯାଇଥିବା ଆଶା ପୁଣି କଅଁଳି ଉଠିବ।

**କର୍କଟ** ଚନ୍ଦ୍ରଙ୍କ ପ୍ରତି ମଙ୍ଗଳଙ୍କ ଦୃଷ୍ଟିରୁ ଆଜି ଅନ୍ୟମାନଙ୍କ କାର୍ଯ୍ୟ ହାସଲ ସକାଶେ ନିଜକୁ ସମର୍ପିତ କରି ପ୍ରଶଂସିତ ହେବେ। ସହକର୍ମୀ ଓ ବନ୍ଧୁଙ୍କଠାରୁ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବଢ଼ିବ। ସାହିତ୍ୟ, ସଙ୍ଗୀତ ଓ ସାମ୍ବାଦିକତା କ୍ଷେତ୍ରରେ ସମସ୍ୟା ଦୂର ହେବ। କରଜଦାତାଙ୍କ ଚାପରେ ଋଣ ପରିଶୋଧ କରିବାକୁ ବ୍ୟଗ୍ରତା ବୃଦ୍ଧି ପାଇବ।

**ସିଂହ** ଅନୁକୂଳ ଗ୍ରହସ୍ଥିତିରୁ ଆଜି ଯେଉଁ କାମରେ ହାତଦେବେ ସଫଳତା ପାଇବେ। ଆତ୍ମୀୟଙ୍କ ସକାଶେ ଦାନର ପ୍ରତିଦାନ ନ ପାଇ ଅନୁଶୋଚନା କରିପାରନ୍ତି। କର୍ମକ୍ଷେତ୍ରରେ ନିଜ ସହକର୍ମୀମାନଙ୍କ ସହ ଭୁଲ୍ ବୁଝାମଣାଜନିତ ଦ୍ୱନ୍ଦ୍ୱରେ ପଡି ପାରନ୍ତି। ଭ୍ରମଣ ରାଜନୀତି, ସଂଗଠନ, ପ୍ରକାଶନ ଓ ପ୍ରଶାସନ ପାଇଁ ଦିନଟି ବହୁତ ଭଲ।

**କନ୍ୟା** ଆଜି ଆର୍ଥିକ ଦିଗଟି ବହୁତ ଭଲ ରହିବ ଏବଂ କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ପ୍ରଶଂସିତ ହେବେ। କର୍ମସ୍ଥ ଶୁକ୍ରଙ୍କ ସ୍ଥିତି କାରଣରୁ ଶ୍ରୁତିରୋଚକ କଥା କହିଲେ ମଧ୍ୟ ବନ୍ଧୁଙ୍କୁ ତାହା ସୁହାଇ ନ ପାରେ। ସାୟାହ୍ନେ ଗୁରୁପାକ ଦ୍ରବ୍ୟ ଭୋଜନରୁ ଆମାଶୟ ଦେଖା ଦେଇପାରେ। ରାଶିରେ କେତୁଙ୍କ କୁପ୍ରଭାବରୁ କ୍ରନିକ୍ ରୋଗ କଷ୍ଟ ପାଇବେ।

**ତୁଳା** ରାଶିରେ ଚନ୍ଦ୍ର ଥିବାରୁ ମନ ପ୍ରଫୁଲ୍ଲ ରହିବ। ଶନିଙ୍କ ଶୁଭ ସଂସ୍ଥାନରୁ ପୂର୍ବ ପରିକଳ୍ପିତ ଯୋଜନାକୁ ବାସ୍ତବ ରୂପ ଦେବାରେ ସମର୍ଥ ହୋଇପାରିବେ। ଭଲ ସମ୍ପର୍କ ନ ଥିବା ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ନୀଚ୍ଚଜାତି ବିଶେଷଙ୍କ ଦ୍ୱାରା ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ, ଏଣୁ ସତର୍କ ରହିବା ଭଲ।

**ବିଛା** ମଙ୍ଗଳ ଓ ଶନିଙ୍କ ସଂସ୍ଥିତିଜନିତ ସ୍ୱାସ୍ଥ୍ୟ ଓ ପାରିବାରିକ ପରିସ୍ଥିତି ସ୍ୱାଭାବିକ ରହିବ। କର୍ମକ୍ଷେତ୍ରରେ ଯେତେ ସମସ୍ୟା ଆସୁନା କାହିଁକି ନିଜକୁ ନିୟନ୍ତ୍ରଣରେ ରଖିବାରେ ସମର୍ଥ ହେବେ। ସଭାସମିତି, ଆନୁଷ୍ଠାନିକ କାମରେ ସମ୍ମାନ ଲାଭ କରିବେ। ଖଚୁଆ, ମିଛୁଆଙ୍କ ପ୍ରରୋଚନାରେ ଉଚ୍ଚ ପଦସ୍ଥ ବ୍ୟକ୍ତିଙ୍କ ରୋଷର ଶିକାର ହୋଇପାରନ୍ତି।

**ଧନୁ** ଗୁରୁଙ୍କ କୃପାରୁ ସମସ୍ୟା ଅପସରି ଯାଇ ମନୋବଳ ବୃଦ୍ଧି ପାଇବ। ଆପୋସ ଆଲୋଚନାରୁ ପାରିବାରିକ ସମସ୍ୟାର ସମାଧାନ ହେବ। କର୍ମକ୍ଷେତ୍ରରେ ଆଳସ୍ୟ ଓ ଅବହେଳାଜନିତ କାର୍ଯ୍ୟ ସମ୍ପାଦନରେ ଅନିୟମିତତା ହେତୁକ କୈଫିୟତ ଦେବାକୁ ପଡିପାରେ। ନିଜ ସ୍ୱାର୍ଥକୁ ଅଗ୍ରାଧିକାର ଦେଇ ଅନ୍ୟମାନଙ୍କୁ ନଜରହୀନ କରି ସମାଲୋଚିତ ହେବେ।

**ମକର** ସ୍ୱାସ୍ଥ୍ୟ ସମସ୍ୟା ଗୁରୁତର ହେବ ନାହିଁ, ମାତ୍ର ଶତ୍ରୁକ୍ଷେତ୍ରସ୍ଥ ଚନ୍ଦ୍ର ହେତୁ ମନସ୍ତାପରେ ରହିବେ। କାମ ମନ୍ଥର ଗତିରେ ଚାଲିବା ହେତୁ କ୍ଷୋଭ ପ୍ରକାଶ କରିପାରନ୍ତି। ସମ୍ପର୍କୀୟମାନେ ମୁହଁରେ ମିଠାକଥା କହି ପଛରେ ଖାଲରେ ପକାଇବାକୁ ଚେଷ୍ଟା କରିପାରନ୍ତି। ଗୃହକାର୍ଯ୍ୟ ଶେଷ ପୂର୍ବରୁ ସମସ୍ୟା ଦେଖାଦେଇପାରେ।

**କୁମ୍ଭ** କେନ୍ଦ୍ରସ୍ଥ ବୃହସ୍ପତି ଚନ୍ଦ୍ରଙ୍କ ଅଷ୍ଟମସ୍ଥ ଯୋଗୁ ଅନିଶ୍ଚିତତା ପଛରେ ଆପଣଙ୍କୁ ଗୋଡାଇବାକୁ ପଡିପାରେ। ସାବଧାନତା ସହକାରେ କାମ ନ କଲେ ପରଉପରେ ନିର୍ଭର କରି ପଶ୍ଚାନ୍ତେ ଅନୁତପ୍ତ ହେବେ। କର୍ମକ୍ଷେତ୍ରରେ ଔଚିତ୍ୟପୂର୍ଣ୍ଣ କଥା କହି ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ସମର୍ଥ ହେବେ। ପଡୋଶୀଙ୍କ ସହ ଭୁଲ୍ ବୁଝାମଣା ହେତୁ ଚିନ୍ତିତ ରହିପାରନ୍ତି।

**ମୀନ** ଆପଣଙ୍କ କୃତି ଓ କୃତିତ୍ୱ କାରଣରୁ ବନ୍ଧୁବର୍ଗମାନେ ଆପଣଙ୍କୁ ନେଇ ଗର୍ବ ଅନୁଭବ କରିବେ। ସାମାଜିକ ସ୍ତରରେ ତଥା ଆନୁଷ୍ଠାନିକ କାମରୁ କିମ୍ବା ଶୁଭେଚ୍ଛୁଙ୍କ ନିକଟରୁ ବସ୍ତ୍ରଭୂଷଣ ପ୍ରାପ୍ତି ଯୋଗ ରହିଛି। ଶିଳ୍ପ, ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। ସାମ୍ବାଦିକତା, କ୍ରୀଡା, ଚଳଚ୍ଚିତ୍ର, ମନୋରଞ୍ଜନ କାର୍ଯ୍ୟକ୍ରମରେ ସନ୍ତୋଷ ଲାଭ କରିବେ।

ଆଜି ଜୁନ୍ ୧୭ ତାରିଖ, ବସୁମତୀ ସ୍ନାନ, ଇଦ୍–ଉଲ୍–ଜୁହା, ବକ୍ରିଦ୍, ହଜ୍‌ଶେଷ, ଜ୍ୟେଷ୍ଠ ଶୁକ୍ଳ ଏକାଦଶୀ ସୋମବାର, ରାଶିନକ୍ଷତ୍ର–ଚିତ୍ରା/ତୁଳା, ଦିବା ଘ. ୦୧।୨୯ ଗତେ, ସ୍ୱାତୀନକ୍ଷତ୍ର, ସକାଳ ଘ.୦୮।୪୨ ଗତେ, ଘ.୧୦।୨୮ ମଧ୍ୟେ ଶୁଦ୍ଧ ଶୁଭ ବେଳା। ସକାଳ ଘ.୦୬।୫୦ ଗତେ, ଘ.୦୮।୨୯ ମଧ୍ୟେ ରାହୁକାଳ।

# ପ୍ରଥମ ପୃଷ୍ଠାରୁ...

## ସନ୍ଦେହ ଘେରରେ ...

ସମ୍ପର୍କରେ ଏକ୍ସ’ରେ ଉଲ୍ଲେଖ କରିଥିଲେ। ଏହା ପରେ ଟେସ୍‌ଲା ସିଇଓ ଏଲନ୍ ମସ୍କ ଇଭିଏମ୍‌ର ବିଶ୍ୱସନୀୟତା ଉପରେ ପ୍ରଶ୍ନ ଉଠାଇଛନ୍ତି। ଭାରତରେ ଲୋକ ସଭା ନିର୍ବାଚନ ଫଳ ପ୍ରକାଶ ପାଇବାର ୧୧ ଦିନ ପରେ ମସ୍କଙ୍କ ମନ୍ତବ୍ୟକୁ ବିରୋଧୀ ଦଳର ନେତାମାନେ ଶେୟାର କରିବାରେ ଲାଗିଥିବାବେଳେ ଭାଜପା ନେତା ତଥା ମୋଦି ୨.୦ରେ ଆଇଟି ମନ୍ତ୍ରୀ ଥିବା ରାଜୀବ ଚନ୍ଦ୍ରଶେଖର ଏହାକୁ ଖଣ୍ଡନ କରିଛନ୍ତି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାଜୀବ କହିଛନ୍ତି, କେତେକ ନିର୍ଦ୍ଦିଷ୍ଟ ଘଟଣାରୁ ସାଧାରଣ ସିଦ୍ଧାନ୍ତରେ ଉପନୀତ ହେବା ଅନୁଚିତ। ମସ୍କ ଯାହା କହିଛନ୍ତି ତାହା କେବଳ ଆମେରିକା ଓ ଅନ୍ୟ ଦେଶରେ ପ୍ରଯୁଜ୍ୟ, ଯେଉଁଠିରେ ରେଗୁଲାର କମ୍ପ୍ୟୁଟର ପ୍ଲାଟଫର୍ମ ଦ୍ୱାରା ନିର୍ମିତ ଇଣ୍ଟରନେଟ୍ କନେକ୍ଟେଡ୍ ଇଭିଏମ୍ ତିଆରି କରାଯାଇଥାଏ। ଭାରତରେ ଇଭିଏମ୍ ସୁରକ୍ଷିତ। କୌଣସି ନେଟ୍‌ୱର୍କ ସହ ଏହାର ସଂଯୋଗ ନାହିଁ। ଏଥିରେ କୌଣସି କନେକ୍ଟିଭିଟି, ବ୍ଲୁଟୁଥ, ୱାଇଫାଇ, ଇଣ୍ଟରନେଟ୍ ନାହିଁ। ଆମେ ମସ୍କଙ୍କୁ ଇଭିଏମ୍ ଉପରେ ଉପଯୁକ୍ତ ଶିକ୍ଷା ଦେଇପାରିବୁ ବୋଲି ରାଜୀବ କହିଛନ୍ତି। ଏହା ଉପରେ ମସ୍କ କହିଛନ୍ତି, ଯେକୌଣସି ବୈଦ୍ୟୁତିକ ଉପକରଣକୁ ହ୍ୟାକ୍ କରାଯାଇପାରିବ। କଂଗ୍ରେସ ନେତା ରାହୁଲ ଗାନ୍ଧୀ ମସ୍କଙ୍କ ମନ୍ତବ୍ୟକୁ ସମର୍ଥନ କରି କହିଛନ୍ତି, ଭାରତରେ ଇଭିଏମ୍‌ଗୁଡ଼ିକ ଏକ ବ୍ଲାକ୍ ବକ୍ସ (ରହସ୍ୟ)। ଏହାକୁ ଯାଞ୍ଚ କରିବା ପାଇଁ ଦେଶରେ କାହାକୁ ଅନୁମତି ଦିଆଯାଇ ନ ଥାଏ। ଶିବସେନା ୟୁବିଟି ପ୍ରାର୍ଥୀଙ୍କଠାରୁ ୪୮ ଭୋଟରେ ଜିତିଥିବା ରବୀନ୍ଦ୍ର ୱାଇକରଙ୍କ ଶାଳକ ମଙ୍ଗେଶ ପାଣ୍ଡିଲ୍‌କରଙ୍କ ଇଭିଏମ୍ ଜାଲିଆତି ଏବଂ ମସ୍କଙ୍କ ପୋଷ୍ଟକୁ ଶେୟାର କରି ରାହୁଲ ଆହୁରି କହିଛନ୍ତି, ଆମ ନିର୍ବାଚନୀ ପ୍ରକ୍ରିୟାର ସ୍ୱଚ୍ଛତା ଉପରେ ଗମ୍ଭୀର ଚିନ୍ତା ପ୍ରକଟ କରାଯାଉଛି। ସାମ୍ବିଧାନିକ ସଂସ୍ଥାଗୁଡ଼ିକର ଉତ୍ତରଦାୟିତ୍ୱ ନ ରହିଲେ ଗଣତନ୍ତ୍ର ପ୍ରହସନ ପାଲଟିଯାଏ ଏବଂ ଫୋନ୍ ଜରିଆରେ ଜାଲିଆତି କରାଯାଇଥାଏ। ସେହିପରି ସମାଜବାଦୀ ପାର୍ଟି (ଏସ୍‌ପି) ଅଧ୍ୟକ୍ଷ ଅଖିଳେଶ ଯାଦବ ମଧ୍ୟ ମସ୍କଙ୍କ ପୋଷ୍ଟକୁ ଶେୟାର କରିଛନ୍ତି। ଅଖିଳେଶ କହିଛନ୍ତି, ଟେକ୍ନୋଲୋଜି ସମସ୍ୟାଗୁଡ଼ିକୁ ଦୂର କରିଥାଏ। ଯଦି ତାହା ସମସ୍ୟା ସୃଷ୍ଟି କରେ ତେବେ ତାକୁ ହଟାଇ ଦିଆଯିବା ଉଚିତ। ସାରା ବିଶ୍ୱରେ ଇଭିଏମ୍ ଟ୍ୟାମ୍ପରିଂକୁ ନେଇ ପ୍ରଶ୍ନ ଉଠୁଥିବାବେଳେ ଜଣାଶୁଣା କାରିଗରି ବିଶେଷଜ୍ଞମାନେ ଏହାର ବିପଜ୍ଜନକ ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛନ୍ତି। ଭାଜପା ଇଭିଏମ୍‌କୁ କାହିଁକି ଏତେ ଜୋର୍ ଦେଉଛି ଏହାର ନେତାମାନେ ସ୍ପଷ୍ଟ କରନ୍ତୁ। ଆଗାମୀ ନିର୍ବାଚନଗୁଡ଼ିକରେ ଇଭିଏମ୍ ପରିବର୍ତ୍ତେ ପୂର୍ବଭଳି ବାଲଟ୍ ପେପର ପଦ୍ଧତି ଆପଣାଯାଉ ବୋଲି ଅଖିଳେଶ ଦାବି କରିଛନ୍ତି।

## ମୋବାଇଲରେ ଇଭିଏମ୍ ...

ଫୋନ୍ ନେଇଥିଲେ। ସେଥିରେ ସେ ୱାନ୍ ଟାଇମ୍ ପାସୱାର୍ଡ (ଓଟିପି) ବାହାର କରି ଇଭିଏମ୍‌କୁ ଖୋଲିଥିଲେ। ମଙ୍ଗେଶ ଇଭିଏମ୍‌ରେ ମତଦାନ ଏପଟସେପଟ କରିବାରୁ ତାଙ୍କ ଭିଣୋଇ ୪୮ ଭୋଟ ବ୍ୟବଧାନରେ ଜିତିପାରିଥିବା ଅଭିଯୋଗ ହୋଇଛି। ପୋଲିସ ମଙ୍ଗେଶଙ୍କ ବିରୋଧରେ ମାମଲା ରୁଜୁ କରିଛି। ଏଥିସହ ତାଙ୍କୁ ମୋବାଇଲ ଫୋନ୍ ଦେଇଥିବା ନିର୍ବାଚନ ଅଧିକାରୀ ଦୀନେଶ ଗୌରବଙ୍କ ବିରୋଧରେ ମଧ୍ୟ ମାମଲା ହୋଇଛି। ଉକ୍ତ ଫୋନକୁ ଜବତ କରାଯାଇଛି। ଗଣତି ଦିନ ମଙ୍ଗେଶ ସକାଳରୁ ଅପରାହ୍ନ ୪ଟା ୩୦ ପର୍ଯ୍ୟନ୍ତ ନିର୍ବାଚନ ଅଧିକାରୀଙ୍କ ଫୋନ୍‌କୁ ବ୍ୟବହାର କରିଥିବା ବିଷୟ ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ଏହାର ସମସ୍ତ କଲ୍ ରେକର୍ଡକୁ ବର୍ତ୍ତମାନ ଯାଞ୍ଚ କରାଯାଉଛି। ଶିବସେନା ୟୁବିଟି ରାଜ୍ୟ ସଭା ସଦସ୍ୟା ପ୍ରିୟଙ୍କା ଚତୁର୍ବେଦୀ କହିଛନ୍ତି, ଏହା ସର୍ବୋଚ୍ଚ ସ୍ତରରେ ହୋଇଥିବା ଏକ ଜାଲିଆତି। କିନ୍ତୁ ଭାରତର ନିର୍ବାଚନ କମିଶନ ଏଯାଏ ଶୋଇଛନ୍ତି। ସେହିପରି ଭୋଟ ଗଣତି ବେଳର ସିସିଟିଭି ଫୁଟେଜ୍ ଜାରି କରିବା ସାହସ ନିର୍ବାଚନ କମିଶନଙ୍କ ନାହିଁ ବୋଲି ଉଦ୍ଧବଙ୍କ ପୁଅ ତଥା ପୂର୍ବତନ ମନ୍ତ୍ରୀ ଆଦିତ୍ୟ ଠାକ୍‌ରେ ସମାଲୋଚନା କରିଛନ୍ତି। ଅନ୍ୟପକ୍ଷେ ରିଟର୍ନିଂ ଅଫିସର ବନ୍ଦନା ସୂର୍ଯ୍ୟବଂଶୀ ଅଭିଯୋଗକୁ ଖଣ୍ଡନ କରି କହିଛନ୍ତି, ବୈଷୟିକ ଦୃଷ୍ଟିରୁ ଇଭିଏମ୍ ଏକ ସମ୍ପୂର୍ଣ୍ଣ ସୁରକ୍ଷିତ ଉପକରଣ। ଇଭିଏମ୍ ଖୋଲିବା ପାଇଁ ଓଟିପି ଆବଶ୍ୟକ ପଡ଼େନାହିଁ। ଏକ ନିର୍ଦ୍ଦିଷ୍ଟ ଖବରକାଗଜ ଏହି ମିଛ ବିସ୍ତାର କରିବାରେ ଲାଗିଛି ବୋଲି ବନ୍ଦନା କହିଛନ୍ତି।

## ଆଗଉନି ମୌସୁମୀ, ...

ନ ହେଉ ନ ଥିବାରୁ ମୌସୁମୀ ଆଉ ଆଗକୁ ଆଗେଇ ପାରୁନଥିବା ପାଣିପାଗ ବିଭାଗ ଆକଳନ କରିଛି। ମାଲକାନଗିରି, ରାୟଗଡ଼ା ଜିଲାର ବିଭିନ୍ନ ସ୍ଥାନରେ ଏବେ ବର୍ଷା ହେଉଥିବାବେଳେ ପଶ୍ଚିମ ଏବଂ ଉପକୂଳ ଓଡ଼ିଶାରେ ଅତ୍ୟଧିକ ତାପମାତ୍ରା ଓ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଉଛି। ଯଦିଓ ପଶ୍ଚିମ ଓଡ଼ିଶା, ଉପକୂଳ ଓଡ଼ିଶା ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ବର୍ଷା ହେଉଛି, କିନ୍ତୁ ତାହା ସମୁଦ୍ରକୁ ଶଙ୍ଖେ ସଦୃଶ। ସକାଳ ୮ଟାରେ ଘରୁ ବାହାରିବା ମୁସ୍କିଲ ହୋଇପଡୁଛି, ଦେହରୁ ଝାଳ ବୋହିବା ବନ୍ଦ ହେଉନାହିଁ। ୨୦ ତାରିଖ ପର୍ଯ୍ୟନ୍ତ ଏହିଭଳି ପାଗ ରହିବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଅନ୍ୟପକ୍ଷରେ ରବିବାର ନୂଆପଡ଼ାରେ ସର୍ବାଧିକ ୪୩ ଡିଗ୍ରୀ ସେଲ୍‌ସିୟସ ତାପମାତ୍ରା ରେକର୍ଡ କରାଯାଇଛି। ସେହିଭଳି ବୌଦ୍ଧ ୪୨, ଭୁବନେଶ୍ୱର ୪୦.୮, ନୟାଗଡ଼ ୪୦.୭, ପାରଳାଖେମୁଣ୍ଡି ୪୦.୭, ଖୋର୍ଦ୍ଧା ୪୦.୫, ଜଗତସିଂହପୁର ୪୦.୩ ଏବଂ ଅନୁଗୋଳରେ ୪୦.୧ ଡିଗ୍ରୀ ସେଲ୍‌ସିୟସ ତାପମାତ୍ରା ରହିଥିବା ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ସୋମବାରଠାରୁ ଗ୍ରୀଷ୍ମ ପ୍ରବାହ କମିବାକୁ ଥିବାବେଳେ ଗୁଳୁଗୁଳି କିନ୍ତୁ ଆସନ୍ତା ତିନିଦିନ ପର୍ଯ୍ୟନ୍ତ ଲାଗିରହିବ। ଏଥିପାଇଁ ବିଭିନ୍ନ ଜିଲାକୁ ସତର୍କ ରହିବା ଲାଗି ପରାମର୍ଶ ଦିଆଯାଇଛି। ସୋମବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ନୟାଗଡ଼, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ଗଞ୍ଜାମ ଓ ଗଜପତି ଜିଲାକୁ ଉଷ୍ମ ଆର୍ଦ୍ର ପାଣିପାଗ ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ଆସନ୍ତା ୫ଦିନ ପର୍ଯ୍ୟନ୍ତ କାଳବୈଶାଖୀ ବର୍ଷା ହେବାର ସମ୍ଭାବନା ଥିବାବେଳେ ୨୦ତାରିଖରେ ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। ୨୦ରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର ଓ ବରଗଡ଼ର କିଛି ଅଞ୍ଚଳରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଥିବାବେଳେ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

## ପୁନର୍ବାର ମମିତା...

ଦଣ୍ଡବିଧାନ କରାଯିବ ସେ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ମମିତାଙ୍କ ମାତାପିତା ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାର ଯେଉଁ ଇଚ୍ଛା ଜାହିର କରିଛନ୍ତି ତାକୁ ମଧ୍ୟ ପୂରଣ କରିବା ଦିଗରେ ସେ ଚେଷ୍ଟା କରିବେ ଏବଂ ସିବିଆଇ ତଦନ୍ତ ଦାବି ବିଷୟରେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇବେ ବୋଲି ବିଧାୟକ ବାଗ ଗଣମାଧ୍ୟମକୁ କହିଛନ୍ତି। ୨୦୨୧ ଅକ୍ଟୋବର ୮ ତାରିଖରେ ବଲାଙ୍ଗୀର ଜିଲା ତୁରେକେଲା ଥାନା ଝରଣୀରୁ ମମିତା ମେହେର କଳାହାଣ୍ଡି ଜିଲା ମହାଲିଙ୍ଗ ଅଭିମୁଖେ ବାହାରିଥିଲେ। ମହାଲିଙ୍ଗସ୍ଥିତ ସନ୍‌ସାଇନ୍ ପବ୍ଲିକ୍ ସ୍କୁଲରେ ମମିତା ଅଧକ୍ଷାଭାବେ କାର୍ଯ୍ୟ କରୁଥିଲେ। ଝରଣୀରୁ ମହାଲିଙ୍ଗ ଯିବା ବାଟରେ ସେ ନିଖୋଜ ହୋଇଯାଇଥିଲେ। ଏନେଇ ମମିତାଙ୍କ ପରିବାର ଲୋକ ଅକ୍ଟୋବର ୧୩ ତାରିଖରେ ସିନ୍ଧେକେଲା ଥାନାରେ ଝିଅର ନିଖୋଜ ସମ୍ପର୍କରେ ଏତଲା ଦେଇଥିଲେ। ଏହାର ୨ ଦିନ ପରେ ସିନ୍ଧେକେଲା ପୋଲିସ ମହାଲିଙ୍ଗରୁ ସନ୍‌ସାଇନ ପବ୍ଲିକ୍ ସ୍କୁଲ ପରିଚାଳନା କମିଟି ସଭାପତି ଗୋବିନ୍ଦ ସାହୁଙ୍କୁ ଗିରଫ କରିଥିଲା। ଏହାପରେ ପୋଲିସ ମହାଲିଙ୍ଗ ଗାଁର ଏକ ନିର୍ମାଣାଧୀନ ଷ୍ଟାଡିୟମରୁ ଅସ୍ଥିକଙ୍କାଳ, ବିଭିନ୍ନ ସାମଗ୍ରୀ ବାହାରିଥିଲା। ଫୋରେନସିକ୍ ଯାଞ୍ଚ ପରେ ଏହା ମମିତାଙ୍କର ବୋଲି ଜଣାପଡିଥିଲା। ମମିତାଙ୍କୁ ଗୋବିନ୍ଦ ତାଙ୍କ ନିଜ କାରରେ ହତ୍ୟା କରିବା ପରେ ଏହି ଷ୍ଟାଡିୟମରେ ପୋଡି ପୋତି ଦେଇଥିବା ତଦନ୍ତକାରୀ ପୋଲିସ ଟିମ୍ କହିଥିଲା। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କୁ ପୋଲିସ ଗିରଫ କରିଥିଲା। ମମିତା ମେହେର ହତ୍ୟା ଘଟଣାରେ ତତ୍କାଳୀନ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ନାଁରେ ମମିତାଙ୍କ ପିତା ଅଭିଯୋଗ ଆଣିଥିଲେ ହେଁ ପରେ ସେଥିରୁ ଓହରି ଯାଇଥିଲେ। ୨୦୨୨ ଡିସେମ୍ବର ୨୦ରେ କଣ୍ଟାବାଞ୍ଜି ଉପକାରାଗାରରେ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ତାଙ୍କ ମୃତ୍ୟୁ ପରେ ମମିତା ହତ୍ୟା ଘଟଣା ଫିକା ପଡିଯାଇଥିଲା।

## ବିଜେଡି: ବିରୋଧୀ ...

କେତେଜଣ ଶ୍ରଦ୍ଧାଳୁଙ୍କ କହିବାନୁଯାୟୀ ୪ ଦ୍ୱାର ଖୋଲାଯିବା ପରେ ସମସ୍ୟା ସୃଷ୍ଟି ହେଉଥିବା ଲକ୍ଷ୍ୟ କରାଯାଉଛି। ତଥାପି ବିଜେଡି ସରକାରରେ ଥିବାବେଳେ କାହିଁକି ୪ ଦ୍ୱାର ଖୋଲି ନ ଥିଲା କିମ୍ବା ଭାଜପା ସରକାରର ନିଷ୍ପତ୍ତିରେ ସମସ୍ୟା ସୃଷ୍ଟି ହେବା ସତ୍ତ୍ୱେ ସେକଥା ମଧ୍ୟ ବିଜେଡିର ନେତାମାନେ କହୁନାହାନ୍ତି। କୁହାଯାଉଛି, ବିଜେଡି ଏହିଭଳି ନୀରବ ରହି ଲୋକମାନେ କେତେବେଳେ ଭାଜପା ସରକାର ବିରୋଧରେ ପାଟି ଖୋଲୁଛନ୍ତି ସେଯାଏ ଅପେକ୍ଷା କରିବ। ତା’ପରେ ବିଜେଡି ନେତାମାନେ ଭାଜପା ସରକାର ବିରୋଧରେ ମୁହଁ ଖୋଲିବେ ବୋଲି ଶୁଣିବାକୁ ମିଳୁଛି।

ଅନ୍ୟପଟେ ବିଜେଡି ନେତାମାନଙ୍କୁ ଏବେ ଇଡି, ସିବିଆଇର ଡର ପଶିଯାଇଛି। ଭାଜପା ସରକାର ରାଜ୍ୟରେ ଇଡି, ସିବିଆଇର ଦୁରୁପଯୋଗ କରି ବହୁ ନେତାଙ୍କୁ ବାନ୍ଧିପାରେ ବୋଲି ଭାବି ଅନେକ ବିଜେଡି ନେତା ଚୁପ୍ ବସୁଛନ୍ତି। ଏପରି ସ୍ଥିତିରେ କିଛି ସମୟ ଗଡ଼ିଯିବା ପରେ ପୁଣିଥରେ ପାଣ୍ଡିଆନ ଏବଂ ପ୍ରଣବ ପ୍ରକାଶ ଦାସ(ବବି)ଙ୍କ ଗୋଷ୍ଠୀ ଦଳ ଭିତରେ ସକ୍ରିୟ ହୋଇ ଆଗକୁ ନେତୃତ୍ୱ ହାତେଇବାକୁ ଲକ୍ଷ୍ୟ ରଖିଛନ୍ତି ବୋଲି ଦଳୀୟ କର୍ମୀଙ୍କ ଭିତରେ ଆଲୋଚନା ହେଉଛି। ପୁରୀ ଜିଲାର ଅନେକ ବିଜେଡି ସମର୍ଥକ କହୁଛନ୍ତି, ପାଣ୍ଡିଆନ ଏବଂ ବବିଙ୍କ ପାଇଁ ଦଳ ବର୍ତ୍ତମାନ ରସାତଳଗାମୀ ହୋଇଛି। ତେଣୁ ଆଗକୁ ଯଦି ସେମାନଙ୍କ ଦ୍ୱାରା ଦଳ ପରିଚାଳନା କରାଯାଏ, ଆମେ କଂଗ୍ରେସକୁ ଭୋଟ୍ ଦେବୁ ପଛେ ନବୀନଙ୍କୁ ଦେବୁ ନାହିଁ।

ଅନ୍ୟପଟେ ବିଜେଡି ନେତା ସଞ୍ଜୟ ଦାସ ବର୍ମା କହିଛନ୍ତି, ବିଜେଡି ଏକ ଆଞ୍ଚଳିକ ଦଳ ଭାବେ ଲମ୍ବା ସମୟ ଧରି କ୍ଷମତାରେ ରହିବା ଯୋଗୁ ଲୋକମାନଙ୍କ ଆଶା ଆକାଂକ୍ଷା ବହୁମାତ୍ରାରେ ବଢ଼ିଗଲା। ଏହାକୁ ଫଳପ୍ରଦ କରିବାରେ ବୋଧହୁଏ ଆମେ ସକ୍ଷମ ହୋଇପାରିଲୁ ନାହିଁ। ଦଳ ଭିତରେ ଗଣତନ୍ତ୍ରର ଅଭାବ ଏବଂ ଠିକ୍ ଭୁଲ୍‌ର ବିଚାର କରିବା ମାନସିକତା ନ ରଖି ଷଷ୍ଠ ଥର ଲାଗି ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ କରିବାର ନ୍ୟାରେଟିଭ ଯୋଗୁ ସରକାର କରିବାରେ ଦଳ ବିଫଳ ହେଲା। ସରକାର ଏବଂ ସଙ୍ଗଠନ ମଧ୍ୟରେ ମଧ୍ୟ ସମନ୍ୱୟର ଅଭାବ ରହିଲା। ନେତୃତ୍ୱ ପ୍ରତି ସମ୍ମାନବୋଧ ଏକ ସଙ୍କଟଜନକ ସ୍ଥିତିକୁ ନେଇଯାଉଛି ଏକଥା ବୁଝିବା ବେଳକୁ ସବୁଶେଷ ହୋଇଯାଇଥିଲା। ଦଳର ଶୀର୍ଷ ନେତୃତ୍ୱ ଓଡ଼ିଶାରେ ନବୀନ ଏବଂ ଭାରତ ବର୍ଷରେ ମୋଦି ସରକାର ହେବ ବୋଲି ଯେଉଁ ମନ୍ତବ୍ୟ ଦେଲେ, ବିଜେଡିକୁ ସେଥିଲାଗି ବିଶେଷ କ୍ଷତି ସହିବାକୁ ପଡ଼ିଲା। ଯେହେତୁ ରାଜ୍ୟବାସୀ ଗୋଟିଏ ନୂଆ ସରକାର ଉପରେ ଆସ୍ଥା ପ୍ରକଟ କରିଛନ୍ତି, ଏଭଳି ସମୟରେ କୌଣସି ମନ୍ତବ୍ୟ ଦେବା ଠିକ୍ ନୁହେଁ। ହେଲେ ଭାଜପା ସରକାରକୁ ଆସିବା ପୂର୍ବରୁ ନିର୍ବାଚନୀ ଇସ୍ତାହାରରେ ଯାହା ପ୍ରତିଶ୍ରୁତି ଦେଇଛି ତାକୁ ଶତ ପ୍ରତିଶତ ପୂରଣ କରୁ। ଓଡ଼ିଶାବାସୀଙ୍କ ସ୍ୱାର୍ଥ ପାଇଁ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ସଞ୍ଜୟ କହିଛନ୍ତି।

ନୟାଗଡ଼ ବିଧାୟକ ଅରୁଣ ସାହୁ କହିଛନ୍ତି ଯେ, ଦଳର ବରିଷ୍ଠ ନେତାମାନଙ୍କୁ ନେଇ ଏକ କମିଟି ଗଠନ କରାଯାଉଛି। ଉକ୍ତ କମିଟି ଦଳର ବିପର୍ଯ୍ୟୟର କାରଣ ସମ୍ପର୍କରେ ତର୍ଜମା କରିବା ପରେ ଖୁବଶୀଘ୍ର ରାଜ୍ୟର ଜନତାଙ୍କୁ ସବୁ ଜଣାଇ ଦିଆଯିବ। କିନ୍ତୁ ବ୍ୟକ୍ତିଗତ ଭାବେ କହିବାକୁ ଗଲେ ୩ଟି କାରଣ ପାଇଁ ଦଳର ବିଜୟ ଓ ପରାଜୟ ନିର୍ଭର କରେ। ଅରୁଣଙ୍କୁ ବିପର୍ଯ୍ୟୟର କାରଣ ଭାବେ ପାଣ୍ଡିଆନଙ୍କ ସମ୍ପର୍କରେ ପଚାରିବାରୁ କୌଣସି ମତାମତ ମିଳିଲା ନାହିଁ। ସେଥିପାଇଁ ୩ଟି କାରଣ କ’ଣ ସ୍ପଷ୍ଟ ବୁଝାପଡ଼ିଲା ନାହିଁ। ତେଣୁ ବିପର୍ଯ୍ୟୟର କାରଣ ତର୍ଜମା ପରେ ଯାହା କିଛି ନିଷ୍ପତ୍ତି ନିଆଯାଇପାରିବ କି, କେଉଁ କାରଣରୁ ଦଳର କ୍ଷତି ହେଲା ଏବଂ ଆଗକୁ କ’ଣ କରାଯିବ। ଦୀର୍ଘଦିନ ହେଲା ବିଜେଡି ଶାସନ କ୍ଷମତାରେ ରହିଥିଲା, ତେଣୁ ବିରୋଧୀ ଦଳକୁ ଆସି କେଉଁ ପଦକ୍ଷେପ ନେବାକୁ ପଡ଼ିବ ସେନେଇ ଅଭିଜ୍ଞତା ନାହିଁ। ପ୍ରଥମେ ଆମକୁ ଶିଖିବାକୁ ପଡ଼ିବ। ତା’ପରେ ଯାଇ ବିଭିନ୍ନ ପ୍ରସଙ୍ଗରେ ବିରୋଧ କରାଯିବ ବୋଲି ଅରୁଣ କହିଛନ୍ତି।

ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ଯେ, ବିଜେଡିର ବିପର୍ଯ୍ୟୟ ହୋଇନାହିଁ। ଶକ୍ତିଶାଳୀ ବିରୋଧୀ ଭାବେ ବିଜେଡିକୁ ଲୋକମାନେ ଦାୟିତ୍ୱ ଦେଇଛନ୍ତି। ୨୪ ବର୍ଷର ଶାସନକୁ ଲୋକେ ପରିବର୍ତ୍ତନ କଲେ। ପାଣ୍ଡିଆନଙ୍କ ଯୋଗୁ କ୍ଷତି ହେଲା କି କ’ଣ ତାହା ସମୀକ୍ଷା ବୈଠକ ପରେ ଜଣାପଡ଼ିବ। ଆସନ୍ତା ୧୯ରେ ବିଜେଡି ବିଧାୟକ ଦଳ ବୈଠକ ହେବା ନେଇ ପ୍ରସନ୍ନ କହିଛନ୍ତି। ଦଳର ଯେଉଁ ନେତାମାନେ ନିର୍ବାଚନ ଜିତିଛନ୍ତି, ସେମାନଙ୍କ ମଧ୍ୟରୁ ସମସ୍ତେ ବିରୋଧୀ ଦଳ ନେତା ହେବା ପାଇଁ ଚେଷ୍ଟା ଚଳାଇଛନ୍ତି। ଏହି ଚେଷ୍ଟାରେ ବିଫଳ ହେବାର ସମ୍ଭାବନା ଉପୁଜିବ ଯଦି ନବୀନ ନିଜେ ବିରୋଧୀ ଦଳ ନେତା ହେବେ। ସେଥିଲାଗି ଦ୍ୱିତୀୟ ଲକ୍ଷ୍ୟ ଭାବେ ଉପନେତା ପଦବୀ ପାଇଁ ଦୌଡ଼ ଆରମ୍ଭ ହୋଇଛି। ତେଣୁ ସମୀକ୍ଷା ବୈଠକରେ କେହି ବାସ୍ତବ ପରିସ୍ଥିତି ସମ୍ପର୍କରେ ଆଲୋଚନା କରିବେ ନାହିଁ ବୋଲି ଦଳର ଜଣେ ପରାଜିତ ବିଧାୟକ ପ୍ରାର୍ଥୀ ଧରିତ୍ରୀକୁ କହିଛନ୍ତି।

## ୨ ଲକ୍ଷ ଭାରତୀୟ ଆକାଉଣ୍ଟ ହଟାଇଲା ଏକ୍ସ

ନୂଆଦିଲ୍ଲୀ,୧୬।୬: ଏଲନ୍ ମସ୍କଙ୍କ ସୋସିଆଲ ମିଡିଆ ଏକ୍ସ କର୍ପୋରେଶନ ଏପ୍ରିଲ ୨୬ରୁ ମେ’ ୨୫ ମଧ୍ୟରେ ୨ ଲକ୍ଷ ୨୯ ହଜାର ୯୨୫ ଭାରତୀୟ ଆକାଉଣ୍ଟକୁ ସାଇଟ୍‌ରୁ ହଟାଇଦେଇଛି। ଏହି ଆକାଉଣ୍ଟଗୁଡ଼ିକ ମଧ୍ୟରୁ ଅଧିକାଂଶ ଶିଶୁ ଯୌନ ଶୋଷଣ ଏବଂ ଅସହମତିରେ ନଗ୍ନତା ପ୍ରଦର୍ଶନକୁ ପ୍ରୋତ୍ସାହନ ଦେଉଥିବା ଜଣାପଡ଼ିବା ପରେ ସେଗୁଡ଼ିକୁ ବ୍ୟାନ୍ କରାଯାଇଛି। ସେହିପରି ଉକ୍ତ ପ୍ଲାଟ୍‌ଫର୍ମରେ ଆତଙ୍କବାଦ ସମର୍ଥନକାରୀ ୯୬୭ ଆକାଉଣ୍ଟକୁ ହଟାଇଦିଆଯାଇଛି। ୨୦୨୧ର ନୂଆ ଆଇଟି ରୁଲ୍ସ ଅନୁଯାୟୀ ମାଇକ୍ରୋବ୍ଲଗିଂ ପ୍ଲାଟ୍‌ଫର୍ମ ନିଜ ମାସିକ ରିପୋର୍ଟରେ ଏହା ଦର୍ଶାଇଛି।

**ସଂକ୍ଷେପରେ**

## ବିଚାରାଧୀନ ବନ୍ଦୀଙ୍କ ମୃତ୍ୟୁ

ରାଇରଙ୍ଗପୁର,୧୬।୬(ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ସବ୍ ଜେଲରେ ଥିବା ଜଣେ ବିଚାରାଧୀନ ମହିଳା ବନ୍ଦୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ କେନ୍ଦୁଝର ଜିଲା ଘଟଗାଁ ଥାନା ଅଧୀନ ଘଟଗାଁ ଗ୍ରାମର ଶୁକୁଟି ନାୟକ (୫୫)। ଗତ ମେ ୧ ତାରିଖରେ ସେ ତାଙ୍କ ଜ୍ୱାଇଁ ବିଶୋଇ ଥାନା ଅଧୀନ ଜାମୁଝରୀ ଗ୍ରାମର ଦଶରଥ ନାୟକ (୩୫)ଙ୍କୁ ହତ୍ୟା ଅଭିଯୋଗରେ ଜେଲରେ ଥିଲେ। ଶନିବାର ହଠାତ ସେ ଗୁରୁତର ହୋଇପଡ଼ିବାରୁ ଜେଲ କର୍ତ୍ତୃପକ୍ଷ ତାଙ୍କୁ ରାଇରଙ୍ଗପୁର ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଜେଲର କହିଛନ୍ତି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ରାଇରଙ୍ଗପୁର ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୨/୨୪) ରୁଜୁ ହୋଇଛି।

ସୂଚନା ଅନୁଯାୟୀ, ମୃତ ଶୁକୁଟି ଏବଂ ତାଙ୍କ ସ୍ୱାମୀ ନଟବର ଜାମୁଝରୀ ଗ୍ରାମସ୍ଥିତ ଝିଅ କୋମଳ ନାୟକଙ୍କ ଶାଶୁ ଘରକୁ ବୁଲିବାକୁ ଆସିଥିଲେ। ତେବେ କୌଣସି କାରଣକୁ ନେଇ ଜ୍ୱାଇଁ ଦଶରଥଙ୍କୁ ସେ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ଏକ ମାମଲା(ନଂ. ୮୩/୨୪) ରୁଜୁ କରି ଶୁକୁଟି, ତାଙ୍କ ସ୍ୱାମୀ ନଟବର ଓ ଝିଅ କୋମଳଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଥିଲା।

## ସାପ କାମୁଡ଼ାରେ ୨ ମୃତ

ରାଉରକେଲା,୧୬।୬(ଦିନେଶ ମିଶ୍ର)

ରାଉରକେଲାରେ ଶନିବାର ରାତିରେ ସାପ କାମୁଡାରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କରଡେଗା ଗ୍ରାମର ବିଷ୍ଣୁ ମିର୍ଦ୍ଧା(୧୨) ଓ ହାତୀବାରୀ କିଆମୁଣ୍ଡା ଗ୍ରାମର ବୁଦ୍ଧିଆ ଲୁଗୁନ୍(୩୦)। ସୂଚନାଯୋଗ୍ୟ, ବିଷ୍ଣୁ ଶନିବାର ରାତିରେ ଶୋଇଥିବା ବେଳେ ଏକ ସାପ ତାଙ୍କୁ କାମୁଡିଥିଲା। ପରିବାର ଲୋକେ ତାଙ୍କୁ ପ୍ରଥମେ ହାତୀବାରି ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ଆରଜିଏଚକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ବୁଦ୍ଧିଆ ରାତିରେ ଗୁହାଳଘରେ ଥିବା ସମୟରେ ଏକ ସାପ ତାଙ୍କୁ କାମୁଡି ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଆରଜିଏଚରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଭଡ଼ାଘରୁ ତହସିଲ ଅଫିସ କିରାଣିଙ୍କ ମୃତଦେହ ଜବତ

ରେଢାଖୋଲ,୧୬।୬ (ଅଚ୍ୟୁତାନନ୍ଦ ପୁରୋହିତ)

ସମ୍ବଲପୁର ଜିଲା ନାକଟୀଦେଉଳ ତହସିଲ ଅଫିସର ବରିଷ୍ଠ କିରାଣି କ୍ଷିରୋଦ କୁମାର ବଳ (୫୦)ଙ୍କ ମୃତଦେହ ରେଢାଖୋଲ ଏନ୍‌ଏସି ୱାର୍ଡ ନଂ ୮ ଗଣେଶନଗରସ୍ଥିତ ଭଡାଘରୁ ରବିବାର ପୋଲିସ ଜବତ କରିଛି। ରେଢାଖୋଲ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ କରୁଛି।

କେନ୍ଦ୍ରାପଡା ଜିଲା ତନ୍ତିଆପାଳ ସାମୁଦ୍ରିକ ଥାନା ଅଧୀନ ବଡପଲି ଗ୍ରାମର ମୂଳବାସିନ୍ଦା କ୍ଷିରୋଦ କୁମାର ବଳ ନାକଟୀଦେଉଳ ତହସିଲ କାର୍ଯ୍ୟାଳୟରେ ବରିଷ୍ଠ କିରାଣି ଭାବେ କାର୍ଯ୍ୟରତ ଥିଲେ। ରେଢାଖୋଲ ସହରର ଗଣେଶନଗରରେ ସେ ଏକ ଭଡାଘରେ ରହୁଥିଲେ। ସେ ରବିବାର ସକାଳେ ବିଳମ୍ବିତ ସମୟ ପର୍ଯ୍ୟନ୍ତ ନ ଉଠିବାରୁ ପଡୋଶୀ ଲୋକେ କବାଟ ବାଡେଇ ଡାକିଥିଲେ। ହେଲେ ସେ କବାଟ ନ ଖୋଲିବାରୁ ସେମାନେ ପୋଲିସକୁ ସୂଚନା ଦେଇଥିଲେ। ଖବରପାଇ ରେଢାଖୋଲ ପୋଲିସ ମାଜିଷ୍ଟ୍ରେଟ ଅତିରିକ୍ତ ତହସିଲଦାର ଅଜିତ ଦେହୁରୀଙ୍କ ଉପସ୍ଥିତିରେ ଘର କବାଟ ଭାଙ୍ଗି ମୃତଦେହ ଜବତ କରିଥିଲା। ପରେ ସମ୍ବଲପୁରରୁ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସାହାଯ୍ୟରେ ଘଟଣାର ତଦନ୍ତ କରାଯାଇଥିଲା। ମୃତ୍ୟୁର କାରଣ ଜଣାପଡି ନ ଥିବା ପୋଲିସ କହିଛି। ପରିବାର ଲୋକେ ରେଢାଖୋଲରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପରେ ନିଜ ଗ୍ରାମକୁ ନେଇଯାଇଛନ୍ତି। ମୃତକଙ୍କ ସ୍ତ୍ରୀ ଓ ଦୁଇପିଲା ନିଜ ଗାଁରେ ରହୁଥିଲେ।



ଶେଷ ରଜ ଏବଂ ଛୁଟିଦିନ ଥିବାରୁ ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ଦର୍ଶନ ଲାଗି ଶ୍ରଦ୍ଧାଳୁମାନେ ଧାଡ଼ିରେ ଛିଡ଼ା ହୋଇଛନ୍ତି। (ଫଟୋ ଯଜ୍ଞେଶ୍ୱର ମହାନ୍ତି)

## ରଥଯାତ୍ରା, ଦେବସ୍ନାନ ପୂର୍ଣ୍ଣିମାର ସୁପରିଚାଳନା ନେଇ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା



- ଠିକଣା ଢଙ୍ଗରେ ଆୟୋଜନ ଲାଗି ସରକାର ପ୍ରତିଶ୍ରୁତିବଦ୍ଧ: ଆଇନ ମନ୍ତ୍ରୀ
- ମୁଖ୍ୟମନ୍ତ୍ରୀ, ଆଇନ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ହେବ ୨ ବୈଠକ: ପ୍ରଦୀପ ଜେନା

ଭୁବନେଶ୍ୱର, ୧୬।୬(ସୁନିତ୍ ମିଶ୍ର)

ମହାପ୍ରଭୁ ଜଗନ୍ନାଥଙ୍କ ଘୋଷଯାତ୍ରା ନେଇ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ରବିବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି। ବୈଠକରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା, ପୋଲିସ ଡିଜି ଅରୁଣ ଷଡ଼ଙ୍ଗୀଙ୍କ ସମେତ ବରିଷ୍ଠ ଅଧିକାରୀମାନଙ୍କ ସହ ମୁଖ୍ୟମନ୍ତ୍ରୀଆଲୋଚନା କରିଛନ୍ତି। ଶ୍ରୀଜୀଉଙ୍କ ରଥଯାତ୍ରା ଏବଂ ଦେବସ୍ନାନ ପୂର୍ଣ୍ଣିମାର ପ୍ରକ୍ରିୟା, ସୁପରିଚାଳନା ଓ ଏହାର ସମନ୍ୱୟ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯାଇଛି। ଏହାସହ ଆଗକୁ ଶ୍ରୀମନ୍ଦିରରେ ଶୃଙ୍ଖଳିତ ନୀତିକାନ୍ତି, ଦର୍ଶନ ନେଇ ସେବାୟତ ଓ ପରିଚାଳନା କମିଟି ସହ ବିସ୍ତୃତ ଭାବେ ଆଲୋଚନା କରାଯିବ ବୋଲି ଆଇନ ମନ୍ତ୍ରୀ ବୈଠକ ଶେଷରେ ଗଣମାଧ୍ୟମକୁ କହିଛନ୍ତି। ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ, ସବୁ ବିଷୟ ସହିତ ରଥଯାତ୍ରା ବାବଦରେ ମଧ୍ୟ ଆଲୋଚନା କରାଯାଇଛି। ସ୍ନାନଯାତ୍ରାରେ କ’ଣ ସବୁ ହୋଇଥାଏ ସେନେଇ ନିଜ ଅଭିଜ୍ଞତା ଥିବା କାରଣରୁ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିଲି। ଆସନ୍ତା ୭ ତାରିଖରେ ରଥଯାତ୍ରା ଥିବାରୁ ଏହା ପୂର୍ବରୁ ଦୁଇଟି ବୈଠକ କରିବାକୁ ହେବ। ପ୍ରଥମେ ଆଇନ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗୋଟିଏ ବୈଠକ ହେବ। ଶେଷରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆଉ ଏକ ବୈଠକ କରାଯିବ। ତେଣୁ ପୋଲିସ ଏବଂ ପ୍ରଶାସନିକ ବ୍ୟବସ୍ଥା ରଥଯାତ୍ରା ସମୟରେ କିପରି ହେବ ସେନେଇ ବିସ୍ତୃତ ଆଲୋଚନା ହେଲା ବୋଲି ମୁଖ୍ୟ ସଚିବ କହିଛନ୍ତି।

ଆଇନ ମନ୍ତ୍ରୀ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତିଯେ, ରଥଯାତ୍ରା ସୁରୁଖୁରୁରେ ହେବା ନେଇ କ’ଣ ସବୁ ପଦକ୍ଷେପ ନିଆଯିବ ତାହା ଆଗକୁ ଆଲୋଚନା କରାଯିବ। ସେବାୟତ ଏବଂ ଅନ୍ୟ ଯେଉଁମାନେ ଅଂଶବିଶେଷ ସେମାନଙ୍କ ସହିତ ଆଲୋଚନା ହେବ। ସମସ୍ତଙ୍କ ସହଯୋଗରେ ସବୁ କଥା ଯେପରି ଠିକଣା ଢଙ୍ଗରେ ସବୁ ହୋଇପାରିବ ସେନେଇ ଆଲୋଚନା କରାଯିବ। ବ୍ୟବସ୍ଥିତ ଢଙ୍ଗରେ ଯେପରି ଆୟୋଜନ ହୋଇପାରିବ ସେଥିଲାଗି ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ପୃଥ୍ୱୀରାଜ କହିଛନ୍ତି।

## ଶ୍ରୀମନ୍ଦିରରେ ପ୍ରବଳ ଭିଡ଼

ଭୁବନେଶ୍ୱର,୧୬।୬(ସୁନିତ୍ ମିଶ୍ର)

**ଛୁଟିଦିନ ଲାଗି ପ୍ରବଳ ଭିଡ଼ ହେଉଥିବା କହିଲେ ଆଇନ ମନ୍ତ୍ରୀ**

**ଆଇନଶୃଙ୍ଖଳା ଏଡିଜି ନିଜେ ସମୀକ୍ଷା କରୁଛନ୍ତି: ମୁଖ୍ୟ ଶାସନ ସଚିବ**

ରାଜ୍ୟରେ ଭାଜପା ସରକାରକୁ ଆସିବା ପୂର୍ବରୁ ଅନେକ ପ୍ରତିଶ୍ରୁତି ଲୋକଙ୍କ ଆଗରେ ରଖିଥିଲା। ଯେପରିକି ଦଳ ରାଜ୍ୟରେ ସରକାର ଗଠନ କରିବାର କିଛି ସମୟ ମଧ୍ୟରେ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବାର ପ୍ରତିଶ୍ରୁତି ଦେଇଥିଲା। ସେହିକ୍ରମରେ ଦଳ ସରକାରକୁ ଆସିବା କ୍ଷଣି ପ୍ରଥମ ପଦକ୍ଷେପ ଭାବେ ଶ୍ରୀମନ୍ଦିର ଚାରିଦ୍ୱାର ମଧ୍ୟ ଖୋଲିଲା। ହେଲେ ପ୍ରବଳ ଭିଡ଼ କାରଣରୁ ଏବେ ଶ୍ରୀମନ୍ଦିରକୁ ଦର୍ଶନ କରିବା ଲାଗି ଯାଉଥିବା ଭକ୍ତମାନେ ପ୍ରବଳ ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ଖବର ଦୃଷ୍ଟିକୁ ଆସିଛି। ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ପରେ ପୁରୀରେ ଭକ୍ତଙ୍କ ଭିଡ଼ ବଢ଼ିଚାଲିଛି। ପ୍ରତିଦିନ ରାଜ୍ୟ ତଥା ରାଜ୍ୟ ବାହାରୁ ହଜାର ହଜାର ଶ୍ରଦ୍ଧାଳୁ ଶ୍ରୀଜୀଉଙ୍କୁ ଦର୍ଶନ କରି ଆଶୀର୍ବାଦ ନେଉଛନ୍ତି। ମନ୍ଦିର ବାହାରେ ଲାଗୁଥିବା ଲାଇନରୁ ଆଶ୍ୱସ୍ତି ମିଳିଛି। କିନ୍ତୁ ମନ୍ଦିର ଭିତରେ ଭିଡ଼ ନିୟନ୍ତ୍ରଣ ପାଇଁ ବିଶେଷ ବ୍ୟବସ୍ଥା ନ ଥିବାରୁ କେହି କେହି ଅସନ୍ତୋଷ ବ୍ୟକ୍ତ କରୁଥିବା ଦେଖିବାକୁ ମିଳୁଛି। ଏନେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଛୁଟିଦିନ ଥିବାରୁ ଭକ୍ତଙ୍କ ଭିଡ଼ ଥିଲା। କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇନି। ଆଗକୁ ଶୃଙ୍ଖଳିତ ଦର୍ଶନ ପାଇଁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଉଛି। ଆଜିଠୁ ଧୀରେ ଧୀରେ ଦର୍ଶନ ଶୃଙ୍ଖଳିତ ହୋଇଛି। ସମସ୍ତଙ୍କ ସହଯୋଗ ରହିଲେ ଦର୍ଶନ ଆହୁରି ବ୍ୟବସ୍ଥିତ ହୋଇପାରିବ। ଜଗନ୍ନାଥଙ୍କ କୃପାରୁ ସବୁ ଠିକ୍ ହେବ ବୋଲି ମନ୍ତ୍ରୀ କହିଛନ୍ତି। ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା କହିଛନ୍ତି, ଶୃଙ୍ଖଳିତ ଦର୍ଶନ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଭିଡ଼ ନିୟନ୍ତ୍ରଣ ପାଇଁ ଅଧିକ ୮ ପ୍ଲାଟୁନ ଫୋର୍ସ ମୁତୟନ ହୋଇଛନ୍ତି। ଆଇନଶୃଙ୍ଖଳା ଏଡିଜି ନିଜେ ଉପସ୍ଥିତ ରହି ସ୍ଥିତି ଅନୁଧ୍ୟାନ କରୁଛନ୍ତି। ଗୋଇନ୍ଦା ନିର୍ଦ୍ଦେଶକ ମଧ୍ୟ ସେଠାକୁ ଯିବେ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି।

## ପଶ୍ଚିମବଙ୍ଗ ସରକାରଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

## ସରକାରୀ ଚାକିରିରେ କିନ୍ନରଙ୍କୁ ୧% ସଂରକ୍ଷଣ ଦିଅ

କୋଲକାତା,୧୬।୬

ପଶ୍ଚିମବଙ୍ଗରେ ସରକାରୀ ଚାକିରିଗୁଡ଼ିକରେ କିନ୍ନରମାନଙ୍କୁ ୧ ପ୍ରତିଶତ ସଂରକ୍ଷଣ ପ୍ରଦାନ ପାଇଁ କଲିକତା ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜଣେ କିନ୍ନର ୨୦୧୪ ଓ ୨୦୨୨ରେ ଟିଚର୍ସ ଏଲିଜିବିଲିଟି ଟେଷ୍ଟ (ଟିଇଟି) ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। କିନ୍ତୁ ଏ ସମ୍ପର୍କିତ ନିଯୁକ୍ତି ପାଇଁ ଉଦ୍ଦିଷ୍ଟ କାଉନସେଲିଂ କିମ୍ବା ସାକ୍ଷାତ୍‌କାର ଲାଗି ତାଙ୍କୁ ଡକାଯାଇ ନ ଥିଲା। ଫଳରେ ସେ ନ୍ୟାୟ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜଷ୍ଟିସ ରାଜଶେଖର ମହନ୍ତଙ୍କ ଖଣ୍ଡପୀଠ ତାଙ୍କ ଆବେଦନର ଶୁଣାଣି କରି ପଶ୍ଚିମବଙ୍ଗ ମୁଖ୍ୟ ସଚିବଙ୍କୁ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ବିଚାରପତି ସୁପ୍ରିମକୋର୍ଟ ୨୦୧୪ରେ ଦେଇଥିବା ଏକ ରାୟର ଅବତାରଣା କରି କହିଛନ୍ତି, ସମ୍ବିଧାନର ଭାଗ-୩ ଅନୁସାରେ କିନ୍ନରମାନଙ୍କୁ ତୃତୀୟ ଲିଙ୍ଗ ବିବେଚନା କରାଯାଉ। ସମ୍ବିଧାନ ପ୍ରଦତ୍ତ ସେମାନଙ୍କ ଅଧିକାରକୁ ଅକ୍ଷୁଣ୍ଣ ରଖାଯାଉ।

## ବାବୁଲିଙ୍କ ଚିକିତ୍ସା ଲାଗି ୩୦ ହଜାର ଟଙ୍କା ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୬।୬(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଭଦ୍ରକ ଜିଲାର ବାବୁଲି ବାରିକଙ୍କୁ ତୁରନ୍ତ ଚିକିତ୍ସା ସହାୟତା ଯୋଗାଇ ଦେବା ପାଇଁ ଭଦ୍ରକ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଭଦ୍ରକ ଜିଲା ଚାନ୍ଦବାଲି ମାଧପୁର ଗ୍ରାମର ୧୪ ବର୍ଷର ବାଳକ ବାବୁଲି ବାରିକ ସ୍ନାୟୁଗତ ଜଟିଳ ରୋଗରେ ପୀଡ଼ିତ ଅଛନ୍ତି। ଗରିବ ପରିବାରର ବାବୁଲି ଅର୍ଥାଭାବରୁ ଚିକିତ୍ସିତ ହୋଇପାରୁ ନ ଥିଲେ। ଏ ବିଷୟରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ସାମାଜିକ ଏବଂ ଅନ୍ୟ ଗଣମାଧ୍ୟମରୁ ଅବଗତ ହେବା ପରେ ଜିଲା ପ୍ରଶାସନକୁ ବାବୁଲିଙ୍କୁ ତୁରନ୍ତ ଚିକିତ୍ସା ସହାୟତା ଯୋଗାଇ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ତାଙ୍କ ପରିବାରକୁ ୩୦ ହଜାର ଟଙ୍କାର ଆର୍ଥିକ ସହାୟତା ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଏକ ଡାକ୍ତରୀ ଦଳ ବାବୁଲିଙ୍କ ଗ୍ରାମରେ ପହଞ୍ଚି ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି। ସ୍ୱାସ୍ଥ୍ୟ ପରୀକ୍ଷା ପରେ ପରବର୍ତ୍ତୀ ଚିକିତ୍ସା ପାଇଁ ତାଙ୍କୁ କଟକ ଏସ୍‌ସିବି ମେଡିକାଲକୁ ନେବା ପାଇଁ ବ୍ୟବସ୍ଥା କରାଯାଇଛି। ଜିଲା ପ୍ରଶାସନ ବାବୁଲିଙ୍କ ପରିବାରକୁ ସମସ୍ତ ଆନୁଷଙ୍ଗିକ ସହାୟତା ପ୍ରଦାନ କରିବାକୁ ଯୋଗାଯୋଗରେ ଅଛନ୍ତି।

## ବର୍ଷକରେ ଦେଶରେ ଲାଗିବ ୧୪୦ କୋଟି ଚାରା

ଭୁବନେଶ୍ୱର,୧୬।୬(ଅସମାପିକା ସାହୁ)

**ପ୍ରାକୃତିକ ସମ୍ପଦ ସଂରକ୍ଷଣ ଚିନ୍ତା**

- ‘ଗୋଟିଏ ଗଛ ମାଆର ନାମରେ’ ଅଭିଯାନ
- ଓଡ଼ିଶାରେ ୬ କୋଟି ୫୦ ଲକ୍ଷ ଟାର୍ଗେଟ

ଜଳବାୟୁ ପରିବର୍ତ୍ତନ ଏବେ ବିଶ୍ୱ ପାଇଁ ବିପଦ ଆଣିଛି। ଏଭଳି ସ୍ଥିତିରେ ଆମର ସମସ୍ତ ପ୍ରାକୃତିକ ସମ୍ପଦକୁ କିପରି ସୁରକ୍ଷିତ ରଖିପାରିବା ତାହା ଏବେ ସମସ୍ତଙ୍କ ପାଇଁ ଆହ୍ୱାନ ହୋଇଛି। ଏହାର ଗୁରୁତ୍ୱ ବହନ କରି ପ୍ରତିବର୍ଷ ବିଶ୍ୱ ପରିବେଶ ଦିବସ ପାଳନ କରାଯାଉଛି। ଜୁନ୍ ୫ତାରିଖରେ ସାରା ବିଶ୍ୱରେ ଏହି ଦିବସ ପାଳନ କରାଯାଇଛି। ଚଳିତ ବର୍ଷ ବିଶ୍ୱ ପରିବେଶ ଦିବସର ବିଷୟବସ୍ତୁ ରହିଥିଲା ‘ଜମିର ପୁନରୁଦ୍ଧାର, ମରୁଭୂମି ଓ ମରୁଡ଼ିର ମୁକାବିଲା’। ଏହାକୁ ଦୃଷ୍ଟିରେ ରଖି ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଏକ ଅଭିନବ ପଦକ୍ଷେପ ସ୍ୱରୂପ ‘ଗୋଟିଏ ଗଛ ମାଆର ନାମରେ’ ବା ‘ଏକ୍ ପେଡ୍ ମା କେ ନାମ’ ଅଭିଯାନ ଆରମ୍ଭ କରିଛି। ଗତ ୫ ତାରିଖରେ ଏହି ଅଭିଯାନର ଶୁଭାରମ୍ଭ ହୋଇଥିବା ବେଳେ ୨୦୨୪-୨୫ ବର୍ଷରେ ସାରା ଦେଶରେ ୧୪୦ କୋଟି ଚାରା ରୋପଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏ ନେଇ ସବୁ ରାଜ୍ୟକୁ ନିର୍ଦ୍ଦେଶ ଦିଆଯାଇଛି। ମନ୍ତ୍ରଣାଳୟ ସ୍ୱତନ୍ତ୍ର ସଚିବ ତଥା ଡିଜି ଫରେଷ୍ଟ ଜିତେନ୍ଦ୍ର କୁମାର ଏ ସଂକ୍ରାନ୍ତରେ ସବୁ ରାଜ୍ୟର ବନବାହିନୀ ମୁଖ୍ୟ ତଥା ପିସିସିଏଫ୍‌ଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି।

ସୂଚନା ଅନୁଯାୟୀ, ଆସନ୍ତା ସେପ୍ଟେମ୍ବର ସୁଦ୍ଧା ୮୦ କୋଟି ଚାରା ରୋପଣ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। କେଉଁ ରାଜ୍ୟ କେତେ ସଂଖ୍ୟାରେ ଗଛ ଲଗାଇବ ସେ ନେଇ ମନ୍ତ୍ରଣାଳୟ ପକ୍ଷରୁ ସବୁ ରାଜ୍ୟକୁ ଜଣାଇ ଦିଆଯାଇଛି। ପଶ୍ଚିମବଙ୍ଗରେ ସର୍ବାଧିକ ୩୯୦୦ ଲକ୍ଷ ବା ୩୯ କୋଟି ଚାରା ରୋପଣ କରିବା ପାଇଁ କୁହାଯାଇଛି।



ଆସନ୍ତା ସେପ୍ଟେମ୍ବର ସୁଦ୍ଧା ୨,୫୨୫ ଲକ୍ଷ ବା ୨୫କୋଟି ୨୫ ଲକ୍ଷ ଚାରା ରୋପଣର ଲକ୍ଷ୍ୟ ପୂରଣ କରିବାକୁ ନିର୍ଦ୍ଦେଶ ରହିଛି। ସେହିପରି ଓଡ଼ିଶାରେ ୨୦୨୪-୨୫ ବର୍ଷରେ ମୋଟ ୬୫୦ ଲକ୍ଷ ବା ୬ କୋଟି ୫୦ଲକ୍ଷ ତଥା ସେପ୍ଟେମ୍ବର ସୁଦ୍ଧା ୪୦୦ ଲକ୍ଷ ବା ୪ କୋଟି ଚାରା ରୋପଣ କରିବା ପାଇଁ ଟାର୍ଗେଟ ଦିଆଯାଇଛି। ଏହି ଟାର୍ଗେଟକୁ ପୂରଣ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ କୁହାଯାଇଛି। ଏନ୍‌ଏସ୍‌ଏସ୍, ଏନ୍‌ସିସି, ଗାଁ ସ୍ତରରେ ଅନୁଷ୍ଠାନ, ସାମାଜିକ ଅନୁଷ୍ଠାନ ସହିତ ଅନ୍ୟାନ୍ୟ ଗୋଷ୍ଠୀଙ୍କୁ ଉକ୍ତ ଅଭିଯାନରେ ସାମିଲ କରି ଏହାକୁ ଜନ ଆନ୍ଦୋଳନରେ ପରିଣତ କରିବା ପାଇଁ ପରାମର୍ଶ ଦିଆଯାଇଛି। ଉଭୟ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ଏହି ଚାରାରୋପଣର ତଥ୍ୟ https://merilife.nic.in ପୋର୍ଟାଲରେ ଅପ୍‌ଲୋଡ୍ କରିବା ପାଇଁ କ୍ଷେତ୍ରସ୍ତରରେ କାର୍ଯ୍ୟ କରୁଥିବା ସଂସ୍ଥା ସହିତ ବ୍ୟକ୍ତିବିଶେଷ/ସାମାଜିକ ଅନୁଷ୍ଠାନ/ଏନ୍‌ଜିଓଗୁଡ଼ିକୁ ନିର୍ଦ୍ଦେଶ ଦେବା ନିମନ୍ତେ କୁହାଯାଇଛି। କୌଣସି ପ୍ରକାର ସହାୟତା ସକାଶେ ମନ୍ତ୍ରଣାଳୟର ସିନିୟର କନସଲଟାଣ୍ଟ(ଆଇଟି) ଡ. ଏସ୍. ଆନ୍ନାଦୁରାଇଙ୍କୁ ଯୋଗାଯୋଗ କରିବା ପାଇଁ ଚିଠିରେ ଉଲ୍ଲେଖ ରହିଛି।

## ଗାଁ ଦାଣ୍ଡରେ ଯୁବକଙ୍କୁ ହତ୍ୟା

ମାର୍ଶାଘାଇ,୧୬।୬(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ଅନ୍ତର୍ଗତ ସାନଗାଁର ବୁଲୁ ଦାସଙ୍କୁ ଶନିବାର ରାତିରେ କେତେଜଣ ଯୁବକ ଗାଁ ଦାଣ୍ଡରେ ପିଟି ହତ୍ୟା କରିଥିବା ତାଙ୍କ ବାପା ଗଜେନ୍ଦ୍ର ଦାସ ଅଭିଯୋଗ କରିଛନ୍ତି। ଗଜେନ୍ଦ୍ର ପ୍ରଥମେ ମାର୍ଶାଘାଇ ଥାନା ଏବଂ ପରେ କଟକ ସରକାରୀ ରେଲୱେ ପୋଲିସ(ଜିଆର୍‌ପି) ଥାନାରେ ଅଭିଯୋଗ କରିଛନ୍ତି। ବୁଲୁ ଶନିବାର ରାତି ୧୦ରେ ଗ୍ରାମର ହନୁମାନ ମନ୍ଦିରରୁ ପ୍ରସାଦ ସେବନ କରି ଘରକୁ ଫେରୁଥିବା ବେଳେ ତାଙ୍କୁ ଜଣେ ଯୁବକ ଓ ତାଙ୍କ ଭଣଜା ମରଣାନ୍ତକ ଆକ୍ରମଣ କରିଥିଲେ। କେତେଜଣ ଲୋକ ଅଟକାଇବାକୁ ସେମାନେ ବୁଲୁଙ୍କୁ ଛାଡ଼ି ପଳାଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ବୁଲୁଙ୍କୁ ଲୋକେ ସ୍କୁଲ ବାରଣ୍ଡାରେ ବସାଇ ପାଣି ଛାଟିଥିଲେ। ଖବର ପାଇ ଘରଲୋକ ପହଞ୍ଚି ବୁଲୁଙ୍କୁ ଡାକ୍ତରଖାନା ନେବା ଲାଗି ଗାଡ଼ି ଯୋଗାଡ଼ କରିବାକୁ ଯାଇଥିଲେ। ଗାଡ଼ି ଆଣିବା ପରେ ଉକ୍ତ ଜାଗାରେ ବୁଲୁ ନ ଥିବା ଦେଖି ସେମାନେ ତାଙ୍କୁ ଖୋଜିଥିଲେ ମଧ୍ୟ ପାଇ ନ ଥିଲେ। ସକାଳୁ ଗାଁ ଶ୍ମଶାନ ମଇଁଷିଗୋଠ ନିକଟରେ ବୁଲୁ ମୃତ ଅବସ୍ଥାରେ ପଡ଼ିଥିବା ଗଜେନ୍ଦ୍ର ମାର୍ଶାଘାଇ ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ପୋଲିସ ପହଞ୍ଚି ଦେଖିଲାବେଳକୁ ମୃତଦେହ ରେଳଧାରଣା ନିକଟରେ ପଡ଼ିଥିଲା। ଫଳରେ ପୋଲିସ ମାମଲା ରୁଜୁ ନ କରି ଜିଆର୍‌ପି ଥାନାକୁ ଯିବାକୁ କହିଥିଲା। ଏହି ଘଟଣା ରହସ୍ୟ ଘେରରେ ରହିଛି। ଗାଁର କେତେଜଣ ଲୋକ ନାମ ଗୋପନ ସର୍ତ୍ତରେ କହିଛନ୍ତି, ବୁଲୁଙ୍କ ଜଣେ ବିବାହିତା ମହିଳାଙ୍କ ସହ ପରକୀୟା ପ୍ରୀତି ଥିଲା। ତାଙ୍କ ସ୍ୱାମୀ ରାତିରେ ବୁଲୁଙ୍କୁ ଧରିଥିଲେ। ସେମାନଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଆଉ କେତେଜଣ କହୁଛନ୍ତି ଯେ, ମୃତକ ଓ ଅଭିଯୁକ୍ତଙ୍କ ମଧ୍ୟରେ ଟଙ୍କା ନେଣଦେଣକୁ ନେଇ ଶତ୍ରୁତା ଥିଲା। ମାର୍ଶାଘାଇ ଥାନା ଅଧିକାରିଣୀ ପ୍ରଜ୍ଞା ପରମିତା ଜେନା କହିଛନ୍ତି, ରେଲୱେ ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡିକାଲକୁ ପଠାଇଛି। ଏହି ଘଟଣା ମାର୍ଶାଘାଇ ଥାନା ଅଞ୍ଚଳରେ ଯାଉଥିବାରୁ ରେଲୱେ ପୋଲିସ ମାମଲାକୁ ଆମ ଥାନାକୁ ଫରୱାର୍ଡ କରିଛି।

## ନାଳରେ ୧୩ ଘଣ୍ଟା ଫସିରହିଲେ ୩ ହାତୀ

ବଡ଼ମ୍ବା,୧୬।୬(ମାୟାଧର ମଲ୍ଲିକ)



କଟକ ଜିଲା ବଡ଼ମ୍ବା ରେଞ୍ଜ ଅନ୍ତର୍ଗତ ବେଲିଆପାଳ ଗ୍ରାମ ନିକଟ ଖଳିଖାତ ନାଳରେ ରବିବାର ୩ଟି ହାତୀ ଫସି ଯାଇଥିଲେ। ବନ ବିଭାଗ କର୍ମଚାରୀ ଅଗ୍ନିଶମ ବିଭାଗ ଏବଂ ପୋଲିସର ସହଯୋଗରେ ହାତୀଙ୍କୁ ନାଳରୁ ଉଦ୍ଧାର କରିବାକୁ ଦିନତମାମ ଚେଷ୍ଟା କରିଥିଲେ। ହେଲେ ସ୍ଥାନୀୟ ଲୋକଙ୍କ ଗହଳି ଯୋଗୁ ହାତୀ ନାଳରୁ ବାହାରି ପାରି ନ ଥିଲେ। ପ୍ରାୟ ୧୨ ଘଣ୍ଟା ପରେ ରାତି ହୋଇଯିବାରୁ ୩ ହାତୀ ନାଳରୁ ବାହାରି ନିକଟରେ ଥିବା ଅମାନ୍ତିଆ ଜଙ୍ଗଲ ଆଡ଼େ ଚାଲିଯାଇଛନ୍ତି।

ପ୍ରକାଶ ଯେ, ଉକ୍ତ ୩ ଟିକିଆ ହାତୀପଲ ସକାଳ ପ୍ରାୟ ୭ଟା ବେଳେ ଜଙ୍ଗଲରୁ ଗ୍ରାମ ଆଡ଼କୁ ଆସୁଥିଲେ। ଏହା ଦେଖି ସ୍ଥାନୀୟ ଲୋକେ ପାଟି କରିଥିଲେ। ହାତୀପଲ ଭୟଭୀତ ହୋଇ ନିକଟରେ ଥିବା ନାଳ ଭିତରକୁ ପଶିଯାଇଥିଲେ। ସେଠାରେ ପଙ୍କରମାତ୍ରା ଅଧିକ ଥିବାରୁ ହାତୀପଲ ବାହାରକୁ ବାହାରି ପାରି ନ ଥିଲେ। ଖବରପାଇ ବନ ବିଭାଗର ଏସ୍‌ଟିଏଫ ଡ. ଟିପିଲିପି ବିଶ୍ୱାଳ, ଆଠଗଡ଼ ଡିଏଫ୍‌ଓ ଯଜ୍ଞଦତ୍ତ ପତି, ବିଭାଗୀୟ କର୍ମଚାରୀ କୃଷ୍ଣଚନ୍ଦ୍ର ସ୍ୱାଇଁଙ୍କ ସମେତ ଅଗ୍ନିଶମ ବିଭାଗ ଓ ପୋଲିସ କର୍ମଚାରୀ ପହଞ୍ଚି ଫସି ରହିଥିବା ହାତୀଙ୍କୁ କିପରି ସୁରକ୍ଷିତ ଉଦ୍ଧାର କରାଯିବ ସେଥିପ୍ରତି ଧ୍ୟାନ ଦେଇଥିଲେ। ଢେଙ୍କାନାଳ ଓ କପିଳାସରୁ ମଧ୍ୟ ଉଦ୍ଧାରକାରୀ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ। ରାତି ପ୍ରାୟ ୮ଟା ବେଳେ ଉକ୍ତ ହାତୀପଲ ନାଳରୁ ବାହାରିଥିଲେ। ଏ ସମ୍ପର୍କରେ ବଡ଼ମ୍ବା ରେଞ୍ଜ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀ କୃଷ୍ଣ ଚନ୍ଦ୍ର ସ୍ୱାଇଁ କହିଛନ୍ତି, ଦିନ ସାରା ଲୋକଙ୍କ ଗହଳି ଥିବାରୁ ହାତୀପଲ ନାଳରୁ ବାହାରକୁ ବାହାରି ନ ଥିଲେ। ଲୋକଙ୍କ ଗହଳିଭାଙ୍ଗିବା ପରେ ହାତୀପଲ ଆପଣା ଛାଏଁ ବାହାରି ନିକଟସ୍ଥ ଜଙ୍ଗଲକୁ ଚାଲିଯାଇଛନ୍ତି।

Government of Odisha
Sports & Youth Services Department
Request for Proposal
Sports & Youth Services Department, Government of Odisha invites limited bids from empanelled agencies to the RFP No. : SYS-YS-YS-0011-2024/20828/SYS. The details of the document are available at the below mentioned website https://sports.odisha.gov.in/tenders-advertisement. Interested empanelled firms/parties/agencies are advised to study the RfP document carefully before submitting their bid.
Important Dates and Information :
Date of Publication of Bid : 15/06/2024
Last date and time for submission of Bid : 18/06/2024, at 4:00 PM
Opening of the Technical Bid : 18/06/2024, 05:00 PM
Sd./- Commissioner-cum-Secretary
OIPR-

# ଗୋଟିଏ ନିଯୁକ୍ତି ୩.୨ କୋଟି

୨୦୧୪ରୁ ୨୦୨୪ ପର୍ଯ୍ୟନ୍ତ କେନ୍ଦ୍ରରେ ଭାଜପା ସରକାର ଗଢ଼ିଆସିଥିଲା। ନାମକୁମାତ୍ର ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାର କୁହାଯାଉଥିଲେ ମଧ୍ୟ ସହଯୋଗୀ ଦଳଗୁଡ଼ିକର କୌଣସି ଗୁରୁତ୍ୱ ରହୁ ନ ଥିଲା। ୨୦୨୪ ନିର୍ବାଚନରେ ଭାଜପାର '୪୦୦ ପାର୍' ଧ୍ୱନି ବିଫଳ ହେବା ଯୋଗୁ ଏବକାର ସ୍ଥିତି ବଦଳିଛି। ସହଯୋଗୀ ଦଳଗୁଡ଼ିକ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟର ମନ୍ତ୍ରୀ ହେବାର ସୁଯୋଗ ପାଇଛନ୍ତି। ତାହାର ଏକମାତ୍ର କାରଣ ହେଲା ଭାଜପା ୨୭୨ ଆସନ ଜିଣିପାରିନାହିଁ। ତେଣୁ ଏହାକୁ ମୋଦି ୩.୦ ସରକାର ପରିବର୍ତ୍ତେ ଏନ୍‌ଡିଏ ସରକାର କହିଲେ ବୋଧହୁଏ ସତ୍ୟର ଅଧିକ ନିକଟତର ହୋଇପାରିବ। ଏହାର ପ୍ରମାଣ ଆରମ୍ଭରୁ ମିଳିଲାଣି। ଉଦାହରଣ ସ୍ୱରୂପ, ଭାଜପାର ବୈଚାରିକ ଉପଦେଷ୍ଟା ଭାବେ ଜଣାଶୁଣା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ର ତୁଙ୍ଗ ନେତାମାନେ ସରକାର ବିରୋଧରେ କଠୋର ମନ୍ତବ୍ୟ ଦେବା ଆରମ୍ଭ କଲେଣି। ତାହାସହିତ ମନ୍ତ୍ରିମଣ୍ଡଳ ଭିତରୁ ମଧ୍ୟ ଏପାଖସେପାଖ ମନ୍ତବ୍ୟ ଶୁଣିବାକୁ ମିଳିଲାଣି। ଯଥା ବର୍ତ୍ତମାନ କେନ୍ଦ୍ର ଇସ୍ପାତ ଓ ଭାରି ଶିଳ୍ପ ମନ୍ତ୍ରୀ ତଥା ଧର୍ମନିରପେକ୍ଷ ଜନତା ଦଳ(ଜେଡିଏସ୍) ନେତା ଏଚ୍. ଡି. କୁମାରସ୍ୱାମୀ ସରକାରଙ୍କ ନୀତି ଉପରେ ପ୍ରଶ୍ନ ଉଠାଇଛନ୍ତି। ଆମେରିକୀୟ ସେମିକଣ୍ଡକ୍ଟର କମ୍ପାନୀ 'ମାଇକ୍ରନ୍ ଟେକ୍ନୋଲୋଜି' ଗୁଜରାଟରେ ୨.୫ ବିଲିୟନ ଡଲାର ପୁଞ୍ଜିନିବେଶରେ ଏକ କାରଖାନା ସ୍ଥାପନ କରିବାକୁ ଯାଉଛି। ଚୁକ୍ତି ଅନୁଯାୟୀ ଉକ୍ତ କାରଖାନାରେ ପ୍ରତ୍ୟେକଟି ନିଯୁକ୍ତି ସୃଷ୍ଟି ପାଇଁ କମ୍ପାନୀ ସରକାରଙ୍କଠାରୁ ୩.୨ କୋଟି ଟଙ୍କା ସବ୍‌ସିଡି ନେବାକୁ ଥିବାରୁ ତାହା ଉପରେ କୁମାରସ୍ୱାମୀ ଚିନ୍ତା ପ୍ରକଟ କରିଛନ୍ତି। ତାଙ୍କ ହିସାବ ଅନୁଯାୟୀ ଯଦି କମ୍ପାନୀ ୫,୦୦୦ ନିଯୁକ୍ତି ସୃଷ୍ଟି କରିବ, ତାହା ହେଲେ ଏଥିପାଇଁ ଭାରତକୁ ୨ ବିଲିୟନ ଡଲାର ଦେବାକୁ ପଡ଼ିବ, ଯାହାକି କମ୍ପାନୀ ନିବେଶର ୭୦ ପ୍ରତିଶତ। କୁମାରସ୍ୱାମୀଙ୍କ ଏହି କଥାରୁ ବୁଝାପଡୁଛି ଯେ 'ମାଛ ତେଲରେ ମାଛ ଭାଜିବା'ର ପ୍ରକ୍ରିୟା ଚାଲିଆସିଥିଲା। ଗୋଟିଏ କମ୍ପାନୀକୁ ଅତ୍ୟଧିକ ପରିମାଣର ପାଣ୍ଠି ଯୋଗାଇ ନିଯୁକ୍ତି ସୃଷ୍ଟି କରିବା ଯଥାର୍ଥ ନୁହେଁ ବୋଲି ସେ କହିବା ସହ ବେଙ୍ଗାଲୁରୁର ଛୋଟ ଶିଳ୍ପସଂସ୍ଥାଗୁଡ଼ିକରେ ଅନେକ ଲକ୍ଷ ନିଯୁକ୍ତି ସୃଷ୍ଟି କରାଯାଇଥିବା ବେଳେ ସେମାନଙ୍କୁ କେତେ ସୁବିଧା ଦିଆଯାଇଛି ବୋଲି କୁମାରସ୍ୱାମୀ ମଧ୍ୟ ପ୍ରଶ୍ନ କରିଥିଲେ। ତାଙ୍କ ଏଭଳି ମନ୍ତବ୍ୟ ଦେଶରେ ଝଡ଼ ସୃଷ୍ଟି କରିବା ପରେ ସେ ବର୍ତ୍ତମାନ ସଫେଇ ଦେବାକୁ ଯାଇ କହିଛନ୍ତି ଯେ, ନିଯୁକ୍ତି ସୃଷ୍ଟି ସମ୍ବନ୍ଧୀୟ ଦିଆଯାଇଥିବା ମତକୁ ଭିନ୍ନ ଭାବେ ଉପସ୍ଥାପିତ କରାଯାଇଛି।

ସରକାରଙ୍କ ନୀତି ନେଇ କୁମାରସ୍ୱାମୀ ଏତେଗୁଡ଼ିଏ କଥା କହିବା ପରେ ଏବେ ସେଥିରୁ ଓହରିଯିବା ସମ୍ଭବତଃ ଦର୍ଶାଉଛି ଯେ, ତାଙ୍କ ଉପରେ ଚାପ ପଡ଼ିଛି। ଏଭଳି ସ୍ଥଳେ ସାଧାରଣରେ ଚିନ୍ତା କରାଗଲେ କୁମାରସ୍ୱାମୀ ପ୍ରଥମେ କରିଥିବା ଯୁକ୍ତିର ଅନେକ ଓଜନ ଅଛି। ସମସ୍ତେ ଜାଣନ୍ତି ଭାରତ ଘୋର ବେକାରି ସମସ୍ୟା ଦେଇ ଗତି କରୁଛି। ଏଠାରେ ବୈଦେଶିକ ପୁଞ୍ଜିନିବେଶର ଯଥେଷ୍ଟ ଆବଶ୍ୟକତା ରହିଛି, ଯେହେତୁ ଯୁବପିଢ଼ିଙ୍କ ମଧ୍ୟରୁ ଅନେକଙ୍କ ହାତରେ କାମ ନାହିଁ। କିନ୍ତୁ ଚାକିରି ସୃଷ୍ଟି କରିବା ନାମରେ କରଦାତାଙ୍କ ଅର୍ଥକୁ ତ୍ରୁଟିପୂର୍ଣ୍ଣ ଭାବେ ବିଦେଶୀ କମ୍ପାନୀଙ୍କୁ ଧରାଇଦେବା ସବୁଠୁ ବଡ଼ ଅପରାଧ। ଏଠି ଗୋଟିଏ ଘଟଣା କୁମାରସ୍ୱାମୀ ପଦାକୁ ଆଣିଲେ। ତାଙ୍କ ଉପରେ ତୁରନ୍ତ ଚାପ ପଡ଼ିଲା। ଚାପ ପଡ଼ିବା ମାତ୍ରକେ କୁମାରସ୍ୱାମୀ ସ୍ପଷ୍ଟୀକରଣ ଦେବା ପାଇଁ ବାଧ ହୋଇଥିବା ଭଳି ମନେହେଉଛି। ଅର୍ଥାତ୍ ଏଥିରୁ ଏତିକି ବୁଝିହେବ ଯେ ବିଗତ ଦଶନ୍ଧିରେ ଆହୁରି ଅନେକ ଏହିଭଳି ନିଷ୍ପତ୍ତି ଏବଂ କାର୍ଯ୍ୟ ନିଶ୍ଚିତ ଭାବେ କରାଯାଇଛି। ଏହି ଗୋଟିଏ ଘଟଣା ସଙ୍କୋଟ ସରକାରର ଧ୍ୱନିକୁ ପଙ୍କ୍‌ଚର କରିଦେଇଛି।

ଗତ ୧୦ ବର୍ଷର କେନ୍ଦ୍ର ସରକାରଙ୍କ ଶାସନ ଦେଖିଲେ ଜନସାଧାରଣ ବିଭିନ୍ନ କ୍ଷେତ୍ରରେ କ୍ଷତି ସହିଆସିଛନ୍ତି। ସଂଖ୍ୟାଗରିଷ୍ଠତା ହାସଲ କରିଥିବାରୁ ହାତଗଣତି ଶୀର୍ଷ ନେତା ବିନା କାହାରି ପରାମର୍ଶ, ଏପରିକି ମନ୍ତ୍ରିମଣ୍ଡଳର ସମ୍ପୃକ୍ତ ମନ୍ତ୍ରୀଙ୍କ ସହ ବିଚାରବିମର୍ଶ ନ କରି ଅନେକ ନିଷ୍ପତ୍ତି ନେଇଥିଲେ। ଏବେ ସରକାର ଗଢ଼ାଯିବା ପରେ କେତେକ ଘଟଣାକୁ ସେହିଭଳି ମୋଡ଼ ଦେବାକୁ ପ୍ରୟାସ ଆରମ୍ଭ ହୋଇଛି। ସେଥିମଧ୍ୟରୁ ଲେଖିକା ଅରୁନ୍ଧତୀ ରାୟଙ୍କ ବିରୋଧରେ ୨୦୧୦ର ଏକ ମାମଲାରେ ବେଆଇନ କାର୍ଯ୍ୟକଳାପ ନିବାରଣ ଆଇନ (ୟୁଏପିଏ) ଲାଗୁ କରିବା ସକାଶେ ଦିଲ୍ଲୀ ଉପରାଜ୍ୟପାଳ ଭି.କେ. ସାକ୍ସେନା ମଞ୍ଜୁରୀ ପ୍ରଦାନ କରିଥିବାରୁ ତାହାକୁ ନେଇ ବିରୋଧୀ ପ୍ରଶ୍ନ ଉଠାଇବା ସ୍ୱାଭାବିକ। ୧୪ ବର୍ଷ ପରେ ଉକ୍ତ ମାମଲାର ବିଚାର ପାଇଁ ଅନୁମତି ଦିଆଯିବା ବିଷୟକୁ ତର୍ଜମା କରାଯିବା ଆବଶ୍ୟକ।

ଏଭଳି ପ୍ରଚ୍ଛଦପଟରେ ମେଣ୍ଟ ସରକାରର ଭାଗୁଆଳି ଦଳଗୁଡ଼ିକ ଏକ ସନ୍ତୁଳିତ ଶାସନ ପାଇଁ ଉଦ୍ୟମ କରିବା ଦରକାର। ତାଙ୍କ ନିଜ ରାଜ୍ୟରେ କିମ୍ବା ଆସନରେ ତିଷ୍ଠି ରହିବାକୁ ହେଲେ ସେମାନଙ୍କୁ ସ୍ୱର ଉଠାଇବାକୁ ପଡ଼ିବ। ନୀରବ ରହିଗଲେ ବିଜୁ ଜନତା ଦଳର ପରିଣତି ଭୋଗିବାକୁ ପଡ଼ିବ।

# ଲିଙ୍ଗଗତ ନିରପେକ୍ଷତାର ବାର୍ତ୍ତା



ଡ. ସନ୍ତୋଷ କୁମାର ମହାପାତ୍ର

ଲିଙ୍ଗଗତ ବ୍ୟବଧାନ, ବିଭିନ୍ନ ଲିଙ୍ଗର ଲୋକଙ୍କ ମଧ୍ୟରେ ଆପେକ୍ଷିକ ପାର୍ଥକ୍ୟ, ଯାହା ସମାଜର ବିଭିନ୍ନ କ୍ଷେତ୍ରରେ ପ୍ରତିଫଳିତ ହୁଏ। ସାମାଜିକ, ରାଜନୈତିକ, ବୌଦ୍ଧିକ, ସାଂସ୍କୃତିକ, ବୈଜ୍ଞାନିକ ଏବଂ ଅର୍ଥନୈତିକ ସଫଳତା କିମ୍ବା ମନୋଭାବରେ ପୁରୁଷ ଏବଂ ମହିଳାଙ୍କ ମଧ୍ୟରେ ପାର୍ଥକ୍ୟ ଅଛି। ବିଶେଷ ଭାବେ ମହିଳାମାନେ ପୁରୁଷଙ୍କ ତୁଳନାରେ ଲିଙ୍ଗଗତ ଅସମାନତା ଓ ଲିଙ୍ଗଗତ ଭେଦଭାବର ବେଶି ଶିକାର ହୋଇଥାନ୍ତି। ୨୦୦୬ରୁ ପ୍ରକାଶିତ ବିଶ୍ୱ ଅର୍ଥନୈତିକ ମଞ୍ଚର ଗ୍ଲୋବାଲ ଜେଣ୍ଡର ଗ୍ୟାପ୍ ଇଣ୍ଡେକ୍ସ ବା ବିଶ୍ୱ ଲିଙ୍ଗ ପାର୍ଥକ୍ୟ ସୂଚକାଙ୍କରେ ଲିଙ୍ଗଜନିତ ବୈଷମ୍ୟ ଜଣାପଡ଼ିଥାଏ। ବିଶ୍ୱ ଅର୍ଥନୈତିକ ମଞ୍ଚର ୧୮ତମ ଗ୍ଲୋବାଲ ଜେଣ୍ଡର ଗ୍ୟାପ୍ ଇଣ୍ଡେକ୍ସ ୨୦୨୪ ଜୁନ୍ ୧୨ରେ ପ୍ରକାଶିତ ହୋଇଛି। ବିଶ୍ୱରେ ୨୦୨୩ର ବିଶ୍ୱ ଲିଙ୍ଗଗତ ପ୍ରଭେଦ ସୂଚକାଙ୍କ ଅନୁସାରେ ମହିଳାମାନଙ୍କୁ ପୁରୁଷମାନଙ୍କ ସହିତ ସମକକ୍ଷ ହେବା ପାଇଁ ୧୩୧ ବର୍ଷ ଲାଗିବ ବୋଲି କୁହାଯାଉଥିଲାବେଳେ ୨୦୨୪ରେ ୧୩୪ବର୍ଷ ଲାଗିବ ବୋଲି କୁହାଯାଇଛି। ଅର୍ଥାତ୍ ୨୧୫୮ମସିହାରେ ଲିଙ୍ଗଗତ ପ୍ରଭେଦ ଦୂର ହୋଇପାରିବ।

ବିଶ୍ୱରେ ସାମଗ୍ରିକ ଭାବେ ଲିଙ୍ଗଗତ ସମାନତା ୨୦୨୩ରେ ୬୮.୪%ରେ ପହଞ୍ଚିଥିଲା ବେଳେ ୨୦୨୪ରେ ଏହା ୬୮.୫% କୁ ବୃଦ୍ଧି ପାଇଛି। ଏହାର ଅର୍ଥ ଲିଙ୍ଗଗତ ପ୍ରଭେଦ ଏବେ ଆହୁରି ୩୧.୬% ଅଛି। ଏହି ଲିଙ୍ଗଗତ ପାର୍ଥକ୍ୟ ବିଶ୍ୱ ହାରାହାରିଠାରୁ ଭାରତରେ ଅଧିକ ଗମ୍ଭୀର। ୨୦୨୩ରେ ଭାରତ ୬୪.୩% ଲିଙ୍ଗଗତ ସମାନତା ହାସଲ କରିଲାବେଳେ ୨୦୨୪ରେ ଏହା ୬୪.୧%କୁ ହ୍ରାସ ପାଇଛି। ଯଦିଓ କୌଣସି ଦେଶ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଲିଙ୍ଗଗତ ସମାନତା ହାସଲ କରିନାହାନ୍ତି, ଶ୍ରେଷ୍ଠ ପାଞ୍ଚ ଦେଶ ହେଲେ ଆଇସଲ୍ୟାଣ୍ଡ, ଫିନଲ୍ୟାଣ୍ଡ, ନରୱେ, ନ୍ୟୁଜିଲାଣ୍ଡ, ସୁଇଡେନ। ଗ୍ରେଟ୍‌ବ୍ରିଟେନ ୧୪, ଡେନ୍‌ମାର୍କ ୧୫, ଦକ୍ଷିଣ ଆଫ୍ରିକା ୧୮, ଆମେରିକା ୪୩, ଇଟାଲୀ ୮୭, ଇସ୍ରାଏଲ ୯୧, ଦକ୍ଷିଣ କୋରିଆ ୯୪ ଏବଂ ବାଂଲାଦେଶ ୯୯ରେ ସ୍ଥାନ ପାଇଛି। ଆଫଗାନିସ୍ତାନ ଚଳିତ ବର୍ଷର ତଥ୍ୟରେ ସ୍ଥାନ ପାଇ ନ ଥିବାରୁ ଯୁଦ୍ଧରେ ଧ୍ୱସ୍ତବିଧ୍ୱସ୍ତ ସୁଦାନ ଶେଷ ସ୍ଥାନରେ ରହିଛି। ମଲାୱି, ମ୍ୟାନମାର ଏବଂ ରୁଷିଆ ମଧ୍ୟ ଅନ୍ତର୍ଭୁକ୍ତ ହୋଇ ନ ଥିଲେ। ୨୦୨୩ ସୂଚକାଙ୍କରେ ୧୪୬ ଟି ଦେଶ ମଧ୍ୟରୁ ଭାରତ ୧୨୭ ସ୍ଥାନରେ ଥିଲାବେଳେ ୨୦୨୪ରେ ୧୨୯ ସ୍ଥାନକୁ ଖସି ଆସିଛି। ଅର୍ଥାତ୍ ଲିଙ୍ଗଗତ ପ୍ରଭେଦ ଦୂର କରିବାରେ ଏବେ ବି ୧୨୮ଟି ଦେଶ ତଳେ ଭାରତ ରହିଛି। ୨୦୦୬ରେ ଭାରତ ଯେଉଁ



ସ୍ଥିତିରେ ଥିଲା ୨୦୨୪ରେ ୩୧ଟି ସ୍ଥାନ ନିମ୍ନଗାମୀ ହୋଇଛି। ଚିନ୍ତାଜନକ ବିଷୟ ହେଉଛି ୨୦୧୪ରେ ୧୪୨ଟି ଦେଶ ମଧ୍ୟରୁ ୧୧୪ ସ୍ଥାନରେ ଥିଲା। ଭାରତ ପଡୋଶୀ ଦେଶ ଯଥା ବାଂଲାଦେଶ(୯୯), ନେପାଳ (୧୧୧), ଭୁଟାନ (୧୨୪) ଏବଂ ଶ୍ରୀଲଙ୍କା (୧୨୫) ଠାରୁ ପଛରେ ରହିଛି ଏବଂ କେବଳ ପାକିସ୍ତାନ (୧୪୫ )ଠାରୁ ଉନ୍ନତ ସ୍ଥିତିରେ ରହିଛି।

ଏହା ସୂଚକାଙ୍କ ଚାରୋଟି ସବ୍-ଇଣ୍ଡେକ୍ସ ବା ଉପ ସୂଚକାଙ୍କ ଯଥା ମହିଳାମାନଙ୍କର ଅର୍ଥନୈତିକ ଅଂଶଗ୍ରହଣ ଏବଂ ସୁଯୋଗ ପ୍ରାପ୍ତି, ଶିକ୍ଷା ପ୍ରାପ୍ତି, ସ୍ୱାସ୍ଥ୍ୟ ଏବଂ ବଞ୍ଚିବାର ସମ୍ଭାବନା, ରାଜନୈତିକ ସଶକ୍ତୀକରଣ ଉପରେ ପର୍ଯ୍ୟବସିତ। ଭାରତ ନିମ୍ନଗାମୀ ହେବାର କାରଣ ହେଉଛି ଶିକ୍ଷାପ୍ରାପ୍ତି ଏବଂ ରାଜନୈତିକ ସଶକ୍ତୀକରଣରେ ଖରାପ ପ୍ରଦର୍ଶନ କରିଛି। ଆର୍ଥିକ ଅଂଶଗ୍ରହଣ ଏବଂ ସୁଯୋଗରେ ସୂଚକାଙ୍କରେ ପୂର୍ବବର୍ଷ ପରି ୧୪୨ତମ ସ୍ଥାନରେ ଥିଲାବେଳେ ଏଥର ସେହି ସ୍ଥାନରେ ରହିଛି। ଶ୍ରମ-ଶକ୍ତିରେ ଅଂଶଗ୍ରହଣ ହାରରେ ୧୩୪ତମ ଏବଂ ସମାନ କାର୍ଯ୍ୟ ପାଇଁ ମଜୁରି ସମାନତା ଉପରେ ୧୨୦ ତମ ସ୍ଥାନ ଅଧିକାର କରିଛି, ଯାହା ପୁରୁଷ ଏବଂ ମହିଳାଙ୍କ ମଧ୍ୟରେ ରୋଜଗାରରେ ଯଥେଷ୍ଟ ପାର୍ଥକ୍ୟ ଦର୍ଶାଉଛି। ଭାରତର ଆର୍ଥିକ ସମାନତା ୩୯.୮% ପହଞ୍ଚିଛି। ଏହାର ଅର୍ଥ ମଜୁରି ତାରତମ୍ୟ ବ୍ୟାପକ। ଭାରତରେ ମହିଳାମାନେ ପୁରୁଷମାନେ ରୋଜଗାର କରୁଥିବା ପ୍ରତ୍ୟେକ ୧୦୦ଟଙ୍କା ପାଇଁ ହାରାହାରି ୩୯.୮ ଟଙ୍କା ରୋଜଗାର କରନ୍ତି। ଏହା ଦର୍ଶାଏ ଯେ ଭାରତରେ ମହିଳାମାନେ କେତେ ଅବହେଳିତ ଓ ବଞ୍ଚିତ। ଶିକ୍ଷାପ୍ରାପ୍ତି ଦୃଷ୍ଟିରୁ ଭାରତ ପୂର୍ବବର୍ଷ ୨୬ତମ ସ୍ଥାନରେ ଥିଲାବେଳେ ୨୦୨୪ ସୂଚକାଙ୍କରେ ୧୧୨ ସ୍ଥାନକୁ ଖସିଆସିଛି। ଏହାର ମୁଖ୍ୟ କାରଣ ହେଉଛି ସାକ୍ଷରତା ହାର ଦୃଷ୍ଟିରୁ ପୁରୁଷଙ୍କଠାରୁ ମହିଳାଙ୍କ କ୍ଷେତ୍ରରେ ଏହା ୧୭.୨% କମ୍। ପ୍ରାଥମିକ ଶିକ୍ଷା ନାମଲେଖାରେ ୮୯ ତମ ସ୍ଥାନରେ ଥିବାବେଳେ ଉଚ୍ଚଶିକ୍ଷା ନାମଲେଖାରେ ୧୦୫ ତମ, ସାକ୍ଷରତା ହାରରେ ୧୨୪ ତମ ସ୍ଥାନରେ ରହିଛି।

ରାଜନୈତିକ ସଶକ୍ତୀକରଣରେ ଭାରତ ୨୦୨୩ ସୂଚକାଙ୍କରେ ୫୯ତମ ସ୍ଥାନରେ ଥିଲାବେଳେ ଏବର୍ଷ ୬୫ ଅଙ୍କକୁ ଖସି ଆସିଛି। ସଂସଦରେ ବିଶ୍ୱରେ ମହିଳାଙ୍କ ପ୍ରତିନିଧି ୨୭.୬% ହୋଇଥିଲାବେଳେ ଭାରତରେ ମହିଳାଙ୍କ ପ୍ରତିନିଧି ମାତ୍ର ୧୭.୨% ଏବଂ କେନ୍ଦ୍ର ଓ ରାଜ୍ୟର ମନ୍ତ୍ରୀ ପଦରେ ମାତ୍ର ୬.୯% ଥିବାରୁ ଭାରତର ସ୍ଥିତିରେ ଅବନତି ଘଟିଛି। ଏହା ଆହୁରି ନିମ୍ନଗାମୀ ହେବ, କାରଣ ଗତ ଲୋକ ସଭାରେ ମହିଳାଙ୍କ ପ୍ରତିନିଧି ୧୪.୪% ଥିଲାବେଳେ ୨୦୨୪ରେ ୧୩.୬%କୁ ହ୍ରାସ ପାଇଛି। ଏହା ଅତ୍ୟନ୍ତ ଚିନ୍ତାର କାରଣ ଯେ ମହିଳାଙ୍କ ପାଇଁ ୩୩% ସଂରକ୍ଷଣ ବ୍ୟବସ୍ଥା ଆଗାମୀ ଦିନରେ କାର୍ଯ୍ୟକାରୀ ହେବ। ସେହିପରି ମହିଳାମାନଙ୍କ ସ୍ୱାସ୍ଥ୍ୟ ଏବଂ ବଞ୍ଚିବାର ସମ୍ଭାବନା କ୍ଷେତ୍ରରେ ଭାରତ ୧୪୨ ସ୍ଥାନରେ ଅଛି।

ଭାରତରେ ମହିଳାଙ୍କ ସଂଖ୍ୟା ମୋଟ ଜନସଂଖ୍ୟାର ୪୮%ରୁ ଅଧିକ, କିନ୍ତୁ ଶ୍ରମଶକ୍ତିରେ ଅଂଶଗ୍ରହଣ ମାତ୍ର ୨୪% ଓ ଜିଡିପିକୁ ଅବଦାନ ମାତ୍ର ୧୭%। ମହିଳାମାନେ ମଜୁରି ମିଳୁ ନ ଥିବା ଘରୋଇ କାର୍ଯ୍ୟ ପ୍ରାୟ ୮୦% କରନ୍ତି, ଏଣୁ ଜିଡିପିରେ ଅବଦାନ କମ୍ ରହୁଛି। ଯଦି ପୁରୁଷଙ୍କ ପରି ମହିଳାଙ୍କୁ ସମାନ ସୁବିଧା ସୁଯୋଗ ଓ ସୁବିଧା ମିଳେ, ତେବେ ଜିଡିପି ଅଧିକ ବୃଦ୍ଧିପାଇବ। ଏଣୁ ଲିଙ୍ଗଗତ ସମାନତା ଉପରେ ଧ୍ୟାନ ଦେବା ଆବଶ୍ୟକ। ଏଣୁ ଲିଙ୍ଗଗତ ସମାନତା ପରେ ବା ଲିଙ୍ଗଭିତ୍ତିକ ଇକ୍ୱିଟି ଉପରେ ପ୍ରାଧାନ୍ୟ ଦିଆଯାଇଛି। ଲିଙ୍ଗଗତ ସମାନତା ଅର୍ଥ ଲିଙ୍ଗ ବା ଜେଣ୍ଡରକୁ ଭିତ୍ତିକରି କୌଣସି ସୁବିଧା ସୁଯୋଗରୁ ବଞ୍ଚିତ ନ କରି ସମାନ ସୁଯୋଗ, ସୁବିଧା ଉଭୟ ପୁରୁଷ ମହିଳାଙ୍କୁ ଯୋଗାଇ ଦେବା। କିନ୍ତୁ ସବୁ ମହିଳା ସମାନ ସ୍ଥିତିରେ ନାହାନ୍ତି। କିଛି ମହିଳା ପ୍ରାଚୁର୍ଯ୍ୟ, ଉନ୍ନତ ତଥା ସାଧୀନ ଜୀବନ ବିତେଇଲା ବେଳେ ଅନେକେ ଅତ୍ୟନ୍ତ ଯନ୍ତ୍ରଣାଦାୟକ, ଦୁଃଖମୟ ଜୀବନ ବିତାଉଛନ୍ତି। ଏଣୁ ସବୁ ମହିଳାଙ୍କୁ ସମାନ ସୁବିଧା, ସୁଯୋଗ ନ ଦେଇ ଯିଏ ଅଧିକ ଦୁର୍ବଳ, ନିଷ୍ପେଷିତ, ଅବହେଳିତ ତାଙ୍କୁ ଅନ୍ୟମାନଙ୍କ ସହିତ ସମକକ୍ଷ ହେବାପାଇଁ ଅଧିକ ସୁବିଧା, ସୁଯୋଗ ଓ ରିହାତି ଯୋଗାଇଦେବା ଆବଶ୍ୟକ, ଯାହାକୁ ଲିଙ୍ଗଭିତ୍ତିକ ମୌଳିକ ନ୍ୟାୟ ବା ଇକ୍ୱିଟି କୁହାଯାଏ। ଏଥିପାଇଁ ମହିଳାମାନଙ୍କ କ୍ଷେତ୍ରରେ ଅଧିକ ନିବେଶ ଆବଶ୍ୟକ। ସମ୍ପ୍ରତି କେରଳ ସରକାରଙ୍କ ନୂତନ ପଦକ୍ଷେପ ସ୍ୱରୂପ ସ୍କୁଲ ପାଠ୍ୟପୁସ୍ତକରେ ଲିଙ୍ଗ ନିରପେକ୍ଷ ତଥ୍ୟ ଉପସ୍ଥାପନ କରାଯାଉଛି। ଅର୍ଥାତ୍ ଆଗରୁ ଜଣେ ମହିଳା ରୋଷେଇ କରିବାର ଦେଖିବାକୁ ମିଳୁଥିଲା ଏବଂ ଏବେ ଉଭୟ ମହିଳା କିମ୍ବା ପୁରୁଷଙ୍କୁ ଦେଖିବାକୁ ମିଳିବ। କର୍ତ୍ତୃପକ୍ଷଙ୍କ କହିବାନୁସାରେ, ସେମାନଙ୍କର ଉଦ୍ୟମର ଉଦ୍ଦେଶ୍ୟ ହେଉଛି ପିଲାମାନଙ୍କର ମନରେ ଲିଙ୍ଗ ନିରପେକ୍ଷତାର ବାର୍ତ୍ତା ପ୍ରଚାର କରିବା।

ମୋ: ୯୪୩୭୨୦୮୭୬୨

# ସୀମା ଭିତରେ ଜୀଇବା



ବିପ୍ଳବ

ମଣିଷ ଗୋଟିଏ ସାମାଜିକ ପ୍ରାଣୀ। ତେଣୁ ସାମାଜିକ ବିଧି ବ୍ୟବସ୍ଥା ଭିତରେ ଏକ ଶୃଙ୍ଖଳିତ ଜୀବନଯାପନ ପାଇଁ ଅନେକ ସୀମାରେଖା ତା' ପାଇଁ ରହିଛି। କିଛି ସୀମାରେଖା ସମ୍ବିଧାନ ଟାଣିଚି, କିଛି ସୀମାରେଖା ସମାଜ ଟାଣିଚି। କିଛି ସୀମାରେଖା ସେ କାର୍ଯ୍ୟ କରୁଥିବା କ୍ଷେତ୍ର ଟାଣିଛି। ବିଚାରବନ୍ତ ବ୍ୟକ୍ତିବିଶେଷ ନିଜର ମଙ୍ଗଳ ପାଇଁ ବା ଦେଶ, ଜାତି ଅଥବା ଅନ୍ୟର ମଙ୍ଗଳ ପାଇଁ କେତେକ ସୀମାରେଖା ନିଜ ପାଇଁ ଟାଣି ଥାଆନ୍ତି। ଏହିସବୁ ସୀମାରେଖା ଟପି ଯାଉଥିବା ଲୋକଙ୍କୁ ସମାଜ ଅସାମାଜିକ ଆଖ୍ୟା ଦିଏ ଆଉ ତା'ର ବିଚାରକରି ଉପଯୁକ୍ତ ଦଣ୍ଡବିଧାନ କରିଥାଏ। ଏ ତ ଗଲା ସୂକ୍ଷ୍ମ ବିଚାରର ସୀମାରେଖା। ସ୍ଥୂଳ ରୂପରେ ଦେଖିଲେ ଅନେକ ସୀମାରେଖା ମଣିଷ ପାଇଁ ରହିଛି ବା ସେ ନିଜେ ସୃଷ୍ଟି କରିଛି। ଏଇ ଯେମିତି କ୍ଷେତ ମଝିରେ ହିଡ଼, ଘର ମଝିରେ ବାଡ଼, କ୍ଷେତ୍ରର ପରିସୀମା ନିର୍ଦ୍ଧାରଣ ପାଇଁ ପାଚେରି, ଦେଶର ପରିସୀମା ନିର୍ଦ୍ଧାରଣ ପାଇଁ ଏଲ୍‌ଓସି ଇତ୍ୟାଦି। ଏଇ ହିଡ଼, ବାଡ଼, ପାଚେରି ଅଥବା ଏଲ୍‌ଓସି ଯିଏ ଡେଇଁଚି ତା' ପାଇଁ ବିପଦ ଘନେଇ ଆସିଛି। ସେମିତି ମଣିଷ ଜୀବନଶୃଙ୍ଖଳାର ସୀମାରେଖାରେ ବନ୍ଧା। ତାକୁ ଯେତେବେଳେ ମଣିଷ ଅତିକ୍ରମ କରିଯିବାର ପ୍ରୟାସ କରିଛି, ନିଜ ପାଇଁ ବିପଦ ଟାଣିଆଣିଚି। ଦୁଃଖ, ଯନ୍ତ୍ରଣା, ପ୍ରତିକୂଳ ପରିସ୍ଥିତିର ସାମ୍ନା କରିଛି। ବେଳେବେଳେ ମୃତ୍ୟୁକୁ ବି କୋଳେଇ ନେବାକୁ ବାଧ ହୋଇଛି।

ସୀମାରେଖା ଡେଇଁଯିବାର କୁପରିଣାମ ବିଷୟରେ ଆମର ପୁରାଣ, ଶାସ୍ତ୍ର, ଇତିହାସର ପର୍ଯ୍ୟାପ୍ତ ଉଦାହରଣ ରହିଛି। ସୁବର୍ଣ୍ଣ ହରିଣୀ ଏକ ଅବାସ୍ତବ ସୃଷ୍ଟି ଜାଣି ମଧ୍ୟ ପ୍ରଭୁ ଶ୍ରୀରାମ ତା'ର ପଶ୍ଚାଧାବନ କରିଥିଲେ। ଅନୁଜ ଲକ୍ଷ୍ମଣ ମାତା ଜାନକୀଙ୍କ ପାଇଁ ତିନି ସୀମାରେଖା ଟାଣିଥିଲେ। କିନ୍ତୁ ମାତା ତାକୁ ଟପି ଯାଇଥିଲେ। ଫଳ କ'ଣ ହେଲା ? ରାକ୍ଷସ ରାବଣ ଆଉ ବାନର ରାଜା ବାଳୀ ଅନ୍ୟର ପତ୍ନୀ ହରଣ କରିଥିଲେ। ସୀମାରେଖା ଟପିଯିବାର ଦଣ୍ଡ ସ୍ୱରୂପ ଉଭୟଙ୍କୁ ମୃତ୍ୟୁଦଣ୍ଡ ମିଳିଥିଲା। ଏ ତ ଗଲା ରାମାୟଣର କଥା। ମହାଭାରତରେ ବି ସୀମା ଟପିଯିବାର ଅସଂଖ୍ୟ ଉଦାହରଣ ରହିଛି। ଦୁର୍ଯ୍ୟୋଧନ ପ୍ରତି ଅନ୍ଧପୁତ୍ର ଅନ୍ଧ ଭଳି କଟୁ ମନ୍ତବ୍ୟ ଦେଇ ପାଞ୍ଚାଳୀ ନିଜ ପାଇଁ ବିପଦ ଆହ୍ୱାନ କରିଥିଲେ। ଫଳ ସ୍ୱରୂପ ଦିନେ ଦୁର୍ଯ୍ୟୋଧନ ଆଉ ଦୁଃଶାସନ ଦୁଇ ଭାଇ କୁରୁସଭାରେ ତାଙ୍କୁ ବିବସ୍ତ୍ର କରିବାର ପ୍ରୟାସ କରିଥିଲେ। ତା'ର ଅନ୍ତିମ ପରିଣାମ କେତେ ଭୟଙ୍କର ସମସ୍ତଙ୍କୁ ଜଣା। କଂସ ସୀମା ଡେଇଁ ନିଜ ଭଉଣୀ, ଭିଣୋଇଙ୍କୁ ବନ୍ଦୀରଖି ତାଙ୍କର ସାତୋଟି ଶିଶୁର ହତ୍ୟାକାରୀ ସାଜି ଅକାଳେ ନାଶ ଯାଇଥିଲା। ଆମ ଧର୍ମଶାସ୍ତ୍ରର ପ୍ରତିଟି ପୃଷ୍ଠାରେ ସୀମା ଟପିଯିବାର ଅସଂଖ୍ୟ ଉଦାହରଣରେ ପରିପୂର୍ଣ୍ଣ।

ଆମ ଦେଶ ଭାରତ ସହିତ ଚାଇନା ଆଉ ପାକିସ୍ତାନର ସୀମା ବିବାଦ ଦୀର୍ଘ ବର୍ଷ ଧରି ରହିଆସିଛି। ପାକିସ୍ତାନର ସୀମା ପାର ଆତଙ୍କବାଦ ପାଇଁ ଦୁଇ ଦେଶ ମଧ୍ୟରେ ଅନେକ ଥର ଯୁଦ୍ଧ ହୋଇ ଧନ ଜୀବନ ହାନି ହୋଇଛି। ଭାରତ ଆଉ ଚାଇନା ମଧ୍ୟରେ ମଧ୍ୟ ଯୁଦ୍ଧ ହୋଇଛି। ନିଜକୁ ଶକ୍ତିଶାଳୀ



କରିବା ପାଇଁ ଭାରତ ତା'ର ପ୍ରତିରକ୍ଷା ବଜେଟ ମଧ୍ୟ ବୃଦ୍ଧି କରିଛି। ହୁଏତ ଏ ସୀମା ବିବାଦ ନ ଥିଲେ ଏ ପ୍ରତିରକ୍ଷା ବଜେଟକୁ ଭାରତ ଅନ୍ୟ ଉନ୍ନୟନମୂଳକ କାର୍ଯ୍ୟରେ ଖର୍ଚ୍ଚ କରିପାରିଥାନ୍ତା! ଏବେ ରୁଷ୍-ୟୁକ୍ରେନ ଅଥବା ଇସ୍ରାଇଲ- ପାଲେଷ୍ଟାଇନ ମଧ୍ୟରେ ଯେଉଁ ଭୟଙ୍କର ଯୁଦ୍ଧ ହୋଇ ଧନ ଜୀବନ ନଷ୍ଟ ହେଉଚି ତା' ବି ଅହଂକାରର ଲଢ଼େଇ। ବିବେକକୁ ଟପିଯିବାର ଲଢ଼େଇ। କିଛି ମାସ ତଳେ ମଧ୍ୟପ୍ରାଚ୍ୟର ୟୁଏଇରେ କିଛି ଘଣ୍ଟାରେ ୧୨୭ ସେମି ବର୍ଷା ହୋଇଥିଲା, ଯାହା ସମ୍ପୃକ୍ତ ଅଞ୍ଚଳର ଦେଢ଼ ବର୍ଷର ବର୍ଷା ସହିତ ସମାନ। ଫଳ ସ୍ୱରୂପ ଦୁବାଇରେ ଭୟଙ୍କର ବନ୍ୟା ହୋଇ ସମଗ୍ର ବିଶ୍ୱକୁ ଥରାଇଦେଲା। ତା'ର ମୁଖ୍ୟ କାରଣ ଥିଲା ପାଣିର ଆବଶ୍ୟକତାକୁ ପୂରଣ ପାଇଁ କୃତ୍ରିମ ବର୍ଷା ବା କ୍ଲାଉଡ୍ ସେଡିଂର ସାହାଯ୍ୟ ନେବା। ବର୍ଷା ଏକ ପ୍ରାକୃତିକ ପ୍ରକ୍ରିୟା। ଋତୁ ଅନୁସାରେ ସେ ବର୍ଷି ଜୀବ ଜଗତର ମଙ୍ଗଳ କରିଥାଏ। ମାତ୍ର ଅତ୍ୟାଧୁନିକ ଜ୍ଞାନ କୌଶଳରେ ଅନ୍ଧ ଅହଂକାରୀ ମଣିଷ ନିଜର ଜ୍ଞାନ କୌଶଳରେ ବର୍ଷା କରିଦେଲା ସିନା, ତାକୁ ସମ୍ଭାଳିବା କ୍ଷମତା ତା'ର ସୀମା ବାହାର।

ଏବେ ଚାଇନାକୁ ନେଇ ଆଉ ଗୋଟିଏ ଖବର ଚର୍ଚ୍ଚିତ ହୋଇଛି। ଆଉ ମାତ୍ର ଶହେ ବର୍ଷ ପରେ ଚାଇନାର ଏକାଧିକ ସହର ସମୁଦ୍ର ଗର୍ଭରେ ଲୀନ ହୋଇଯିବା ଭଳି ଆଶଙ୍କା ସୃଷ୍ଟି ହୋଇଛି। ତା' ଭିତରେ ତା'ର ସବୁଠୁଁ ବିକଶିତ ସହର ସାଂଘାଇ ଏବଂ ବେଜିଂ ମଧ୍ୟ ରହିଛି। ଏହାର କାରଣ ହେଉଛି ଚାଇନାର ଅଧିକାଂଶ ସହରର ଭୂମି ୪୫% ତଳକୁ ଦବିଯାଇଛି। ଦବିଯିବାର କାରଣ ଭିତ୍ତିଭୂମିର ବିକାଶ ଆଳରେ ଭୂଗର୍ଭର ବ୍ୟାପକ ଖନନ, ମାତ୍ରାଧିକ ନିର୍ମାଣ ଆଉ ବ୍ୟାପକ ବୃକ୍ଷଛେଦନ। ତା'ର କୁପରିଣାମ ନିଜେ ଭୋଗିବାକୁ ହୁଏ ନହେଲେ ପରବର୍ତ୍ତୀ ପିଢ଼ି ଭୋଗ କରେ, ଏ କଥା ସେ ଭୁଲିଯାଏ। ବିଶ୍ୱର ଅନ୍ୟତମ ଜଣାଶୁଣା ଦେଶ ଥାଇଲାଣ୍ଡ ଏବେ ତା'ର ରାଜଧାନୀ ବ୍ୟାଙ୍କକକୁ ଅନ୍ୟତ୍ର ସ୍ଥାନାନ୍ତରଣ କରିବ ବୋଲି ଚର୍ଚ୍ଚା ହେଉଚି। ତା'ର ମୁଖ୍ୟ କାରଣ ଜଳବାୟୁରେ ବ୍ୟାପକ ପରିବର୍ତ୍ତନ। ସହରର ତାପମାତ୍ରା ଭୟଙ୍କର ଭାବରେ ବୃଦ୍ଧି ଘଟୁଛି ଆଉ ବରଫ ତରଳି କିଛି ବର୍ଷ ମଧ୍ୟରେ ସମୁଦ୍ରରେ ଲୀନ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଏ ସବୁର ମୂଳ କାରଣ ପ୍ରକୃତି ଉପରେ ମାନବର ସୀମା ପାର ଅତ୍ୟାଚାର।

ମନୁଷ୍ୟ ତା'ର ବ୍ୟକ୍ତିଗତ ଜୀବନରେ ପ୍ରତି ମୁହୂର୍ତ୍ତରେ ନିଜ ପାଇଁ ନିଜେ ଟାଣିଥିବା ସୀମାରେଖା ଟପିଥାଏ, ଆଉ ନିଜ ପାଇଁ ଦୁଃଖ ଯନ୍ତ୍ରଣାକୁ ନିମନ୍ତ୍ରଣ କରିବା ସହିତ ସମାଜର ବ୍ୟାପକ କ୍ଷତି କରିଥାଏ। ଓଠର ହୁ ଠୁଁ ଭାଷା ଯେତେବେଳେ ଶାଳୀନତାର ସୀମା ଡିଏଁ ସେତେବେଳେ ଦୁଇଟି ବ୍ୟକ୍ତି, ଗୋଷ୍ଠୀ, ଜାତି ଅଥବା ସମ୍ପ୍ରଦାୟ ମଧ୍ୟରେ ରକ୍ତପାତ ଘଟେ। ଲୋଭରେ ହେଉ, ଲାଭରେ ହେଉ ଅଥବା କ୍ରୋଧରେ ହେଉ ସୀମା ଡେଇଁଯିବା ସହଜ। ମାତ୍ର ତା'ର ଭୟଙ୍କର ପରିଣାମ ଆମକୁ ଜଣା ନଥାଏ, ଆଉ ତାକୁ ଭୋଗିବାକୁ ହୁଏ। ଜୀବନର ଏଇ ନିଷ୍ଠୁର ସତ୍ୟ ବିଷୟରେ ଆମେ ସାମାନ୍ୟ ସତର୍କ ହୋଇ ଚିନ୍ତା କଲେ ଅନେକ ଦୁଃଖ ଯନ୍ତ୍ରଣାରୁ ମୁକ୍ତିମିଳେ। ସୀମା ଭିତର ଜୀବନ ସଦାବେଳେ ସୁଖକର ଆଉ ଶାନ୍ତିପ୍ରଦ।

ମକୁନ୍ଦପୁର, ବାଙ୍କୀ
ମୋ: ୯୪୩୭୪୬୮୦୧୬

## ଏଇ ଭାରତରେ

ଡାକ୍ତରଖାନାରେ ବାହାଘର! ଯେଉଁଠି ସମସ୍ତେ ରୋଗରୁ ମୁକ୍ତି ପାଇବା ପାଇଁ ଆସନ୍ତି ସେଠି ପୁଣି ବିବାହ ଭଳି ଏକ କାର୍ଯ୍ୟ। କଥାଟି ଶୁଣିଲେ ଯେ କେହି ଆଶ୍ଚର୍ଯ୍ୟ ହୋଇପାରେ। ମାତ୍ର ଏଭଳି ଏକ ଘଟଣା ଘଟିଛି ଉତ୍ତରପ୍ରଦେଶର ଲକ୍ଷ୍ନୌରେ। ଏଠାରେ ଏକ ହସ୍ପିଟାଲର ଆଇସିୟୁ ୱାର୍ଡରେ ରୋଗୀଙ୍କ ସାମ୍ନାରେ ହୋଇଛି ବିବାହ। ଲକ୍ଷ୍ନୌରେ ରହୁଥିବା ୫୧ ବର୍ଷୀୟ ସୟେଦ ଜୁନେଦ ଇକବାଲ୍ ୧୫ ଦିନ ପୂର୍ବରୁ ଅସୁସ୍ଥ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଏହାପରେ ତାଙ୍କ ସ୍ୱାସ୍ଥ୍ୟ ଆହୁରି ଅଧିକ ଖରାପ ହୋଇଯାଇଥିଲା ଓ ସେ ଆଇସିୟୁରେ ଭର୍ତ୍ତି ହୋଇଥିଲେ। କିନ୍ତୁ ତାଙ୍କର ଦୁଇ ଝିଅଙ୍କ ବିବାହ ସେହି ମାସରେ ହେବା ପାଇଁ ସ୍ଥିର ହୋଇଥିଲା। ସୟେଦ ଚାହୁଁଥିଲେ ଝିଅଙ୍କ ବିବାହ ନିଜ ଆଖିରେ ଦେଖିବେ। ତାଙ୍କର ଏହି ଇଚ୍ଛା ପୂରଣ କରିବା ପାଇଁ ଘରଲୋକେ ଡାକ୍ତରଙ୍କ ସହ କଥାବାର୍ତ୍ତା କରିଥିଲେ। ଶେଷରେ ଡାକ୍ତରଖାନା ପକ୍ଷରୁ ସମ୍ମତି ମିଳିବା ପରେ ଆଇସିୟୁରେ ଦୁଇଝିଅଙ୍କ ବିବାହ ନିମନ୍ତେ ସମସ୍ତ ଆୟୋଜନ କରାଯାଇଥିଲା। ଆଇସିୟୁର ନିୟମ ଅନୁସାରେ ଉଭୟ ପକ୍ଷର ଲୋକେ ଉପସ୍ଥିତ ହୋଇ ନିକାହ ଶେଷ କରିଥିଲେ। ଡାକ୍ତରଖାନାର ପରିବେଶରେ ଏଭଳି ଏକ ଭିନ୍ନ ଉତ୍ସବ ଦେଖି ସୟଦଙ୍କ ସହିତ ସେଠାରେ ଥିବା ରୋଗୀମାନଙ୍କ ମୁହଁରେ ହସ ଫୁଟି ଉଠିଥିଲା। ତେବେ ଆଇସିୟୁ ଭିତରେ ଅଧିକ ଲୋକଙ୍କ ପ୍ରବେଶ ନେଇ କଟକଣା ଥିବାରୁ ବନ୍ଧୁବାନ୍ଧବ ସମସ୍ତେ ଉପସ୍ଥିତ ହୋଇପାରି ନ ଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

୧୭ ଜୁନ୍ ୧୯୭୫

- କୋରେଗାଁ ରେଳଷ୍ଟେସନ ନିକଟରେ ନାଗପୁର-କୋହ୍ଲାପୁର ମହାରାଷ୍ଟ୍ର ଏକ୍ସପ୍ରେସ୍ ବରଯାତ୍ରୀ ଦଳକୁ ନେଇ ଯାଉଥିବା ଏକ ଟ୍ରକ୍‌କୁ ଧକ୍କା ଦେବାରୁ ୧୯ ଜଣଙ୍କ ମୃତ୍ୟୁ।
- ମୃଣାଳ ସେନଙ୍କ ନିର୍ଦ୍ଦେଶିତ ବଙ୍ଗଳା ଚଳଚ୍ଚିତ୍ର 'କୋରସ' ଜାତୀୟ ପୁରସ୍କାର ଲାଭ କରିଛି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | | | | 7 | | | 4 | |
| | | 1 | | | | | | |
| | | | 6 | | 2 | 9 | | |
| | | 9 | | 4 | | | | 3 |
| | | 3 | | | 5 | | | 1 |
| 1 | | | | 2 | | | | |
| | | | 7 | | 8 | | 5 | 6 |
| | | 8 | 2 | 1 | | | 9 | |
| | 3 | | | | 9 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 6 | 8 | 3 | 1 | 2 | 7 | 4 | 5 |
| 4 | 1 | 2 | 8 | 5 | 7 | 3 | 9 | 6 |
| 3 | 7 | 5 | 9 | 4 | 6 | 1 | 8 | 2 |
| 7 | 5 | 3 | 4 | 6 | 9 | 2 | 1 | 8 |
| 2 | 9 | 6 | 7 | 8 | 1 | 5 | 3 | 4 |
| 8 | 4 | 1 | 2 | 3 | 5 | 6 | 7 | 9 |
| 6 | 2 | 7 | 1 | 9 | 4 | 8 | 5 | 3 |
| 1 | 8 | 9 | 5 | 2 | 3 | 4 | 6 | 7 |
| 5 | 3 | 4 | 6 | 7 | 8 | 9 | 2 | 1 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ସମୃଦ୍ଧିର ଜାଗ୍ରତ ପ୍ରହରୀ

ମହାଶୟ,

ଭାରତବର୍ଷର ମହାନ୍ ଗଣତନ୍ତ୍ରର ମାନ୍ୟତା ଓ ଏକତା, ଅଖଣ୍ଡତା ଏବଂ ସାର୍ବଭୌମତ୍ୱର ସୁରକ୍ଷାକୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସତ୍ୟ, ଶାନ୍ତି, ଅହିଂସା ବାର୍ତ୍ତାର ମୂଳମନ୍ତ୍ରରେ ସୁରକ୍ଷିତ ରଖିବା ଲାଗି ସମସ୍ତ ରାଜନୈତିକ ଦଳର ନେତାଙ୍କ ସୁଶାସନ ବ୍ୟବସ୍ଥାରେ ସୁସଙ୍ଗଠିତ ପ୍ରଶାସନିକ ଦକ୍ଷତା ପ୍ରଦର୍ଶନ ଏକାନ୍ତ କାମ୍ୟ । ସମସ୍ତ ନିର୍ବାଚିତ ଜନପ୍ରତିନିଧିମାନେ ଗଣତନ୍ତ୍ର ରାଷ୍ଟ୍ର ଭାରତବର୍ଷର ରାଜନୈତିକ, ଅର୍ଥନୈତିକ ଓ ସାମାଜିକ ବିକାଶ ସମୃଦ୍ଧିର ୧୪୦ କୋଟି ଜନତାଙ୍କ ଜାଗ୍ରତ ପ୍ରହରୀ। ନିର୍ବାଚନ ପ୍ରଚାର ସମୟରେ ସାଧାରଣ ଜନତାଙ୍କୁ ଦେଇଥିବା ପ୍ରତିଶ୍ରୁତି ଯଥା ବିଜ୍ଞାନ, ଶିକ୍ଷା, କୃଷି, ଜଳସେଚନ, ଶିଳ୍ପାୟନ ଓ ନିଯୁକ୍ତି ସୁଯୋଗର ପ୍ରାଧାନ୍ୟକୁ କର୍ତ୍ତବ୍ୟର ଆଭିମୁଖ୍ୟ ରୂପେ ଅକ୍ଷରେ ଅକ୍ଷରେ ପାଳନ କରିବାର ସମୟ ଉପନୀତ । ଭାରତବର୍ଷରେ ନେତାମାନଙ୍କର ପ୍ରଶାସନିକ କ୍ଷେତ୍ରରେ ଉଲ୍ଲେଖନୀୟ ପାରଦର୍ଶିତା ଆଣିବାରେ ଉତ୍ସର୍ଗୀତ ମନୋଭାବ ସହ ସ୍ୱଦେଶପ୍ରାଣତା, ଶୃଙ୍ଖଳା, ସାଧୁତା, ନିଷ୍ଠା ଓ କର୍ତ୍ତବ୍ୟବୋଧତାରେ ସ୍ୱଚ୍ଛତା ଓ ଆନ୍ତରିକତା ଯେ ନିବିଡ଼ ଭାବେ ଜଡ଼ିତ ତାହା ହୃଦୟଙ୍ଗମ କରିବାର ଆବଶ୍ୟକତା ରହିଛି।

– ଅଶୋକ କୁମାର ଆଢ଼୍ୟ, ମରୀଚିକୋଟ ଗଳି, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

କ୍ଲିଷ୍ଟ ଧରାର ଶୀତ ସାଧନା
ଦୁର୍ଦ୍ଦିନ କ୍ଷତ ଶତ ବାସନା
ଚଞ୍ଚଳ ଗୀତ ଆଜି କବିର
ମୁଗ୍ଧ ଚେତନା ଅନୁଭବୀର
ଫଗୁଣର ସୁରଭିତ ଅବିର
ସୁନା କରିଦେବ ସବୁ ବେଦନା।
-(ଫଗୁଣ ଜ୍ୟୋତ୍ସ୍ନା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ସରିଲା ରଜ ମଉଜ


ପିତୃଦିବସ ଅବସରରେ ରବିବାର ପାନ୍ଥନିବାସରେ ଜଣେ ଝିଅଙ୍କୁ ବାପା ଦୋଳି ଖେଳାଉଛନ୍ତି।

**ଭୁବନେଶ୍ୱର,୧୬।୬(ଶର୍ମିଷ୍ଠା ପାଣିଗ୍ରାହୀ)**

ଓଡ଼ିଶାର ଗଣପର୍ବ ରଜ ରବିବାର ଶେଷ ହୋଇଛି। ୩ଦିନ ଧରି ଗାଁଠୁ ସହର ସବୁଠି ଆନନ୍ଦ ଉଲ୍ଲାସରେ ରଜ ପାଳନ କରାଯାଇଥିଲା। ପିଠା, ମିଠା ଓ ପାନର ଆଦାନପ୍ରଦାନ ସାଙ୍ଗକୁ ଦୋଳିଖେଳ ଜମିଥିଲା। ସେହିପରି ଲୁଡୋ, ତାସ୍, ବାଗୁଡ଼ି ଆଦି ଖେଳ ସାଙ୍ଗକୁ ବିଭିନ୍ନ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ରଜ ମଉଜକୁ ଦ୍ୱିଗୁଣିତ କରିଥିଲା। ରଜରେ ୩ଟି ନୂଆ ଓଡ଼ିଆ ସିନେମା ରିଲିଜ ହୋଇଥିଲା। ବିଭିନ୍ନ ପ୍ରେକ୍ଷାଳୟରେ ଦର୍ଶକ ସେଗୁଡ଼ିକର ଭରପୂର ମଜା ଉଠାଇଥିଲେ।


ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଆୟୋଜିତ ରଜ ମହୋତ୍ସବ।

## ଦୃଷ୍ଟି ଆକର୍ଷଣ ସାଜିଲା 'ହାଉସୀ ହାଉସୀ' କାର୍ଯ୍ୟକ୍ରମ

କେ-୮ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ରଜୋତ୍ସବ ପାଳିତ ହୋଇଯାଇଛି। ମଞ୍ଚ ସମ୍ପାଦକ ଦାଶରଥି ସାହୁ ସ୍ୱାଗତ ଭାଷଣ ଦେଇଥିବାବେଳେ ସଭାପତି ଗିରିଜା ପ୍ରସାଦ ମହାପାତ୍ର ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଉଭୟ ମହିଳା ଓ ପୁରୁଷ ଏଥିରେ ସାମିଲ ହୋଇ କୁଇଜ୍, ଏକକ ସଙ୍ଗୀତ, ଅନ୍ତାକ୍ଷରୀ ଆଦିର ମଜା ଉଠାଇଥିଲେ। ବିଶେଷକରି ପି.ଏସ୍.ଏନ୍. ପାତ୍ରଙ୍କ ଦ୍ୱାରା ପରିଚାଳିତ 'ହାଉସୀ ହାଉସୀ' କାର୍ଯ୍ୟକ୍ରମ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଥିଲା। ଖେଳ ପରେ ରଜ ପାନ, ପୋଡ଼ପିଠା, ମଣ୍ଡାପିଠା ଭଳି ସୁଆଦିଆ ଖାଦ୍ୟ ପରିବେଷଣ କରାଯାଇଥିଲା। ଅନୁଷ୍ଠାନର ସଦସ୍ୟ ବିରଞ୍ଚି ନାରାୟଣ ଧଳ, ସୁଶାନ୍ତ କୁମାର ପଟ୍ଟନାୟକ, ପ୍ରମୋଦ କିଶୋର ଶତପଥୀ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନାରେ ସହଯୋଗ କରିଥିଲେ।

## ଦୋଳି ଖେଳ, ସଂଗ୍ରହାଳୟ ପରିଦର୍ଶନ ସହ ମନୋରଞ୍ଜନ


ରାଜ୍ୟ ସଂଗ୍ରହାଳୟ ପରିସରରେ ପିଲାମାନେ ଦୋଳି ଖେଳୁଛନ୍ତି।

ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ରବିବାର ୩ଦିନିଆ ରଜ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଖୋର୍ଦ୍ଧା ଜିଲାର 'ଶିଶୁ ବିକାଶ କେନ୍ଦ୍ର'ର ପିଲାମାନେ ଯୋଗଦେଇଥିଲେ। ଖୋର୍ଦ୍ଧା ଜିଲା ଆଇନ ସଂଘ ସମ୍ପାଦିକା ସୌଦାମିନୀ ସିଂ, ଶିଶୁ ସୁରକ୍ଷା ଅଧିକାରୀ ବାଣୀଶ୍ରୀ ପଟ୍ଟନାୟକଙ୍କ ସମେତ ଅନ୍ୟ ସୁରକ୍ଷା ଦାୟିତ୍ୱ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହି ବିଭିନ୍ନ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ସଂଗ୍ରହାଳୟ ପରିଦର୍ଶନ କରାଇଥିଲେ। ସେମାନେ ପ୍ରଥମେ ରଜଦୋଳି ଖେଳିଥିଲେ। ପରେ ସଂଗ୍ରହାଳୟ ପରିଦର୍ଶନ କରିଥିଲେ। ସମ୍ମିଳନୀ କକ୍ଷରେ ଏକ ପ୍ରେରଣାଦାୟକ ସମ୍ଭାଷଣରେ ସେମାନଙ୍କୁ ଉଦ୍‌ବୋଧ କରାଯାଇଥିଲା। ସେମାନଙ୍କ ଜୀବନଶୈଳୀ କିପରି ଉତ୍ତମରୂପେ ଗଢ଼ିପାରିବେ ଏବଂ ନିଜକୁ ଜଣେ ଭଲ ଓ ବଡ଼ ମଣିଷ ଭାବେ ତିଆରି କରିପାରିବେ, ସେ ସମ୍ପର୍କରେ ପରାମର୍ଶ ଦିଆଯାଇଥିଲା। ଅତିଥି ଭାବେ ବିଭାଗର ନିର୍ଦ୍ଦେଶକ ଦିଲ୍ଲିପ ରାଉତରାଏ, ଚିତ୍ରଶିଳ୍ପୀ ରାମହରି ଜେନା ମଞ୍ଚାସୀନ ଥିଲେ। ସେହିପରି ପୂର୍ବାହ୍ନରେ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଅପରାହ୍ନରେ ମହିଳାଙ୍କ ପାଇଁ ମ୍ୟୁଜିକାଲ ଚେୟାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ସଂଗ୍ରହାଳୟର ମୁକ୍ତ ଉଦ୍ୟାନ ନିକଟ ବର୍ଣ୍ଣାଳୀ ମଞ୍ଚରେ ଗୁରୁ ଶାଶ୍ୱତ ଯୋଶୀ ୩୫ଜଣ ନୃତ୍ୟଶିଳ୍ପୀଙ୍କୁ ନେଇ ଅକ୍ଷୟ ମହାନ୍ତିଙ୍କ ଲୋକପ୍ରିୟ ଗୀତ 'ଯା ରେ ଭାସି ଭାସି ଯା, ନୌକା ମୋର ଭାସି ଯା' ଗୀତର ନୃତ୍ୟାୟନ ପରିବେଷଣ କରିଥିଲେ। ସେହିପରି ଢେମସା, ଶ୍ରୀଜଗନ୍ନାଥାୟନ, ସମ୍ବଲପୁରୀ, କଠଉ ନୃତ୍ୟ ପରିବେଷିତ ହୋଇଥିଲା। ସଂଗ୍ରହାଳୟର ଅଧୀକ୍ଷକ ଭାଗ୍ୟଲିପି ମଲ୍ଲ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଉପସ୍ଥିତ ଦର୍ଶକଙ୍କୁ ଧନ୍ୟବାଦ ଦେଇଥିଲେ।

## ସମାଜର ବିକାଶରେ ଅବଦାନ ପାଇଁ ବ୍ୟକ୍ତିବିଶେଷ ସମ୍ମାନିତ

ଶହୀଦ ନଗରସ୍ଥିତ ଶାନ୍ତିପଲ୍ଲୀ କେଶରୀ ରେସିଡେନ୍ସିଠାରେ ଆୟୋଜିତ ରଜ ମହୋତ୍ସବ 'ରଜ ମଉଜ' ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶତାଧିକ ଯୁବତୀଯୁବକ ଦୋଳି, ପୁଚି, ସଙ୍ଗୀତ, ନୃତ୍ୟ, ମେହେନ୍ଦି ଏବଂ କବାଡ଼ି ଆଦି ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇଥିବାବେଳେ ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ସମାଜର ବିକାଶରେ ଯୋଗଦାନ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଚେୟାରମ୍ୟାନ ପ୍ରଚୋତସ ପ୍ରିୟଦର୍ଶୀ, ମ୍ୟାନେଜିଂ ଟ୍ରଷ୍ଟି ବିଭୁ ମହାନ୍ତି, ସଦସ୍ୟ ମିଟୁ ସ୍ୱାଇଁ ଏବଂ ସନତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ରଜ ମହୋତ୍ସବ ଉଦ୍‌ଯାପିତ



**ପୁରୁଣା ଭୁବନେଶ୍ୱର୧୬।୬ (ସୁବାସ ଚନ୍ଦ୍ର ପ୍ରଧାନ)**

୫୯ ନମ୍ବର ୱାର୍ଡ ପଡିଆରେ ନୂଆଗାଁ ଗ୍ରାମୀଣ ବିକାଶ ମଞ୍ଚ ପକ୍ଷରୁ ଆୟୋଜିତ ରଜ ମହୋତ୍ସବର ରବିବାର ଥିଲା ଉଦ୍‌ଯାପନୀ ଦିବସ। ୟୁଡିଆଇ କ୍ରିୟୁ ନୂଆଗାଁର କଳାକାରମାନଙ୍କ ଦ୍ୱାରା ପିତୃ ଦିବସ ଉପଲକ୍ଷେ ଅନୁଷ୍ଠିତ ହୋଇଥିଲା କଳାତ୍ମକ କାର୍ଯ୍ୟକ୍ରମ, ଯାହାକି ଦର୍ଶକଙ୍କ ମନ ଛୁଇଁବା ସହ ନିଜ ବାପାଙ୍କୁ ମନେପକାଇଥିଲେ। ପରେ ଖୋର୍ଦ୍ଧାର ପାଇକ ଆଖଡା ପ୍ରଦର୍ଶନ ହୋଇଥିଲା। ଗୀତିକାର ଅଭିନାଶ ଦାଶ, ଲୋପାମୁଦ୍ରା ଦାଶ ଓ ସୋନିଆଙ୍କ ଦ୍ୱାରା ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ରାଜ୍ୟ ସଭା ସଦସ୍ୟ ସୁଲତା ଦେଓ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ଶିଳ୍ପୀ ପଦ୍ମଶ୍ରୀ ପ୍ରଭାକର ମହାରଣା ଏବଂ ପ୍ରତାପ ଜେନା ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ମଞ୍ଚ ସଭାପତି ପ୍ରଶାନ୍ତ କୁମାର ବରାଳ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ଡ. ଚିନ୍ମୟ ନନ୍ଦ ବଡ଼ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସହ ସମ୍ପାଦିକା ପ୍ରସମିତା ମହାନ୍ତି ଧନ୍ୟବାଦ ଦେଇଥିଲେ।


ରାଜ୍ୟ ସଂଗ୍ରହାଳୟ ପରିସରରେ ରଜ ଉତ୍ସବ ଅବସରରେ ପରିବେଷିତ ପାରମ୍ପରିକ ନୃତ୍ୟ।

## ପିଠା, ଖେଳ ଓ ନୃତ୍ୟ ସଙ୍ଗୀତ ପ୍ରତିଯୋଗିତା

ମା' ଗୋଜବାୟାଣୀ ଯୁବକ ସଂଘ ସହଯୋଗରେ ଚଳିତ ବର୍ଷ ନୂତନ ଭାବେ ଭିଏସ୍ଏସ୍ ନଗର ରଜ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ କ୍ଲବ ଉପଦେଷ୍ଟା ଡ. ପ୍ରକାଶ ତ୍ରିପାଠୀ ଏବଂ ସ୍ଥାନୀୟ ସାଇବର ଥାନା ଅଧିକାରୀ ତେରେସ୍ଶୋଭା ମହାପାତ୍ର ଉଦ୍‌ଘାଟନ କରିଥିଲେ। ପ୍ରତ୍ୟେକ ଦିନ ମ୍ୟୁଜିକ ଚେୟାର, କ୍ରିକେଟ, ଲୁଡୁ ଆଦି ଖେଳ ସମେତ ପିଠା ପ୍ରତିଯୋଗିତା, ପୁଚି, ସ୍ଲୋ ସାଇକେଲ ଚାଳନା, ରଙ୍ଗୋଲି ପ୍ରତିଯୋଗିତା ଆୟୋଜନ କରି କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳର ପିଲାଙ୍କୁ ନେଇ ନୃତ୍ୟ ଏବଂ ସଙ୍ଗୀତ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ କ୍ଲବର କାର୍ତ୍ତିକେଶ୍ୱର ମହାପାତ୍ର, ଦିଲ୍ଲୀପ ସାହୁ, ମହେଶ୍ୱର ଗୟା, ଦେବେନ୍ଦ୍ର ଦାସ, ସୌମ୍ୟରଞ୍ଜନ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।


ଭିଏସ୍ଏସ୍ ନଗର ରଜ ମହୋତ୍ସବରେ ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

## ଶେଷ ରଜରେ ୩କୋଟି ୨୬ ଲକ୍ଷ ଟଙ୍କାର ଆମିଷ ବିକ୍ରି

**ଭୁବନେଶ୍ୱର, ୧୬।୬(ବନ୍ଦନା ସେଠୀ)**

ଏଥର ରଜପର୍ବ ଆମିଷପ୍ରିୟଙ୍କ ପାଇଁ ବେଶ୍ ଖୁସି ଆଣିଥିଲା। ପହିଲି ରଜ ଶୁକ୍ରବାର ପଡ଼ିଥିବାବେଳେ ଶେଷରଜ ରବିବାର ପଡ଼ିଥିଲା। ତେଣୁ ଆମିଷପ୍ରେମୀଙ୍କ ପାଇଁ ଅପୂର୍ବ ସୁଯୋଗ ସୃଷ୍ଟି ହୋଇଥିଲା। ଆମିଷ ଟିକେ ପାଟିରେ ଦେବା ପାଇଁ ରବିବାର ବିଭିନ୍ନ ଆମିଷ ମାର୍କେଟରେ ଗ୍ରାହକଙ୍କର ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଦିନକରେ ମୋଟ୍ ୩କୋଟି ୨୬ଲକ୍ଷ ଟଙ୍କାର ଆମିଷ ବ୍ୟବସାୟ ହୋଇଥିବା ଅଲ୍ଓଡ଼ିଶା ନନ୍‌ଭେଜ୍ ଟ୍ରେଡର୍ସ ଫେଡେରେଶନ୍‌ର ରାଜ୍ୟ ସଭାପତି ସେକ୍ ମୁନ୍ତାକିମ୍ ବକ୍ସ କହିଛନ୍ତି। ସେଥିମଧ୍ୟରୁ ୧କୋଟି ୯୬ଲକ୍ଷ ଟଙ୍କାର ମଟନ୍ ବ୍ୟବସାୟ ହୋଇଥିବାବେଳେ ୯୦ଲକ୍ଷ ଟଙ୍କାର ଚିକେନ୍ ଏବଂ ୪୦ଲକ୍ଷ ଟଙ୍କାର ମାଛ ବ୍ୟବସାୟ ହୋଇଛି। ଅପରପକ୍ଷେ ରଜ ପାଇଁ ଆମିଷ ଦର ଟିକେ ଚଢ଼ା ରହିଥିଲା। ଛେଳି ଦାମ୍ ୬ଶହରୁ ୬୫୦ଟଙ୍କା ଥିବାବେଳେ ଖାସି କିଲୋ ୮ଶହ ଟଙ୍କା ରହିଥିଲା। ସେହିପରି ବ୍ରଏଲର ଚିକେନ୍ ଦାମ୍ କିଲୋ ପିଛା ୨୪୦ରୁ ୨୫୦, କଲର ବାର୍ଡର ଦାମ୍ ୨୫୦, ଦେଶୀ କିଲୋ ୬୫୦, ସୋନାଲୀ ଚିକେନ୍ ଦାମ୍ ୪୫୦, ରୋହୀ ମାଛ କିଲୋ ୧୬୦ରୁ ୨୦୦, ଭାକୁର ୨୪୦ରୁ ୨୬୦, ଜଳଙ୍ଗା ୧୫୦, ମିରିକାଳୀ ୨୦୦, ଛୋଟ ଚିଙ୍ଗୁଡି ୨୦୦, ୩୫୦ ଏବଂ ବଡ଼ ଚିଙ୍ଗୁଡି ୪୦୦, କଙ୍କଡ଼ା ୩୫୦ରୁ ୧୨ଶହ , ପୋହଳା ୨୦୦ ଏବଂ ମହୁରାଳୀ ମାଛ ୨୦୦ ଟଙ୍କା ଦର ରହିଥିବା ମୁନ୍ତାକିମ୍ ବକ୍ସ ସୂଚନା ଦେଇଛନ୍ତି। ସେହିପରି ୟୁନିଟ-୮, ଖଣ୍ଡଗିରି, ପାତ୍ରପଡ଼ା, ସୁନ୍ଦରପଦା, ବଡ଼ଗଡ଼, ବ୍ରହ୍ମେଶ୍ୱର ପାଟଣା, ହଂସପାଳ ଆଦି ମାର୍କେଟରେ ପ୍ରବଳ ଭିଡ଼ ଜମିଥିଲା।

## ଖେଳ, ନାଚ, ପ୍ରତିଯୋଗିତାରେ ଭାଗନେଲେ

ସତ୍ୟନଗର ପିପୁଲ୍ସ ଫୋରମ ପକ୍ଷରୁ ରଜ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ସତ୍ୟନଗର ଅଞ୍ଚଳର ପିଲାମାନଙ୍କ ଉଦ୍ୟମରେ ଆରମ୍ଭ ହୋଇଥିବା ଏହି ଫୋରମ ପକ୍ଷରୁ ରଜ ଉତ୍ସବକୁ ଧୂମଧାମରେ ପାଳନ କରାଯାଇଥିଲା। ବିଭିନ୍ନ ପ୍ରକାର ଖେଳ ଓ ନାଚର ଆୟୋଜନ ହୋଇଥିଲା। ସେହିପରି ରଜ ସଂକ୍ରାନ୍ତି ଓ ଶେଷ ରଜରେ ଜନସାଧାରଣ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଶେଷ ସନ୍ଧ୍ୟାରେ ଜୟ ଓଡ଼ିଶା ଅଧକ୍ଷ ରୁଦ୍ର ସାମନ୍ତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ବିଜୟୀ ହୋଇଥିବା ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।


ସତ୍ୟନଗର ପିପୁଲ୍ସ ଫୋରମ ପକ୍ଷରୁ ଆୟୋଜିତ ରଜ ମହୋତ୍ସବରେ ଅତିଥିଙ୍କ ସହ ଅନ୍ୟମାନେ।


ଗ୍ଲାମ୍ଅପ୍ ବାଏ ସୋନାଲିର ଏକ୍ସକ୍ଲୁସିଭ ଆଉଟଲେଟ ଭୁବନେଶ୍ୱର ନିକଟସ୍ଥ ପାତ୍ରପଡ଼ାଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସାମାଜିକକର୍ମୀ ରୋଜାଲିନ ପାଟ୍ଟଶାଣୀ, ଓଡ଼ିଶୀ ନୃତ୍ୟଗୁରୁ ଶାଶ୍ୱତ ଯୋଶୀ, ଡିଜାଇନର ସବ୍ୟସାଚୀ ମିଶ୍ରଙ୍କ ସମେତ ଆଉଟଲେଟ ସ୍ୱତ୍ୱାଧିକାରୀ ସୋନାଲି ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

## ମାଳତୀପାଟପୁର ଛକରେ ଦୁର୍ଘଟଣା, ୫ ଆହତ

**ପୁରୀ,୧୬।୬(ଅଜିତ୍ ମହାନ୍ତି)**

ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ ସ୍ଥିତ ମାଳତୀପାଟପୁର ଛକ ନିକଟରେ ରବିବାର ରାତିରେ ସଡ଼କ ଦୁର୍ଘଟଣାରେ ୫ ଜଣ ଆହତ ହୋଇଥିବା ଜଣାପଡ଼ିଛି। ସେମାନଙ୍କୁ ପ୍ରଥମେ ପୁରୀ ସଦରମୁଖ୍ୟ ଚିକିତ୍ସାଳୟ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନା ମୁତାବକ, ଭୁବନେଶ୍ୱର ଆଡୁ ଏକ ବାଇକ୍ ପୁରୀକୁ ଆସୁଥିଲା। ମାଳତୀପାଟପୁର ଛକ ନିକଟରେ ବାଇକ୍‌ରେ କିଛି ବ୍ୟକ୍ତି ଥିଲେ। ଏହି ସମୟରେ ଭୁବନେଶ୍ୱର ଆଡୁ ଆସିଥିବା ବାଇକ୍ ଆଉ ୨ ବାଇକକୁ ଧକ୍କା ଦେଇଥିଲା। ଫଳରେ ୫ଜଣ ଆହାତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ପରିଚୟ ମିଳିଛି। ସେମାନେ ହେଲେ ସାକ୍ଷୀଗୋପାଳ ସାମନ୍ତରାୟପୁର ଅଞ୍ଚଳର ଶ୍ରୀକାନ୍ତ ଜେନା ଓ ପରେଶ ରାଉତ।

## ଶ୍ରୋତାଙ୍କୁ ବାନ୍ଧି ରଖିଲା 'ଜୁଏଲ୍ସ ଅଫ୍ ଓଡ଼ିଶା'

### ପ୍ରଫୁଲ୍ଲ କରଙ୍କୁ ସ୍ମରଣିଲେ

**ଭୁବନେଶ୍ୱର,୧୬।୬(ଶର୍ମିଷ୍ଠା ପାଣିଗ୍ରାହୀ)**

ଅବସର ଥିଲା ବିଶିଷ୍ଟ ସଙ୍ଗୀତଜ୍ଞ ତଥା ପଦ୍ମଶ୍ରୀ ପ୍ରଫୁଲ କରଙ୍କୁ ସ୍ମରଣିବାର, ଯାହାଙ୍କ ପ୍ରତିଟି ଗୀତ ଓଡ଼ିଆଙ୍କ ହୃଦୟକୁ ଆତ୍ମସନ୍ତୋଷ ଦେଇଥାଏ। ରବିବାର ରବୀନ୍ଦ୍ର ମଣ୍ଡପରେ ସଂସ୍କାର ଅନୁଷ୍ଠାନ ପକ୍ଷରୁ 'ଜୁଏଲ୍ସ ଅଫ୍ ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନେକ କଣ୍ଠଶିଳ୍ପୀଙ୍କ କଣ୍ଠରୁ ସୁମଧୁର ସଙ୍ଗୀତ ଶୁଣିବାକୁ ମିଳିଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରଧର ଗମାଙ୍ଗ, ପୂର୍ବତନ ବିଧାୟକ ସୁରେଶ ରାଉତରାୟ, ଏମ୍‌ଜିଏମ୍‌ର ଚେୟାରମ୍ୟାନ ପଙ୍କଜ ମହାନ୍ତି, ବେଦାନ୍ତ ଲିମିଟେଡର ରେସିଡେଣ୍ଟ ଡିରେକ୍ଟର ତପନ ଚାନ୍ଦ, ସମାଜସେବୀ ମୀରା ପଣ୍ଡା, ଅଭିନେତ୍ରୀ ସୋନାଲି ମୋନାଲିସା ସାମଲ, ନାଲକୋ ଡିଏଚ୍ଆର୍ ରାଧେଶ୍ୟାମ ମହାପାତ୍ର, ପ୍ରୀତି ଚାନ୍ଦ, ଅନୁଷ୍ଠାନର ସଭାପତି ମହାଦୀପ କର ପ୍ରମୁଖ ଯୋଗଦେଇଥିଲେ।


କାର୍ଯ୍ୟକ୍ରମକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ନୀଳଚକ୍ରେ ହେ ଦେଖ ଉଡୁଛି ବାନା... ଭଜନରୁ କଣ୍ଠଶିଳ୍ପି ମହାପ୍ରସାଦ କର ଆରମ୍ଭ କରିଥିଲେ ସାଂସ୍କୃତିକ ସନ୍ଧ୍ୟା। ଏହାପରେ ସେ ପ୍ରଫୁଲ୍ଲ କରଙ୍କୁ ସ୍ମରଣ କରି କମଳ ଦେସର ରାଜକୁମାର ଗୀତ ଗାଇଥିଲେ। ଯାହା ଶ୍ରୋତାଙ୍କ ମନରେ ଆନନ୍ଦ ଭରିଦେଇଥିଲା। ପରେ ପରେ ସେ ହେ ଭାଇ ହେ ଭାଇ, ଘୁଙ୍ଗୁରୁ ତୁଟ ଗେୟି ଗୀତ ଗାଇଥିଲେ। ଏହା ପରେ କଣ୍ଠଶିଳ୍ପି ସୌମ୍ୟା ଶର୍ମା ତେରେ ମେରେ ବିଚ୍ ମେ, ଜିନ୍ଦେଗୀ ପ୍ୟାରୀ ଗୀତ ହେ, ହଙ୍ଗାମା ହୋ ଗେୟା..., ମୋତେ ବାନ୍ଧି ନେ ରେ.. ଆଦି ଗୀତ ପରିବେଷଣ କରିଥିଲେ। ଏହା ପରେ କଣ୍ଠଶିଳ୍ପି ସୋହିନୀ ମିଶ୍ର, ତନୁଶ୍ରୀ, ଦେବାଂଶୀ, ଏମ୍.ଡି. ଆବିଦ୍, ସ୍ମୃତିମୟୀ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। କଣ୍ଠଶିଳ୍ପିଙ୍କ ଗୀତ ଶ୍ରୋତାଙ୍କୁ ଶେଷ ଯାଏ ବାନ୍ଧି ରଖିଥିଲା। ବାଦ୍ୟରେ ପିଙ୍କୁ, ବରୋଦା, ପ୍ରଶାନ୍ତ, କାବୁ, ଦୁଷ୍ମନ୍ତ, ରବି ବାରିକ, ସୁବ୍ରତ, କ୍ରିଷ୍ଣା, ଶ୍ୟାମା, ମଣି ପ୍ରମୁଖ ସହଯୋଗ କରିଥିଲେ। ପ୍ରେରଣା ଓ ଜାଗୃତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ପ୍ରସିଦ୍ଧ ସଙ୍ଗୀତଜ୍ଞ ପ୍ରଫୁଲ୍ଲ କରଙ୍କ ସଙ୍ଗୀତ ପରିବେଷଣ କରୁଛନ୍ତି ଜଣେ କଣ୍ଠଶିଳ୍ପୀ ।

## ସଂକ୍ଷେପରେ

### ଆଇନ ମନ୍ତ୍ରୀଙ୍କ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିଦର୍ଶନ

ଟାଙ୍ଗୀ,୧୬ା୬ (ରଘୁନାଥ ସାହୁ ): ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ରବିବାର ଚିଲିକା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କାଲୁପଡାଘାଟ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ପରିଦର୍ଶନ କରିଛନ୍ତି। ଏଥିସହ ଶ୍ରୀମା ଓ ଅରବିନ୍ଦଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିଥିଲେ। ପୃଥ୍ୱୀରାଜ ମନ୍ତ୍ରୀ ପଦବୀ ପାଇବା ପରେ ଅଞ୍ଚଳକୁ ପ୍ରଥମ ଗ୍ରସ୍ତ କରିଥିବାରୁ ସ୍ଥାନୀୟ ଅଞ୍ଚଳର ସମର୍ଥକମାନଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଥିଲା। ଏଥିସହ ଅଞ୍ଚଳବାସୀଙ୍କ ପକ୍ଷରୁ ମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା।

### ଗୋପାଳ ଚନ୍ଦ୍ରଙ୍କ ସ୍ମୃତିଚାରଣ

ଜଟଣୀ,୧୬ା୬(ରବୀନ୍ଦ୍ରନାଥ ମହାକୁଡ଼): ଜଟଣୀ ପୌରାଞ୍ଚଳ ଗାନ୍ଧୀନଗର ଅଞ୍ଚଳର ସାମାଜିକ କର୍ମୀ ଗୋପାଳ ଚନ୍ଦ୍ର ମିଶ୍ରଙ୍କ ଏକାଦଶାହ ଅବସରରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ମିଶ୍ର ଜଣେ ପରୋପକାରୀ, ମିଷ୍ଟଭାଷୀ, ସ୍ନେହୀ, ମେଳାପୀ ବ୍ୟକ୍ତି ଭାବେ ଅଞ୍ଚଳରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ ବୋଲି ମତପ୍ରକାଶ ପାଇଥିଲା। ସ୍ଥାନୀୟ ଅଞ୍ଚଳର ବହୁ ବିଶିଷ୍ଟବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ମିଶ୍ରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣକରି ସ୍ମୃତିଚାରଣ କରିବା ସହ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଥିଲେ।

### କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ

ଟାଙ୍ଗୀ,୧୬ା୬(ରଘୁନାଥ ସାହୁ): ଟାଙ୍ଗୀ ବ୍ଲକ ଅନ୍ତର୍ଗତ ପାରିଓରଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ରଙ୍କ ପକ୍ଷରୁ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ଶ୍ରୀଚନ୍ଦନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅଷ୍ଟମ ଶ୍ରେଣୀର ଅମିତା ପାଇକରାୟ, ସପ୍ତମ ଶ୍ରେଣୀର ପୁଷ୍ପା ରାଉତ, ଷଷ୍ଠ ଶ୍ରେଣୀର ଜ୍ଞାନ ଲିପ୍ସା ସାହୁ, ନନ୍ଦିତା ମୁଦୁଲିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଶିକ୍ଷୟିତ୍ରୀ ସତ୍ୟଭାମା ବେହେରା, ଶିକ୍ଷକସିଦ୍ଧାର୍ଥମିଶ୍ର, ଶ୍ୟାମସୁନ୍ଦର ବିଶ୍ୱାଳ, ଦିଲୀପ କୁମାର ଦାସ, ମଧୁସ୍ମିତା ବେହେରା, ଲକ୍ଷ୍ମୀପ୍ରିୟା ପ୍ରଧାନ, ଅହଲ୍ୟା ପଲାଇ ପ୍ରମୁଖଙ୍କୁ ପୁରାତନ ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଦୀପକ ରାଉତରାୟ ଧନ୍ୟବାଦ ଦେଇଥିଲେ।

### ୧୪୩ ଗାଡ଼ି ଜବତ, ୮୯ ହଜାର ଟଙ୍କା ଜରିମାନା

ଭୁବନେଶ୍ୱର,୧୬ା୬(ସତ୍ୟଜିତ୍ ରାଉତ): 'ସେଫ୍ ସିଟି ଡ୍ରାଇଭ୍' ଜରିଆରେ କମିଶନରେଟ୍ ପୋଲିସ ହାତରେ ଧରାପଡୁଛନ୍ତି ଆଇନ ଉଲ୍ଲଂଘନକାରୀ ଚାଳକ। ଏଭଳି ସ୍ଥିତିରେ ରଜରେ ପୋଲିସ ପକ୍ଷରୁ ଯାଞ୍ଚ କଡ଼ାକଡ଼ି କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଗତ ଦୁଇ ଦିନ ଅର୍ଥାତ ଶୁକ୍ରବାର ଓ ଶନିବାର ରାତିରେ ରାଜଧାନୀରେ ୧୪୩ଟି ଗାଡ଼ି ଜବତ କରାଯାଇଥିବା ବେଳେ ୮୯ ହଜାର ୧୦୦ ଟଙ୍କା ଜରିମାନା ଦେବାକୁ ରସିଦ୍ କଟାଯାଇଛି। ଜବତ ଗାଡ଼ିଗୁଡ଼ିକ ମଧ୍ୟରେ ଚାରିଚକିଆ ଓ ଦୁଇଚକିଆ ଯାନ ରହିଛି। ମଦ୍ୟପାନ କରି ଗାଡ଼ି ଚଳାଇବା, ମୋବାଇଲ ବ୍ୟବହାର, ରଙ୍ଗ୍ ରୁଟରେ ଗାଡ଼ି ଚାଳନା ଘଟଣାରେ ଚାଳକମାନଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

# ପୁରାତନ ସଂସ୍କୃତିକୁ ବଞ୍ଚାଇ ରଖିଛି ରଜ ଉତ୍ସବ

ଟାଙ୍ଗୀ,୧୬ା୬(ରଘୁନାଥ ସାହୁ)



ମ୍ୟୁଜିକ ଚେୟାର ପ୍ରତିଯୋଗିତାରେ ଭାଗନେଇଥିବା ପିଲାମାନେ।

**ଟାଙ୍ଗୀ ରଜ ଉତ୍ସବର ତୃତୀୟ ଦିବସ**

ବଳରାମ ଦେବ ମନ୍ଦିର ପରିସରରେ ଅନୁଷ୍ଠିତ ଟାଙ୍ଗୀ ରଜ ଉତ୍ସବର ତୃତୀୟ ଦିବସରେ ରଙ୍ଗୋଲି ଓ ମ୍ୟୁଜିକ ଚେୟାର ପ୍ରତିଯୋଗିତା ହୋଇଥିଲା। ଏଥିରେ ଶତାଧିକ ପ୍ରତିଯୋଗୀ ଭାଗନେଇ ମଜା ଉଠାଇଥିଲେ। ଟାଙ୍ଗୀ ସାହିତ୍ୟ ଘର ସଭାପତି ବିଜୟ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ଏସ୍‌ବିଆଇ ମ୍ୟୁଚୁଆଲ ଫଣ୍ଡର ମ୍ୟାନେଜର ସୂର୍ଯ୍ୟ ନାରାୟଣ ସୀଠ, ସାମାଜିକ କର୍ମୀ ରମେଶ ଚନ୍ଦ୍ର ବେହେରା, ସୁରେନ୍ଦ୍ର କୁମାର ରାଉତ, ସାହିତ୍ୟ ଘର ଉପଦେଷ୍ଟା ନାରାୟଣ ମହାପାତ୍ର, ଡ.ଚନ୍ଦ୍ରଶେଖର ଦାଶ, ସଂଯୋଜକ ମନୋଜ ପଟ୍ଟନାୟକ, ଉମେଶ ପ୍ରସାଦ ଧଳ, ପ୍ରଦୀପ କୁମାର ସାହୁ, ସହ ସମ୍ପାଦିକା କୁନ୍ତଳା ସାହୁ ପ୍ରମୁଖ ଯୋଗଦେଇ ପ୍ରତିଯୋଗୀଙ୍କୁ ରଜ ପର୍ବର ମହତ୍ତ୍ୱ ସମ୍ପର୍କରେ କହିଥିଲେ। ସମ୍ପାଦକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଉପସଭାପତି ମଞ୍ଜୁଲତା ଇନ୍ଦ୍ରଜିତ ପୋଡ଼ପିଠା ଓ ରଜପାନ ବଣ୍ଟନ କରିଥିଲେ। ରଙ୍ଗୋଲି ମହିଳା ବିଭାଗରେ ରଶ୍ମିତା ମହାପାତ୍ର ପ୍ରଥମ, ପ୍ରତିମା ସାହୁ ଦ୍ୱିତୀୟ, ପ୍ରତିଭା ପାତ୍ର ତୃତୀୟ, ମ୍ୟୁଜିକ ଚେୟାରରେ ରଶ୍ମିତା ମହାପାତ୍ର ପ୍ରଥମ, ପ୍ରତିମା ସାହୁ ଦ୍ୱିତୀୟ, ସୁମତି ଦାସ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବାଳିକା ବିଭାଗ ରଙ୍ଗୋଲି ପ୍ରତିଯୋଗିତାରେ ଶକ୍ତିମୟୀ ଜେନା ପ୍ରଥମ, ପାୟଲ ପାତ୍ର ଦ୍ୱିତୀୟ, ପ୍ରଭାମୟୀ ଜେନା ଓ ସମୀକ୍ଷା ସମଦର୍ଶିନୀ ତୃତୀୟ ସ୍ଥାନ, ମ୍ୟୁଜିକ ଚେୟାରରେ ଶାୟୁଶ୍ରୀ ମହାପାତ୍ର ପ୍ରଥମ, ପ୍ରିୟଙ୍କା ଜେନା ଦ୍ୱିତୀୟ, ପରିଧି ସାହୁ ତୃତୀୟ ସ୍ଥାନ, ସଙ୍ଗୀତରେ ସାଇ ସରଣ୍ୟା ପଣ୍ଡା ପ୍ରଥମ, ଶାୟୁଶ୍ରୀ ମହାପାତ୍ର ଦ୍ୱିତୀୟ, ଜୋତ୍ରିମୟୀ ମହାପାତ୍ର ତୃତୀୟ ସ୍ଥାନ ହାସଲ କରିଛନ୍ତି। ବିଚାରକଭାବେ ପଠାଣି ସୁନ୍ଦରାୟ, ମହେଶ୍ୱର ସେନାପତି, ସୁରଜନ ବେହେରା, ରମେଶ କୁମାର ବଳବନ୍ତରାୟ ପ୍ରମୁଖ ଯୋଗଦେଇଥିଲେ। ସଦସ୍ୟ ବୀରେନ ସାହୁ, ପ୍ରଫୁଲ୍ଲ ଜେନା, ବାସୁଦେବ ସିଂ, କାହ୍ନୁଚରଣ ମିଶ୍ର, ଦିଲୀପ କୁମାର ନାଥ, ସଦସ୍ୟା ବି. ସଂଘମିତ୍ରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବରିଷ୍ଠ ସଦସ୍ୟ ଶିବ ପ୍ରସାଦ ସାହୁ ଧନ୍ୟବାଦ ଦେଇଥିଲେ। ସଦସ୍ୟା ଶଶି ରେଖା ନାଥଶର୍ମାଙ୍କ ନିର୍ଦ୍ଦେଶିତ ଗୀତିନାଟ୍ୟ କୀଚକ ବଧ ପରିବେଷଣ ହୋଇଥିଲା। ସୋମବାର ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯିବା ବୋଲି କମିଟି ସମ୍ପାଦକ ରବୀନ୍ଦ୍ର ନାୟକ ସୂଚନା ଦେଇଛନ୍ତି।



ରଜ ପର୍ବ ଅବସରରେ ଖୋର୍ଦ୍ଧା ଗୁରୁଜଙ୍ଗର ସାମାଜିକ ଅନୁଷ୍ଠାନ ସମ୍ପର୍କ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ପ୍ରତିଯୋଗୀମାନେ।

## ଚିତ୍ରାଙ୍କନ, ସଙ୍ଗୀତ ପ୍ରତିଯୋଗିତା

ଖୋର୍ଦ୍ଧା,୧୬ା୬(ପ୍ରଭାତ ପାଣିଗ୍ରାହୀ): ରଜ ପର୍ବ ଅବସରରେ ଖୋର୍ଦ୍ଧା ଗୁରୁଜଙ୍ଗର ସାମାଜିକ ଅନୁଷ୍ଠାନ ସମ୍ପର୍କ ପକ୍ଷରୁ କୁନି କୁନି ଶିଶୁମାନଙ୍କ ମନୋରଞ୍ଜନ ଏବଂ ଅନ୍ତର୍ନିହିତ ପ୍ରତିଭାର ବିକାଶ ନିମନ୍ତେ ଗୁରୁଜଙ୍ଗ ମେଳଣ ପଡିଆରେ ଚିତ୍ରାଙ୍କନ ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୦ରୁ ଉର୍ଦ୍ଧ୍ୱ ପିଲା ଅଂଶଗ୍ରହଣ କରିଥିଲେ। ପ୍ରତ୍ୟେକ ପିଲାମାନଙ୍କୁ ଚିତ୍ର ଅଙ୍କନ ନିମନ୍ତେ ଆବଶ୍ୟକ ସମସ୍ତ ସାମଗ୍ରୀ ପ୍ରଦାନ କରାଯାଇଥିଲା। ସମସ୍ତ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଉପହାର ପ୍ରଦାନ କରାଯାଇଥିଲା। ସମ୍ପର୍କ ଟ୍ରଷ୍ଟର କର୍ମକର୍ତ୍ତା ସୁଚେତା ହୋତା, ପାର୍ଥସାରଥୀ ପଟ୍ଟନାୟକ, ପ୍ରଭାତ ବଳିୟାରସିଂହ, ସୁମିତ ହୋତା, ସ୍ମୃତି ବଳିୟାରସିଂହ, ଅଞ୍ଜୁମ ଉପାସନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## 'ଭାଇ ଭଉଣୀ ନୂଆ କାହାଣୀ' ନାଟକ ଦର୍ଶକଙ୍କ ମନଛୁଇଁଲା

ଟାଙ୍ଗୀ,୧୬ା୬(ରଘୁନାଥ ସାହୁ)

**କୁହୁଡ଼ି ରଜ ମହୋତ୍ସବର ତୃତୀୟ ସନ୍ଧ୍ୟା**

ଟାଙ୍ଗୀ ବ୍ଲକ କୁହୁଡ଼ି ପଞ୍ଚାୟତର ମା'ବ୍ୟାଘ୍ରଦେବୀ ସାଂସ୍କୃତିକ ପରିଷଦ ଓ କୁହୁଡ଼ି ଗ୍ରାମବାସୀଙ୍କ ଦ୍ୱାରା ଅନୁଷ୍ଠିତ ରଜ ମହୋତ୍ସବର ରବିବାର ଥିଲା ତୃତୀୟ ସନ୍ଧ୍ୟା। ସାଂସ୍କୃତିକ କାର୍ଯ୍ୟକ୍ରମରେ ବାଜପୁର ଡାନ୍ସ ଗ୍ରୁପ, ଜଟଣୀ ପକ୍ଷରୁ ଓଡ଼ିଶୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ଆଧୁନିକ ଡ୍ୟାନ୍ସ ଏବଂ ୱେଷ୍ଟର୍ଣ୍ଣ ଡ୍ୟାନ୍ସ ଉପସ୍ଥିତ ଦର୍ଶକଙ୍କ ମନ ମୋହିଥିଲା। ସେହିପରି ମୁକ୍ତ ମଞ୍ଚ ନାଟକରେ 'ଭାଇ ଭଉଣୀ ନୂଆ କାହାଣୀ' ମଞ୍ଚସ୍ଥ ହୋଇଥିଲା। ଅନୁଷ୍ଠାନ ପକ୍ଷରୁ ବାଳିକା ଓ ମହିଳାମାନଙ୍କ ପାଇଁ ରଜଦୋଳି ଉତ୍ସବ ଆୟୋଜନ କରାଯାଇଥିଲା। କୁନି ପିଲାମାନଙ୍କ ଦ୍ୱାରା ମ୍ୟୁଜିକ ଚେୟାର, ଦଉଡ଼ି ଡିଆଁ, ବାସ୍କେଟ ବଲ, ଗ୍ଲାସ ପିରାମିଡ, ପୁଚି, ଲେମ୍ବୁ ଚାମଚ ଆଦି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନର କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ସଭାପତି ପୂର୍ବତନ ସରପଞ୍ଚ ଜୟଦେବ ବେହେରା ତଦାରଖ କରିଥିଲେ।

## ଆଇନା ପକ୍ଷରୁ ରାଉତପଡ଼ାରେ ରଜ ଉତ୍ସବ

ବେଗୁନିଆ,୧୬ା୬
(ହରପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

**ପୀଡ଼ାଜନିତ ଋତୁସ୍ରାବକୁ ଦୂର କରେ ସୁଷମ ଖାଦ୍ୟ**

ରଜ ପର୍ବ ଅବସରରେ ରବିବାର ବେଗୁନିଆ ବ୍ଲକ ଅନ୍ତର୍ଗତ ରାଉତପଡ଼ା ମା'ବୁଢ଼ୀ ବଘେଇଙ୍କ ପୀଠ ପରିସରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଆଇନା' ପକ୍ଷରୁ କିଶୋରୀମାନଙ୍କୁ ସଚେତନତା କରାଯାଇଛି। ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ, ବକ୍ତା ଭାବେ ଘାସିରାମ ପଣ୍ଡା ଯୋଗଦେଇଥିଲେ। ସେହିପରି ସମ୍ମାନିତ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ଶାନ୍ତିଲତା ଦାସ, ସମିତି ସଭ୍ୟା ପୁଷ୍ପଲତା ପାଇକରାୟ, ଭିକାରୀ ସାହୁ, ମଧୁସୂଦନ ଦାସ, ପ୍ରଶାନ୍ତ ପାଇକରାୟ, ଜ୍ୟୋସ୍ନାରାଣୀ ସାହୁ, ଡ.ମମତା ପ୍ରଧାନ, ଲକ୍ଷ୍ମୀଧର ସୁବୁଦ୍ଧି, ସନ୍ଦୀପ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ ବହୁ କିଶୋରୀ, ଛାତ୍ରୀ ଓ ଦିବ୍ୟାଙ୍ଗମାନଙ୍କୁ ନେଇ ପୁଚି, ନାଚ, ଗୀତ, ରଙ୍ଗୋଲି, ମେହେନ୍ଦି, ମ୍ୟୁଜିକ ଚେୟାର ଓ ରଜ କୁଇନ ଆଦି ପ୍ରତିଯାଗିତା ହୋଇଥିଲା। ସେମାନଙ୍କ ମଧ୍ୟରୁ ୨୦ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସାଧାରଣତଃ ଏବେ ଅନେକ କିଶୋରୀମାନେ ପିଡାଜନିତ ଋତୁସ୍ରାବ ଭୋଗ କରୁଥିବା ଜଣାପଡ଼ିଛି। ଏଥିରେ ବ୍ୟସ୍ତ ହେବାର କିଛି କାରଣ ନାହିଁ। ଋତୁସ୍ରାବ ହେଉଛି ଏକ ସ୍ୱାଭାବିକ ପ୍ରକ୍ରିୟା। ଜଳବାୟୁ ପରିବର୍ତ୍ତନ ଏବଂ ବିଷାକ୍ତ ଖାଦ୍ୟପଦାର୍ଥ ଏହାର ପ୍ରମୁଖ କାରଣ। ତେବେ ଋତୁସ୍ରାବ ସମୟରେ ଶାରୀରିକ ପରିଶ୍ରମ ଏବଂ ସୁଷମ ଖାଦ୍ୟ ସେବନ କରିବା ଦ୍ୱାରା ଉପସମ ମିଳିଥାଏ ବୋଲି ଡ. ପ୍ରଧାନ ଉଦ୍‌ବୋଧନ ଦେଇଥିଲେ। ଆଇନାର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## 'ପରସ୍ପର ପ୍ରତି ଭଲପାଇବା ସମ୍ପର୍କକୁ ଯୋଡ଼େ'

ଖୋର୍ଦ୍ଧା,୧୬ା୬(ପ୍ରଭାତ ପାଣିଗ୍ରାହୀ)

**ଟାଙ୍ଗିଆପଡ଼ାରେ ଆର୍ଟ ଅଫ୍ ଗିଭିଂ କାର୍ଯ୍ୟକ୍ରମ**

ଖୋର୍ଦ୍ଧା ବ୍ଲକ ଟାଙ୍ଗିଆପଡ଼ା ପଞ୍ଚାୟତ ଉଇଲକିଶନ ନଗର ମା' ଅଁଳାଇଙ୍କ ପୀଠରେ ପୂର୍ବତନ ଏମ୍‌ପି ତଥା କିଟ୍ ପ୍ରତିଷ୍ଠାତା ଡ.ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ୨୦୧୩ ମସିହାରେ ଗଠିତ ଆର୍ଟ ଅଫ ଗିଭିଂ କାର୍ଯ୍ୟକ୍ରମର ଏକ ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ ଖୋର୍ଦ୍ଧା ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସତ୍ୟବାନ ଶ୍ରୀଚନ୍ଦନ ଅତିଥିଭାବେ ଯୋଗଦେଇ ଆର୍ଟ ଅଫ ଗିଭିଂର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ କାର୍ଯ୍ୟକାରିତା ଉପରେ ମତବ୍ୟକ୍ତ କରିଥିଲେ। ସାମାଜିକକର୍ମୀ ଆକାଶ କୁମାର ବିଶ୍ୱାଳ, ସୁରେଶ ଚନ୍ଦ୍ର ସାମନ୍ତରାୟ, ଗୋପାଳକୃଷ୍ଣ ପ୍ରଧନ ପ୍ରମୁଖ ଉପସ୍ଥିତ ଥିଲେ। ଆର୍ଟ ଅଫ ଗିଭିଂ ଏକ ଜନ ଆନ୍ଦୋଳନରେ ପରିଣତ ହୋଇଛି। ସମସ୍ତେ ସମସ୍ତଙ୍କୁ ଭଲପାଇବା, ଏକ ଅନୁଶାସନ, ଶୃଙ୍ଖଳିତ, ସରଳ, ତ୍ୟାଗ ପୂର୍ଣ୍ଣ ଜୀବନ ଅତିବାହିତ କରିବା ଉଚିତ। ଏହା ଦ୍ୱାରା ପରସ୍ପର ସମ୍ପର୍କ ଯୋଡି ହେବା ସହ ସ୍ନେହ ଶ୍ରଦ୍ଧାଭାବ ବଢିଥାଏ ବୋଲି ମତପ୍ରକାଶ ପାଇଥିଲା। ସାମାଜିକ କର୍ମୀ ରବୀନ୍ଦ୍ର କୁମାର ସେଠୀ ସଂଯୋଜନା କରିଥିବା ବେଳେ ନାରାୟଣ ବେହେରା ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱେଚ୍ଛାସେବୀ ଦିଲୀପ କୁମାର ପଣ୍ଡା, ଅମିତ ଦଳେଇ, ମନୋଜ ବାରିକ, ଦେବରାଜ ସାହୁ, ସୁଶାନ୍ତ ରାଉତରାୟ, ମାୟାଧର ସାହୁ, ପ୍ରଭାକର ପଣ୍ଡା, ଦିଲ୍ଲୀପ କୁମାର ଜେନା, ଜଗନ୍ନାଥ ବେହେରା ପ୍ରମୁଖ ସହଯୋଗ କରିଥିଲେ।




ଆର୍ଟ ଅଫ୍ ଗିଭିଂ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

## 'ନାଟକ ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିଥାଏ'

ବେଗୁନିଆ,୧୬ା୬(ସନ୍ଧ୍ୟାରାଣୀ ମିଶ୍ର): ବେଗୁନିଆ ବ୍ଲକ ସିମୋର ପଞ୍ଚାୟତ ଅନ୍ତର୍ଗତ ଗଂପୁର ଗ୍ରାମର କଳାକାରମାନଙ୍କ ପକ୍ଷରୁ ମୁକ୍ତମଞ୍ଚ ନାଟକ ଉଦ୍‌ଘାଟିତ ହୋଇଯାଇଛି। ଗ୍ରାମ୍ୟ କମିଟି ସଭାପତି ନୀଳମଣି ପ୍ରଧାନଙ୍କ ଅଧ୍ୟକ୍ଷତାରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ମୁଖ୍ୟବକ୍ତା, ଜିଲା ପରିଷଦ ସଭ୍ୟ ପ୍ରକାଶ ଚନ୍ଦ୍ର ସାହୁ, ସରପଞ୍ଚ ହାଡୁବନ୍ଧୁ ମହାପାତ୍ର, ଲତା ସେଠୀ, ଲାବଣ୍ୟ ଜୟସିଂହ, ଅସିତ୍ କୁମାର ତ୍ରିପାଠୀ, ମାନସ ରଞ୍ଜନ ବିଶ୍ୱାଳ, ସମିତିସଭ୍ୟ ନଳିନୀ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ନାଟକ ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିଥାଏ ବୋଲି ମତବ୍ୟକ୍ତ କରିଥିଲେ। ଭବାନୀ ଶଙ୍କର ନାଟ୍ୟସଂସଦ ପକ୍ଷରୁ 'ସେଇ ଗୋଟିଏ ଭୁଲ୍ ପାଇଁ' ନାଟକ ପରିବେଷଣ ହୋଇଥିଲା। ଦ୍ୱିତୀୟ ଦିବସରେ ଜୟଦୁର୍ଗା ନାଟ୍ୟ ସଂସଦ ପକ୍ଷରୁ 'ହାରିବନି କେବେ ବାପର ପୁଅ' ଏବଂ ତୃତୀୟ ଦିବସରେ ଉମାଶଙ୍କର ନାଟ୍ୟସଂସଦ ପକ୍ଷରୁ 'ଆସିଛି ମୁଁ ଏକା ଯିବି ମୁଁ ଏକା' ନାଟକ ପରିବେଷଣ କରାଯିବ।

## ଛାତ୍ରୀଛାତ୍ରଙ୍କ ଗୁଣାତ୍ମକ ଶିକ୍ଷାକୁ ଗୁରୁତ୍ୱ



ଖୋର୍ଦ୍ଧା,୧୬ା୬(ପ୍ରଭାତ ପାଣିଗ୍ରାହୀ)

ବରୁଣେଇ ପୀଠରେ ଚାଲିଥିବା ରଜ ମହୋତ୍ସବ ଅବସରରେ ସମଗ୍ର ଶିକ୍ଷା ଅଭିଯାନ ଖୋର୍ଦ୍ଧା ପକ୍ଷରୁ 'ପ୍ରଗତି ପଥେ ସମଗ୍ର ଶିକ୍ଷା' ଅଭିନବ ପ୍ରୟାସ କରାଯାଇଛି। ମହୋତ୍ସବରେ ଛାତ୍ରୀଛାତ୍ରଙ୍କ ଗୁଣାତ୍ମକ ଶିକ୍ଷାକୁ ଗୁରୁତ୍ୱ ଦିଆଯାଇଛି। ଶିକ୍ଷା ବିଭାଗ ପକ୍ଷରୁ ଏକ ଷ୍ଟଲ ଖୋଲାଯାଇ ଶିକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ମେଳା, ମହୋତ୍ସବକୁ ଆସିଥିବା ଅଭିଭାବକଙ୍କୁ ସଚେତନ କରୁଛନ୍ତି ଶିକ୍ଷୟିତ୍ରୀ ଶିକ୍ଷକ। ଛାତ୍ରୀଛାତ୍ରଙ୍କ ପାଇଁ ଶିକ୍ଷା ହିଁ ଏକମାତ୍ର ମାର୍ଗ। ପିଲାଙ୍କ ମଧ୍ୟରେ ଉତ୍ତମ ଆଚରଣ, ସଂସ୍କାର, ଶୃଙ୍ଖଳାଜ୍ଞାନ ବୃଦ୍ଧି କରିଥାଏ। ପିଲାଙ୍କ ପାଇଁ ଆନନ୍ଦମୟ ଶିକ୍ଷା, ଶିକ୍ଷା ଦର୍ପଣ, ରେଡ଼ିଓ ପାଠଶାଳା, ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ, ପ୍ରତିକାରାତ୍ମକ ଶିକ୍ଷଣ କାର୍ଯ୍ୟକ୍ରମ, ଛାତ୍ରୀଛାତ୍ରମାନଙ୍କ ବୌଦ୍ଧିକ ଓ ସୃଜନଶୀଳତାର ବିକାଶ, କାର୍ଯ୍ୟକଳାପ ତଦାରଖ ଓ ପରିଚାଳନା, ଅଧାରୁ ପାଠ ଛାଡୁଥିବା ଛାତ୍ରୀଛାତ୍ରଙ୍କୁ ଚିହ୍ନଟ କରି ସ୍ୱତନ୍ତ୍ର ଶିକ୍ଷଣ ମାଧ୍ୟମରେ ମୁଖ୍ୟସ୍ରୋତକୁ ଆଣିବା ଉପରେ ଗୁରୁତ୍ୱ ଦିଆଯାଉଛି। ଶିକ୍ଷାର ପଥକୁ ଆଲୋକିତ କରିବା ପାଇଁ ଶିକ୍ଷା ବିଭାଗ ପକ୍ଷରୁ ପ୍ରୟାସ ଜାରି ରହିଛି। ବିଇଓ ସନ୍ଧ୍ୟାରାଣୀ ରାଉତ, ମଣ୍ଡଳ ସାଧନ ସଂଯୋଜକ ସନ୍ଧ୍ୟାବତୀ ଲେଙ୍କା, ସିଆର୍‌ସିସି ଯୁଧିଷ୍ଠିର ସାହୁ, ରେବତୀ ପଣ୍ଡା, ଅମୀୟ ପରିଡ଼ା, ରବି ନାରାୟଣ ପଣ୍ଡା, ପ୍ରଦ୍ୟୁମ୍ନ ମିଶ୍ର, ରବି ନାରାୟଣ ପଣ୍ଡା, ଧ୍ରୁବଚରଣ ରଣା, ରବୀନ୍ଦ୍ର ପ୍ରଧାନ, ବିକାଶ ମୁଦୁଲି, ଅମୀୟ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରଜ ମହୋତ୍ସବରେ ପ୍ରତିଯୋଗିତା

ବେଗୁନିଆ,୧୬ା୬
(ହରପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ସଦର ମହକୁମାସ୍ଥିତ ଦଧିବାମନ ଦେବଙ୍କ ଆମ୍ରକାନନ ପରିସରରେ ପାଳିତ ହେଉଥିବା ରଜ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ବିଭିନ୍ନ ପ୍ରତିଯୋଗିତା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ପତିତ ପାବନ ଯୁବକ ସଂଘ ଆନୁକୂଲ୍ୟରେ ଆୟୋଜିତ ମହୋତ୍ସବର ପ୍ରଥମ ପର୍ଯ୍ୟାୟରେ ରଜବତୀଙ୍କ ମଧ୍ୟରେ ଅନ୍ତାକ୍ଷରୀ, କୁଇଜ୍, ଅନ୍ଧପୁତୁଳି, ଝୋଟି ଆଦି ପ୍ରତିଯୋଗିତା ହୋଇଥିଲା। ସେଥିରେ ପ୍ରୀତିମୟୀ ଦାସ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସ୍ୱାଗତିକା ମହାପାତ୍ର ଦ୍ୱିତୀୟ ଏବଂ ସୁଶ୍ରୀ ଅସୀମା ଅନୁସ୍ମୃତି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ସାନ୍ଧ୍ୟ କାର୍ଯ୍ୟକ୍ରମରେ ଆୟୋଜକ କମିଟି ସଭାପତି ହିମାଂଶୁ ଭୂଷଣ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଗ୍ରାମ୍ୟ କମିଟି ସଭାପତି ଲାଲା ଦିଲୀପ କୁମାର ରାୟ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନପୂର୍ବକ ଶୁଭାରମ୍ଭ କରିଥିଲେ। ବକ୍ତା ଭାବେ ଜଗନ୍ନାଥ ମନ୍ଦିର କମିଟି ସମ୍ପାଦକ ଭାଗୀରଥି ପରିଡ଼ା, ସମ୍ମାନିତ ଅତିଥିଭାବେ ସଭାପତି ଦୀନବନ୍ଧୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଆୟୋଜକ କମିଟିର ଉପଦେଷ୍ଟା ଦିବାକର ସାହୁ ମଞ୍ଚ ସଂଯୋଜନା କରିଥିବା ବେଳେ ସମ୍ପାଦକ ଗଙ୍ଗାଧର ମାର୍ଥା ବାର୍ଷିକ ବିବରଣୀ ପାଠ କରିଥିଲେ। ତେବେ ମହୋତ୍ସବ ପଡ଼ିଆ ପରିସରରେ ଗୃହିଣୀମାନଙ୍କୁ ନେଇ ବହୁ ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାର କାନ୍ଦଣା ଲହରି ଦର୍ଶକଙ୍କୁ ବିଭୋର କରିଥିଲା। ଶେଷରେ କୁନି କୁନି କଳାକାରଙ୍କ ଦ୍ୱାରା ନୃତ୍ୟସଙ୍ଗୀତ ପରିବେଷଣ କରାଯାଇଥିଲା।



ବେଗୁନିଆ ରଜ ମହୋତ୍ସବର ତୃତୀୟ ଦିବସରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

## ମା'ଉଗ୍ରତାରାଙ୍କ ପୀଠରେ ରଜ ମହୋତ୍ସବ

ଟାଙ୍ଗୀ,୧୬ା୬(ରଘୁନାଥ ସାହୁ)



ମା'ଉଗ୍ରତାରାଙ୍କ ପୀଠରେ ରଜ ମହୋତ୍ସବ ଉଦ୍‌ଘାଟନୀ ଅବସରରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ଅତିଥିମାନେ।

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ମୂଳିଝରଗଡ଼ ସ୍ଥିତ ମା'ଉଗ୍ରତାରାଙ୍କ ପୀଠରେ ରଜ ମହୋତ୍ସବ-୨୦୨୪ ଉଦ୍‌ଘାଟିତ ହୋଇଯାଇଛି। ଏହି ମହୋତ୍ସବ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟ ବକ୍ତା ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ସମ୍ମାନିତ ଅତିଥି ପୂର୍ବତନ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦଳାଇ, ଉପଜିଲାପାଳ ଦୀପ୍ତି ରଞ୍ଜନ ସେଠୀ, ଟାଙ୍ଗୀ ତହସିଲଦାର ମିତାଲି ପାତ୍ର, ବିଡିଓ ରେସମା ଟେଟେ, ସରପଞ୍ଚ କିଶୋର କୁମାର ରାଉତରାୟ ପ୍ରମୁଖ ଯୋଗଦେଇଥିଲେ। ଦୀର୍ଘ ୨୫ବର୍ଷ ଧରି ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ଅଞ୍ଚଳର ଯାହା ବିକାଶ ହୋଇପାରି ନ ଥିଲା ତାହା ୫ବର୍ଷ ମଧ୍ୟରେ କରାଯିବ। ମା' ଉଗ୍ରତାରାଙ୍କ ପୀଠରେ ଦୀର୍ଘ ବର୍ଷ ଧରି ଏହି ରଜ ଯାତ୍ରା ହୋଇଆସୁଥିବା ବେଳେ ଏହାକୁ ଅଧିକ ସରସ ସୁନ୍ଦର କରିବା ପାଇଁ ମହୋତ୍ସବ ଆୟୋଜିତ ହୋଇଆସୁଛି। ଯାତ୍ରା ପଡିଆରେ ଶହ ଶହ ସଂଖ୍ୟାରେ ଦୋକାନ ପଡ଼ିଥିବା ବେଳେ ବହୁ ଲୋକଙ୍କ ସମାଗମ ହେଉଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଟାଙ୍ଗୀ ଥାନା, ଭୁଷଣ୍ଡପୁର ଫାଣ୍ଡି ପକ୍ଷରୁ ପୋଲିସ ମୁତୟନ ହୋଇଛନ୍ତି। ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୬।୬।୨୦୨୪

| | |
|---|---|
| ୧୦,୦୯,୫୧୯ ଟଙ୍କା | |
| ସୁନା | ୨୩.୮୦୦ ଗ୍ରାମ୍ |
| ରୁପା | ୪୨.୪୫୦ ଗ୍ରାମ୍ |

# ସ୍ନାନଯାତ୍ରା ନେଇ ଏସ୍‌ପି, ଦଇତାପତି ନିଯୋଗ ବୈଠକ

ପୁରୀ,୧୬।୬(ଅଜିତ୍ ମହାନ୍ତି)




ବୈଠକରେ ଏସ୍‌ପି ପିନାକ ମିଶ୍ରଙ୍କ ସହ ଦଇତାପତି ସେବାୟତ ।

ଆସନ୍ତା ୨୨ ତାରିଖରେ ମହାପ୍ରଭୁଙ୍କ ସ୍ନାନଯାତ୍ରା ଓ ଜୁଲାଇ ୭ରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ଅନୁଷ୍ଠିତ ହେବ। ତେଣୁ ମହାପ୍ରଭୁଙ୍କ ପବିତ୍ର ସ୍ନାନଯାତ୍ରାଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ସମସ୍ତ ନୀତିକାନ୍ତି କିପରି ଶାନ୍ତି ଶୃଙ୍ଖଳାର ସହ ସମାପନ ହେବ ସେନେଇ ରବିବାର ଏସ୍‌ପିଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏସ୍‌ପି ପିନାକ ମିଶ୍ର ଦଇତାପତି ସେବାୟତଙ୍କ ସହ ଏସ୍‌ପିଙ୍କ କାର୍ଯ୍ୟାଳୟସ୍ଥିତ କନଫରେନ୍ସ ହଲ୍‌ଠାରେ ଆଲୋଚନା କରିଛନ୍ତି। ବୈଠକରେ ଦଇତାପତି ନିଯୋଗ ସଭାପତି, ସମ୍ପାଦକଙ୍କ ସହ ନିଯୋଗର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ପରିମାଣିକ ଟିକେଟ ଦର୍ଶନ ବ୍ୟବସ୍ଥା ସହ ସ୍ନାନବେଦୀରେ ବିଶୃଙ୍ଖଳିତ ଆଚରଣକୁ ରୋକିବାକୁ ସିସିଟିଭି କ୍ୟାମେରା ଏବଂ ଟିଭିର ବ୍ୟବସ୍ଥା କରିବାକୁ ନିଯୋଗ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ବିଶେଷକରି ମହାପ୍ରଭୁଙ୍କ ଜଳଲାଗି ଓ ହାତୀ ବେଶ ସମୟରେ କୌଣସି ସେବାୟତ ଯେଭଳି ଶ୍ରୀବିଗ୍ରହଙ୍କ ସମ୍ମୁଖରେ ଛିଡ଼ା ହୋଇ ବାଧା ସୃଷ୍ଟି କରିବେନାହିଁ ଓ ହାତୀବେଶ ଅକ୍ଷୁର୍ଣ୍ଣ ରହିବ ସେ ଉପରେ ମଧ ଦଇତାପତି ନିଯୋଗ ଏସ୍‌ପିଙ୍କ ମଧ୍ୟରେ ଆଲୋଚନା ହୋଇଛି। ସ୍ନାନ ମଣ୍ଡପରେ ଯେପରି କୌଣସି ପ୍ରକାର ବିଶୃଙ୍ଖଳା ନ ହୁଏ ସେଥିପ୍ରତି ସମସ୍ତେ ଧ୍ୟାନ ଦେବାକୁ ଏସ୍‌ପି କହିଛନ୍ତି। ସେହିପରି ସ୍ନାନ ପୂର୍ଣ୍ଣିମାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ସେବାୟତଙ୍କ ଯାତାୟାତକୁ ଶୃଙ୍ଖଳିତ କରିବା ଲାଗି ପୋଲିସ ପକ୍ଷରୁ ୨ ଚକିଆ ଗାଡ଼ି ପାଇଁ ସ୍ୱତନ୍ତ୍ର ପାସ୍ ବ୍ୟବସ୍ଥା କରାଯିବ ଏବଂ ଏକ ହ୍ୱାଟ୍ସଆପ ମାଧ୍ୟମରେ ସେମାନଙ୍କୁ ଆପ ବାବଦରେ ଜଣେଇବାକୁ ଏକ ଗ୍ରୁପ ପୁରୀ ପୋଲିସ ପକ୍ଷରୁ କରାଯାଇଥିବା ପୋଲିସ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏନେଇ ଏସ୍‌ପି ମିଶ୍ର କହିଛନ୍ତି, ରଥଯାତ୍ରାକୁ ଯେପରି ଶୃଙ୍ଖଳିତ ଭାବରେ ସମ୍ପାଦନ କରାଯିବ ସେନେଇ ବିଭିନ୍ନ ନିଯୋଗ ସହ ଆଲୋଚନା କରାଯାଉଛି। ଏହି ପରିପ୍ରେକ୍ଷୀରେ ଦଇତାପତି ନିଯୋଗ ସହ ଆଲୋଚନା କରାଯାଇଛି। ରଥଯାତ୍ରାରେ ଦଇତାପତି ସେବକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ତେଣୁ ସେମାନଙ୍କ ସହ ଆଲୋଚନା କରାଯାଇ ବିଭିନ୍ନ ଦିଗ ଉପରେ ମତ ନିଆଯାଇଛି। ଗତବର୍ଷ କଣ ସବୁ ସମସ୍ୟା ଥିଲା, ସେଗୁଡ଼ିକ ଯେପରି ଚଳିତବର୍ଷ ନହେବ ସେନେଇ ଆଲୋଚନା ହୋଇଛି। ଅନେକ କିଛି ମତାମତ ନିଯୋଗ ପକ୍ଷରୁ ପ୍ରଦାନ କରାଯାଇଛି। ସମସ୍ତ ଦିଗକୁ ନେଇ କାର୍ଯ୍ୟ କରାଯିବ ବୋଲି ଏସ୍‌ପି ମିଶ୍ର କହିଛନ୍ତି।

## ରଥଖଳାରୁ...

### ୩ ରଥର ଗରଗରାରେ କଣ୍ଟା ବାଡ଼ିଆ ସମ୍ପନ୍ନ

ପୁରୀ,୧୬।୬(ଅଜିତ୍ ମହାନ୍ତି)

ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥଖଳାରେ ଘୋଷଯାତ୍ରା ନିମନ୍ତେ ରଥ ନିର୍ମାଣ କାର୍ଯ୍ୟ ରବିବାର ମୁଖ୍ୟ ମହାରଣାଙ୍କ ପରାମର୍ଶକ୍ରମେ ଭୋଇ ସର୍ଦ୍ଦାର ରବି ଭୋଇଙ୍କ ତତ୍ତ୍ୱାବଧାନରେ ଭୋଇ ସେବକମାନେ ୩ ରଥର ପାଟଦଣ୍ଡା ଉପରକୁ ୨ଟି ଲେଖାଏ ଗରଗରା ଉଠାଇଥିଲେ। ପରେ ୩ ରଥ ମହାରଣା ସେବକମାନେ ମାପ ପ୍ରକାରେ ଗରଗରା ପଛ ଭାଗକୁ ଅର୍ଦ୍ଧ ଚନ୍ଦ୍ରକାର କାପ ଖୋଦେଇ ସହ ବିନ୍ଧ କଲା ପରେ ୩ ରଥର ଓଝା ସେବକମାନେ ଗରଗରାରେ କଣ୍ଟା ବାଡ଼ିଆ କାର୍ଯ୍ୟ ସମ୍ପନ୍ନ କରିଥିଲେ। ସେହିପରି ସୋମବାର ପୂର୍ବାହ୍ନରେ ୩ ରଥର ୪ ନାହାକା ଉଠିବା କାର୍ଯ୍ୟକ୍ରମ ଥିବାରୁ ତା'ର ପୂର୍ବ ପ୍ରସ୍ତୁତି ଶେଷ ହୋଇଛି। ୩ ରଥର ପାଟଦଣ୍ଡା ଉଭୟ ପାର୍ଶ୍ୱରେ ଗୋଟିଏ ଗୋଟିଏ ପୋଲ ଗୟଳ ଆଗ ଏବଂ ପଛ ନିରାଡ଼ି ସହ ସଂଯୁକ୍ତ ହୋଇଛି। ପୋଲ ଗୟଳକୁ ମୁଣ୍ଡାଇ ରଖିବା ପାଇଁ ୭ଟି ଟାଣ ବା ଖାମ୍ବୀ ଉଭୟ ପାର୍ଶ୍ୱ ଦଣ୍ଡାରେ ବିନ୍ଧ କରାଯାଇ ସେଟିଂ କରାଯାଇଛି। ୩ ରଥ ୪ ନାହାକା ଉଠିବା ସହଜ ହେବା ପାଇଁ ଭୋଇ ସେବକମାନେ ପୋଲ ଗୟଳ ଉପରେ ଭାରା ବନ୍ଧା ପାଇଁ ଫାଳୀ ବଟନ କାଠ ପକାଇଛନ୍ତି। ଏଥିସହ ୩ ରଥର ୧୦ଟି ଲେଖାଏ ଚଉଦ ନାହାକା ନିର୍ମାଣ ଶେଷ ହୋଇ ୩ ରଥର ୬ଟି ପୋଲ ଗାୟକରୁ ୪ଟି ପୋଲ ଗୟଳ ଚଉପଟ ଶେଷ ହୋଇ ଆଉ ୨ଟି ଚଉପଟ କାର୍ଯ୍ୟ ଜାରି ରହିଛି। ପୋଲ ଗୟଳ ପ୍ରସ୍ତୁତି ସହ ୩ ରଥର ୬ଟି ଛନ୍ଦା ଗୟଳ ଚଉପଟ କାର୍ଯ୍ୟ ଆରମ୍ଭ ହେବ। ରୂପକାର ସେବକମାନେ ୩ ରଥର ନାଟ ଗୋଡ଼ରେ ରାହୁ ରୂପ ଖୋଦେଇ ଜାରି ରଖିଛନ୍ତି। ଦୋଳବେଦୀ ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ପୋଟଳ ପାଇଁ ନଦା କଣ୍ଟା ନିର୍ମାଣ ଜାରି ରଖିଛନ୍ତି।



## ସଂକ୍ଷେପରେ

### ଡ. ଲକ୍ଷ୍ମୀଧର ଦାସଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ସ୍ମୃତିସଭା

ପୁରୀ,୧୬।୬(ଅଜିତ୍ ମହାନ୍ତି)

ଡ. ଲକ୍ଷ୍ମୀଧର ଦାସ ସ୍ମୃତିସଭା, ପୁରୀ ପକ୍ଷରୁ ବିଶିଷ୍ଟ ଶିକ୍ଷାବିତ୍, ସାରସ୍ୱତ ସାଧକ, ମାନବବାଦୀ, ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଡ. ଲକ୍ଷ୍ମୀଧର ଦାସଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ସଭା ଅନୁଷ୍ଠିତ ହୋଇଛି। ଡ. ଭଗବାନ ଜୟସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକାର୍ଯ୍ୟକୁ କବି ଶିବ ସୁନ୍ଦର ମିଶ୍ର ସଂଯୋଜନା କରିଥିଲେ। ପ୍ରାରମ୍ଭରେ ସଦାଶିବ ମିଶ୍ର ବେଦପାଠ କରିଥିଲେ। ଅତିଥି ଭାବେ ନଟବର ଶତପଥୀ, ଡ. କୁଳମଣି ଓଝା, ଡ. ବାବାଜୀ ଚରଣ ପଟ୍ଟନାୟକ, ଡ. କୈଳାସ ଚନ୍ଦ୍ର ଟିକାୟତରାୟ, ଡ. କୃଷ୍ଣଚନ୍ଦ୍ର ମିଶ୍ର, ଡ. ଦୁର୍ଗାମାଧବ ନନ୍ଦ ପ୍ରମୁଖ ଯୋଗଦେଇ ଡ. ଲକ୍ଷ୍ମୀଧର ଦାସଙ୍କ ସ୍ମୃତିଗାନ କରିଥିଲେ। ସଭାକାର୍ଯ୍ୟ ପ୍ରାରମ୍ଭରେ ସମ୍ପାଦକୀୟ ମନ୍ତବ୍ୟ ଅନାମ ଚନ୍ଦ୍ର ସାହୁ ପ୍ରଦାନ କରିଥିଲେ। ଅତିଥିମାନଙ୍କ ଦ୍ୱାରା 'ଅପାସୋରା' ସ୍ମୃତି ପୁସ୍ତକ ଉନ୍ମୋଚନ ହୋଇଥିଲା। ଏହି ଅବସରରେ ବିଶିଷ୍ଟ ସାରସ୍ୱତ ସାଧକ ପ୍ର. ଡ. ବଳରାମ ଦାସ, ପ୍ର. ଡ ନଟବର ଶତପଥୀ, ଡ. କୁଳମଣି ଓଝା, ଡ. ଦୁର୍ଗାମାଧବ ନନ୍ଦଙ୍କୁ ଫଳକ, ଉତ୍ତରୀୟ, ପୁଷ୍ପଗୁଚ୍ଛ ଆଦି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ।

### ଶ୍ରୀମନ୍ଦିର ଭିତରେ ପଡ଼ି ମହିଳା ଭକ୍ତଙ୍କ ଗୋଡ଼ ଭାଙ୍ଗିଲା

ପୁରୀ,୧୬।୬(ଅଜିତ୍ ମହାନ୍ତି)

ରଜ ଛୁଟି ଥିବାରୁ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ପୁରୀକୁ ଭକ୍ତଙ୍କ ସୁଅ ଛୁଟୁଛି। ଫଳରେ ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଗହଳି ପରିଲକ୍ଷିତ ହେଉଛି। ଅନେକ ଭକ୍ତ ଗହଳିରେ ପଡ଼ି ଆହାତ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ରବିବାର ମହାପ୍ରଭୁଙ୍କ ଦର୍ଶନ କରିବାକୁ ଆସିଥିବା ଜଣେ ମହିଳା ଭକ୍ତ ଶ୍ରୀମନ୍ଦିର ଭିତରେ ଭିଡ଼ରେ ପଡ଼ି ଆହାତ ହୋଇଛନ୍ତି। ମହିଳା ଭକ୍ତଙ୍କ ଗୋଡ଼ ଭାଙ୍ଗିଥିବା ନେଇ ଜଣାପଡ଼ିଛି। ମହିଳା ଭକ୍ତ ଜଣଙ୍କ ଆନ୍ଧ୍ରପ୍ରଦେଶ କାକିନାଡ଼ାର ଭେଙ୍କଟ ପଦ୍ମାବତୀ (୪୪)। ଉକ୍ତ ମହିଳା ଭକ୍ତ ଜଣକ ତାଙ୍କ ପରିବାର ସହ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରି ବେଢାରେ ପରିକ୍ରମାବେଳେ ଭିତରେ ପଡ଼ିଯାଇଥିଲେ। ତାଙ୍କ ଗୋଡ଼ରେ ଆଘାତ ଲାଗିଥିଲା। ତାଙ୍କୁ ଆମ୍ବୁଲାନ୍ସ ଯୋଗେ ମେଡିକାଲ ଅଣାଯାଇଥିଲା। ସେଠାରେ ଡାକ୍ତର ପରୀକ୍ଷା କରି ତାଙ୍କ ଗୋଡ଼ ଭାଙ୍ଗିଯାଇଥିବା ସୂଚନା ଦେବା ସହ ଚିକିତ୍ସା କରିଥିଲେ।

# ଉପମୁଖ୍ୟମନ୍ତ୍ରୀଙ୍କ ନିମାପଡ଼ା ଗସ୍ତ

## ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା ବୈଠକ ଯୋଗଦେଲେ

ନିମାପଡ଼ା,୧୬।୬
(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)




ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀପ୍ରଭାତୀ ପରିଡ଼ା ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରୁଛନ୍ତି।

ନିମାପଡ଼ା ବିଧାୟିକା ପ୍ରଭାତୀ ପରିଡ଼ା ରାଜ୍ୟର ଉପମୁଖ୍ୟମନ୍ତ୍ରୀ ହେବା ପରେ ରବିବାର ପ୍ରଥମ ନିମାପଡ଼ା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହି ଅବସରରେ ୧୧ କୋଟି ବ୍ୟୟରେ ନିମାପଡ଼ାରେ ସାଢେ ୩ କି.ମି. ନିର୍ମାଣ ହେଉଥିବା ଫୋରଲେନ୍ ରାସ୍ତା କାର୍ଯ୍ୟର ନିମାପଡ଼ା ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରେ ଆୟୋଜିତ ବୈଠକରେ ଯୋଗଦେଇ ସମୀକ୍ଷା କରିଥିଲେ। ଆସନ୍ତା ୩ ମାସ ମଧ୍ୟରେ ତୁରନ୍ତ ଫୋରଲେନ ରାସ୍ତାର ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ବିଭାଗୀୟ ଯନ୍ତ୍ରୀ ଓ ଏଜେନ୍ସିକୁ ନିର୍ଦ୍ଦେଶ ଦେଇଥିଲେ। ଠିକ୍ ମାନର କାର୍ଯ୍ୟ ନ କଲେ କାର୍ଯ୍ୟରେ ବିଳମ୍ବ କଲେ ଯନ୍ତ୍ରୀ ଓ ଏଜେନ୍ସି ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା ଚେତାବନୀ ଦେଇଥିଲେ। ସମୀକ୍ଷା ବୈଠକରେ ପୂର୍ତ୍ତ ବିଭାଗୟ ଅଧିକ୍ଷମ ଯନ୍ତ୍ରୀ ରଶ୍ମିରଞ୍ଜନ ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ କୁଶାଳ ହେମ୍ବ୍ରମ, ସହାକାରୀ ଯନ୍ତ୍ରୀ ଦିଲାପ ବିଶ୍ୱଳ, ଏଜେନ୍ସି ସୁବାଷ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ପରେ ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ଡାକ୍ତରଖାନା ସ୍ଥିତି ପରଖିଥିଲେ। ରୋଗୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଡାକ୍ତର ଓ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ଆସନ୍ତା ଶହେ ଦିନ ମଧ୍ୟରେ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭିନ୍ନ ସମସ୍ୟାର ପ୍ରତିକାର କରାଯିବ ବୋଲି କହିଥିଲେ। ଏହି ଅବସରରେ ପରିଡ଼ା ବ୍ଲକର କାଜିପାଟଣା, ହାଟସାହିଠାରେ ଥିବା ବିଭିନ୍ନ ମନ୍ଦିର ପରିଦର୍ଶନ କରି ଆଶୀର୍ବାଦ ନେଇଥିଲେ।

## ଘରୁ ଲକ୍ଷାଧିକ ମୂଲ୍ୟର ସୁନାଗହଣା, ଟଙ୍କା ଚୋରି

ନିମାପଡ଼ା,୧୬।୬(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଧୀନ ରେଞ୍ଚ ଶାସନ ଗ୍ରାମର ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ଘରୁ ଚୋରି ହୋଇଥିବା ନେଇ ସେ ଶନିବାର ଥାନାରେ ଅଭିଯୋଗ କରିଛନ୍ତି। ଏନେ ପୋଲିସ ୧୯୮/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୂର୍ଣ୍ଣଚନ୍ଦ୍ରଙ୍କ ପରିବାର ବର୍ଗ ଶୋଇଥିବାବେଳେ ଶୁକ୍ରବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଘରର ତାଲା ଭାଙ୍ଗି ଘରେ ପଶି ଘରର ବାହାରପଟୁ ତାଲା ପକାଇ ଜିନିଷପତ୍ର ଥିବା ଘର ଓ ୩ଟି ଟ୍ରଙ୍କ ତାଲା ଭାଙ୍ଗି ନଗଦ ୧୦ ହଜାର ଟଙ୍କା, ଗୋଟିଏ ସୁନା ମଙ୍ଗଳସୂତ୍ର, ୫ଟି ସୁନା ମୁଦି, ୨ ହଳ କାନଫୁଲ, ରୁପା ଅଳଙ୍କାର ସହ ଲକ୍ଷାଧିକ ଟଙ୍କା ମୂଲ୍ୟର ସୁନାଗହଣା ଅନ୍ୟାନ୍ୟ ଆସବାବପତ୍ର ଚୋରି କରିନେଇଛନ୍ତି। ସକାଳୁ ଉଠି ପୂର୍ଣ୍ଣଚନ୍ଦ୍ର ଦେଖିବା ବେଳକୁ ଚୋରି ହୋଇଥିବା ଜାଣି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପକ୍ଷରୁ ରାତ୍ରି ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରାଯିବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

## ଅଲ୍ ଓଡ଼ିଶା ଇପିଏଫ୍ ପେନସନର୍ସ ଆସୋସିଏଶନ ପକ୍ଷରୁ ଦାବିପତ୍ର

ପୁରୀ,୧୬।୬(ଅଜିତ୍ ମହାନ୍ତି)

ଅଲ ଓଡ଼ିଶା ଇପିଏଫ୍ ପେନସନର୍ସ ଆସୋସିଏଶନ୍‌ର ପୁରୀ ଜିଲା ଶାଖା ପକ୍ଷରୁ ରବିବାର ସଂଘର ବିଭିନ୍ନ ଦାବି ନେଇ ପୁରୀ ଏମ୍‌ପି ସମ୍ବିତ ପାତ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘ ପକ୍ଷରୁ ଅଭିଯୋଗରେ ଦର୍ଶାଯାଇଛି, ଭାରତରେ ୭୬ ଲକ୍ଷରୁ ଅଧିକା ଏବଂ ଓଡ଼ିଶାରେ ୨ଲକ୍ଷ ୩୦ହଜାରରୁ ଅଧିକା ବେସରକାରୀ କର୍ମଚାରୀ ବୃଦ୍ଧ ଲୋକ ମାସକୁ ୩୦୦ ଟଙ୍କାରୁ ୩ ହଜାର ଭତ୍ତା ଟଙ୍କା ପାଇଛନ୍ତି। ଏପରିକି ବିନା ମାହଙ୍ଗା ଭତ୍ତାରେ କାଳାତିପାତ କରୁଛନ୍ତି। ଚିକିତ୍ସା ସୁବିଧା ନ ପାଇଁ ଅର୍ଥ ଅଭାବରୁ ପ୍ରତି ବର୍ଷ ଶହ ଶହ ଲୋକ ମୃତ୍ୟୁ ମୁଖରେ ପଡୁଛନ୍ତି। ଏନେଇ ଅନେକଥର ପ୍ରଧାନମନ୍ତ୍ରୀ, ଅର୍ଥମନ୍ତ୍ରୀ, ଶ୍ରମ ମନ୍ତ୍ରୀ, ରାଷ୍ଟ୍ରପତି, ମୁଖ୍ୟମନ୍ତ୍ରୀ, ଏମ୍‌ପି ଏବଂ ବିଧାୟକଙ୍କୁ ଦେଖାହୋଇ ଚିଠି ଦେଇ ଇପିଏଫ୍ ପେନସନର୍ସଙ୍କ ସମସ୍ୟାର ସମାଧାନ ନିମନ୍ତେ ଅନୁରୋଧ କରାଯାଉଛି। ମାତ୍ର ଦୁଃଖର କଥା ସରକାର ସମସ୍ୟାର ସମାଧାନ କରୁନାହାନ୍ତି। ତେବେ ପୁନର୍ବାର ଆସୋସିଏଶନ ପକ୍ଷରୁ ମାସକୁ ସର୍ବନିମ୍ନ ୯ ହଜାରକୁ ବୃଦ୍ଧି ସହିତ ମାହଙ୍ଗା ଭତ୍ତା ଏବଂ ସ୍ୱାସ୍ଥ୍ୟ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଉ ବୋଲି ଦାବି କରାଯାଇଛି। ଜିଲା ଆସୋସିଏଶନର ସମ୍ପାଦକ କସ୍ତୁରୀ ଚରଣ ସୁବୁଦ୍ଧିଙ୍କ ଆହ୍ୱାନ କ୍ରମେ ବିମ୍ବାଧର ସାହୁ, ବିଜୟ ମେରାଇନ, ବିଜୟ ଦାଶ ଏବଂ ସତ୍ୟପ୍ରିୟ ସାମନ୍ତରାୟ, ପ୍ରମୁଖ ଯୋଗଦେଇ ପାତ୍ରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି।

## ମାଳତୀପାଟପୁର ଛକରେ ଦୁର୍ଘଟଣା, ୫ ଆହତ

ପୁରୀ,୧୬।୬(ଅଜିତ୍ ମହାନ୍ତି)

ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥସ୍ଥିତ ମାଳତୀପାଟପୁର ଛକ ନିକଟରେ ରବିବାର ରାତିରେ ସଡ଼କ ଦୁର୍ଘଟଣାରେ ୫ ଜଣ ଆହତ ହୋଇଥିବା ଜଣାପଡ଼ିଛି। ସେମାନଙ୍କୁ ପ୍ରଥମେ ପୁରୀ ସଦରମୁଖ୍ୟ ଚିକିତ୍ସାଳୟ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନା ମୁତାବକ, ଭୁବନେଶ୍ୱର ଆଡୁ ଏକ ବାଇକ୍ ପୁରୀକୁ ଆସୁଥିଲା। ମାଳତୀପାଟପୁର ଛକ ନିକଟରେ ବାଇକ୍‌ରେ କିଛି ବ୍ୟକ୍ତି ଥିଲେ। ଏହି ସମୟରେ ଭୁବନେଶ୍ୱର ଆଡୁ ଆସିଥିବା ବାଇକ୍ ଆଉ ୨ ବାଇକକୁ ଧକ୍କା ଦେଇଥିଲା। ଫଳରେ ୫ଜଣ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ପରିଚୟ ମିଳିଛି। ସେମାନେ ହେଲେ ସାକ୍ଷୀଗୋପାଳ ସାମନ୍ତରାୟପୁର ଅଞ୍ଚଳର ଶ୍ରୀକାନ୍ତ ଜେନା ଓ ପରେଶ ରାଉତ।

## ପୌର୍ଣ୍ଣମାସୀ ଖୁଣ୍ଟିଆଙ୍କ ସ୍ମୃତିଚାରଣ ସଭା, କବିତା ପାଠୋତ୍ସବ

ପୁରୀ,୧୬।୬(ଅଜିତ୍ ମହାନ୍ତି)

ଓଡ଼ିଶା ସଙ୍ଗୀତ ପରିଷଦ ପରିସରରେ ପୌର୍ଣ୍ଣମାସୀ ଖୁଣ୍ଟିଆଙ୍କ ସ୍ମୃତିଚାରଣ ସଭା ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁରାଗ ସାହିତ୍ୟ ସଂଗୋଷ୍ଠୀ ସଭାପତି ବିଜୟଲକ୍ଷ୍ମୀ ଦାସ ମିଶ୍ର ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜଧାନୀ ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଡ. ଅଭିମନ୍ୟୁ ଭୂଆଁ ଯୋଗଦାନ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ନାଟ୍ୟପ୍ରାଣ ପ୍ରସନ୍ନ ମିଶ୍ର, ପ୍ରାକ୍ତନ ଲେଖା ଅଧିକାରୀ କବି ପୁରୁଷୋତ୍ତମ ନନ୍ଦ ଯୋଗଦେଇ ପୌର୍ଣ୍ଣମାସୀ ଦେବୀଙ୍କ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସାଧାରଣ ସମ୍ପାଦକ ଶିଳାବ୍ରହ୍ମ ଅନାମଚନ୍ଦ୍ର ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସଭାପତି ଶିବ ସୁନ୍ଦର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ କବି ପୌର୍ଣ୍ଣମାସୀ ଦେବୀ, ଫୋଟ ଖବରଦାତା ଯଜ୍ଞେଶ୍ୱର ମହାନ୍ତି, ଖବରଦାତା ସୁମନ୍ତ ପରିଡ଼ା, ବିକ୍ରମ କେଶରୀ ଆଚାର୍ଯ୍ୟଙ୍କୁ ପୌର୍ଣ୍ଣମାସୀ ଦେବୀ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ପରେ କବିତା ପାଠ ଅନୁଷ୍ଠିତ ହୋଇଥିଲା। କବି ସଦାଶିବ ମିଶ୍ର ଧନ୍ୟବାଦ ଦେଇଥିଲେ।

## ମା' ଭୁବନେଶ୍ୱରୀଙ୍କ ନବମ ବାର୍ଷିକ ପ୍ରତିଷ୍ଠା ଦିବସ

ପୁରୀ,୧୬।୬(ଅଜିତ୍ ମହାନ୍ତି)

ଅଠରନଳା ନୀଳଚକ୍ର ନଗର ଦ୍ୱାରଦେଶରେ ବିରାଜିତ ଅଧିଷ୍ଠାତ୍ରୀ ଦେବୀ ମା' ଭୁବନେଶ୍ୱରୀଙ୍କ ନବମ ବାର୍ଷିକ ପ୍ରତିଷ୍ଠା ଦିବସ ରବିବାର ପାଳିତ ହୋଇଛି। ଉତ୍ସବ ଅବସରରେ ମା'ଙ୍କ ମନ୍ଦିରରେ ବିଶେଷ ନୀତି କ୍ରାନ୍ତି ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମା' ରାଜରାଜେଶ୍ୱରୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ମା'ଙ୍କ ଏହି ଦୁର୍ଲଭ ବେଶ ଦର୍ଶନ କରିବାକୁ ଭକ୍ତଙ୍କ ସମାଗମ ହୋଇଥିଲା। ସକାଳ ସାଢେ ୫ଟାରେ ଦ୍ୱାରଫିଟା ପରେ ମଙ୍ଗଳ ଆଳତି, ଅବକାଶ, ସୂର୍ଯ୍ୟପୂଜା ସହ ଅନ୍ୟ ନୀତିକାନ୍ତି ବଢି ଅପରାହ୍ନରେ ଯଜ୍ଞ ହୋଇଥିଲା। ନୀଳଚକ୍ର ନଗର ଉନ୍ନୟନ ପରିଷଦ ସଭାପତି କାହ୍ନୁଚରଣ ଦାସ ଓ ଅନ୍ୟ କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଅଧାପନ୍ତରିଆ ନବନିର୍ମିତ ରାସ୍ତା

### ଠିକାଦାରଙ୍କ ଦେଖାନାହିଁ

ଯୋଗେଶ୍ୱରପୁର,୧୬।୬(ରଶ୍ମିରଞ୍ଜନ ସାହୁ)



ପାଣି ଛାତ୍ର ନିକଟ ସୁହାଣପୁର ବାଲିରେ ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ନବନିର୍ମିତ ରାସ୍ତା ଅଧାପନ୍ତରିଆ ଭାବେ ପଡ଼ିଛି। ରାସ୍ତା ଅଧା ନିର୍ମାଣ ହୋଇ ତା' ଉପରେ ମାଟି, ଡଷ୍ଟ ଗୁଣ୍ଡ ପଡ଼ି ରହିଥିବାବେଳେ ଠିକାଦାରଙ୍କ ଦେଖାନାହିଁ। ଫଳରେ ସୁହାଣପୁର ପଞ୍ଚାୟତବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଅଭିଯୋଗ ହେଉଛି। ରାସ୍ତା ଉପରେ ଭାରିଯାନ ଯିବା ଫଳରେ କିଛି ଅଂଶ ଦବିଗଲାଣି। କେତେକ ସ୍ଥାନରେ ଡଷ୍ଟଗୁଣ୍ଡ ଉଡ଼ିଯାଇ ମାଟି ଦେଖାଗଲାଣି। ଆଗକୁ ବର୍ଷା ଆସୁଥିବାବେଳେ ରାସ୍ତା ଯଦି ସମ୍ପୂର୍ଣ୍ଣ ପିଚୁ ନ କରାଯାଏ, ସୁହାଣପୁର ଗ୍ରାମବାସୀ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଉକ୍ତ ରାସ୍ତା କାମ ନିମ୍ନମାନର କରାଯାଉଥିବା ଅଭିଯୋଗ ହେଉଥିବାବେଳେ କାର୍ଯ୍ୟ ସ୍ଥାନରେ ବିଭାଗୀୟ ଯନ୍ତ୍ରୀ ଉପସ୍ଥିତ ନ ରହିବାରୁ ଠିକାଦାର ମନଇଚ୍ଛା କାର୍ଯ୍ୟ କରୁଛନ୍ତି। ଏହାର ଭିଜିଲାନ୍ସ ତଦନ୍ତ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ପ୍ରତିଶ୍ରୁତି ପରେ ହଟିଲା ଚାଷୀଙ୍କ ଧାରଣା

କୋଣାର୍କ,୧୬।୬(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଥାନା ଅଧୀନ ମହଲପଡ଼ା ଗ୍ରାମପଞ୍ଚାୟତର ଚିତ୍ରା ଗ୍ରାମର ଅଏଲ୍ ଇଣ୍ଡିଆ କମ୍ପାନୀ ପକ୍ଷରୁ ଖନନ କାର୍ଯ୍ୟ ସମୟରେ ନିର୍ଗତ କେମିକାଲ ଯୁକ୍ତ ପାଣିରେ କ୍ଷତିଗ୍ରସ୍ତ କୃଷକଙ୍କ ପକ୍ଷରୁ ସରକାରୀ ସହାୟତା ପ୍ରଦାନ ଦାବିରେ ଶନିବାର କୋଣାର୍କ ଥାନା ସମ୍ମୁଖରେ ଆରମ୍ଭ ହୋଇଥିବା ଧାରଣା ପ୍ରତିଶ୍ରୁତି ପାଇବା ପରେ ରବିବାର ପ୍ରତ୍ୟାହୃତ ହୋଇଛି।

ଖବରରୁ ପ୍ରକାଶ, ଗ୍ରାମରେ ପ୍ରାକୃତିକ ଗ୍ୟାସ ସନ୍ଧାନରେ ଖନନ କାର୍ଯ୍ୟ ସମୟରେ ନିର୍ଗତ ପ୍ରଦୂଷିତ କେମିକାଲ ଯୁକ୍ତ ପାଣିରେ ୫୦ରୁ ଊର୍ଦ୍ଧ୍ୱ କୃଷକଙ୍କ ପ୍ରାୟ ୧୦ ଏକରରୁ ଊର୍ଦ୍ଧ୍ୱ ଧାନ ଫସଲ କ୍ଷୟକ୍ଷତି ହୋଇଛି। ଏଥିରେ ବିଭାଗୀୟ ଅଧିକାରୀଙ୍କ ଏବଂ ପରେ ଏପ୍ରିଲ ୧୫ରେ କୋଣାର୍କ ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଥାନା ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। କ୍ଷତିଗ୍ରସ୍ତ କୃଷକଙ୍କୁ ସହାୟତା ପ୍ରଦାନ କରିବା ସହ କୋଣାର୍କ ପୋଲିସର ପକ୍ଷପାତିତା ନୀତି ବିରୋଧରେ କୋଣାର୍କ ଥାନା ସମ୍ମୁଖରେ ଚାଷୀମାନେ ଶନିବାର ପୂର୍ବାହ୍ନ ସମୟରେ ଗଣଧାରଣାରେ ବସିଥିଲେ।



ଏହି ଅଭିଯୋଗକୁ ଗୁରୁତ୍ୱାରୋପ କରି ପୁରୀ ଜିଲାପାଳ ଓ ପୁରୀ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ନିର୍ଦ୍ଦେଶକ୍ରମେ ଗୋପ ତହସିଲଦାର ରଞ୍ଜନ ପରିଡ଼ା ଓ ପିପିଲି ଏସ୍‌ଡିପିଓ ବିରଞ୍ଚି ପାଣି ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଧାରଣାକାରୀଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ୩ ଦିନ ମଧ୍ୟରେ କ୍ଷତିଗ୍ରସ୍ତ କୃଷକଙ୍କ କ୍ଷୟକ୍ଷତି ଆକଳନ କରାଯିବ। ଏଥିସହ ୭ ଦିନ ମଧ୍ୟରେ ଧାନ ଫସଲ କ୍ଷତିଗ୍ରସ୍ତ କୃଷକଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପୁରୀ ଜିଲା ପ୍ରଶାସନ ପକ୍ଷରୁ ଗୋପ ତହସିଲଦାର ପରିଡା ପ୍ରକାଶ କରିଛନ୍ତି।

## ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିୟମିତ ଏମ୍‌ବିବିଏସ୍ ଡାକ୍ତର ଆସୁନାହାନ୍ତି

ପୁରୀ,୧୬।୬(ଅଜିତ୍ ମହାନ୍ତି)

ଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ଶିରୁଳି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିୟମିତ ଏମ୍‌ବିବିଏସ୍ ଡାକ୍ତର ଆସୁ ନ ଥିବା ଅଭିଯୋଗ କରି ସାମାଜିକ କର୍ମୀ ଦିଲୀପ ବରାଳ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି, ଶିରୁଳି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତି ପାଇଥିବା ଏମ୍‌ବିବିଏସ୍ ଡାକ୍ତର ସପ୍ତାହକୁ ଗୋଟିଏ ଦିନ କେନ୍ଦ୍ରରେ ଉପସ୍ଥିତ ରହି ଅନ୍ୟ ଦିନରେ ଅନୁପସ୍ଥିତ ରହୁଛନ୍ତି। ଫଳରେ ରୋଗୀମାନେ ଅସୁବିଧା ଭୋଗିବା ସହ ଉପଯୁକ୍ତ ଚିକିତ୍ସା ପାଉନାହାନ୍ତି। ସେହିପରି ସ୍ୱାସ୍ଥ୍ୟକେନ୍ଦ୍ର ଓପିଡି ଅପରାହ୍ନରେ ଖୋଲୁ ନ ଥିବାବେଳେ ସକାଳେ ବିଳମ୍ବରେ ଖୋଲୁଛି। ତେଣୁ ସମସ୍ତ ଘଟଣାର ତଦନ୍ତ କରି ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ବରାଳ ଦାବି କରିଛନ୍ତି।

# ତୈଳିକ ବୈଶ୍ୟ ସମାଜ ପକ୍ଷରୁ ରଜପର୍ବ

ସାକ୍ଷୀଗୋପାଳ,୧୬।୬(ଭରତ ରାଉତ)

ସତ୍ୟବାଦୀ ବ୍ଲକ ଅଧୀନ ଅଳଗୁମ ପଞ୍ଚାୟତ ବସନ୍ତମାଳ ହାଟ ପଡ଼ିଆଠାରେ ତୈଳିକ ବୈଶ୍ୟ ସମାଜ ପକ୍ଷରୁ ରଜ ମହୋତ୍ସବ ୨୦୨୪ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଚଳିତବର୍ଷ ବୈଶ୍ୟ ସମାଜ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଅନୁଷ୍ଠାନ ସଭାପତି ବୃନ୍ଦାବନ ସାହୁ ସଭାପତିତ୍ୱ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଅନୁଷ୍ଠାନ ସମ୍ପାଦକ ନିରଞ୍ଜନ ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏଥିରେ ୧୫୦ରୁ ଊର୍ଦ୍ଧ୍ୱ ସଦସ୍ୟ ଯୋଗଦେଇଥିଲେ। ବୈଠକରେ ଦେଶର ଅର୍ଥନୈତିକ କାରବାରରେ ତୈଳିକ ବୈଶ୍ୟ ସମାଜ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବା ସହ ଓଡ଼ିଶାରେ ଥିବା ଆମ ଜାତିର ସବୁ ଯୁବତୀ ଯୁବକ କେବଳ ବ୍ୟବସାୟ ନୁହେଁ, ପ୍ରଶାସନିକ କ୍ଷେତ୍ରରେ ବି ନିଜର ବ୍ୟକ୍ତିତ୍ୱ ଓ ପାରିବାପଣିଆର ପରିଚୟ ପ୍ରଦାନ କରିଛନ୍ତି ବୋଲି ସାହୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହାକିମ ତ୍ରିନାଥ ସାହୁ, ଚନ୍ଦ୍ରଶେଖର ବେହେରା, ଗୋପାଳ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ବଂଶୀଧର ସାହୁ, ଦୀନବନ୍ଧୁ ବେହେରା ପ୍ରମୁଖ ରଜପର୍ବର ବୈଶିଷ୍ଟ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବରିଷ୍ଠଙ୍କୁ ଉତ୍ତରୀୟ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।




ତୈଳିକ ବୈଶ୍ୟ ସମାଜ ପକ୍ଷରୁ ରଜପର୍ବ ଅବସରରେ ଅନୁଷ୍ଠାନର ସଦସ୍ୟମାନେ ।



କଟକ ଟାଉନ ହଲ୍‌ରେ ଛାତ୍ର ସମାଜ ଓଡ଼ିଶା ପକ୍ଷରୁ ଆୟୋଜିତ ରଜ ଉତ୍ସବରେ ଦୁଇ ଝିଅ ପରସ୍ପରକୁ ପାନ ଖୁଆଉଛନ୍ତି।



କଟକ ସିଲ୍‌ଭର ସିଟି ବୋଟିଂ କ୍ଲବରେ ଓଟିଡିସି ପକ୍ଷରୁ ଆୟୋଜିତ ରଜ ମହୋତ୍ସବରେ ଲୋକମାନେ ନାଚଗୀତରେ ଖୁସି ମନାଉଛନ୍ତି।

# ନାଚ, ଗୀତରେ ସରିଲା ରଜ

କଟକ, ୧୬।୬(ଶିଲ୍ପା ପ୍ରିୟଦର୍ଶିନୀ/କାର୍ତ୍ତିକ ସାହୁ)



କଟକ ସହର ସମେତ ଆଖପାଖ ଅଞ୍ଚଳରେ ୩ ଦିନ ଧରି ରଜ ଉତ୍ସବ ପାଳିତ ହୋଇଯାଇଛି। ରବିବାର ଶେଷ ରଜରେ ସହରବାସୀଙ୍କ ଉତ୍କଣ୍ଠା ଦ୍ୱିଗୁଣିତ ହୋଇଥିଲା। ବିଶେଷକରି ଯୁବତୀମାନେ ପୋଡପିଠା, ପାନ ଖାଇବା ସହ ଦୋଳି ଖେଳି ମଜା ଉଠାଇଥିଲେ। ନାଚ, ଗୀତ ଓ ବିଭିନ୍ନ ପ୍ରତିଯୋଗୀତାରେ ରଜ ଉତ୍ସବ ଶେଷ ହୋଇଛି। ଏହି ଅବସରରେ ଓଡ଼ିଶା ଛାତ୍ର ସମାଜ ପକ୍ଷରୁ ଟାଉନ ହଲ୍‌ଠାରେ ରଜ ମହୋତ୍ସବ ପାଳିତ ହୋଇଥିଲା। ଏଥିରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ସହ ଧୁମ୍‌ଧାମ୍‌ରେ ରଜ ପାଳନ କରାଯାଇଥିବା ଆୟୋଜକ ଦୀପକ ଗୁରୁ ସୂଚନା ଦେଇଛନ୍ତି। ସେହିପରି ବଳଭଦ୍ରପୁରଠାରେ ରଜ ମହୋତ୍ସବ ୩ ଦିନ ଧରି ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଯୁବତୀ ଓ ମହିଳାମାନେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ରଜରେ ପାନ୍ଥନିବାସଠାରେ ପିଠା ବ୍ୟବସାୟ ଭଲ ହୋଇଥିଲା। ସିଲ୍‌ଭର୍‌ସିଟି ବୋଟିଂ କ୍ଲବ୍‌ଠାରେ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି) ପକ୍ଷରୁ ଆୟୋଜିତ ରଜ ମହୋତ୍ସବରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ପିଠା ବେପାର ଭଲ ହୋଇଥିଲା ବୋଲି ମ୍ୟାନେଜର ଦିଲୀପ କୁମାର ଜେନା କହିଛନ୍ତି। ସାମାଜିକ ଅନୁଷ୍ଠାନ ଜୟ ଜଗନ୍ନାଥ ସେବା ସମିତି ପକ୍ଷରୁ ସିଡିଏ ସେକ୍ଟର-୧୩ସ୍ଥିତ ବାଲ୍ମୀକି ନଗର ବସ୍ତି ଅଞ୍ଚଳରେ ରଜ ଉତ୍ସବ ପାଳନ କରାଯାଇଛି। ବସ୍ତିର ୫୦ରୁ ଊର୍ଦ୍ଧ୍ୱ ପିଲାଙ୍କୁ ନୂଆ ଡ୍ରେସ ପ୍ରଦାନ ସହ ଯୋବ୍ରାସ୍ଥିତ ନୌବାଣିଜ୍ୟ ସଂଗ୍ରହାଳୟ ବୁଲିବା ପାଇଁ ନିଆଯାଇଥିଲା।

ମର୍କତନଗର ସେକ୍ଟର-୧୩ସ୍ଥିତ ବାଲ୍ମୀକିନଗର ଆଦିବାସୀ ସାହିରେ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ସୁରକ୍ଷା ସଂସ୍ଥା ଉତ୍କଳ ସନ୍ତାନ ପକ୍ଷରୁ ୩ ଦିନ ଧରି ଚାଲିଥିବା ରଜ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। କେନ୍ଦ୍ରୀୟ ସଭାପତି ତଥା ଶିକ୍ଷାବିତ୍ ପ୍ରଫେସର ଜ୍ଞାନଗୁରୁ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଉତ୍କଳ ପ୍ରଦେଶ ମାରୁୱାଡି ସମ୍ମେଳନର ପୂର୍ବତନ ସଭାପତି ଓ ଅଖିଳ ଭାରତୀୟ ମାରୁୱାଡି ସମ୍ମେଳନର କାର୍ଯ୍ୟକାରୀ ସଦସ୍ୟ ସୁରେଶ କମାନୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ବୃନ୍ଦାବନ ଦାସଆଜାଦ ଓ ମୁଖ୍ୟବକ୍ତା ଭାବେ ପଣ୍ଡିତ ହିମାଂଶୁ ଭୂଷଣ ରଥଶର୍ମା ଯୋଗଦେଇଥିଲେ। ଏହି ଅବସରରେ ଆୟୋଜିତ ଦୋଳି, ଗୀତ, ପୁଚିଖେଳ ଓ ଡୁଡୁଖେଳ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଲୋକସମ୍ପର୍କ ପ୍ରମୁଖ ବିଜୟ କୁମାର ସାମଲ ଧନ୍ୟବାଦ ଦେଇଥିଲେ।



ରବିବାର ଶେଷ ରଜରେ ଆମିଷ କିଣିବା ପାଇଁ କଟକ କୃଷକ ବଜାର ମାଛ ମାର୍କେଟରେ ଲୋକଙ୍କ ଗହଳି।

## ଜମିଲା ଆମିଷ ବେପାର

ଶନିବାର ସଂକ୍ରାନ୍ତି ଥିବାରୁ ଅଧିକାଂଶ ଲୋକେ ନିରାମିଷ ଖାଦ୍ୟ ସହ ପିଠା, ରଜପାନ ଖାଇ ଖୁସିରେ ଦିନ କାଟିଥିଲେ। ହେଲେ ରବିବାର ଆମିଷ ବାର ଥିବାରୁ ଲୋକମାନେ ଏହାକୁ ହାତଛଡା କରି ନ ଥିଲେ। ରାତି ପାହିଲା ବେଳକୁ ଆମିଷ ବଜାରରେ ଲୋକଙ୍କ ଗହଳି ଦେଖିବାକୁ ମିଳିଥିଲା। ଖପୁରିଆ, ଯୋବ୍ରା, ବାଦାମବାଡି, ଦୋଳମୁଣ୍ଡାଇ ଆଦି ଅଞ୍ଚଳରେ ଲୋକମାନେ ଆମିଷ ନେବା ପାଇଁ ଭିଡ଼ ଜମାଇଥିଲେ। ମଟନ୍ ଦର କିଲୋ ପିଛା ୭୦୦ ଟଙ୍କା ଓ ଚିକେନ୍ ଦର କିଲୋ ପିଛା ୨୫୦ ଟଙ୍କା ରହିଛି। ସେହିପରି ଚିଙ୍ଗୁଡ଼ି କେଜି ୩୦୦ରୁ ୬୦୦ ଟଙ୍କା, ରୋହି ମାଛ ୨୫୦ ଟଙ୍କା, ମିରିକାଳୀ ମାଛ ୨୮୦ ଟଙ୍କା, ଭାକୁର ମାଛ ୨୭୦ ଟଙ୍କା ଓ ଖଏଙ୍ଗା ମାଛର କିଲୋ ପିଛା ଦର ୩୦୦ ଟଙ୍କା ରହିଛି। ଏନେଇ ଖପୁରିଆ ଅଞ୍ଚଳର ମାଂସ ବ୍ୟବସାୟୀ ଦୟାନ ଖାନ୍ କହିଛନ୍ତି, ରଜକୁ ନଜରରେ ରଖି ୪ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଜିନିଷ ରଖିଥିଲୁ। ଶନିବାର ସଂକ୍ରାନ୍ତି ଯୋଗୁ ବେପାର ମାନ୍ଦା ରହିଥିବାବେଳେ ଶୁକ୍ରବାର ଓ ରବିବାର ଶେଷ ରଜରେ ବେପାର ଭଲ ହୋଇଛି।

## ଜ୍ଞାନେନ୍ଦ୍ର ସ୍ୱାଇଁ ରାଜ୍ୟ ଖାଦ୍ୟ ନିଗମ ପରାମର୍ଶଦାତା କମିଟିର ସଦସ୍ୟ

ମଙ୍ଗୁଳି-ଜଗତପୁର, ୧୬।୬(ମାନସ ସାମଲ)

ରାଜ୍ୟ ଖାଦ୍ୟ ନିଗମ ପରାମର୍ଶଦାତା କମିଟିର ସଦସ୍ୟ ଭାବରେ କଟକ ଜିଲା ଚୌଦ୍ୱାର ଅଞ୍ଚଳର ଜ୍ଞାନେନ୍ଦ୍ର କୁମାର ସ୍ୱାଇଁ



ମନୋନୀତ ହୋଇଛନ୍ତି। ଖାଦ୍ୟ ନିଗମ ଅଫ୍ ଇଣ୍ଡିଆ ପରିଚାଳନା ନିର୍ଦ୍ଦେଶକଙ୍କ ପକ୍ଷରୁ ଏହି ନିର୍ଦ୍ଦେଶନାମା ବାହାରିବା ପରେ ଚୌଦ୍ୱାର ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ଏନେଇ କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଜୋଶୀ, ଧର୍ମେନ୍ଦ୍ର ପ୍ରଧାନ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି ସୁରଥ ବିଶ୍ୱାଳ, ରାଜ୍ୟ ସଙ୍ଗଠନ ମହାମନ୍ତ୍ରୀ ମାନସ ମହାନ୍ତିଙ୍କୁ ଜ୍ଞାନେନ୍ଦ୍ର କୃତଜ୍ଞତା ଜଣାଇଛନ୍ତି।



କଟକ କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟରେ ରାଜ୍ୟ କଳା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଓଡ଼ିଶା ପକ୍ଷରୁ ଅନୁଷ୍ଠିତ ପ୍ରତିଭା ପୂଜା ଓ ପ୍ରତିଭା ସମ୍ବର୍ଦ୍ଧନା ଉତ୍ସବରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

ଓଡ଼ିଆ ବାପ୍‌ଟିଷ୍ଟ ଚର୍ଚ୍ଚରେ ବିସ୍ଫୋରଣ ଘଟଣା

## ବୋମା ନୁହେଁ, ରକେଟ୍ ବାଣ

କଟକ, ୧୬।୬(କାର୍ତ୍ତିକ ସାହୁ)

ମିଶନ୍ ରୋଡ୍‌ସ୍ଥିତ ଚର୍ଚ୍ଚ ପରିସରରେ ଶୁକ୍ରବାର ରାତିରେ ବୋମା ଫୁଟିବା ଗୁଜବ ଉପରେ କଟକ ଓଡ଼ିଆ ବାପ୍ଟିଷ୍ଟ ଚର୍ଚ୍ଚ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ସେଦିନ ବୋମା ଫୁଟି ନ ଥିଲା, ବରଂ ତାହା ଏକ ରକେଟ ବାଣ ଥିଲା। ଚର୍ଚ୍ଚର ସାଧାରଣ ସମ୍ପାଦକ ପ୍ରେମଜିତ୍ ସାବତ ପ୍ରେସ୍ ଇସ୍ତାହାର ଜରିଆରେ ରବିବାର ଏନେଇ ସ୍ପଷ୍ଟୀକରଣ ଦେଇଛନ୍ତି।

ସୂଚନା ଅନୁସାରେ, ଶୁକ୍ରବାର ରାତି ପ୍ରାୟ ୯ଟା ୧୦ ମିନିଟ୍‌ରେ ଚର୍ଚ୍ଚ କୋଠା ପରିସରରେ ସଙ୍ଗୀତ ଶିଳ୍ପୀମାନେ ରବିବାର ସେବା ପାଇଁ ଅଭ୍ୟାସ କରୁଥିଲେ। ସେମାନେ ଚର୍ଚ୍ଚ ପରିସରରେ ଏକ ବଡ଼ ଶବ୍ଦ ଶୁଣିବା ପରେ ପରିଚାଳନା କମିଟିକୁ ତୁରନ୍ତ ଜଣାଇଥିଲେ। ପରିଚାଳନା କମିଟି ପକ୍ଷରୁ ଏ ବାବଦରେ ପୋଲିସକୁ ଅବଗତ କରାଯାଇଥିଲା। କ୍ୟାଣ୍ଟନମେଣ୍ଟ ଥାନା ଆଇଆଇସି, ଏସିପି ଓ ସ୍ପେଶାଲ ବ୍ରାଞ୍ଚ ଡିଏସ୍‌ପି ସେଠାରେ ପହଞ୍ଚି ତଦନ୍ତ କରିଥିଲେ। ଚର୍ଚ୍ଚର ସିସିଟିଭି ଫୁଟେଜ୍‌କୁ ପୋଲିସ ଯାଞ୍ଚ କରିଥିଲା। ଯାଞ୍ଚବେଳେ ଜଣାପଡ଼ିଲା ଯେ, ଚର୍ଚ୍ଚର ପଶ୍ଚିମ ପାର୍ଶ୍ୱ ଫାଟକ ଦେଇ ଜଣେ ବାଳକ ଭିତରକୁ ପ୍ରବେଶ କରିଥିଲେ। ସେ ସେଠାରେ ରକେଟ୍ ବାଣରେ ନିଆଁ ଲଗାଇ ଦେଇ ଦୌଡ଼ି ପଳାଇଥିଲେ। ପୋଲିସ ଏପରି ଦ୍ରୁତ ପଦକ୍ଷେପ ଦ୍ୱାରା ସହଜରେ ତଦନ୍ତ ସମ୍ଭବ ହୋଇପାରିଲା। ଏଥିପାଇଁ ଚର୍ଚ୍ଚ ପରିଚାଳନା କମିଟି ପକ୍ଷରୁ ପୋଲିସ ପ୍ରଶାସନକୁ କୃତଜ୍ଞତା ଅର୍ପଣ କରାଯାଇଛି।

## ଦମ୍ପତିଙ୍କୁ ଆକ୍ରମଣ ମାମଲା, ୩ ଗିରଫ

ଖୁଣ୍ଟୁଣୀ, ୧୬।୬(ସଚ୍ଚିଦାନନ୍ଦ ପଣ୍ଡା)

ଆକ୍ରମଣ କରିବା ମାମଲାରେ ଗୁରୁଡିଝାଟିଆ ପୋଲିସ ରବିବାର ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ଓସ୍ତପୁର ଗ୍ରାମର ଚଗଲା ସାହୁ, ବୁବୁଲା ସାହୁ ଓ ଚିତ୍ତରଞ୍ଜନ ସାହୁ। ଶୁକ୍ରବାର ରାତିରେ ଓସ୍ତପୁର ଗ୍ରାମର କ୍ଲବ୍ ଘରେ ବିଜୟ ସାହୁ ଶୋଇଥିବାବେଳେ କୌଣସି କାରଣକୁ ନେଇ ଅଭିଯୁକ୍ତମାନଙ୍କ ସହିତ ତାଙ୍କର ମାରପିଟ୍ ହୋଇଥିଲା। ଶନିବାର ପ୍ରିୟତମା ସାହୁ ତାଙ୍କ ସ୍ୱାମୀ ବିଜୟଙ୍କ ସହିତ ଗୁରୁଡିଝାଟିଆ ଥାନାକୁ ଏତଲା ଦେବାକୁ ଯାଇଥିଲେ। ସେଠାରୁ ଫେରିବା ପରେ ଘର ପାଖରେ ଅଭିଯୁକ୍ତମାନେ ବିଜୟଙ୍କୁ ମାରଣାସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏପରି କି ପ୍ରିୟତମାଙ୍କୁ ମଧ୍ୟ ସେମାନେ ମାଡ ମାରି କ୍ଷତାକ୍ତ କରିଥିଲେ। ଏହି ଘଟଣାରେ ପୋଲିସ ଏକ ମାମଲା(ନଂ.୧୧୯/୨୪) ରୁଜୁ କରିବା ସହ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା।

## ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

ଚୌଦ୍ୱାର, ୧୬।୬(ଆଶୁତୋଷ ଦାସ)

ସ୍ଥାନୀୟ ମ୍ୟୁନିସିପାଲ ସରକାରୀ ହାଇସ୍କୁଲର ୧୯୮୩ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବଧୀକୁଦସ୍ଥିତ ଶ୍ମଶାନକାଳୀ ମନ୍ଦିରରେ ଆୟୋଜିତ କାର୍ଯ୍ୟକ୍ରମରେ ଶତାଧିକ ପୂର୍ବତନ ଛାତ୍ରୀଛାତ୍ର ଯୋଗଦେଇ ଭାବର ଆଦାନପ୍ରଦାନ କରିବା ସହିତ ଛାତ୍ର ଜୀବନର ଅଭୁଲା ସ୍ମୃତିକୁ ମନେପକାଇଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ସ୍ୱର୍ଗତ କୈଳାସ ଚନ୍ଦ୍ର ସିଂହଙ୍କ ସମେତ ଅନ୍ୟ ଦିବଂଗତ ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ବନ୍ଧୁମିଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ରମାନେ ଦୋଳି ଖେଳ ସହିତ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ।

## ଗରିବ ଲୋକଙ୍କ ସ୍ୱାସ୍ଥ୍ୟ, ଜୀବନଧାରଣ ମାନରେ ସୁଧାର ଅଣାଯିବ




କଟକ, ୧୬।୬(କାର୍ତ୍ତିକ ସାହୁ)

ଚଳଚ୍ଚିତ୍ର ପ୍ରଯୋଜକ ସ୍ୱର୍ଗତ ବସନ୍ତ ନାୟକ ଓ ତାଙ୍କ ସ୍ତ୍ରୀ ସ୍ୱର୍ଗତ ସ୍ନେହଲତା ନାୟକଙ୍କ ସ୍ମୃତି ଉଦ୍ଦେଶ୍ୟରେ ସ୍ଥାପିତ ସ୍ନେହ-ବସନ୍ତ ଫାଉଣ୍ଡେଶନର ବୋର୍ଡ ଅଫ ଟ୍ରଷ୍ଟିଙ୍କର ବୈଠକ ସ୍ଥାନୀୟ ପାଲାମଣ୍ଡପସ୍ଥିତ ବ୍ରଜରାଜ କମ୍ପ୍ଲେକ୍ସଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ସୁରଜ ନାୟକଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଙ୍ଗଠନର ଅଧ୍ୟକ୍ଷ ଇତିଶ୍ରୀ ନାୟକ ଯୋଗଦେଇ ସଦସ୍ୟମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଅନ୍ୟ ସଦସ୍ୟଙ୍କ ମଧ୍ୟରେ ବିନୟ ନାୟକ, ଆୟୁଷୀ ନାୟକ, ପ୍ରଶାନ୍ତ ବିଶ୍ୱାଳ, ସୁମିତ ମହାନ୍ତି, ଶିଶିର କାନୁନ୍‌ଗୋ ଉପସ୍ଥିତ ଥିଲେ। ଏହି ଅବସରରେ ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ପାଇଁ ଆଲୋଚନା ହୋଇଥିଲା। ବିଭିନ୍ନ ପ୍ରକାରର ସମାଜସେବା ପାଇଁ ସର୍ବଦା ସମର୍ପିତ ଏହି ଫାଉଣ୍ଡେଶନ ପକ୍ଷରୁ ଆସନ୍ତା ୨୪ ତାରିଖରେ ହେବାକୁ ଥିବା ଦ୍ୱାଦଶ ନାରାୟଣ ସେବା ବିଷୟରେ ସୂଚନା ଦିଆଯାଇଥିଲା। ସମାଜର ଗରିବ ଓ ଅଭାବୀ ଶ୍ରେଣୀର ଲୋକଙ୍କ ସ୍ୱାସ୍ଥ୍ୟ, ଶିକ୍ଷା ଓ ଜୀବନ ଧାରଣର ମାନରେ ସୁଧାର ଆଣିବା ପାଇଁ ଫାଉଣ୍ଡେଶନ ପକ୍ଷରୁ ଆଗାମୀ ଦିନରେ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ସମ୍ପାଦକ ନାୟକ ସୂଚନା ଦେଇଛନ୍ତି।

## କ୍ରିକେଟ୍ ଟୁର୍ନାମେଣ୍ଟ, ହ୍ୱାଇଟ ଟାଇଗର ଚାମ୍ପିୟନ

କଟକ, ୧୬।୬(କାର୍ତ୍ତିକ ସାହୁ)

କଟକ କାଠଗଡ଼ା ସାହିରେ ଶନିବାର ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ଟି ଟିମ୍ ଭାଗ ନେଇଥିଲା। ହ୍ୱାଇଟ୍ ଟାଇଗର୍ ଏବଂ ତଲୱାର ୱାରିୟର୍ସ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ହ୍ୱାଇଟ୍ ଟାଇଗର୍ ଚାମ୍ପିୟନ ହୋଇଛି। ବେଷ୍ଟ ବ୍ୟାଟ୍ସମ୍ୟାନ୍ ଏବଂ ମ୍ୟାନ୍ ଅଫ୍ ଦି ସିରିଜ ଦିବ୍ୟରଞ୍ଜନ ସାହୁ ବିବେଚିତ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ସାହି ସଭାପତି ବିଜନ କୁମାର ସିହ୍ନା, ସମ୍ପାଦକ ସଦାଶିବ ଓଝା, ଯୁବ ସଭାପତି ମନୋଜ ମହାରଣା, ଯୁବ ସମ୍ପାଦକ ତଥା କର୍ପୋରେଟର ଗଗନ ଓଝା, ହରିହର ସାହୁ, ବାପି ବାରିକ, ସରୋଜ ମହାପାତ୍ର, ଶିବ ନାରାୟଣ ନାୟକ, ବିଜୟାନନ୍ଦ ବାରିକ, ସଞ୍ଜୟ ଦାସ, ନବ ଦାସ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ପବନ ଓଝା, ଅନିଲ ଡାକୁଆ, ବିଶ୍ୱରଞ୍ଜନ ସ୍ୱାଇଁ, ରଘୁନାଥ ସାହୁ, ସୂର୍ଯ୍ୟକାନ୍ତ ପ୍ରଧାନ, ଯତିନ ମହାରଣା, ଅଜୟ ଓଝା, ରତ୍ନାକର ପ୍ରଧାନ, ତ୍ରିନାଥ ମହାପାତ୍ର, ବାଦଲ ସାହୁଙ୍କ ସମେତ ଅନ୍ୟମାନେ କ୍ରୀଡ଼ା ପରିଚାଳନା କରିଥିଲେ।



ପୁରସ୍କାର ବିତରଣ ଉତ୍ସବରେ ଅତିଥିଙ୍କ ଗହଣରେ ଖେଳାଳିମାନେ।

# ୧୪୩ ଗାଡ଼ି ଜବତ, ୮୯ ହଜାର ଟଙ୍କା ଜରିମାନା

### ରଜରେ କମିଶନରେଟ୍ ପୋଲିସ ପକ୍ଷରୁ 'ସେଫ୍ ସିଟି ଡ୍ରାଇଭ୍' ଯାଞ୍ଚ

ଭୁବନେଶ୍ୱର,୧୬।୬ (ସତ୍ୟଜିତ୍ ରାଉତ)



'ସେଫ୍ ସିଟି ଡ୍ରାଇଭ୍' ଜରିଆରେ କମିଶନରେଟ୍ ପୋଲିସ ହାତରେ ଧରାପଡୁଛନ୍ତି ଆଇନ ଉଲ୍ଲଂଘନକାରୀ ଚାଳକ। ଏଭଳି ସ୍ଥିତିରେ ରଜରେ ପୋଲିସ ପକ୍ଷରୁ ଯାଞ୍ଚ କଡ଼ାକଡ଼ି କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଗତ ଦୁଇ ଦିନ ଅର୍ଥାତ ଶୁକ୍ରବାର ଓ ଶନିବାର ରାତିରେ ରାଜଧାନୀରେ ୧୪୩ଟି ଗାଡ଼ି ଜବତ କରାଯାଇଥିବା ବେଳେ ୮୯ ହଜାର ୧୦୦ ଟଙ୍କା ଜରିମାନା ଦେବାକୁ ରସିଦ୍ କଟାଯାଇଛି। ଜବତ ଗାଡ଼ିଗୁଡ଼ିକ ମଧ୍ୟରେ ଚାରିଚକିଆ ଓ ଦୁଇଚକିଆ ଯାନ ରହିଛି। ମଦ୍ୟପାନ କରି ଗାଡ଼ି ଚଳାଇବା, ମୋବାଇଲ ବ୍ୟବହାର, ରଙ୍ଗ୍ ରୁଟରେ ଗାଡ଼ି ଚାଳନା ଘଟଣାରେ ଚାଳକମାନଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଖାରବେଳନଗର, ଖଣ୍ଡଗିରି, ଜଟଣୀ, ଇନ୍‌ଫୋସିଟି, ଏୟାରଫିଲ୍ଡ, ନୟାପଲ୍ଲୀ, ଶହୀଦନଗର, ଚନ୍ଦକା, ଭରତପୁର, ବଡ଼ଗଡ଼, କ୍ୟାପିଟାଲ, ଏୟାରପୋର୍ଟ, ନନ୍ଦନକାନନ, ମଞ୍ଚେଶ୍ୱର, ଲକ୍ଷ୍ମୀସାଗର, ତମାଣ୍ଡୋ, ଇନ୍‌ଫୋଭ୍ୟାଲି, ପାହାଳ, ବାଲିଅନ୍ତା, ବାଲିପାଟଣା, ମୈତ୍ରୀ ବିହାର, ଚନ୍ଦ୍ରଶେଖରପୁର ଥାନା ସମେତ ଟ୍ରାଫିକ ଥାନା-୧ ଓ ଟ୍ରାଫିକ ଥାନା-୨ ପକ୍ଷରୁ ସହରର ୫୦ରୁ ଊର୍ଦ୍ଧ୍ୱ ସ୍ଥାନରେ ଏହି ଚେକିଂ କରାଯାଇଥିଲା। ଟ୍ରାଫିକ ପୋଲିସ ୫୯ ଓ ବିଭିନ୍ନ ଥାନା ପୋଲିସ ୮୪ଟି ଗାଡ଼ି ଜବତ କରିଥିବା ସୂଚନା ମିଳିଛି। ମଦ୍ୟପାନ ଘଟଣାରେ ୮୭, ରଙ୍ଗରୁଟ୍‌ରେ ୫୦ ଓ ମୋବାଇଲ ବ୍ୟବହାର ନେଇ ୬ଟି ଗାଡ଼ି ଜବତ କରାଯାଇଛି। ପୋଲିସ ପକ୍ଷରୁ ଏ ନେଇ କୋର୍ଟରେ ମାମଲା ରୁଜୁ ହୋଇଥିବା ବେଳେ ସେଠାରେ ଜରିମାନା ଦେଇ ଏସବୁ ଗାଡ଼ିକୁ ମୁକୁଳାଇପାରିବେ ବୋଲି କମିଶନରେଟ୍ ପୋଲିସ ପକ୍ଷରୁ କୁହାଯାଇଛି। ଏଥିସହ ଆଇନ ଉଲ୍ଲଂଘନକାରୀଙ୍କ ଲାଇସେନ୍ସ ରଦ୍ଦ କରିବାକୁ ପୋଲିସ ପକ୍ଷରୁ ଆର୍‌ଟିଓଙ୍କୁ ଚିଠି ଲେଖାଯାଇଛି। ଆଗକୁ ମଧ୍ୟ ଏଭଳି ଯାଞ୍ଚ ଜାରି ରହିବ ବୋଲି ପୋଲିସ ସୂଚନା ଦେଇଛି।

## ଚୋରି ଲାପଟପ୍, ବାଇକ୍ ବିକ୍ରିବେଳେ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୬।୬ (ସତ୍ୟଜିତ୍ ରାଉତ)

ଚୋରି ଲାପଟପ୍ ଓ ବାଇକ ବିକ୍ରିବେଳେ ରବିବାର ଖଣ୍ଡଗିରି ଥାନା ପୋଲିସ ଟିମ୍ ଚଢ଼ାଉ କରି ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଖଣ୍ଡଗିରି ଥାନା ରେହେମତ୍ ନଗରର ଏସ୍.କେ. ଓରେଞ୍ଜିବ୍। ତାଙ୍କ ପାଖରୁ ୨ ଲାପଟପ୍ ଓ ୨ ବାଇକ ଜବତ କରାଯାଇଛି। ଏନେଇ ମାମଲା ରୁଜୁ କରାଯାଇ ତାଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଓରେଞ୍ଜିବ୍‌ଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ଟିମ୍ ପାଟ୍ରୋଲିଂ କରୁଥିବାବେଳେ ଅଭିଯୁକ୍ତ ଓରେଞ୍ଜିବ୍ ରଘୁନାଥ ନଗର ଅଟୋଷ୍ଟାଣ୍ଡ ନିକଟରେ ଲାପ୍‌ଟପ୍ ଓ ବାଇକ ବିକ୍ରି କରିବା ପାଇଁ ଗ୍ରାହକଙ୍କ ସହ ଯୋଗାଯୋଗବେଳେ ପୋଲିସ କାବୁ କରିଥିଲା। ସେ ଭୁବନେଶ୍ୱରର ବିଭିନ୍ନ ସ୍ଥାନରୁ ଲାପ୍‌ଟପ ଏବଂ ବାଇକ ଚୋରି କରିଥିବା ମାନିଥିଲେ। ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ନୟାପଲ୍ଲୀ ଥାନାରେ ଦୁଇଟି ଓ ଖଣ୍ଡଗିରି ଥାନାରେ ମଧ୍ୟ ଦୁଇଟି ଚୋରି ମାମଲା ରହିଛି।

## 'ଓଡ଼ିଆ ଅସ୍ମିତା ପାଇଁ ଉତ୍କଳ ସମ୍ମିଳନୀର ଦାୟିତ୍ୱ ବଢ଼ିଛି'



କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀର କର୍ମକର୍ତ୍ତା ସୂଚନା ଦେଉଛନ୍ତି।

ଭୁବନେଶ୍ୱର, ୧୬।୬ (ବନ୍ଦନା ସେଠୀ)

ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖାର କାର୍ଯ୍ୟନିର୍ବାହୀ ସମିତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଆମ ରାଜ୍ୟରେ ଓଡ଼ିଆ ଅସ୍ମିତାର ଗୁରୁତ୍ୱ ବଢ଼ିବା ସହିତ ଏହି ପ୍ରସଙ୍ଗରେ ଉତ୍କଳ ସମ୍ମିଳନୀର ଦାୟିତ୍ୱ ବୃଦ୍ଧିପାଇଛି ବୋଲି ମତ ପ୍ରକାଶ ପାଇଛି। ଅନୁଷ୍ଠାନର ସଭାପତି ଦିଲ୍ଲୀପ ଦାଶଶର୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି ଗତବର୍ଷର ବାର୍ଷିକ ଓ ଆର୍ଥିକ ବିବରଣୀ ପାଠ କରିଥିଲେ। ବୈଠକରେ ଉପସଭାପତି ପ୍ରତାପ ସ୍ୱାଇଁ, ଯୁଗ୍ମ ସମ୍ପାଦକ ଅକ୍ଷୟ ଜେଠୀ, କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ ମହେଶ୍ୱର ବିଶ୍ୱାଳ, ପ୍ରତାପ କୁମାର ନନ୍ଦ, ଇଂ. ନଳିନୀ ମହାନ୍ତି, ସୁରେନ୍ଦ୍ର ମଲ୍ଲିକ ପ୍ରମୁଖ ଯୋଗଦେଇ ସମ୍ମିଳନୀର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ଉପସଭାପତି ଶୀତଳ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଦେଇଥିଲେ।

## ରାମକୃଷ୍ଣ ପତିଙ୍କ ରାଜ୍ୟସ୍ତରୀୟ ସ୍ମୃତି ସମାରୋହ



ସ୍ମୃତି ସମାରୋହରେ ଯୋଗଦେଇଥିବା ଅତିଥି।

ଭୁବନେଶ୍ୱର, ୧୬।୬(ବନ୍ଦନା ସେଠୀ)

କମ୍ୟୁନିଷ୍ଟ ପାର୍ଟି ରାଜ୍ୟ ସମ୍ପାଦକ ତଥା ଅବିଭକ୍ତ ଭୁବନେଶ୍ୱର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ରାମକୃଷ୍ଣ ପତିଙ୍କର ୩୮ତମ ରାଜ୍ୟସ୍ତରୀୟ ସ୍ମୃତି ସମାରୋହ ରାମକୃଷ୍ଣ ପତି ରାଜ୍ୟସ୍ତରୀୟ ସ୍ମୃତି କମିଟି ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଭଗବତୀ ଭବନଠାରେ କମିଟିର ସଭାପତି ପ୍ରଦୋଷ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ସୁର ଜେନା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ରାମକୃଷ୍ଣଙ୍କ ପିତା ଆନନ୍ଦ ଚନ୍ଦ୍ର ପତି ଇଂରେଜଙ୍କର ଏକାନ୍ତ ଅନୁଗତ ଥିଲେ। ରାମକୃଷ୍ଣ ଏମ୍ଏ ପାସ୍ ପରେ ହାକିମ ହେବେ ବୋଲି ତାଙ୍କ ପିତାଙ୍କ ଆଶା ଥିଲା। ମାତ୍ର ସେ ବ୍ରିଟିଶ ବିରୋଧୀ ଆନ୍ଦୋଳନରେ ଯୋଗଦେଇ ୧୯୩୯ରେ କମ୍ୟୁନିଷ୍ଟ ପାର୍ଟିର ସଭ୍ୟ ହେବା ସହ ୧୯୪୨ରେ କାରାବରଣ କରିଥିଲେ। ବନ୍ୟା ପ୍ରପୀଡ଼ିତ ତତ୍କାଳୀନ ପଟିଆ ଅଞ୍ଚଳର ଚାଷୀଙ୍କୁ ରକ୍ଷା କରିବା ପାଇଁ ତାଙ୍କ ନେତୃତ୍ୱରେ କୃଷକ ଆନ୍ଦୋଳନର କୋଣାର୍କ ଐତିହାସିକ ପଟିଆ ବନ୍ଧ ଗଡାଯାଇଥିଲା ବୋଲି ସିପିଆଇର ଜାତୀୟ ପରିଷଦ ସଦସ୍ୟ ଆଶିଷ କାନୁନ୍‌ଗୋ, ସିପିଆଇ (ଏମ୍) ନେତା ଜନାର୍ଦ୍ଦନ ପତି ଏବଂ କଂଗ୍ରେସ ନେତା ପଞ୍ଚାନନ କାନୁନ୍‌ଗୋ ଅତିଥି ଭାବେ ଯୋଗଦେଇ ମତ ରଖିଥିଲେ। ଏହି ଅବସରରେ ଖବରଦାତା ସୁରେନ୍ଦ୍ର ପାତ୍ରଙ୍କୁ 'ରାମକୃଷ୍ଣ ପତି ସମ୍ମାନ' ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସିପିଆଇ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ କ୍ଷୀରୋଦ ସିଂହଦେଓ, ଜୟନ୍ତ ଦାସ, ରମେଶ ଚନ୍ଦ୍ର ପାଢ଼ୀ, ସ୍ତମ୍ଭକାର ରମେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ୟାଟେରି ଗାଡ଼ି ପ୍ରକଳ୍ପକୁ ଚାଷୀ, ସ୍ଥାନୀୟ ଲୋକଙ୍କ ବିରୋଧ

ବାରଙ୍ଗ,୧୬।୬ (ଲିଙ୍ଗରାଜ ରାଉତ)

ରାଜ୍ୟ ସରକାରଙ୍କ ସହ ଜେଏସ୍‌ଡବ୍ଲ୍ୟୁ କମ୍ପାନୀ କରିଥିବା ବ୍ୟାଟେରି ଗାଡ଼ି ପ୍ରକଳ୍ପ ଚୁକ୍ତିକୁ ରବିବାର ମୁଣ୍ଡଳୀ ବ୍ୟାରେଜ ନିକଟ ଆମ୍ବତୋଟା ପରିସରରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଚାଷୀ, ଅଞ୍ଚଳବାସୀ, ମହିଳା ଏକାଠି ହୋଇ ବିରୋଧ କରିଛନ୍ତି। ଚାଷଜମି ହରାଇଥିବା ଚାଷୀ ସେମାନଙ୍କ ପୂର୍ବ ମାଲିକାନାକୁ ଫେରାଇ ଆଣିବାକୁ ସିଦ୍ଧେଶ୍ୱର ଆଞ୍ଚଳିକ ଜମି ସୁରକ୍ଷା ମଞ୍ଚର ସମସ୍ତ ସଦସ୍ୟ ଦାବି କରିଛନ୍ତି। ଏଥିପ୍ରତି ପ୍ରଶାସନ ଗୁରୁତ୍ୱ ନ ଦେଲେ ବାଧ୍ୟ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ସୂଚନାଯୋଗ୍ୟ, ବାରଙ୍ଗ ତହସିଲ ଅଧୀନ ରାମଦାସପୁର ରାଜସ୍ୱ କାର୍ଯ୍ୟାଳୟ ଅଧୀନରେ ଥିବା ନରାଜମାର୍ଥାପୁର ଓ ମୁଣ୍ଡଳୀ ପଞ୍ଚାୟତ ମଧ୍ୟରେ ପ୍ରଥମେ ଟାଟା କମ୍ପାନୀ ପାୱାର ପ୍ରୋଜେକ୍ଟ ନିର୍ମାଣ ପାଇଁ ଇଡ୍‌କୋ ସହାୟତାରେ ୨୦୦୬ରେ ଚାଷୀଙ୍କଠାରୁ ପ୍ରାୟ ୮୦୦ ଏକର ଚାଷଜମି ଅଧିଗ୍ରହଣ କରିଥିଲା। ପରବର୍ତ୍ତୀ ସମୟରେ ଟାଟାର ପାୱାର ପ୍ରୋଜେକ୍ଟକୁ ବାରଙ୍ଗ ଅଞ୍ଚଳର ଚାଷୀଙ୍କ ସହିତ ଜନସାଧାରଣ ବିରୋଧ କରିବାରୁ ଏହି ପ୍ରକଳ୍ପଟି ବନ୍ଦ ହୋଇଥିଲା। ଟାଟା କମ୍ପାନୀ ଚାଲିଯିବାରୁ ଚାଷୀ ସେମାନଙ୍କ ଜମି ଫେରିପାଇବା ପାଇଁ ଦାବି କରିଥିଲେ। କିନ୍ତୁ ଚାଷୀଙ୍କୁ ଇଡ୍‌କୋ ଜମି ନ ଫେରାଇବାରୁ ସେମାନେ ବାଧ୍ୟ ହୋଇ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଚାଷୀଙ୍କୁ ଜମି ଫେରେଇବାକୁ ଇଡ୍‌କୋକୁ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଇଡ୍‌କୋ ଉକ୍ତ ଜମିରେ ଜୋର ଜବରଦସ୍ତ ପାଚେରି ନିର୍ମାଣ କରିଥିଲା। ଏହାକୁ ଚାଷୀ ବିରୋଧ କରି ପୁନଶ୍ଚ ନ୍ୟାୟାଳୟର ଆଶ୍ରୟ ନେଇଥିଲେ। ଅଦ୍ୟାବଧି ମାମଲା ବିଚାରାଧୀନ ଥିବାବେଳେ ତତ୍କାଳୀନ ରାଜ୍ୟ ସରକାର ଜେଏସ୍‌ଡବ୍ଲ୍ୟୁ (ବ୍ୟାଟେରି ଗାଡ଼ି) କମ୍ପାନୀ ସହିତ କିପରି ଚୁକ୍ତିପତ୍ର ସ୍ୱାକ୍ଷର କଲେ ତାହାକୁ ନେଇ ଚାଷୀ ପ୍ରଶ୍ନ ଉଠାଇଛନ୍ତି।

## ଆଧ୍ୟାତ୍ମିକ ସ୍ତମ୍ଭକାର ଶ୍ରୀସନ୍ୟାସୀ ଜୀଙ୍କୁ ସମ୍ବର୍ଦ୍ଧନା



କାର୍ଯ୍ୟକ୍ରମରେ ଶ୍ରୀସନ୍ୟାସୀ ଜୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଭୁବନେଶ୍ୱର, ୧୬।୬(ଶର୍ମିଷ୍ଠା ପାଣିଗ୍ରାହୀ)

ଆଧ୍ୟାତ୍ମିକ ସ୍ତମ୍ଭକାର, ପ୍ରବକ୍ତା ତଥା ଅଗ୍ରଣୀ ଆଧ୍ୟାତ୍ମିକ ପତ୍ରିକା 'ଦିବ୍ୟାଲୋକ ସନ୍ଧାନେ'ର ସମ୍ପାଦକ ଶ୍ରୀସନ୍ୟାସୀ ଜୀଙ୍କୁ ସାମାଜିକ ସେବା ସଙ୍ଗଠନ ହାପି ଲିଭିଂ ଫାଉଣ୍ଡେଶନ ଦ୍ୱାରା ରାଜ୍ୟସ୍ତରୀୟ ସମ୍ମାନରେ ସମ୍ମାନିତ କରାଯାଇଛି। ସତ୍ୟନଗରସ୍ଥିତ ବ୍ଲାଇଣ୍ଡ୍ ହଲ୍ ଆସୋସିଏଶନ ପରିସରରେ ରବିବାର ଅନୁଷ୍ଠାନର ୨୭ତମ ବାର୍ଷିକ ଉତ୍ସବ ଉପଲକ୍ଷେ ଆୟୋଜିତ ସମାରୋହରେ ଫାଉଣ୍ଡେସନର ଅଧ୍ୟକ୍ଷ ଡ. ମନୋଜ କୁମାର ଲେଙ୍କା, ଅତିରିକ୍ତ ଡିଜିପି ଅମିତାଭ ଠାକୁର, ଅର୍ଗୁସ ନ୍ୟୁଜ୍‌ର ସମ୍ପାଦକ ସଞ୍ଜୟ କୁମାର ଜେନା, ବିଶିଷ୍ଟ ବେଦ ବିଦ୍ୱାନ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

## ଆକର୍ଷଣ ସାଜିଲା କବାଡ଼ି ପ୍ରତିଯୋଗିତା



କବାଡ଼ି ପ୍ରତିଯୋଗିତା ପୂର୍ବରୁ କ୍ରୀଡ଼ାବିତ୍‌ଙ୍କ ସହ ଅତିଥି କରମର୍ଦ୍ଦନ କରୁଛନ୍ତି।

ବାଲିଅନ୍ତା,୧୬।୬ (ନୀଳମାଧବ ସାହୁ)

ରାଜଧାନୀ ଉପକଣ୍ଠ ଭୁବନେଶ୍ୱର ମହାନଗର ନିଗମର ୪ନଂ. ୱାର୍ଡର ଗଡ଼ନହରକଣ୍ଟା ଗ୍ରାମରେ ଚଳିତବର୍ଷ ପ୍ରଥମ ରଜ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏନେଇ ରୁଦ୍ରେଶ୍ୱର ମହାଦେବ ମନ୍ଦିର ନିକଟ ପଡ଼ିଆରେ ୧୦ଟି ଦୋଳି ଲାଗିଥିଲା। ଶେଷ ରଜରେ ପ୍ରଥମ ଥର ପାଇଁ କବାଡ଼ି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ୪ଟି ଦଳ ଅଂଶଗ୍ରହଣ କରିଥିଲେ। ୩ ଘଣ୍ଟା ଧରି ଚାଲିଥିବା ଏହି କବାଡ଼ି ଖେଳ ଦେଖିବାକୁ ଗ୍ରାମର ମହିଳା ଓ ପୁରୁଷଙ୍କ ଗହଳି ଲାଗିଥିଲା। ଗ୍ରାମର ଉତ୍ସାହୀ ଯୁବକ ଓ କ୍ରୀଡ଼ା ପ୍ରେମୀ ଏହାକୁ ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତା ଗ୍ରାମର ବିଶିଷ୍ଟ ବ୍ୟକ୍ତି ଶିବଚରଣ ଜେନା ମୁଖ୍ୟ ଅତିଥି ରୂପେ ଯୋଗଦେବା ସହିତ ଖେଳକୁ ଉଦ୍‌ଘାଟନ କରିଥିଲେ। ଏହି କବାଡ଼ି ପ୍ରତିଯୋଗିତାରେ ଖୋର୍ଦ୍ଧାର ଟିମ୍ ଚାମ୍ପିୟନ ଓ ଭୁବନେଶ୍ୱରର ଗ୍ରିନ ଆଇକନ ଟିମ୍ ରନର୍ସ ଅପ ହୋଇଥିଲେ। ୨ ଦଳକୁ ମୁଖ୍ୟ ଅତିଥି ପୁରସ୍କାର ବିତରଣ କରିଥିଲେ। ଏହି ପ୍ରଥମ ରଜ ମହୋତ୍ସବ ପାଳନ ଅବସରରେ ଗ୍ରାମ ତଥା ଆଖପାଖର ଯୁବତୀ, ଯୁବକ ଓ ଛୋଟ ପିଲାମାନେ ହସ ଖୁସିରେ ମସଗୁଲ ହୋଇଥିଲେ।

## ବୋମା ନୁହେଁ ରକେଟ୍ ବାଣ

### ଓଡ଼ିଆ ବାପ୍‌ଟିଷ୍ଟ ଚର୍ଚ୍ଚରେ ବିସ୍ଫୋରଣ ଘଟଣା

କଟକ,୧୬।୬ (କାର୍ତ୍ତିକ ସାହୁ)

ମିଶନ୍ ରୋଡ୍‌ସ୍ଥିତ ଚର୍ଚ୍ଚ ପରିସରରେ ଶୁକ୍ରବାର ରାତିରେ ବୋମା ଫୁଟିବା ଗୁଜବ ଉପରେ କଟକ ଓଡ଼ିଆ ବାପ୍ଟିଷ୍ଟ ଚର୍ଚ୍ଚ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ସେଦିନ ବୋମା ଫୁଟି ନ ଥିଲା, ବରଂ ତାହା ଏକ ରକେଟ ବାଣ ଥିଲା। ଚର୍ଚ୍ଚର ସାଧାରଣ ସମ୍ପାଦକ ପ୍ରେମଜିତ୍ ସାବତ ପ୍ରେସ୍ ଇସ୍ତାହାର ଜରିଆରେ ରବିବାର ଏନେଇ ସ୍ପଷ୍ଟୀକରଣ ଦେଇଛନ୍ତି।

ସୂଚନା ଅନୁସାରେ, ଶୁକ୍ରବାର ରାତି ପ୍ରାୟ ୯ଟା ୧୦ ମିନିଟ୍‌ରେ ଚର୍ଚ୍ଚ କୋଠା ପରିସରରେ ସଙ୍ଗୀତ ଶିଳ୍ପୀମାନେ ରବିବାର ସେବା ପାଇଁ ଅଭ୍ୟାସ କରୁଥିଲେ। ସେମାନେ ଚର୍ଚ୍ଚ ପରିସରରେ ଏକ ବଡ଼ ଶବ୍ଦ ଶୁଣିବା ପରେ ପରିଚାଳନା କମିଟିକୁ ତୁରନ୍ତ ଜଣାଇଥିଲେ। ପରିଚାଳନା କମିଟି ପକ୍ଷରୁ ଏ ବାବଦରେ ପୋଲିସକୁ ଅବଗତ କରାଯାଇଥିଲା। କ୍ୟାଣ୍ଟନମେଣ୍ଟ ଥାନା ଆଇଆଇସି, ଏସିପି ଓ ସ୍ପେଶାଲ ବ୍ରାଞ୍ଚ ଡିଏସ୍‌ପି ସେଠାରେ ପହଞ୍ଚି ତଦନ୍ତ କରିଥିଲେ। ଚର୍ଚ୍ଚର ସିସିଟିଭି ଫୁଟେଜ୍‌କୁ ପୋଲିସ ଯାଞ୍ଚ କରିଥିଲା। ଯାଞ୍ଚବେଳେ ଜଣାପଡ଼ିଲା ଯେ, ଚର୍ଚ୍ଚର ପଶ୍ଚିମ ପାର୍ଶ୍ୱ ଫାଟକ ଦେଇ ଜଣେ ବାଳକ ଭିତରକୁ ପ୍ରବେଶ କରିଥିଲେ। ସେ ସେଠାରେ ରକେଟ୍ ବାଣରେ ନିଆଁ ଲଗାଇ ଦେଇ ଦୌଡ଼ି ପଳାଇଥିଲେ। ପୋଲିସ ଏପରି ତ୍ୱରିତ ପଦକ୍ଷେପ ଦ୍ୱାରା ସହଜରେ ତଦନ୍ତ ସମ୍ଭବ ହୋଇପାରିଲା। ଏଥିପାଇଁ ଚର୍ଚ୍ଚ ପରିଚାଳନା କମିଟି ପକ୍ଷରୁ ପୋଲିସ ପ୍ରଶାସନକୁ କୃତଜ୍ଞତା ଅର୍ପଣ କରାଯାଇଛି।



ସୂଚନା ଭବନରେ ରବିବାର 'ଆମ ପରିବାର' ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଶିଶୁ କଣ୍ଠଶିଳ୍ପୀ ସଙ୍ଗୀତ କରିବେଷଣ କରୁଛନ୍ତି।

## ୪୪ ଲେଖକଙ୍କୁ ୧୬.୭୬ ଲକ୍ଷ ଟଙ୍କାର ରାଜଭାଗ




ପେନ୍ ଇନ୍ ବୁକ୍ସ ବନ୍ଧୁମିଳନ ଓ ରାଜଭାଗ ପ୍ରଦାନ ସମାରୋହରେ ମଞ୍ଚାସୀନ ଅତିଥି।

ଭୁବନେଶ୍ୱର,୧୬।୬(ଶର୍ମିଷ୍ଠା ପାଣିଗ୍ରାହୀ)

ପ୍ରକାଶନ ସଂସ୍ଥା 'ଓଡ଼ିଶା ମିଡିଆ ପ୍ରାଇଭେଟ ଲିମଟେଡ୍' ପକ୍ଷରୁ ବାର୍ଷିକ ବନ୍ଧୁମିଳନ ଓ ରାଜଭାଗ ପ୍ରଦାନ ସମୋରାହ ରବିବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶା ମିଡିଆର ପ୍ରକାଶନ ଉପକ୍ରମ ପେନ୍ ଇନ ବୁକ୍ସ ପକ୍ଷରୁ ପ୍ରକାଶିତ ୪୪ ଜଣ ଲେଖକଙ୍କୁ ୧୬ ଲକ୍ଷ ୭୬ ହଜାର ୯୨୨ ଟଙ୍କାର ରାଜଭାଗ ଅର୍ଥ ପ୍ରଦାନ କରାଯାଇଛି। ସମାରୋହକୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲୀପ ରାଉତରାଏ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଲେଖକ ଦାଶ ବେନହୁର ଓ ମୁଖ୍ୟବକ୍ତା ଭାବେ ଅନୁବାଦକ ଯତୀନ୍ଦ୍ର କୁମାର ନାୟକ ଯୋଗଦେଇଥିଲେ। ଉତ୍ସବରେ କଥାଶିଳ୍ପୀ ଶୁଭ୍ରାଂଶୁ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ସେ କହିଥିଲେ, ପ୍ରତିବର୍ଷ ବହି ବିକ୍ରିରୁ ମିଳୁଥିବା ଆୟର ଏକ ଅଂଶ ଲେଖକମାନଙ୍କୁ ରାଜଭାଗ ଆକାରରେ ଦିଆଯାଇଥାଏ। ବନ୍ଧୁମିଳନ କାର୍ଯ୍ୟକ୍ରମରେ ରାଜ୍ୟ ଓ ରାଜ୍ୟ ବାହାରୁ ୧୫୦ରୁ ଅଧିକ ଲେଖକ ଉପସ୍ଥିତ ଥିଲେ। ଏହି ଅବସରରେ ଦେବଦତ୍ତ ପଟ୍ଟନାୟକ, ସୁନ୍ଦର ଗଣେଶନ, ଦାଶ ବେନହୁର, ଗୌରହରି ଦାସ, ତପନ କୁମାର ପଣ୍ଡା, ରକ୍ଷକ ନାୟକ, ଚନ୍ଦ୍ରଶେଖର ଦାଶ, ଅପର୍ଣ୍ଣା ମହାନ୍ତି, ଦେବଦାସ ଛୋଟରାୟ, ଅଜୟ ସ୍ୱାଇଁ, ସଂଗ୍ରାମ ମହାପାତ୍ର, ପଣ୍ଡିତ ରାମାରାଓ ପାତ୍ର, ନାରାୟଣ ସାହୁ, ଭାସ୍କର ପରିଚ୍ଛା, ଓମ୍‌ପ୍ରକାଶ ସିଂହ, ରତ୍ନମାଳା ସ୍ୱାଇଁ, ନବଜ୍ୟୋତି ରାୟ, ଅଳଙ୍କାର ଆଚାର୍ଯ୍ୟ, ସ୍ୱରୂପ କୁମାର ନାୟକ, ସୁବ୍ରତ କୁମାର ସେନାପତି ପ୍ରମୁଖ ନିଜର ରାଜଭାଗ ଚେକ୍ ଆକାରରେ ଗ୍ରହଣ କରିଥିଲେ। କବି ପବିତ୍ର ମୋହନ କର ଧନ୍ୟବାଦ ଦେବା ସହ ସଭା ପରିଚାଳନା କରିଥିଲେ।

## କେନ୍ଦ୍ରୀୟ ଟିମ୍ ଫୋକସ୍‌ରେ 'ବଲ୍କ ୱେଷ୍ଟ ଜେନେରେଟର୍ସ'

### ଜୁଲାଇ ୫ରୁ ତୃତୀୟ ପର୍ଯ୍ୟାୟ ସ୍ୱଚ୍ଛ ସର୍ବେକ୍ଷଣ

### ଭଲ ର୍‍ୟାଙ୍କ୍ ପାଇବା ବିଏମ୍‌ସି ପାଇଁ ଚ୍ୟାଲେଞ୍ଜିଂ ହେବ

ଭୁବନେଶ୍ୱର, ୧୬।୬ (ବନ୍ଦନା ସେଠୀ)

୨୦୨୪ ସ୍ୱଚ୍ଛ ସର୍ବେକ୍ଷଣର ତୃତୀୟ ପର୍ଯ୍ୟାୟ ସର୍ବେକ୍ଷଣ ଜୁଲାଇ ୫ରୁ ଆରମ୍ଭ ହେବାକୁ ଯାଉଛି। ଏହି କ୍ରମରେ କେନ୍ଦ୍ରୀୟ ଟିମ୍ ବିଭିନ୍ନ ରାଜ୍ୟର ୟୁଏଲ୍‌ବି ପରିଦର୍ଶନ କରିବେ। କେନ୍ଦ୍ରୀୟ ଟିମ୍ ଖୁବ୍‌ଶୀଘ୍ର ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳ ମଧ୍ୟ ପରିଦର୍ଶନରେ ଆସିବେ। ତେବେ ଚଳିତ ଥର ଟିମ୍ ଫୋକସ୍‌ରେ 'ବଲ୍କ ୱେଷ୍ଟ ଜେନେରେଟର୍ସ' (ବିଡବ୍ଲ୍ୟୁଜିଏସ୍)ଙ୍କ କାର୍ଯ୍ୟକଳାପ ରହିବ। ଏମାନେ ଯେଉଁ ବର୍ଜ୍ୟ ଉତ୍ପାଦନ କରୁଛନ୍ତି ତାହା କିପରି ସଂଗ୍ରହ ହେଉଛି, କିପରି ପରିବହନ କରାଯାଉଛି ଏବଂ ସବୁଠାରୁ ବଡ଼ କଥା ହେଉଛି ତାହା ଠିକ୍ ଭାବେ ପ୍ରକ୍ରିୟାକରଣ ହେଉଛି କି ନାହିଁ ତା'ର ତଦାରଖ କେନ୍ଦ୍ରୀୟ ଟିମ୍ କରିବେ। ସେହି ଅନୁପାତରେ ସ୍ୱଚ୍ଛ ସର୍ବେକ୍ଷଣରେ ବିଭିନ୍ନ ୟୁଏଲ୍‌ବିକୁ ର୍‍ୟାଙ୍କ୍ ମିଳିବ। ଏନେଇ କେନ୍ଦ୍ରୀୟ ସ୍ୱଚ୍ଛ ଭାରତ ମିଶନ (ସହରାଞ୍ଚଳ) ଯୁଗ୍ମ ନିର୍ଦ୍ଦେଶକ ଏବଂ ଜାତୀୟ ମିଶନ ନିର୍ଦ୍ଦେଶକ ରାଜ୍ୟ ସହରାଞ୍ଚଳ ବିକାଶ ବିଭାଗ ମୁଖ୍ୟଙ୍କୁ ଚିଠି ଲେଖିଛନ୍ତି। ତେବେ କେବଳ ଏତିକିରେ ଯାଞ୍ଚ ସୀମିତ ରହିବ ନାହିଁ, ବରଂ ସ୍ୱଚ୍ଛତାର ଅନ୍ୟ ସମସ୍ତ ଦିଗ ଉପରେ ମଧ୍ୟ ଧ୍ୟାନ ଦିଆଯିବ ବୋଲି ଚିଠିରେ ଉଲ୍ଲେଖ ରହିଛି। ସେହିପରି ପରିମଳ ଏବଂ ବର୍ଜ୍ୟବସ୍ତୁ ପରିଚାଳନା କ୍ଷେତ୍ରରେ ସାମିଲ ରହିଥିବା ସମସ୍ତ ଅଂଶୀଦାର କିମ୍ବା ଏଜେନ୍ସି ଯେଭଳି ନିରୀକ୍ଷଣ କାର୍ଯ୍ୟରେ ସହଯୋଗ କରିବେ ତାହାକୁ ରାଜ୍ୟ ମିଶନ ନିର୍ଦ୍ଦେଶକ, ପୌରନିଗମ କମିଶନର, କାର୍ଯ୍ୟକାରୀ ଅଧିକାରୀ ନିଶ୍ଚିତ କରାଇବେ ବୋଲି ଉଲ୍ଲେଖ ହୋଇଛି।

୨୦୨୨ରେ ଭୁବନେଶ୍ୱରକୁ ସର୍ବଭାରତୀୟ ସ୍ତରରେ ୮୦ତମ ର୍‍ୟାଙ୍କ୍ ମିଳିଥିବାବେଳେ ୨୦୨୩ରେ ୩୪ତମ ର୍‍ୟାଙ୍କ୍ ମିଳିଥିଲା। ଏଥିସହ ୱାଟର ପ୍ଲସ୍ ଏବଂ ଗାର୍‌ବେଜ୍ ଫ୍ରି ବା ଆବର୍ଜନା ମୁକ୍ତ ସହର ଭାବେ ୩ଷ୍ଟାର ରେଟିଂ ମିଳିବା ସହ ରାଜ୍ୟରେ ପ୍ରଥମ ସହର ଭାବେ ସ୍ଥାନ ଅଧିକାର କରିଥିଲା। ତେବେ ଚଳିତ ଥର ସର୍ବେକ୍ଷଣରେ ବଲ୍କ ୱେଷ୍ଟ ଜେନେରେଟର୍ସଙ୍କ କାର୍ଯ୍ୟକଳାପକୁ ଆଧାର କରି ମାର୍କିଂ କରାଗଲେ ବିଏମ୍‌ସି ପାଇଁ ର୍‍ୟାଙ୍କ ହାସଲ ସହଜ ହେବନାହିଁ ବୋଲି ଆଶଙ୍କା କରାଯାଉଛି। ବିଏମ୍‌ସି ଅଞ୍ଚଳରେ ଥିବା ବହୁତଳ ଆପାର୍ଟମେଣ୍ଟ, ରେଷ୍ଟୁରାଣ୍ଟ, ହୋଟେଲରୁ ଦୈନିକ ୧୦୦କି.ଗ୍ରାରୁ ଅଧିକ ଆବର୍ଜନା ବାହାରୁଥିବାବେଳେ ସେମାନେ ତାହାକୁ ବିଏମ୍‌ସିକୁ ଦେଉଛନ୍ତି। ବିଶେଷକରି ସେଠାରୁ ବାହାରୁଥିବା ଓଦା ବର୍ଜ୍ୟକୁ ନିଜେ ପ୍ରକ୍ରିୟାକରଣ କରିବା ପାଇଁ ନିୟମ ରହିଥିବାବେଳେ କେହି ଏହାକୁ ପାଳନ କରୁନାହାନ୍ତି। ବିଏମ୍‌ସିର ସଫେଇ କର୍ମଚାରୀ ଆସିବେ ଏବଂ ସେମାନଙ୍କ ନିକଟରୁ ଦୈନିକ ଆବର୍ଜନା ନେବେ ଏହି ଧାରାରେ ନିଜ ମୁଣ୍ଡରୁ ଦାୟିତ୍ୱ ଖସାଇ ଦେଉଛନ୍ତି। ଏହାଦ୍ୱାରା ସହରର ଆବର୍ଜନା ଗଦା ହେଉଥିବା ଟେମ୍ପରାରୀ ଟ୍ରାନ୍‌ଜିଟ୍ ଷ୍ଟେଶନ (ଟିଟିଏସ୍) ଉପରେ ଅତିରିକ୍ତ ବୋଝ ପଡୁଛି। ଠିକ୍ ଭାବେ ବର୍ଜ୍ୟ ପ୍ରକ୍ରିୟାକରଣ ହୋଇ ନ ପାରିବାରୁ ବିଏମ୍‌ସିକୁ ସମାଲୋଚିତ ହେବାକୁ ପଡୁଛି। ତେଣୁ ପରିଦର୍ଶନରେ ଆସିବାକୁ ଥିବା କେନ୍ଦ୍ରୀୟ ଟିମ୍ ଯଦି ଏହି ଦିଗକୁ ଧ୍ୟାନ ଦେବେ ତେବେ ସର୍ବେକ୍ଷଣରେ ବିଏମ୍‌ସିର ଭଲ ର୍‍ୟାଙ୍କ୍ ପାଇବା ଆଶା ମଉଳିଯିବ। ଏନେଇ ବିଏମ୍‌ସିର ପରିମଳ ବିଭାଗ ଡେପୁଟି କମିଶନର ଡା. ମନୋରଞ୍ଜନ ସାହୁ କହିଛନ୍ତି, କେନ୍ଦ୍ରୀୟ ଟିମ୍ ବିଏମ୍‌ସିକୁ କେବେ ଆସିବେ ସେ ନେଇ କିଛି ସୂଚନା ମିଳିନାହିଁ। ନିୟମ ଅନୁଯାୟୀ, ବଲ୍କ ୱେଷ୍ଟ ଜେନେରେଟରମାନେ ଦୈନିକ ବାହାରୁଥିବା ଓଦା ଆବର୍ଜନାକୁ ନିଜେ ପ୍ରକ୍ରିୟାକରଣ କରିବା କଥା। ମାତ୍ର କେହି ସେପରି କରୁନାହାନ୍ତି। ତେଣୁ ଏନେଇ ବିଏମ୍‌ସି ପକ୍ଷରୁ ସଚେତନ କରାଯାଉଛି। ଏନେଇ ଗତ କିଛିଦିନ ତଳେ ସହରର ୬୬୪ଜଣ ବଲ୍କ ୱେଷ୍ଟ ଜେନେରେଟରଙ୍କୁ ଚିହ୍ନଟ କରାଯାଇ ବିଏମ୍‌ସି ପକ୍ଷରୁ ଚିଠି କରାଯାଇଥିଲା। ସେମାନଙ୍କ ସହ ଆଲୋଚନା କରାଯିବା ସହ ଆବର୍ଜନା ପ୍ରକ୍ରିୟାକରଣ କରିବା ପାଇଁ ସଚେତନ କରାଯାଇଥିଲା। ଖୁବ୍‌ଶୀଘ୍ର ଏନେଇ ଆଗାମୀ ପଦକ୍ଷେପ ଗ୍ରହଣ କରାଯିବ ଏବଂ ଚଳିତ ସ୍ୱଚ୍ଛ ସର୍ବେକ୍ଷଣରେ ବିଏମ୍‌ସି ପୂର୍ବାପେକ୍ଷା ଆହୁରି ଭଲ କରିବ ବୋଲି ଡା. ସାହୁ କହିଛନ୍ତି।

### ବଲ୍କ ୱେଷ୍ଟ ଜେନେରେଟର କ'ଣ

ସଲିଡ୍ ୱେଷ୍ଟ ମ୍ୟାନେଜ୍‌ମେଣ୍ଟ ନିୟମ-୨୦୧୬ ଅନୁଯାୟୀ, ଯେଉଁଠାରୁ ଦୈନିକ ୧୦୦କେ.ଜିର ଆବର୍ଜନା ବାହାରୁଥାଏ, ସେମାନଙ୍କୁ ବଲ୍କ ୱେଷ୍ଟ ଜେନେରେଟର ଭାବେ ଅଭିହିତ କରାଯାଇଥାଏ। ଏହି କ୍ରମରେ ୩ଶହରୁ ଅଧିକ ଫ୍ଲାଟ୍ ବିଶିଷ୍ଟ ହାଉସିଂ ସୋସାଇଟି, ସେଣ୍ଟ୍ରାଲ ଗଭର୍ନମେଣ୍ଟ ରେସିଡେନ୍ସିଆଲ କଲୋନୀ, ବିଭିନ୍ନ ଆପାର୍ଟମେଣ୍ଟ, ୨ଶହରୁ ଅଧିକ ସିଟିଂ କାପାସିଟିର ରେଷ୍ଟୁରାଣ୍ଟ, ସମସ୍ତ ୪ ଏବଂ ୫ଷ୍ଟାର ହୋଟେଲ, ଶପିଂ କମ୍ପ୍ଲେକ୍ସ, ମଲ (୫ହଜାର ବର୍ଗଫୁଟରୁ ଅଧିକ ସ୍ଥାନରେ ନିର୍ମିତ), ହସ୍ପିଟାଲ, ସ୍ପୋର୍ଟସ କମ୍ପ୍ଲେକ୍ସ, କ୍ଲବ୍, ବଡ଼ ବଡ଼ ବିବାହ ମଣ୍ଡପ, ହଷ୍ଟେଲ୍, ବିଶ୍ୱବିଦ୍ୟାଳୟ, ରେଳ ଷ୍ଟେଶନ, ବସ୍‌ଷ୍ଟାଣ୍ଡ ଆଦି ବଲ୍କ ୱେଷ୍ଟ ଜେନେରେଟର ବର୍ଗରେ ଅନ୍ତର୍ଭୁକ୍ତ। ନିୟମ ଅନୁଯାୟୀ, ଏଠାରୁ ବାହାରୁଥିବା ଓଦା ବର୍ଜ୍ୟକୁ ସେମାନେ ନିଜେ ପ୍ରକ୍ରିୟାକରଣ କରିବା ଆବଶ୍ୟକ। ଏହାଦ୍ୱାରା ସ୍ଥାନୀୟ ମ୍ୟୁନିସିପାଲିଟି ଉପରେ ବର୍ଜ୍ୟ ପ୍ରକ୍ରିୟାକରଣରଙ୍କ ଅତିରିକ୍ତ ବୋଝ ପଡ଼ି ନ ଥାଏ।

## ସଂକ୍ଷେପରେ

### ପୂର୍ବତନ ନଗରପାଳ ପ୍ରସନ୍ନ କୁମାର ମିଶ୍ରଙ୍କ ପରଲୋକ

ବାଙ୍କୀ,୧୬।୬(ଜ୍ଞାନେନ୍ଦ୍ର ମୋହନ ମିଶ୍ର)



ବାଙ୍କୀ ଏନ୍ଏସି ଅନ୍ତର୍ଗତ ଚର୍ଚ୍ଚିକା ଗ୍ରାମର ପ୍ରସନ୍ନ କୁମାର ମିଶ୍ର(୯୨)ଙ୍କ ସୋମବାର ଭୁବନେଶ୍ୱରସ୍ଥିତ ଘରୋଇ ଚିକିତ୍ସାଳୟରେ ପରଲୋକ ଘଟିଛି। ସେ ଦୀର୍ଘବର୍ଷ ଧରି ବାଙ୍କୀ ନଗରପାଳ, ଓକିଲ ସଂଘର ସମ୍ପାଦକ ଓ ସଭାପତି ଭାବେ କାର୍ଯ୍ୟକରି ସୁନାମ ଅର୍ଜନ କରିଥିଲେ। ସେ ବାଙ୍କୀ ନଗରପାଳ ଭାବେ କାର୍ଯ୍ୟକରି ବାଙ୍କୀ ସହର ତଥା ବିଭିନ୍ନ ୱାର୍ଡର ବହୁ ଉନ୍ନତିମୂଳକ କାର୍ଯ୍ୟ କରିଥିଲେ। ତାଙ୍କ ମୃତ୍ୟୁରେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ନଗରପାଳ ମାଣିକ ସାହୁ, ଉପନଗରପାଳ ସନ୍ତୋଷ କୁମାର ରଣା, ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଓ ଦେବାଶିଷ ପଟ୍ଟନାୟକ , ବାଙ୍କୀ ଓକିଲ ସଂଘ ସଭାପତି କୈଳାସ ଚନ୍ଦ୍ର ମହାପାତ୍ର, ସମ୍ପାଦକ ସୁବାଶିଷ ମହାପାତ୍ର, ସରକାରୀ ଓକିଲ ପ୍ରଦୀପ କୁମାର ପୃଷ୍ଟି, ପୂର୍ବତନ ଓକିଲ ସଂଘ ସଭାପତି ଶ୍ରୀନିବାସ ମହାପାତ୍ର ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

# ଓଡ଼ିଶାର ସଂସ୍କୃତିକୁ ବଞ୍ଚାଇ ରଖିଛି ରଜପର୍ବ

## ସରିଲା ରଜ ମହୋତ୍ସବ

ନିଶ୍ଚିନ୍ତକୋଇଲି, ୧୬।୬ (ଅଶୋକ କୁମାର ମହାପାତ୍ର):



ବେଲେଶ୍ୱରୀ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବେଲେଶ୍ୱରୀ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ନିଶ୍ଚିନ୍ତକୋଇଲି ହାଇସ୍କୁଲ ପ୍ରାଙ୍ଗଣରେ ୩ ଦିନ ଧରି ଚାଲିଥିବା ରଜ ମହୋତ୍ସବ ୨୦୨୪ ଉଦ୍‌ଯାପିତ ହୋଇଯାଇଛି। ଏନେଇ ଆୟୋଜିତ ସଭାରେ ଅନୁଷ୍ଠାନର ସଭାପତି ରଞ୍ଜନ ଚାନ୍ଦ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଚଳଚ୍ଚିତ୍ର ଅଭିନେତା ତଥା ନିର୍ଦ୍ଦେଶକ ଜୀବନ ପଣ୍ଡା ଯୋଗଦେଇ ଓଡ଼ିଶାର କଳା ଓ ସଂସ୍କୃତିକୁ ରଜ ପର୍ବ ବଞ୍ଚାଇ ରଖିଛି ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ ଉପାଧ୍ୟକ୍ଷ ଅଶୋକ ଓଝା, ବ୍ୟବସାୟୀ ସଂଘର ସଭାପତି ପ୍ରମୋଦ ପଣ୍ଡା, ପୂର୍ବତନ ସରପଞ୍ଚ କ୍ଷୀରୋଦ ପଣ୍ଡା ଓ ରବୀନ୍ଦ୍ର ସେଠୀ ଓ ଜ୍ୟୋତିରଞ୍ଜନ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଭିନେତ୍ରୀ ଲିଜା ଓ ବନ୍ଦନା ଯୋଗଦେଇଥିଲେ। ଏହାକୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପରିବାର ସଭପତି ବଲ୍ଲଭ ଚନ୍ଦ୍ର ପଲେଇ ଓ ସମ୍ପାଦକ ପ୍ରମୋଦ ନାୟକ ସଂଯୋଜନା କରିଥିଲେ। ସାଧୁପୁର ରଙ୍ଗମୁଣ୍ଡାଇ ଗ୍ରାମରେ ରଜ ଦୋଳି ଖେଳ ପାଇଁ ମହିଳାମାନଙ୍କ ମଧ୍ୟରେ ଏକ ପ୍ରତିଯୋଗିତା ହୋଇଥିଲା। ସେଠାରେ ପୁଚି, ମ୍ୟୁଜିକ ଚେୟାର, ଜଲିପି କାମୁଡା, ମାଠିଆ ଭଙ୍ଗା ଭଳି ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ସେହିପରି ଗୋପପୁର ଗ୍ରାମରେ ଓ ବୁହାଲୋ ପଞ୍ଚାୟତ ସାଧକନଗର ଗ୍ରାମରେ ରଜ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହାଛଡା କେନ୍ଦୁପାଟଣା, କୋଲଣପୁର, ନେମାଳ, ନଗସପୁର ଓ ତରତ ପ୍ରମୁଖ ସ୍ଥାନରେ ରଜ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି।

# ରଜ ଉତ୍ସବ ଉଦ୍‌ଯାପିତ

କଟକ ସଦର, ୧୬।୬ (ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ଆୟତପୁରସ୍ଥିତ ଘାଟକୁଳ ନାରାୟଣ ମନ୍ଦିର ପ୍ରାଙ୍ଗଣରେ ୩ ଦିନିଆ ରଜ ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଆୟତପୁର ସରପଞ୍ଚ ରାକେଶ ବେହେରା ଓ ଦରଡ଼ାପାରି ପଞ୍ଚାୟତ ସମିତି ସଭ୍ୟା ପଦ୍ମିନୀ ଦଳାଇ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ୩ ଦିନ ଧରି ନୃତ୍ୟ, ସଙ୍ଗୀତ, ପୁଚି, ରୁମାଲ ଚୋରି, ମ୍ୟୁଜିକ୍ ଚେୟାର ଭଳି ଖେଳରେ ଯୁବତୀ, ବୋହୂମାନେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସ୍ଥାନୀୟ ଅଞ୍ଚଳର କଳାକାରଙ୍କ ଦ୍ୱାରା ସଙ୍ଗୀତ ଓ ଏକକ ନୃତ୍ୟ ପରିବେଷିତ ହୋଇଥିଲା। ସେହିପରି କିଶୋର ନଗରଠାରେ ମଧ୍ୟ ରଜ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମାହାଙ୍ଗା ବିଧାୟକ ସାରଦା ପ୍ରଧାନ, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇଥିଲେ।



ଆୟତପୁରଠାରେ ଆୟୋଜିତ ରଜ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

# ନେବାଠାରୁ ଦେବାରେ ଆନନ୍ଦ ଅଧିକ

## ଆର୍ଟ ଅଫ ଗିଭିଂ ଦିବସ ପାଳନ

ବାଙ୍କୀ,୧୬।୬(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀରେ ଆର୍ଟ ଅଫ ଗିଭିଂ ଦିବସ ପାଳିତ ହୋଇଯାଇଛି। ଶିମିଳିପୁର ବିନୋରୀ ଭବନରେ ଏନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥଯାଇଛି। ମାନସ ରଞ୍ଜନ ଶରଣଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆମ ପରିବାରଚକ୍ରର ପ୍ରତିଷ୍ଠାତା କୁମାର ଅମୀୟ (ବୁଲୁ ବାବା) ସଭାପତିତ୍ୱ କରିଥିଲେ। ଆଦର୍ଶ ଯୁବପରିଷଦ ଆବାହକ ଅକ୍ଷୟ କୁମାର ସାମଲ, ପ୍ରଦୀପ କୁମାର ଜେନା, ବିଶ୍ୱନାଥ ନାୟକ, କବି ବିପ୍ଳବ, ସୂର୍ଯ୍ୟମଣି ସେଠ, ବସନ୍ତ ରାଉତ, ଚକ୍ରସେବକ ପ୍ରସନ୍ନ ସ୍ୱାଇଁ, ଶଙ୍କର ନାୟକ ପ୍ରମୁଖ ଏଥିରେ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କୁ ଦେବାର କଳା ହେଉଛି ଆର୍ଟ ଗିଭିଂ। ନେବା ଠାରୁ ଦେବାରେ ଆନନ୍ଦ ଅଧିକ ଅଛି ବୋଲି ବୁଲୁ ବାବା ମତବ୍ୟକ୍ତ କରିଥିଲେ।




# ରଜ ମହୋତ୍ସବ: ସାନିଆ ରଜ କୁଇନ୍



ମହୋତ୍ସବରେ ଅତିଥିମାନେ ସାନିଆ ଖାତୁନ୍‌ଙ୍କୁ ରଜ କୁଇନ୍ ଭାବେ ସମ୍ବର୍ଦ୍ଧିତ କରୁଛନ୍ତି।

ସାଲେପୁର,୧୬।୬(ଅରବିନ୍ଦ ଭୂୟାଁ)

ସାଲେପୁର ବ୍ଲକସ୍ଥିତ ପିକୋଲ ପଞ୍ଚାୟତରେ ରଜ ମହୋତ୍ସବ କମିଟି ପକ୍ଷରୁ ରଜ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପିଠା, ମ୍ୟୁଜିକ୍ ଚେୟାର, ପୁଚି, ନୃତ୍ୟ ଆଦି ପ୍ରତିଯୋଗିତା ସମେତ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ ଝିଅମାନେ ଭାଗନେଇ ପୁରସ୍କୃତ ହୋଇଥିଲେ। ପିକୋଳ ରଜ ମହୋତ୍ସବ କମିଟିର ସଭାପତି ମହେଶ୍ୱର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ମହୋତ୍ସବର ଦ୍ୱିତୀୟ ଦିବସରେ ମୁଖ୍ୟଅତିଥି ଭାବେ ସାଲେପୁର ସାରସ୍ୱତ ସମାରୋହ ସମିତିର ସଭାପତି ଅକ୍ଷୟ କୁମାର ଦାଶ, ମୁଖ୍ୟବକ୍ତାଭାବେ ସମ୍ପାଦକ ବିଷ୍ଣୁଚରଣ ମିଶ୍ର, ସମ୍ମାନିତ ଅତିଥିଭାବେ ସମିତିସଭ୍ୟାଙ୍କ ପ୍ରତିନିଧି ହେମନ୍ତ କୁମାର ସ୍ୱାଇଁ ଯୋଗଦେଇ ରଜ ମହୋତ୍ସବର ସଫଳତା କାମନା କରିଥିଲେ। ପିକୋଳ ରଜ ମହୋତ୍ସବ କମିଟି ପକ୍ଷରୁ ପ୍ରଦୀପ ବେହେରା ଧନ୍ୟବାଦ ଦେଇଥିଲେ। ମହୋତ୍ସବରେ ସାନିଆ ଖାତୁନ୍‌ଙ୍କୁ ରଜ କୁଇନ୍ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ବିବିସି କ୍ଲବର ସଭ୍ୟ ଜଗନ୍ନାଥ ବେହେରା, ରାକେଶ ବେହେରା, ଦେବାଶିଷ ବେହେରା, ଅଜୟ ବାରିକ, ଅନିଲ ବେହେରା, ସୁରେଶ ବେହେରା, ରାଜେଶ ବେହେରା, ଦେବାଶିଷ ପାତ୍ର, ପଙ୍କଜ ବେହେରା, ସାନ୍ତନୁ ବେହେରା, ଓମ୍‌ପ୍ରକାଶ ବେହେରା, ବାଦଲ ବେହେରା, ଲାଲମୋହନ ସିଂ, ବୀରକିଶୋର ପାତ୍ରଙ୍କ ସମେତ କମିଟିର କର୍ମକର୍ତ୍ତା ଓ ଗ୍ରାମବାସୀ ଉପସ୍ଥିତ ରହି ଏହାକୁ ପରିଚାଳନା କରିଥିଲେ। ଏହି ଅବସରରେ କୃତି ପ୍ରତିଭାମାନଙ୍କୁ ମାନପତ୍ର ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଚନ୍ଦ୍ରାଦେଇପୁର ଗ୍ରାମରେ ମହାଆଡମ୍ବରରେ ରଜ ମହୋତ୍ସବ ପାଳିତ ହୋଇଯାଇଛି। ଏହାକୁ ଦେଖିବାକୁ ବହୁ ଲୋକଙ୍କ ସମାଗମ ହୋଇଥିଲା।

# ନାରୀ ସମ୍ମାନର ପ୍ରତୀକ ହେଉଛି ରଜ

## ମା'ରଚିକବାସିନୀ ରଜ ମହୋତ୍ସବ ତୃତୀୟ ସନ୍ଧ୍ୟା

ବାଙ୍କୀ,୧୬।୬(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ରଚିକା ହାଟ ପରିସରରେ ମା'ରଚିକବାସିନୀ ରଜ ମହୋତ୍ସବର ତୃତୀୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହୋତ୍ସବ ସଭାପତି ସଚ୍ଚିଦାନନ୍ଦ ସାମଲ ଅଧ୍ୟକ୍ଷତା କରିଥିବାବେଳେ କୋଷାଧ୍ୟକ୍ଷ ଶ୍ରୀନିବାସ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ବାଙ୍କୀ ଏନ୍ଏସି ଉପନଗରପାଳ ସନ୍ତୋଷ କୁମାର ରଣା ମୁଖ୍ୟ ଅତିଥିଭାବେ ଯୋଗଦେଇ ରଜ ମହୋତ୍ସବ ନାରୀ ସମ୍ମାନର ପ୍ରତୀକ ବୋଲି କହିଥିଲେ। ବାଙ୍କୀ ବ୍ଲକର ପୂର୍ବତନ ଅଧ୍ୟକ୍ଷ କାହ୍ନୁଚରଣ ସିଂହ ମୁଖ୍ୟବକ୍ତା ଓ ସାମାଜିକ କର୍ମୀ କେଶବ ଚନ୍ଦ୍ର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶେଷରେ ପ୍ରଦୀପ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।




ମହୋତ୍ସବରେ ଯୋଗଦେଇଥିବା ଅତିଥିମାନେ।

# ତରତଠାରେ ରଜ ମହୋତ୍ସବ

ମାହାଙ୍ଗା ୧୬।୬(ଯଯାତି ସିଂହ)

କଟକ ଜିଲା ଟାଙ୍ଗିସ୍ଥିତ ତରତଠାରେ ଓଡିଶା ପ୍ଲସ ପକ୍ଷରୁ ରଜ ମହୋତ୍ସବ ପାଳିତ ହୋଇଯାଇଛି । ନାଟ୍ୟକାର ମନୋଜ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥିଭାବେ ଏମ୍ଏସଏମ୍ଇ ଓଡିଶା ସଦସ୍ୟ ଚୌଧୁରୀ ପ୍ରଭାତ କେଶରୀ ମିଶ୍ର ,ସମ୍ମାନୀତ ଅତିଥିଭାବେ ସାମାଜିକ କର୍ମୀ ଲଲାଟେନ୍ଦୁ ବଡୁ, ସନାତନ ଦାସ, ଲକ୍ଷ୍ମଣ କୁମାର ଦାସ, ଦିଲୀପ ମଲିକ, ତ୍ରୈଲୋକ୍ୟ ନାଥ ଖୁଣ୍ଟିଆ,ବିଜୟଲକ୍ଷ୍ମୀ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ସାମାଜିକ କାର୍ଯ୍ୟରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ସାମାଜିକ କର୍ମୀ ଭକ୍ତଚରଣ ସ୍ୱାଇଁ ଓ ଜଳେଶ୍ୱରପୁର ପଞ୍ଚାୟତ କାହ୍ନୁପୁର ଗ୍ରାମର ଉମେଶ ଚନ୍ଦ୍ର ଭଞ୍ଜଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ବ୍ୟାଟେରି ଗାଡ଼ି ପ୍ରକଳ୍ପକୁ ଚାଷୀ, ସ୍ଥାନୀୟ ଲୋକଙ୍କ ବିରୋଧ

ବାରଙ୍ଗ,୧୬।୬(ଲିଙ୍ଗରାଜ ରାଉତ):

ରାଜ୍ୟ ସରକାରଙ୍କ ସହ ଜେଏସ୍‌ଡବ୍ଲ୍ୟୁ କମ୍ପାନୀ କରିଥିବା ବ୍ୟାଟେରି ଗାଡ଼ି ପ୍ରକଳ୍ପ ଚୁକ୍ତିକୁ ରବିବାର ମୁଣ୍ଡଳୀ ବ୍ୟାରେଜ ନିକଟ ଆମ୍ବତୋଟା ପରିସରରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଚାଷୀ, ଅଞ୍ଚଳବାସୀ, ମହିଳା ଏକାଠି ହୋଇ ବିରୋଧ କରିଛନ୍ତି। ଚାଷଜମି ହରାଇଥିବା ଚାଷୀ ସେମାନଙ୍କ ପୂର୍ବ ମାଲିକାନାକୁ ଫେରାଇ ଆଣିବାକୁ ସିଦ୍ଧେଶ୍ୱର ଆଞ୍ଚଳିକ ଜମି ସୁରକ୍ଷା ମଞ୍ଚର ସମସ୍ତ ସଦସ୍ୟ ଦାବି କରିଛନ୍ତି। ଏଥିପ୍ରତି ପ୍ରଶାସନ ଗୁରୁତ୍ୱ ନ ଦେଲେ ବାଧ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ଆଧ୍ୟାତ୍ମିକ ସ୍ତମ୍ଭକାର ଶ୍ରୀସନ୍ନ୍ୟାସୀ ଜୀଙ୍କୁ ସମ୍ବର୍ଦ୍ଧନା



ଭୁବନେଶ୍ୱର,୧୬।୬(ଶର୍ମିଷ୍ଠା ପାଣିଗ୍ରାହୀ)

ଆଧ୍ୟାତ୍ମିକ ସ୍ତମ୍ଭକାର, ପ୍ରବକ୍ତା ତଥା ଅଗ୍ରଣୀ ଆଧ୍ୟାତ୍ମିକ ପତ୍ରିକା 'ଦିବ୍ୟାଲୋକ ସନ୍ଧାନେ'ର ସମ୍ପାଦକ ଶ୍ରୀସନ୍ନ୍ୟାସୀ ଜୀଙ୍କୁ ସାମାଜିକ ସେବା ସଙ୍ଗଠନ ହାପି ଲିଭିଂ ଫାଉଣ୍ଡେଶନ ଦ୍ୱାରା ରାଜ୍ୟସ୍ତରୀୟ ସମ୍ମାନରେ ସମ୍ମାନିତ କରାଯାଇଛି। ସତ୍ୟନଗରସ୍ଥିତ ବ୍ଲାଇଣ୍ଡ୍ ହଲ୍ ଆସୋସିଏଶନ ପରିସରରେ ରବିବାର ଅନୁଷ୍ଠାନର ୨୭ତମ ବାର୍ଷିକ ଉତ୍ସବ ଉପଲକ୍ଷେ ଆୟୋଜିତ ସମାରୋହରେ ଫାଉଣ୍ଡେସନର ଅଧ୍ୟକ୍ଷ ଡ. ମନୋଜ କୁମାର ଲେଙ୍କା, ଅତିରିକ୍ତ ଡିଜିପି ଅମିତାଭ ଠାକୁର, ଅର୍ଗୁସ ନ୍ୟୁଜ୍‌ର ସମ୍ପାଦକ ସଞ୍ଜୟ କୁମାର ଜେନା, ବିଶିଷ୍ଟ ବେଦ ବିଦ୍ୱାନ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

# ୪୪ ଲେଖକଙ୍କୁ ୧୬.୭୬ ଲକ୍ଷ ଟଙ୍କାର ରାଜଭାଗ

ଭୁବନେଶ୍ୱର,୧୬।୬(ଶର୍ମିଷ୍ଠା ପାଣିଗ୍ରାହୀ)

ପ୍ରକାଶନ ସଂସ୍ଥା 'ଓଡ଼ିଶା ମିଡିଆ ପ୍ରାଇଭେଟ ଲିମଟେଡ୍' ପକ୍ଷରୁ ବାର୍ଷିକ ବନ୍ଧୁମିଳନ ଓ ରାଜଭାଗ ପ୍ରଦାନ ସମୋରାହ ରବିବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶା ମିଡିଆର ପ୍ରକାଶନ ଉପକ୍ରମ ପେନ୍ ଇନ ବୁକ୍ସ ପକ୍ଷରୁ ପ୍ରକାଶିତ ୪୪ ଜଣ ଲେଖକଙ୍କୁ ୧୬ ଲକ୍ଷ ୭୬ ହଜାର ୯୨୨ ଟଙ୍କାର ରାଜଭାଗ ଅର୍ଥ ପ୍ରଦାନ କରାଯାଇଛି। ସମାରୋହକୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲୀପ ରାଉତରାଏ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଲେଖକ ଦାଶ ବେନହୁର ଓ ମୁଖ୍ୟବକ୍ତା ଭାବେ ଅନୁବାଦକ ଯତୀନ୍ଦ୍ର କୁମାର ନାୟକ ଯୋଗଦେଇଥିଲେ। ଉତ୍ସବରେ କଥାଶିଳ୍ପୀ ଶୁଭ୍ରାଂଶୁ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ସେ କହିଥିଲେ, ପ୍ରତିବର୍ଷ ବହି ବିକ୍ରିରୁ ମିଳୁଥିବା ଆୟର ଏକ ଅଂଶ ଲେଖକମାନଙ୍କୁ ରାଜଭାଗ ଆକାରରେ ଦିଆଯାଇଥାଏ। ବନ୍ଧୁମିଳନ କାର୍ଯ୍ୟକ୍ରମରେ ରାଜ୍ୟ ଓ ରାଜ୍ୟ ବାହାରୁ ୧୫୦ରୁ ଅଧିକ ଲେଖକ ଉପସ୍ଥିତ ଥିଲେ। ଏହି ଅବସରରେ ଦେବଦତ୍ତ ପଟ୍ଟନାୟକ, ସୁନ୍ଦର ଗଣେଶନ, ଦାଶ ବେନହୁର, ଗୌରହରି ଦାସ, ତପନ କୁମାର ପଣ୍ଡା, ରକ୍ଷକ ନାୟକ, ଚନ୍ଦ୍ରଶେଖର ଦାଶ, ଅପର୍ଣ୍ଣା ମହାନ୍ତି, ଦେବଦାସ ଛୋଟରାୟ, ଅଜୟ ସ୍ୱାଇଁ, ସଂଗ୍ରାମ ମହାପାତ୍ର, ପଣ୍ଡିତ ରାମାରାଓ ପାତ୍ର, ନାରାୟଣ ସାହୁ, ଓମ୍‌ପ୍ରକାଶ ସିଂହ, ଅଳଙ୍କାର ଆଚାର୍ଯ୍ୟ, ସ୍ୱରୂପ ନାୟକ, ସୁବ୍ରତ କୁମାର ସେନାପତି ପ୍ରମୁଖ ନିଜର ରାଜଭାଗ ଚେକ୍ ଆକାରରେ ଗ୍ରହଣ କରିଥିଲେ।

# ବାପା ଆମ ପ୍ରତ୍ୟକ୍ଷ ଦେବତା

## ବିଶ୍ୱ ପିତୃ ଦିବସ

ବଡ଼ମ୍ବା,୧୬।୬(ମାୟାଧର ମଲ୍ଲିକ)

ପ୍ରାଣ ଯୋଗ ପ୍ରତିଷ୍ଠାନ ପକ୍ଷରୁ ମହର୍ଷି ଦୟା ନନ୍ଦ ଯଜ୍ଞ ମଣ୍ଡପରେ ରବିବାର ପିତୃଦିବସ ପାଳିତ ହୋଇଯାଇଛି। ପ୍ରତିଷ୍ଠାନର ଅଧ୍ୟକ୍ଷ ବିଜ୍ଞାନ କବି ଚନ୍ଦ୍ର ଶେଖର ମହାନ୍ତି ଏଥିରେ ପୌରୋହିତ୍ୟ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ବାରିପଦା ଶ୍ରୀମା ମହିଳା ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରାଧାପକ ଶିବ ନାରାୟଣ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ବଡମ୍ବା ଓକିଲ ସଂଘ ଉପ ସଭାପତି ଆଇନଜୀବୀ ଦିଲୀପ କୁମାର ସାମନ୍ତ , ମୋହନ ସୁବୁଦ୍ଧି ମହାବିଦ୍ୟାଳୟର ଅଧ୍ୟାପକ ରାମଚନ୍ଦ୍ର ସ୍ୱାଇଁ, ମାଣିଆ ବନ୍ଧ କଲେଜ ଅଧ୍ୟାପକ ଡ. ଖଗେଶ୍ୱର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଶ୍ୱ ପିତୃ ଦିବସର ମହତ୍ତ୍ୱ ପ୍ରତିପାଦନ କରିଥିଲେ। ଏହି ଅବସରରେ 'ମୋ ବାପା' ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥିମାନେ ବାପା ଆମ ପ୍ରତ୍ୟକ୍ଷ ଦେବତା ଓ ଘର ଆମର ତୀର୍ଥ କ୍ଷେତ୍ର ବୋଲି ମତବ୍ୟକ୍ତ କରିଥିଲେ। ସେହିପରି ବାପା ଆମ ପ୍ରଥମ ଗୁରୁ ଓ ସେ ପ୍ରଥମେ ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ତଥ୍ୟ ଶିକ୍ଷା ଦେଇଥିବାରୁ ଆମକୁ ଶାନ୍ତି ମିଳୁଛି ବୋଲି କାର୍ଯ୍ୟକାରୀ ଅଧ୍ୟକ୍ଷା ପ୍ରବୀଣା ମହାନ୍ତି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଛାତ୍ରୀଛାତ୍ର ଦେବାଂଶୀ ସାମନ୍ତ, ହର୍ଷିତା ବେଉରା, ଶିକ୍ଷାବିତ ପ୍ରବୋଧ ସାମଲ, ଶିବ ପ୍ରସାଦ ବେହେରା, ଦିବ୍ୟସାମନ୍ତ ଙ୍କ ସମେତ ସମସ୍ତ ସଦସ୍ୟା ସଦସ୍ୟ ଉପସ୍ଥିତ ଥିଲେ। ଅଧୀକ୍ଷକ ବାଲୁଙ୍କେଶ୍ୱର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।



ବିଶ୍ୱ ପିତୃ ଦିବସରେ ଯୋଗଦେଇଥିବା ଛାତ୍ରଛାତ୍ରୀ ଓ ଅନ୍ୟମାନେ।

# ଏକଦିବସୀୟ ଯୋଗ ଶିବିର

ବଡ଼ମ୍ବା,୧୬।୬(ମାୟାଧର ମଲ୍ଲିକ)

ବଡ଼ମ୍ବା ପ୍ରଖଣ୍ଡ ପତଞ୍ଜଳି ପରିବାର ତରଫରୁ ଏକଦିବସୀୟ ଯୋଗ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଯୋଗଗୁରୁ ରଜନୀ ରାଣୀ ସାହୁ ଓ ସନାତନ ସାହୁଙ୍କ ତତ୍ତ୍ୱାବଧାନରେ ରତାପାଟର ଆଦର୍ଶ ପୋଖରୀ ସଂଲଗ୍ନ ଶିଶୁ ଉଦ୍ୟାନ ପରିସରରେ ଏହି ଶିବିର ଆୟୋଜନ କରାଯାଇଥିଲା। ଓଡିଶା ସହ ପ୍ରଭାରୀ ସୁନୀଲ କୁମାର ଶର୍ମାଙ୍କ ସଂଯୋଜନାରେ କଟକ ଜିଲାର ପ୍ରଭାରୀ ଶିଶିର କୁମାର ଜେନାଙ୍କ ମାର୍ଗଦର୍ଶନରେ ମୁଖ୍ୟ ଅତିଥିଭାବେ ବଡମ୍ବା ବିଜୟ କୁମାର ଦଳବେହେରା ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ପତାଞ୍ଜଳି ପରିବାରର ତିଗିରିଆ ପ୍ରଭାରୀ ଅଧ୍ୟାପକ ପଦ୍ମନାଭ ଶତପଥୀ, ସମ୍ମାନିତ ଅତିଥିଭାବେ ରତାପାଟ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ କୁମାର ଛତ୍ର, ଯୋଗ ଗୁରୁ ଆଶିଷ ହାଲଦାର ଉପସ୍ଥିତ ଥିଲେ। ବଡମ୍ବା ପ୍ରଭାରୀ ଯୋଗଗୁରୁ ସନ୍ତୋଷ କୁମାର ପଟ୍ଟନାୟକ ଓ ପତଞ୍ଜଳି ଯୋଗପିଠର ବଡମ୍ବା ଓ ତିଗିରିଆର ପ୍ରଚାରକ ଯୋଗାଚାର୍ଯ୍ୟ ପିତବାସ କରଣ ଏବଂ ତିଗିରିଆ ସହ ପ୍ରଭାରୀ ସୁଭଦ୍ରା ସାହୁ ପ୍ରମୁଖ ଯୋଗଦେଇ ବିଭିନନ ପ୍ରକାର ଆସନ ଓ ପ୍ରଣାୟାମ ଶିଖାଇଥିଲେ। ଏହି ଅବସରରେ ନୂତନ ବିଧାୟକ ବିଜୟ କୁମାର ଦଳବେହେରାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦିଆଯାଇ ସମ୍ମାନିତ କରାଯାଇଥିଲା। ରମେଶ ଚନ୍ଦ୍ର ବେହେରା, ଅଖିଳ କୁମାର ଦାସ, ବୈକୁଣ୍ଠନାଥ ସାହୁ, ପ୍ରଭାକର ରାଉତ, ଅନିତା ରାଣୀ ସାହୁ, ସୁଶାନ୍ତ କୁମାର ନାୟକ,ଶକ୍ତିଶଙ୍କର ପଟ୍ଟନାୟକ,ମିଥୁନ ବଳିୟାର ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ସନ୍ତୋଷ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଆଜ୍‌ବେଷ୍ଟସ ଭାଙ୍ଗି ଦୋକାନରୁ ଚୋରି

ବେଗୁନିଆ,୧୬।୬(ସନ୍ଧ୍ୟାରାଣୀ ମିଶ୍ର): ବାଘମାରୀ ଥାନା ଅଧୀନ ପୋଡ଼ାଡିହ ଗ୍ରାମର ପ୍ରତାପ କୁମାର ସାହୁଙ୍କ ଓସ୍ତପୁର ବଜାରରେ ଥିବା ଦୋକାନରୁ ଶନିବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ଦୋକାନର ଆଜ୍‌ବେଷ୍ଟସ ଭାଙ୍ଗି ୫ହଜାର ଟଙ୍କା, କାଜୁ, କିସ୍‌ମିସ୍ ଓ ଅନ୍ୟାନ୍ୟ ସାମଗ୍ରୀ ଚୋରିକରି ନେଇଛନ୍ତି। ଏ ନେଇ ଅଭିଯୋଗ ପରେ ଥାନା ଅଧିକାରୀ ଶମ୍ଭୁନାଥ ନାୟକ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଯାଞ୍ଚ କରିବା ସହ ତଦନ୍ତ ଜାରି ରହିଥିବା ସୂଚନା ଦେଇଛନ୍ତି।

### ସ୍ୱାଧୀନତା ସଂଗ୍ରାମୀ ଗୋକୁଳ ମୋହନ ରାୟ ଚୂଡ଼ାମଣୀଙ୍କ ଜୟନ୍ତୀ

ଖୋର୍ଦ୍ଧା,୧୬।୬(ପ୍ରଭାତ ପାଣିଗ୍ରାହୀ): ଗୋକୁଳ ମୋହନ ରାୟ ଚୂଡ଼ାମଣୀ ସ୍ମୃତି ସଂସଦ ଆନୁକୂଲ୍ୟରେ ସ୍ୱାଧୀନତା ସଂଗ୍ରାମୀ ଗୋକୁଳ ମୋହନ ରାୟ ଚୂଡ଼ାମଣୀଙ୍କ ୧୧୪ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ବିଡିଏ କଲୋନୀ ନିକଟସ୍ଥ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଚୂଡ଼ାମଣିଙ୍କ ଜନ୍ମସ୍ଥାନ ପୁରୀ ଜିଲା ନିମାପଡ଼ା ର ହୋଦର ଗ୍ରାମର ହୋଇଥିବା ବେଳେ କର୍ମଭୂମି ଥିଲା ଖୋର୍ଦ୍ଧା। ସ୍ୱାଧୀନତା ସଂଗ୍ରାମ, ସାମ୍ୟବାଦୀ ଆନ୍ଦୋଳନ, ଭାରତ ଛାଡ଼ ଆନ୍ଦୋଳନ, ଭାଗଚାଷୀ ଆନ୍ଦୋଳନ, ଗଡ଼ଜାତ ଆନ୍ଦୋଳନ, କୃଷକ ଆନ୍ଦୋଳନ ସାମିଲ ହୋଇ ବହୁବାର କାରାବରଣ କରିଥିଲେ। ଭାରତ ସ୍ୱାଧୀନତା ଲାଭ ପରେ ଖୋର୍ଦ୍ଧାରେ ପ୍ରଥମ ଜାତୀୟ ପତାକା ସେ ଉତ୍ତୋଳନ କରିଥିଲେ। ସ୍ୱାଧୀନତା ଆନ୍ଦୋଳନ ସମୟରେ ସେ ମହାତ୍ମା ଗାନ୍ଧୀ, ଜବାହରଲାଲ ନେହେରୁ, ସୁବାଷ ଚନ୍ଦ୍ର ବୋଷ, ପ୍ରାଣନାଥ ପଟ୍ଟନାୟକ ଆଦି ମହାନ୍ ସଂଗ୍ରାମୀମାନଙ୍କ ସଂସ୍ପର୍ଶରେ ଆସିଥିଲେ। ତାଙ୍କର ରଚିତ ପୁସ୍ତକ ରକ୍ତଶିକ୍ତ ଖୋର୍ଦ୍ଧା ମାଟିରେ ମୋର ସଂଗ୍ରାମ, ହଳେ ଚପଲ ଲୋକଙ୍କ ଜନାଦୃତ ହୋଇଛି। ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ପୂର୍ବତନ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ପୂର୍ବତନ ଆରକ୍ଷୀ ଅଧୀକ୍ଷକ ଦେବପ୍ରସାଦ ମଜୁମ୍‌ଦାର, ଆଇନଜୀବୀ ସର୍ବେଶ୍ୱର ସାହୁ, ନରେନ୍ଦ୍ର ପୃଷ୍ଟି, ଶକ୍ତିଶଙ୍କର ମିଶ୍ର, ଲିଙ୍ଗରାଜ ସାହୁ, ମନ୍ମଥ ମିଶ୍ର, ବିକ୍ରମ ଚମ୍ପତି, ଶିକ୍ଷାବିତ୍ ପ୍ରଫୁଲ୍ଲ ସାମନ୍ତରାୟ, ବୈକୁଣ୍ଠ ରାଜଗୁରୁ, ଡ.ପ୍ରମୋଦ ଦାଶ, ଡ.ବୃନ୍ଦାବନ ପଣ୍ଡା, ପ୍ରାଧାପକ ଗୋପାଳ ଦାସ, ବିମଳ ଷଡ଼ଙ୍ଗୀ, ଶୋଭନ ଘୋଷ, ନିକୁଞ୍ଜ ପଟ୍ଟନାୟକ, ବୀରବର ସେଠୀ, ଲକ୍ଷ୍ମୀଧର ସାହୁ, ଅମ୍ବିକା ଦଳବେହେରା, ଜୟକୃଷ୍ଣ ନାୟକ, ବିମଳ ସାମନ୍ତରାୟଙ୍କ ସମେତ ବୁଦ୍ଧିଜୀବୀ ଯୋଗଦେଇଥିଲେ। ମନ୍ଦିରା ରାୟଚୂଡ଼ାମଣୀ ସଂଯୋଜନା କରିଥିଲେ।

### ସନ୍ତାନ ପାଇଁ ପ୍ରେରଣା, ଆତ୍ମବିଶ୍ୱାସର ଉତ୍ସ ବାପା

ବୋଲଗଡ଼,୧୬।୬(ଦେବବ୍ରତ ହୋତା): ବିଶ୍ୱ ପିତୃ ଦିବସ ଅବସରରେ ବୋଲଗଡ଼ ଶିକ୍ଷା ବ୍ଲକ ଅନ୍ତର୍ଗତ ସଂପୁର ଗ୍ରାମସ୍ଥିତ ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ପିତାଙ୍କ ଆଶୀର୍ବାଦ ପୁତ୍ର ଓ କନ୍ୟା ଜୀବନର ପାଥେୟ ପ୍ରସଙ୍ଗ ଉପରେ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁଙ୍କ ନିର୍ଦ୍ଦେଶକ୍ରମେ ବକ୍ତୃତା ପ୍ରତିଯୋଗିତା ହୋଇଯାଇଛି। ବରିଷ୍ଠ ବିଭାଗ ପ୍ରତିଯୋଗିତାରେ ବିଚାରକ ଭାବେ ବିଚିତ୍ର କୁମାର ଘଡ଼େଇ, ଦୀପ୍ତିରଞ୍ଜନ ଦାସ ଏବଂ ନମିତା ସାହୁ ମୂଲ୍ୟାଙ୍କନ କରିଥିଲେ। କନିଷ୍ଠ ବିଭାଗରେ ବିଶ୍ୱଜିତ ସରୋଜ କୁମାର, ଅଂଶୁମାନ ଧଳ ଏବଂ ସୌଦାମିନୀ ପରିଡା କୃତୀ ପ୍ରତିଯୋଗୀ ଚୟନ କରିଥିଲେ। ଉପକନିଷ୍ଠ ବିଭାଗରେ ସ୍ରୋତାଲିନୀ ସାହୁ, ବିଭୁପ୍ରସାଦ ମହାପାତ୍ର ଏବଂ ସ୍ମିତାସିନ୍ଧୁ ମହାପାତ୍ର ବିଚାରକ କାର୍ଯ୍ୟ ସମ୍ପାଦନା କରିଥିଲେ। ବାପାଙ୍କ ପ୍ରତି ପୁତ୍ର ଓ କନ୍ୟାଙ୍କ କର୍ତ୍ତବ୍ୟ ସମ୍ପର୍କରେ ଶୈଳବାଳା ମଲ୍ଲିକ, ସ୍ୱର୍ଣ୍ଣଲତା ପ୍ରଧାନ, ସୌଦାମିନୀ ସୁବୁଦ୍ଧି ପ୍ରମୁଖ ବିଦ୍ୟାର୍ଥୀମାନଙ୍କୁ ଅବଗତ କରାଇ ସନ୍ତାନ ପାଇଁ ପ୍ରଥମ ପ୍ରେରଣା, ସୁରକ୍ଷାକବଚ ଓ ଆତ୍ମବିଶ୍ୱାସର ଉତ୍ସ ପିତା ବୋଲି କହିଥିଲେ। ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କ ନାମ ଘୋଷଣା କରାଯାଇଥିଲା। ବିଦ୍ୟାଳୟ ଖୋଲିବା ପରେ ପୁରସ୍କୃତ କରାଯିବ ବୋଲି ପ୍ରଧାନ ଶିକ୍ଷକ ସ୍ୱାଇଁ କହିଛନ୍ତି।

# ‘ପ୍ରକୃତ ପରିଚୟ ସୃଷ୍ଟି କରିବାରେ ବାପାଙ୍କ ଅବଦାନ ଅବର୍ଣ୍ଣନୀୟ’

ବେଗୁନିଆ,୧୬।୬(ହରପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ପୋଡ଼ା ଗ୍ରାମସ୍ଥିତ ଭାଗବତ ଦେବ ପାଠାଗାର ପରିସରରେ ରବିବାର ବିଶ୍ୱ ପିତୃ ଦିବସ ପାଳିତ ହୋଇଯାଇଛି। ପାଠାଗାର ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ ପ୍ରଧାନ ଶିକ୍ଷକ ଉପେନ୍ଦ୍ର ନାଥ ଦାଶ ଅଧ୍ୟକ୍ଷତା କରିଥିଲେ। ଡା. ଅମରେନ୍ଦ୍ର ନାଥ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। କବିକେତନ ଗୌରଚରଣ ସାମନ୍ତସିଂହାର ବକ୍ତାଭାବେ ଉପସ୍ଥିତ ଥିଲେ। ପଣ୍ଡିତ ବିଷ୍ଣୁପ୍ରସାଦ କର ମଙ୍ଗଳାଚରଣ ପାଠ କରିବା ପରେ କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ପିତୃ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ପିତାଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ଆବାହନୀ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ ‘ମୋ ବାପା’ ଶୀର୍ଷକ କବିତା ପାଠ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବାପାଙ୍କ ବ୍ୟକ୍ତିତ୍ୱ ପିଲାଙ୍କୁ ଉପଯୁକ୍ତ ମୂଲ୍ୟବୋଧ, ସଂସ୍କାର, ଶୃଙ୍ଖଳା ପ୍ରଦାନ କରିବା ସହ ଉତ୍ତମ ଚରିତ୍ର ଗଠନରେ ସହାୟକ ହୋଇଥାଏ। ପ୍ରକୃତ ପରିଚୟ ହାସଲ କରିବାକୁ ହେଲେ ବାପାଙ୍କ ଅବଦାନ ଅବର୍ଣ୍ଣନୀୟ ବୋଲି ଅତିଥି ମହାପାତ୍ର ଉଦ୍‌ବୋଧନ ଦେଇଥିଲେ। କବି ଗୋପୀନାଥ ସେଠୀଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ କବି ଗଙ୍ଗାଧର ଓଝା, ପ୍ରସନ୍ନ ମଣ୍ଡଳ, ପ୍ରତାପ ଚନ୍ଦ୍ର ପରିଡ଼ା, ଚକ୍ରଧର ଦେବତା, ପୂର୍ବତନ ସେନା କର୍ମଚାରୀ ବସନ୍ତ କୁମାର ହୋତା, କବୟିତ୍ରୀ ମାନସୀ ଦାସ, ଛାତ୍ରୀ ବୀଣାପାଣି କର, ଭାଗବତ ମହାପାତ୍ର, ହରି ପଣ୍ଡା, ନଳିନୀକାନ୍ତ ପଣ୍ଡା, ଶ୍ରୀବତ୍ସ ପାଣିଗ୍ରାହୀ, ସୁଜାତା ସୁବୁଦ୍ଧିଙ୍କ ସମେତ ବହୁ ସାହିତ୍ୟାନୁରାଗୀ ଯୋଗଦେଇଥିଲେ। ଶେଷରେ ଗାୟକ ପ୍ରଦୀପ କୁମାର ତ୍ରିପାଠୀ ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିବା ବେଳେ ସମ୍ପାଦକ ଆଦିତ୍ୟ ନାରାୟଣ ପଣ୍ଡା ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।



ସ୍ୱାଧୀନତା ସଂଗ୍ରାମୀ ଗୋକୁଳ ମୋହନ ରାୟ ଚୂଡ଼ାମଣୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

# ଜମିବାଡ଼ି ବିବାଦରୁ ଯୁବକଙ୍କୁ ହତ୍ୟା

## ବାପା, ସାନଭାଇ ଗୁରୁତର

ନୟାଗଡ଼,୧୬।୬(ଲୋକନାଥ ମିଶ୍ର)

ଶେଷ ରଜ ଅର୍ଥାତ୍ ରବିବାର ଅପରାହ୍ନରେ ଜମିବାଡ଼ି ବିବାଦକୁ କେନ୍ଦ୍ରକରି ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି । ଏହି ଘଟଣାରେ ସମ୍ପୃକ୍ତ ଯୁବକଙ୍କ ବାପା ଓ ସାନଭାଇ ଗୁରୁତର ହୋଇଛନ୍ତି । ନୟାଗଡ଼ ପୋଲିସ ଜିଲା ଇଟାମାଟି ଥାନା ଭୂତଡିହି ଗହୀରରେ ଘଟିଥିବା ଏହି ଘଟଣା ଶୋକାକୁଳ ପରିବେଶ ସୃଷ୍ଟି କରିଛି। ମୃତକ ହେଲେ ଲାଠିପଡା ପାଇକସାହିର ଦଣ୍ଡପାଣି ପରିଡ଼ା(୪୦) । ତାଙ୍କ ବାପା ଜଗଦେବ ପରିଡ଼ା ଓ ସାନଭାଇ ପ୍ରମୋଦ ପରିଡା ଗୁରୁତର ହୋଇଛନ୍ତି। ଉଭୟଙ୍କୁ ଗ୍ରାମବାସୀ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଏହି ଘଟଣା ପରେ ଲାଠିପଡା ଓ ଭୂତଡିହିରେ ଉତ୍ତେଜନା ପ୍ରକାଶ ପାଇଛି ।

ଲାଠିପଡା ପାଇକସାହିର ଜଗଦେବ ପରିଡ଼ାଙ୍କ ଅଭିଯୋଗ ଅନୁଯାୟୀ, ମୋ ବଡ଼ପୁଅକୁ ପୂର୍ବ ଯୋଜନା ମୁତାବକ ହତ୍ୟା କରାଯାଇଛି। ଏହା ରାଜନୈତିକ ବିବାଦ ହୋଇ ନ ଥିଲେ ହେଁ ଆକ୍ରମଣକାରୀ ନିଜକୁ ଏକ ନିର୍ଦ୍ଦିଷ୍ଟ ଦଳର କର୍ମୀ କହି ଆମ ଉପରେ ଅତ୍ୟାଚାର କରିଆସୁଥିଲେ। ଜମିବାଡ଼ି ବିବାଦରୁ ଏହି ଗଣ୍ଡଗୋଳ ବଢ଼ିଥିଲା। ଭୂତଡିହିର ୨ ଭାଇ କାବୁ ରାଉତ ଓ ଜଗୁ ରାଉତ ମୋ ଜମିର କିଛି ଅଂଶ ମାଡ଼ି ବସିଥିଲେ। ଏହାକୁ ନେଇ ଗତ କିଛିମାସରୁ ବିବାଦ ଲାଗି ରହିଥିଲା। ସୋମବାର ଏହି ବିବାଦର ସମାଧାନ ହେବାର ଥିଲା। ରବିବାର ଅପରାହ୍ନରେ ମୁଁ ଓ ମୋର ଦୁଇପୁଅଙ୍କୁ ନେଇ ଆଖୁଜମିରେ ଏଲ୍‌ଆଇ ପଏଣ୍ଟ ସାହାଯ୍ୟରେ ପାଣି ମଡାଉଥିଲି। ହେଲେ କାବୁ ରାଉତ ଓ ଜଗୁ ରାଉତଙ୍କ ପରିବାର ଲୋକେ ପାଣିକୁ ବନ୍ଧାଇ ନିଜ ଜମିକୁ ନେଇ ମଡାଇଥିଲେ। ଏ ସଂକ୍ରାନ୍ତରେ ବଡ଼ପୁଅ ଦଣ୍ଡପାଣି ସେମାନଙ୍କୁ ପଚାରିବାକୁ ଯାଉଥିଲା। ହେଲେ କାବୁ ଓ ଜଗୁଙ୍କ ସମେତ ଉଭୟଙ୍କ ଦୁଇ ପୁଅ ମିଳିତ ହୋଇ ତାଙ୍କୁ ଗୋଡେଇ ଗୋଡେଇ ହାଣିଥିଲେ। ଏଥିରେ ଦଣ୍ଡପାଣିଙ୍କ ବେକରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ଫଳରେ ପ୍ରଚୁର ରକ୍ତସ୍ରାବ ଯୋଗୁ ଘଟଣାସ୍ଥଳରେ ତା’ର ମୃତ୍ୟୁ ଘଟିଥିଲା। ଗଣ୍ଡଗୋଳ ଦେଖି ମୁଁ ଓ ମୋ ସାନପୁଅ ପ୍ରମୋଦ ସେଠାରେ ପହଞ୍ଚି ପ୍ରତିବାଦ କରିଥିଲୁ। ଆକ୍ରମଣକାରୀ ମୋତେ ଓ ସାନ ପୁଅଙ୍କୁ ମଧ ହାଣିଥିଲେ। ଗଣ୍ଡଗୋଳ ଦେଖି ସ୍ଥାନୀୟ ଲୋକମାନେ ସେଠାରେ ପହଞ୍ଚିଯିବାରୁ ଆକ୍ରମଣକାରୀ ଫେରାର ହୋଇ ଯାଇଥିଲେ। ପରେ ଗ୍ରାମବାସୀ ଆମକୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ।ସେଠାର ଡାକ୍ତର ଦଣ୍ଡପାଣିଙ୍କୁ ମୃତ ଘୋଷଣା କରିଥିଲେ।

ଏନେଇ ଇଟାମାଟି ଥାନା ଆଇଆଇସି ଦିଲୀପ ସ୍ୱାଇଁ କୁହନ୍ତି, ଭୂତଡିହିରେ ଜମିବାଡି ବିବାଦକୁ ନେଇ ଏକ ହତ୍ୟାକାଣ୍ଡ ଘଟିଛି। ତେବେ ରାତି ସୁଦ୍ଧା ଥାନାରେ ଅଭିଯୋଗ ହୋଇ ନାହିଁ। ତଥାପି ପୋଲିସ ନିଜଆଡୁ ଘଟଣାର ତଦନ୍ତ କରୁଛି। ଏହି ଘଟଣା ପରେ ଗାଁରେ ଉତ୍ତେଜନା ଲାଗି ରହିଥିବାରୁ ପୋଲିସ ମୁତୟନ କରାଯାଇଛି ।

### ଗୁରୁ ପୂଜନ, ସମ୍ବର୍ଦ୍ଧନା ଉତ୍ସବ

ବେଗୁନିଆ,୧୬।୬(ସନ୍ଧ୍ୟାରାଣୀ ମିଶ୍ର)

ପିତୃ ଦିବସ ଅବସରରେ ବେଗୁନିଆ ବ୍ଲକ କୁଞ୍ଜୁରୀ ପଞ୍ଚାୟତ ଅନ୍ତର୍ଗତ ଭୋଳାନାଥ ବିଦ୍ୟାପୀଠ କୋକସିଂହ ପରିସରରେ ୧୯୯୮ ବ୍ୟାଚ ଛାତ୍ରୀଛାତ୍ରଙ୍କ ଦ୍ୱାରା ଗୁରୁପୂଜନ ଏବଂ ଗୁରୁ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ହୃଷିକେଶ ଛୋଟରାୟ, ଅକ୍ଷୟ ମହାପାତ୍ର, ରମେଶ ଚନ୍ଦ୍ର ସାହୁ ,ପୁଲୀନ ବିହାରୀ କର, ଭଗବାନ ମହଲା ଏବଂ ଅବସରପ୍ରାପ୍ତ ଶିକ୍ଷକ ସୁନିଲ ପଟ୍ଟନାୟକ, ଜଳଧର ସାହୁ ଏବଂ ସୁରେଶ ବେହେରାଙ୍କୁ ଗୁରୁପୂଜନ ଓ ଗୁରୁ ବନ୍ଦନା କରି ସମ୍ବର୍ଦ୍ଧିତ କରିଥିଲେ। ଜଗନ୍ନାଥ ପଣ୍ଡାଙ୍କ ନେତୃତ୍ୱରେ ଏହି ବନ୍ଧୁମିଳନ କାର୍ଯ୍ୟକ୍ରମ ହୋଇଥିଲା। ଶ୍ରବଣ ବଳିୟାରସିଂହ, କପିଳାସ ସାହୁ, ଶ୍ରୀଧର ବେହେରା, ପ୍ରତିଭା ବେହେରା, ପ୍ରଶାନ୍ତି ବେହେରା, ଚିତ୍ତରଞ୍ଜନ ରାଉତ, ରଶ୍ମିରଞ୍ଜନ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ବିଧାୟିକା ଉପାସନାଙ୍କୁ ସମ୍ବର୍ଦ୍ଧନା

କୃଷ୍ଣପ୍ରସାଦ,୧୬।୬
(କୈଳାସ ଚନ୍ଦ୍ର ପଟ୍ଟନାୟକ)

ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର ନୂଆପଡ଼ା ପଞ୍ଚାୟତବାସୀଙ୍କ ପକ୍ଷରୁ ବିଧାୟିକା ଉପାସନା ମହାପାତ୍ରଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଭାଜପା ପ୍ରଭାରୀ ଉତ୍ତମ କୁମାର ତରେଇ, ସମିତିସଭ୍ୟା ମମତାମୟୀ ପ୍ରଧାନ, ରଘୁନାଥ ବଡୁ, ନଳିନୀକାନ୍ତ ଜେନା, ବିଶ୍ୱରଞ୍ଜନ ପ୍ରଧାନ, ରଣଜିତ ମହାନ୍ତି ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ନିର୍ବାଚନମଣ୍ଡଳୀର ସାମଗ୍ରିକ ବିକାଶ ସହ ନୂଆପଡ଼ା ପଞ୍ଚାୟତବାସୀଙ୍କ ମୌଳିକ ସମସ୍ୟା ସମାଧାନ ଦିଗରେ ଦୃଷ୍ଟି ଦିଆଯିବ ବୋଲି ଉପାସନା କହିଛନ୍ତି।

# ଦିବ୍ୟାଙ୍ଗ ପିଲାଙ୍କ ସହ ରଜ ପାଳିଲେ ଶିକ୍ଷକ



ଟାଙ୍ଗୀ,୧୬।୬(ରଘୁନାଥ ସାହୁ): ରଜରେ ନୂତନ ବସ୍ତ୍ର ପରିଧାନକରି ସଜହୋଇ ବୁଲିବା ସହ ମଜା କରିବାକୁ ସବୁ ଝିଅଙ୍କ ଇଚ୍ଛା ଥାଏ। ତେବେ ସୋନି ଜଣେ ଦିବ୍ୟାଙ୍ଗ ହୋଇଥିବାରୁ ଘରେ ରହିଥିଲା। ଏ ନେଇ ସୁନ୍ଦରପୁର କଲୋନୀ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ଲଳିତ ନାରାୟଣ ମହାପାତ୍ର ଜାଣିବା ପରେ ସୋନିଙ୍କ ନିକଟରେ ପହଞ୍ଚି ନୂତନ ଡ୍ରେସ୍ ଦେଇଥିଲେ। ସୋନି ନୂଆ ଡ୍ରେସ୍ ପିନ୍ଧିବା ପରେ ଶିକ୍ଷକ ମହାପାତ୍ର ତାଙ୍କୁ ମିଠା ଖୁଆଇ ଦୋଳିରେ ବସାଇ ଝୁଲାଇଥିଲେ। ତେବେ ସୋନିଙ୍କ ଖୁସି ଦେଖି ମହାପାତ୍ର ଭାବବିହ୍ୱଳ ହୋଇଯାଇଥିଲେ। ଏମାନଙ୍କ ପାଇଁ ସମୟ ଦେବା ଜରୁରୀ ବୋଲି ମହାପାତ୍ର କହିଛନ୍ତି।

# ବିପର୍ଯ୍ୟୟ ମୁକାବିଲା ପାଇଁ ଟେବୁଲ ଟପ୍ ଏକ୍ସରସାଇଜ୍ ବୈଠକ

ଖୋର୍ଦ୍ଧା,୧୬।୬(ପ୍ରଭାତ ପାଣିଗ୍ରାହୀ)

## ଆଗୁଆ ପ୍ରସ୍ତୁତି, ସମନ୍ୱୟ ରହିଲେ ସଫଳ ହେବେ

ଖୋର୍ଦ୍ଧା ଜିଲାସ୍ତରୀୟ ବିପର୍ଯ୍ୟୟ ମୁକାବିଲା–୨୦୨୪ ପାଇଁ ଟେବୁଲ ଟପ୍ ଏକ୍ସରସାଇଜ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ଜୁନ୍ ୧୮ ଓ ୧୯ରେ ସମସ୍ତ ଜିଲା, ବ୍ଲକ ଏବଂ ବାତ୍ୟା ଆଶ୍ରୟସ୍ଥଳଗୁଡ଼ିକରେ ମକ୍‌ଡ୍ରିଲ ଆୟୋଜନ କରାଯାଇଥାଏ। ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଅନୁଷ୍ଠିତ ଏହି ବୈଠକରେ ଜିଲାପାଳ ଚଞ୍ଚଳ ରାଣା ଯୋଗଦେଇ ବନ୍ୟା, ବାତ୍ୟା ଭଳି ବିପର୍ଯ୍ୟୟ ସମୟରେ କିଭଳି ବିଭାଗୀୟ ଅଧିକାରୀ, ଜନପ୍ରତିନିଧି ଏବଂ ସ୍ୱେଚ୍ଛାସେବୀଙ୍କ ମଧ୍ୟରେ ସମନ୍ୱୟ ରଖି ଏହାର ସଫଳ ମୁକାବିଲା କରିବେ ସେ ସମ୍ପର୍କରେ ଆଲୋଚନା କରିଥିଲେ। ବିପର୍ଯ୍ୟୟ ସମୟରେ ଉତ୍ତମ ବୁଝାମଣା ଏବଂ ସମନ୍ୱୟ ରହିଲେ ଏଥିରେ ସଫଳତା ମିଳିଥାଏ। ଏଥିଲାଗି କିପରି ନିଜକୁ ପ୍ରସ୍ତୁତ ରଖିବେ ବୈଠକରେ ଆଲୋଚନା ହୋଇଥିଲା। ଦୁର୍ବଳ ନଦୀବନ୍ଧ ସ୍ଥାନରେ ବାଲିବସ୍ତା ପକାଇବା, ସୁପରିଚାଳନା ନେଇ ସଜାଗ ରହିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲାର ସମସ୍ତ ୫୧ଟି ବନ୍ୟା,ବାତ୍ୟା ଆଶ୍ରୟସ୍ଥଳରେ ମକଡ୍ରିଲ କରାଯିବା ନେଇ ଯୋଜନା ପ୍ରସ୍ତୁତ କରାଯାଇଛି। ଏହି ବୈଠକରେ ଜିଲାପାଳ ଅଧ୍ୟକ୍ଷତା କରିଥିବା ବେଳେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବାଦଲ ମହାନ୍ତି, ଅତିରିକ୍ତ ଜିଲାପାଳ (ରାଜସ୍ୱ) ସାଫଲ୍ୟମଣ୍ଡିତ ପ୍ରଧାନ, ଅତିରିକ୍ତ ଏସ୍‌ପି ସୁରେନ୍ଦ୍ର ନାଥ ମୁର୍ମୁ, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ, ବିଡିଓ, ତହସିଲଦାରମାନେ ଯୋଗଦେଇଥିଲେ।

# ଟାଙ୍ଗୀ ଫୁଟ୍‌ବଲ ଲିଗ୍: ରଘୁନାଥ କ୍ଲବ ବିଜୟୀ

ଟାଙ୍ଗୀ,୧୬।୬(ରଘୁନାଥ ସାହୁ)

ଚିଲିକା ଷ୍ଟାଡିୟମଠାରେ ଚାଲିଥିବା ଟାଙ୍ଗୀ ଫୁଟ୍‌ବଲ ଲିଗ୍‌ରେ ରବିବାର ରଘୁନାଥ କ୍ଲବ ଓ ଟାଙ୍ଗୀ ରାଇଫଲ ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା ।ନିର୍ଦ୍ଧାରିତ ସମୟରେ ଉଭୟ ଟିମ୍ କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। ଫଳରେ ଟାଇବ୍ରେକରରେ ୩–୨ ଗୋଲରେ ରଘୁନାଥ କ୍ଲବ ବିଜୟୀ ହୋଇଛି। ଅତିଥିଭାବେ ସାମାଜିକକର୍ମୀ କୈଳାସ ଚନ୍ଦ୍ର ନାୟକ, ଆୟୋଜକ କମିଟି ସଭାପତି ମାନସ କୁମାର ପାତ୍ର ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ନନ୍ଦ କିଶୋର ସ୍ୱାଇଁ, ସୁଶାନ୍ତ ବିଶ୍ୱାଳ ଓ କୃଷ୍ଣ ଚନ୍ଦ୍ର ବେହେରା ମ୍ୟାଚ୍ ପରିଚାଳନା କରିଥିଲେ।


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

## ପ୍ରଭାକର ଜେନା ମେମୋରିଆଲ କ୍ରିକେଟ

# ଭଗବାନପୁର ଜିତିଲା



ଅତିଥିଙ୍କଠାରୁ ଖେଳାଳି କପ୍ ସହ ଚେକ୍ ଗ୍ରହଣ କରୁଛନ୍ତି।

କୃଷ୍ଣପ୍ରସାଦ,୧୬।୬
(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ମା’ ଦୁଆରଶୁଣୀ କ୍ରିକେଟ ଟିମ୍ ସିପକୁଦା ବନମାଳିପୁର ଆନୁକୂଲ୍ୟରେ ଚାଲିଥିବା ବ୍ଲକସ୍ତରୀୟ ଦ୍ୱିତୀୟ ବାର୍ଷିକୀ ପ୍ରଭାକର ଜେନା ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟରେ ଭଗବାନପୁର ଟିମ୍ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍ ବ୍ରହ୍ମପୁର ସ୍ପୋର୍ଟିଂ କ୍ରିକେଟ ଟିମ୍ ଓ ଭଗବାନପୁର ଟିମ୍ ମଧ୍ୟରେ ହୋଇଥିଲା। ବ୍ରହ୍ମପୁର ସ୍ପୋର୍ଟିଂ ଟିମ୍ ପ୍ରଥମେ ବ୍ୟାଟିଂ କରି ସମସ୍ତ ଉଇକେଟ ବିନିମୟରେ ୧୦୪ ରନ୍ ସଂଗ୍ରହ କରିଥିଲା। ଜବାବରେ ଭଗବାନପୁର ଟିମ୍ ୧୩ ଓଭରରେ ଆବଶ୍ୟକ ରନ୍ ସଂଗ୍ରହ କରି ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ଅମର ଜାଲି ଓ ଜିତେନ୍ଦ୍ର ସାମଲ ମ୍ୟାଚ୍ ପରିଚାଳନା କରିଥିଲେ। ତପନ ଜେନା, ଦାଶରଥି ଜେନା ଧାରା ବିବରଣୀ ପ୍ରଦାନ କରିଥିବା ବେଳେ ଟିପ୍ସୁ ଜାଲି ସ୍କୋରବୋର୍ଡରେ ସହାୟତା କରିଥିଲେ। ପିରିଜିପୁର ସରପଞ୍ଚ ଇଂ.ମଳୟ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ସାତପଡ଼ା ସରପଞ୍ଚ ରଶ୍ମିତା ସାମନ୍ତରାୟ, ଗୋପୀନାଥପୁର ସରପଞ୍ଚ ସରୋଜ କୁମାର ଲେଙ୍କା, ଅରଖକୁଦ ସରପଞ୍ଚ ସୁମିତ୍ରା ବେହେରା, ଗମ୍ଭାରୀ ସରପଞ୍ଚ ସୁଶାନ୍ତ କୁମାର ପରିଡ଼ା, ବରିଷ୍ଠ ନେତା ନବକିଶୋର ଜେନା, ପଣସପଦା ସରପଞ୍ଚ ମିତାଲି ପ୍ରିୟଦର୍ଶିନୀଙ୍କ ସମେତ ବହୁ ବିଶିଷ୍ଟବ୍ୟକ୍ତି ଯୋଗଦେଇ ଚାମ୍ପିୟନ ଏବଂ ରନର୍ସ ଅପ୍ ଟିମ୍‌କୁ ଟ୍ରଫି ସହିତ ଚେକ୍ ପ୍ରଦାନ କରିଥିଲେ। ଆୟୋଜକ ଟିମ୍‌ର ସନ୍ତୋଷ ମଲିକ, ସ୍ୱାଧୀନ ଜାଲି, ତାପସ ଜେନା ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

# ସ୍ମାଇଲ ଇଲେଭେନ ଚାମ୍ପିୟନ

ବୋଲଗଡ଼,୧୬।୬(ଦେବବ୍ରତ ହୋତା)

## ହରିପୁରପାଟଣା ପ୍ରିମିୟର ଲିଗ୍

ବୋଲଗଡ଼ ବ୍ଲକ ଖଙ୍ଗୁରିଆ ପଞ୍ଚାୟତ ହରିପୁରପାଟଣା ଗ୍ରାମ ସ୍ଥିତ ଖେଳପଡ଼ିଆରେ ଚାଲିଥିବା ହରିପୁରପାଟଣା ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟରେ ସ୍ମାଇଲ ଇଲେଭେନ ଟିମ୍ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍ ପାୱାର ହିଟରସ ଓ ସ୍ମାଇଲ ଇଲେଭେନ ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ପାୱାର ହିଟରସ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୭ ଉଇକେଟ ବିନିମୟରେ ୯୦ରନ ସଂଗ୍ରହ କରିଥିଲା। ଜବାବରେ ସ୍ମାଇଲ ଇଲେଭେନ ଟିମ ୮.୩ ଓଭରରେ ୪ଉଇକେଟ ବିନିମୟରେ ୯୩ରନ ସଂଗ୍ରହ କରି ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ବିଜୟ ସେଠୀ ଓ ସୁରେନ୍ଦ୍ର ସେଠୀ ମ୍ୟାଚ୍ ପରିଚାଳନା କରିଥିଲେ। ପୁରସ୍କାର ବିତରଣ ସମାରୋହରେ ଖଙ୍ଗୁରିଆ ପଞ୍ଚାୟତର ପୂର୍ବତନ ସରପଞ୍ଚ ଅମୂଲ୍ୟ କୁମାର ତ୍ରିପାଠୀ ଯୋଗଦେଇ ଚାମ୍ପିୟନ ଟିମକୁ ଟ୍ରଫି ସହ ୧୦ ହଜାର ଟଙ୍କା ଓ ରନର୍ସଅପ ଟିମକୁ କପ ସହ ୫ ହଜାର ଟଙ୍କା ପ୍ରଦାନ କରିଥିଲେ। ଏଥିସହ ମ୍ୟାନ ଅଫ୍ ଦି ମ୍ୟାଚ ଶ୍ରୀହରି ସୁବୁଦ୍ଧି ଏବଂ ମ୍ୟାନ୍ ଅଫ ଦି ସିରିଜ ଭାସ୍କର ପ୍ରଧାନଙ୍କୁ ପୁରସ୍କୃତ କରାଯାଇଥିଲା। ହରିପୁରପାଟଣା ଗ୍ରାମର ଯୁବକମାନେ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।


ଅତିଥିଙ୍କ ଠାରୁ ଚାମ୍ପିୟନ ଟିମର ଖେଳାଳିମାନେ ଟ୍ରଫି ସହ ଚେକ୍ ଗ୍ରହଣ କରୁଛନ୍ତି।

# ଅଭିଯୋଗ ସତ୍ତ୍ୱେ ପୋଲିସ ନୀରବ

## ଫେବର ବ୍ଲକ ରାସ୍ତା ତଡ଼ା ଘଟଣାକୁ ୧୩ ଦିନ ବିତିଲା

କୋଣାର୍କ,୧୬।୬(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଏନ୍‌ଏସି ଅଧୀନ ଭଗବତୀ ବିହାରସ୍ଥିତ ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ସ୍କୁଲ ପାର୍ଶ୍ୱରେ କୋଣାର୍କ ଏନ୍‌ଏସି ପକ୍ଷରୁ ନିର୍ମିତ ଫେବର ବ୍ଲକ ରାସ୍ତାକୁ ଦୁର୍ବୃତ୍ତମାନେ ତାଡ଼ି ନଷ୍ଟଭ୍ରଷ୍ଟ କରିବା ଘଟଣାକୁ ୧୩ ଦିନ ବିତିଲାଣି। ଏନେଇ କୋଣାର୍କ ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କ ପକ୍ଷରୁ ଗତ ୭ ତାରିଖରେ କୋଣାର୍କ ଥାନାରେ ଲିଖିତ ଅଭିଯୋଗ ହୋଇଥିଲେ ମଧ୍ୟ କୋଣାର୍କ ପୋଲିସ ନୀରବଦ୍ରଷ୍ଟା ସାଜିବା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି।

ଖବରରୁ ପ୍ରକାଶ, ଉକ୍ତ ସ୍କୁଲ ପାର୍ଶ୍ୱରେ ୧୦ରୁ ଉର୍ଦ୍ଧ୍ୱ ପରିବାର ଦୀର୍ଘଦିନ ଧରି ବସବାସ କରୁଛନ୍ତି। ଏହି ଅଞ୍ଚଳରେ ଗତ ୬ ମାସ ତଳେ କୋଣାର୍କ ଏନ୍‌ଏସି ପ୍ରଶାସନ ପକ୍ଷରୁ ୧୫ ଲକ୍ଷ ଟଙ୍କା ବ୍ୟୟରେ ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ ଠିକାଦାର ଚୟନ ପୂର୍ବକ ଫେବର ବ୍ଲକ ରାସ୍ତା ନିର୍ମାଣ କରାଯାଇଥିଲା। ଫଳରେ ସମ୍ପୃକ୍ତ ସ୍ଥାନରେ ବସବାସ କରୁଥିବା ଲୋକଙ୍କ ପାଇଁ ଗମନାଗମନ ବ୍ୟବସ୍ଥା ସୁଗମ ହୋଇଥିଲା। ମାତ୍ର ଗତ ୩ ତାରିଖରେ ଏହି ରାସ୍ତାର ୨୦୦ ମିଟର ପର୍ଯ୍ୟନ୍ତ ଦୁର୍ବୃତ୍ତମାନେ ଜେସିବି ଲଗାଇ ତାଡ଼ି ନଷ୍ଟ କରିଥିବା ଲୋକଙ୍କ ପକ୍ଷରୁ ଏନ୍‌ଏସିର ନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଧଳଙ୍କୁ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ଧଳ ଗତ ୭ ତାରିଖରେ କୋଣାର୍କ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ୯ ଦିନ ବିତିଯାଇଥିଲେ ମଧ୍ୟ କୋଣାର୍କ ପୋଲିସ ପକ୍ଷରୁ କୌଣସି ଠୋସ ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ଜନସାଧାରଣ ଗମନାଗମନରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଘଟଣାରେ କୋଣାର୍କ ଏନ୍‌ଏସି କର୍ତ୍ତୃପକ୍ଷ କେବଳ ଥାନାରେ ଲିଖିତ ଅଭିଯୋଗ କରି ଚୁପ ବସିଥିବାବେଳେ କୋଣାର୍କ ପୋଲିସ ମଧ୍ୟ ତଦନ୍ତ ଆଳ ଦେଖାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ବିସ୍ମୟ ସୃଷ୍ଟି କରିଛି। ଏହି ଘଟଣାରେ କେଉଁମାନେ ସମ୍ପୃକ୍ତ ତାହା ପ୍ରଶାସନିକ ତଦନ୍ତ ହେଲେ ଜଣାପଡ଼ିବ ବୋଲି ସାଧାରଣରେ ଚର୍ଚ୍ଚା ଜୋର ହେଉଛି। ପୋଲିସ ନିକଟ ଜବାହର ନବୋଦୟ ବିଦ୍ୟାଳୟ ଓ ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ସ୍କୁଲର ସିସିଟିଭି ଫୁଟେଜକୁ ଯାଞ୍ଚ କଲେ ଏହି କାଣ୍ଡର ଦୁର୍ବୃତ୍ତଙ୍କୁ ଧରାଯାଇପାରିବ ବୋଲି ସେଠାକାର ବାସିନ୍ଦା ଦାବି କରିଛନ୍ତି। ଏହି ଘଟଣାକୁ ନେଇ ଅଞ୍ଚଳର କେତେଜଣ ବୁଦ୍ଧିଜୀବୀ ପୁରୀ ଜିଲାପାଳ, ଅତିରିକ୍ତ ଜିଲାପାଳ ଓ ପୁରୀ ଜିଲା ଡୁଡାର ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଅବଗତ କରାଇବା ସହ ଏହାର ଉଚ୍ଚସ୍ତରୀୟ ପ୍ରଶାସନିକ ତଦନ୍ତ ଦାବି କରିଛନ୍ତି। କୋଣାର୍କ ପୋଲିସର ଏଭଳି ନୀରବଦ୍ରଷ୍ଟା ନୀତିକୁ ସାଧାରଣରେ ନାପସନ୍ଦ କରାଯିବା ସହ ପୁରୀ ଜିଲା ଆରକ୍ଷୀ ଅଧୀକ୍ଷକ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ କୋଣାର୍କ ଅଞ୍ଚଳର ସାମାଜିକ କର୍ମୀ, ସଚେତନ ନାଗରିକ, ବୁଦ୍ଧିଜୀବୀ, ଶିକ୍ଷାବିତ୍, ବସ୍ତିବାସିନ୍ଦାଙ୍କ ପକ୍ଷରୁ ଦାବି ହୋଇଛି।


ରାସ୍ତାରୁ ଫେବରବ୍ଲକ ତଡା ଯିବା ସହ ଗୋଡି ଗଦା ହୋଇଛି । ।

# ସୁଭଦ୍ରା ଚଳିତବର୍ଷର ରଜକୁମାରୀ ବିବେଚିତ

ନିମାପଡ଼ା,୧୬।୬
(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ନିମାପଡ଼ା ବ୍ଲକ ଅଧୀନ ଭିଲ୍ଲିଗ୍ରାମ ପଞ୍ଚାୟତର ୩ ଦିନ ବ୍ୟାପୀ ଆୟୋଜିତ ୭ମ ରଜ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ବିଷ୍ଣୁପୁର ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟିକା ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସମ୍ମାନିତ ଅତିଥି ଭାବେ ଭାଜପା ନେତା ସମୀର ଦାଶ, ବିଶିଷ୍ଟ କବି, ସାହିତ୍ୟିକା ସଙ୍ଗୀତା ଦାଶ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ସୁଧୀର ରଞ୍ଜନ ଦାଶ, ସରପଞ୍ଚ ଅରବିନ୍ଦ ମଲ୍ଲିକ, ମହୋତ୍ସବ କମିଟି ସଭାପତି ସୀମାନ୍ତ ଶେଖର ରଥ, ସମ୍ପାଦକ ରବୀନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ଏହି ମହୋତ୍ସବର ତାତ୍ପର୍ଯ୍ୟ, ଓଡ଼ିଶାର ସଂସ୍କୃତି, ଐତିହ୍ୟ, ପରମ୍ପରା, ଲୋକକଳାକୁ ଉଜ୍ଜୀବିତ କରି ରଖିବା ଦିଗରେ ଗୁରୁତ୍ୱାରୋପ କରିଥିଲେ। ମହୋତ୍ସବର ମୁଖ୍ୟ ଆକର୍ଷଣ ଚଳିତ ୨୦୨୪ରେ ବିଷ୍ଣୁପୁର ଗ୍ରାମର ସୁଭଦ୍ରା ଭୋଇ ରଜକୁମାରୀ ବିବେଚିତ ହୋଇ ବିଜୟୀ ମୁକୁଟ ପିନ୍ଧି ସ୍ୱତନ୍ତ୍ର ଭାବେ ପୁରସ୍କୃତ ହୋଇଥିଲେ। ପବିତ୍ର ରଜ ଅବସରରେ ଶଙ୍ଖବାଦନ, ହୁଳହୁଳି, ପୁଚିଖେଳ, ଏକକ କଣ୍ଠ ସଙ୍ଗୀତ ସମେତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମହୋତ୍ସବ କମିଟି ପକ୍ଷରୁ ଅତିଥିମାନଙ୍କୁ ମାନପତ୍ର, ଟ୍ରଫି ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା। କମିଟିର ବାଳକୃଷ୍ଣ ଓଝା, ପୂର୍ଣ୍ଣଚନ୍ଦ୍ର ନାୟକ, ରତ୍ନାକର ମହାପାତ୍ର, ପ୍ରବୋଧ ପ୍ରଧାନ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ। ମଞ୍ଚାସୀନ ଅତିଥିଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।


ରଜ ରାଜକୁମାରୀଙ୍କୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ପୁରସ୍କାର ବିତରଣ କରୁଛନ୍ତି ।

## ପୋତି ହୋଇଗଲାଣି ଜଳ ନିଷ୍କାସନ ନାଳ

### ଧାନଜମି ନଳବଣରେ ପରିଣତ

କଣାସ,୧୬।୬(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଅଧୀନ ଚିଲିକା ଉପକୂଳରେ ଅବସ୍ଥାପିତ ପାଇକମାରା, ଗୋପୀନାଥପୁର, କଳାପଦର, ବଡ଼ଓରା, ସାନଓରା, ସାହାସପୁର ମୌଜାର ଧାନଜମିର ଜଳ ନିଷ୍କାସନ ପାଇଁ ଥିବା ନାଳଗୁଡ଼ିକରେ କଳିକତି ଦଳ ଭର୍ତ୍ତି ହୋଇଯାଇଛି। ଫଳରେ ବର୍ଷାଜଳ ଓ ବନ୍ୟାଜଳ ନିଷ୍କାସନ ନ ହୋଇ ଧାନଜମିରେ ମାସ ମାସ ଧରି ଜମି ରହିବାରୁ ପ୍ରତିବର୍ଷ ଚାଷୀ ଶାରଦ ଧାନ ଫସଲ ହରାଉଛନ୍ତି। ଉକ୍ତ ଜମିକୁ ଜଳସେଚନର ବ୍ୟବସ୍ଥା ନ ଥିବାରୁ ରବିଫସଲ ମଧ୍ୟ ହୋଇପାରୁ ନାହିଁ। ଫଳରେ ଶହଶହ ଏକର ଧାନଜମି ନଳବଣରେ ପରିଣତ ହୋଇଗଲାଣି। ତୁରନ୍ତ ପୋତି ହୋଇଥିବା ନାଳଗୁଡ଼ିକ ସଫା କରି ଜଳସେଚନର ବ୍ୟବସ୍ଥା କରିବାକୁ ଗ୍ରାମର ଚାଷୀ ଦାବି କରିଛନ୍ତି।

# ମାଟି ମା'ର ସ୍ୱାଭିମାନକୁ ଭୁଲିଯାଅନି

କୋଣାର୍କ,୧୬।୬(ଜ୍ୟୋତିରାଜ ମହାନ୍ତି)

ମାଟ୍ରିକରେ ସଫଳତାର ସହିତ ଉତ୍ତୀର୍ଣ୍ଣ ହେବାପରେ ଉଚ୍ଚ ଶିକ୍ଷା ଲାଭକରି ସ୍ୱାବଲମ୍ବୀ ହୁଅ। ଦେଶବିଦେଶରେ ନାମ କମାଅ। କିନ୍ତୁ ଜନ୍ମମାଟି ଓଡ଼ିଶାର ଭାଷା, ସାହିତ୍ୟ, ସଂସ୍କୃତି ତଥା ସ୍ୱାଭିମାନକୁ ଭୁଲିଯାଅନି ବୋଲି ଛାତ୍ରୀଛାତ୍ରଙ୍କୁ ବକ୍ତାମାନେ ପରାମର୍ଶ ଦେଇଛନ୍ତି। ରବିବାର ସ୍ଥାନୀୟ ଯାତ୍ରୀନିବାସଠାରେ କୋଣାର୍କ ସାହିତ୍ୟ ସଂସଦ ପକ୍ଷରୁ ମାଟ୍ରିକ ମେଧା ସମ୍ମାନ- ୨୦୨୪ ଅନୁଷ୍ଠିତ ହୋଇଯାଇଛି। ଗତ ମାଟ୍ରିକ ଓ ସିଏସ୍‌ଇ ଦଶମ ପରୀକ୍ଷାରେ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ୨୬ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ କୋଣାର୍କ ସାହିତ୍ୟ ସଂସଦ ପକ୍ଷରୁ ପ୍ରଶଂସାପତ୍ର, ଗୋଲ୍ଡ ମେଡାଲ ଓ ପାଠ୍ୟୋପକରଣ ପ୍ରଦାନ ପୂର୍ବକ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସାହିତ୍ୟ ସଂସଦ ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଶରତଚନ୍ଦ୍ର ପ୍ରଧାନ, ଜମ୍ବେଶ୍ୱର ସ୍ୱାଇଁ, ମନୋରଞ୍ଜନ ପଟ୍ଟନାୟକ, ସ୍ୱର୍ଣ୍ଣଲତା ତ୍ରିପାଠୀ, ସୁଧୀର ଚନ୍ଦ୍ର ଭୂୟାଁ, ବାନରସେନା ସମ୍ପାଦକ ପ୍ରକାଶ ଚନ୍ଦ୍ର ଖଟୋଇ, ରେଡିଓ ନମସ୍କାର ଅଧ୍ୟକ୍ଷ ଏନ୍.ଏ. ଶାହଃ ଅନସାରୀ, କୋଣାର୍କ ବାର୍ ଆସୋସିଏଶନ୍ ସଭାପତି ଶ୍ରୀଜୟ ବରାଳ ଓ ସାମାଜିକ କର୍ମୀ ନିରଞ୍ଜନ ସାହୁ ଅତିଥି ରୂପେ ଯୋଗଦେଇ ମେଧାବୀ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ ସମ୍ବର୍ଦ୍ଧିତ କରିଥିଲେ। ଏହି ଅସରରେ ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସାହିତ୍ୟ ସଂସଦ ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷକ ରାମକୃଷ୍ଣ ମହାନ୍ତି ମଞ୍ଚ ସଂଯୋଜନା କରିଥିବାବେଳେ ସାମାଜିକ କର୍ମୀ ରବୀନ୍ଦ୍ର ପ୍ରଧାନ ଧନ୍ୟବାଦ ଦେଇଥିଲେ। ଉତ୍ସବ ପ୍ରାରମ୍ଭରେ ସାମୁହିକ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ସାମାଜିକ କର୍ମୀ ନିରଞ୍ଜନ ତ୍ରିପାଠୀ, ପ୍ରଦୀପ ପ୍ରଧାନ, ଜାନକୀ ପରିଡ଼ା, ଶିକ୍ଷକ ବାନାମ୍ବର ବେହେରା ଓ ଗଙ୍ଗାଧର ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ମାଟ୍ରିକ ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିବା ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଉଛି ।

# ଗଙ୍ଗା ଦଶହରାରେ ଦୟାନଦୀରେ ଗଙ୍ଗା ଆଳତି

ପିପିଲି,୧୬।୬(ପ୍ରଭାତ ମହାପାତ୍ର)

ଜ୍ୟେଷ୍ଠ ଶୁକ୍ଳ ଦଶମୀ ପବିତ୍ର ଗଙ୍ଗା ଦଶହରା ଉତ୍ତରା ଧଉଳି ନିକଟସ୍ଥ ପବିତ୍ର ଦୟାନଦୀ କୂଳରେ ରବିବାର ପାଳିତ ହୋଇଯାଇଛି। ଗଙ୍ଗାଦେବୀଙ୍କ ପ୍ରତୀକାତ୍ମକ ଦୟାନଦୀକୁ ଆବାହନ କରି ପୂଜା ଉତ୍ସବ ଆରମ୍ଭ ହୋଇଥିଲା। ପୁଣ୍ୟତୋୟା ଦୟାନଦୀ ମାତୃକାଙ୍କ ମହାଦୀପରେ ସନ୍ଧ୍ୟା ଆଳତି କରାଯାଇଥିଲା। ଉପସ୍ଥିତ ଭକ୍ତ ପୁଷ୍ପାଞ୍ଜଳି ଦେବା ପରେ ଏକ ଆଧ୍ୟାତ୍ମିକ ସଭା ବସିଥିଲା। ସହକାର ଭାରତୀ ଓଡ଼ିଶା ଯୋଜନାରେ ଏହି ନିଆରା କାର୍ଯ୍ୟକ୍ରମରେ ସହକାର ଭାରତୀପ୍ରାନ୍ତ ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ, ସଙ୍ଗଠନ ସମ୍ପାଦକ କେତନ ସାହୁ, ସହକାର ଭାରତୀ ମହିଳା ପ୍ରମୁଖ କଳ୍ପନା ଦାଶ, ଜାଗୃତି ସଙ୍ଗଠନ ସଭାପତି ପ୍ରଭାତ ମହାପାତ୍ର, ଅଧ୍ୟାପକ ଶଙ୍କର ପ୍ରସାଦ ତ୍ରିପାଠୀ, ବିଶ୍ୱହିନ୍ଦୁ ପରିଷଦ ସହସମ୍ପାଦକ ମୁନୁ ଅଗ୍ରୱାଲ, ମାରାୱାଡ଼ି, ସଂଯୁକ୍ତା ମହାପାତ୍ର, ମହିଳା ବବିତା ଅଗ୍ରୱାଲଙ୍କ ସମେତ ସହକାର ଭାରତୀର ଅନେକ ସଭ୍ୟ ଉପସ୍ଥିତ ଥିଲେ। ପଣ୍ଡିତ ଦିବାକର ଦାଶ ଗଙ୍ଗା ଆଳତି ପୂଜାର୍ଚ୍ଚନା କରିଥିଲେ। ସହକାର ଭାରତୀ ପ୍ରମୁଖ କଳ୍ପନା ଦାଶ ସ୍ୱେଚ୍ଛାସେବୀ ପ୍ରୀତମ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଦୟାନଦୀରେ ମହିଳାମାନେ ଗଙ୍ଗା ଆଳତି କରୁଛନ୍ତି ।

# ରଜରେ କଣ୍ଢେଇ ବାହାଘର

## ନିଆରା ଢଙ୍ଗରେ ରଜ ପାଳନ

ଅସ୍ତରଙ୍ଗ,୧୬।୬(ପ୍ରଦୀପ୍ତ ଦୀକ୍ଷିତ)

ବିବାହ ଏପରି ଏକ ବନ୍ଧନ, ଯେଉଁଠି ଦୁଇଟି ମନର ମିଳନ ସହିତ ୨ ପରିବାର ମଧ୍ୟରେ ନୂଆ ସମ୍ପର୍କ ସ୍ଥାପନ ହୋଇଥାଏ। ନିର୍ବନ୍ଧଠାରୁ ଆରମ୍ଭ କରି କନ୍ୟା ଶାଶୁଘର ଯିବା ପର୍ଯ୍ୟନ୍ତ ଲାଗିଥାଏ ଉତ୍ସବ। ମେହେନ୍ଦି ହଳଦୀକୁ ବାଦ୍ ଦେଲେ ବିବାହ ସହିତ ଅନେକ ପରମ୍ପରା ଜଡ଼ିତ। ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ସରିପୁର ପଞ୍ଚାୟତ କୁଣ୍ଢେଶ୍ୱର ଗ୍ରାମରେ ଦୀର୍ଘ ୫୧ରୁ ଉର୍ଦ୍ଧ୍ୱ ବର୍ଷ ହେବ ରଜକୁ କୁମାରୀ ଝିଅମାନେ ନିଆରା ଉପାୟରେ କଣ୍ଢେଇ ବାହାଘର କରି ପାଳନ କରି ଆସୁଛନ୍ତି। ଏଥର ମଧ୍ୟ କୁମାରୀମାନେ ପାରମ୍ପରିକ ଶୈଳୀରେ କଣ୍ଢେଇ ବାହାଘର କରି ରଜକୁ ଧୁମଧାମରେ ପାଳନ କରିଛନ୍ତି। ସମାଜରେ ଯୌତୁକ ପ୍ରଥାକୁ ବିରୋଧ କରି ଏହି ଗାଁରେ ଜଣେ ମହିଳା କଣ୍ଢେଇ ବାହାଘରର ପରମ୍ପରା ଆରମ୍ଭ କରିଥିଲେ। ସେହିଦିନଠାରୁ ଉତ୍ସବ ପାଳନ ହୋଇ ଆସୁଛି। ବିବାହ ଉତ୍ସବରେ ବାଣ, ରୋଶଣି ସହ ଡିଜେ ସାଙ୍ଗକୁ ବେଦିରେ ପାରମ୍ପରିକ ମନ୍ତ୍ର ପାଠ କରି କଣ୍ଢେଇ ବାହାଘର କରାଯାଇଥିଲା। ଶେଷରେ ବରଯାତ୍ରୀ କନ୍ୟାଯାତ୍ରୀ ଭୋଜି ଆୟୋଜନ ହୋଇଥିଲା। ଉତ୍ସବରେ କୁଣ୍ଢେଶ୍ୱର ଗାଁର ପିଲାଙ୍କଠାରୁ ଆରମ୍ଭ କରି ସବୁବର୍ଗର ଲୋକେ ସାମିଲ ହୋଇଥିଲେ।


ରଜପର୍ବରେ କଣ୍ଢେଇ ବାହାଘର କରାଯାଉଛି ।

# ମାଟିରେ ମିଶୁଛି ପିଇବା ପାଣି, ଲୋକେ ପାଉନାହାନ୍ତି

ଯୋଗେଶ୍ୱରପୁର,୧୬।୬(ରଶ୍ମିରଞ୍ଜନ ସାହୁ)

ନୟାହାଟ ଫାଣ୍ଡି ଅଞ୍ଚଳର ଜଙ୍ଗଲବରୀ ପଞ୍ଚାୟତର ପାଣିଛତ୍ର, ପାତ୍ର ସାହି, ମଧୁବନ, କୁମାରଡିଅ, ଭୁରୁଭୁରା ପ୍ରମୁଖ ଗ୍ରାମରେ ପାଇପ୍ ଦ୍ୱାରା ଯୋଗାଣ କରାଯାଉଥିବା ପାନୀୟ ଜଳ ଏକ ପ୍ରକାର ଅଚଳ ହୋଇପଡ଼ିଛି। ୨୦ରୁ ୩୦ଟି ପ୍ରକଳ୍ପରେ ଷ୍ଟାଣ୍ଡପୋଷ୍ଟ ନ ଥିବାରୁ ଖରାଦିନେ ପିଇବା ପାଣି ମାଟିରେ ମିଶୁଥିବାବେଳେ ଲୋକେ ପିଇବାକୁ ଟୋପାଏ ପାଣି ପାଉନାହାନ୍ତି। ଚାଷୀ ବୋରିଂ କରି ଚାଷଜମିରେ ପାଣି ମଡାଉଥିବାବେଳେ ଖରାଦିନରେ ଜଳର ସଙ୍କଟ ଦେଖାଦେଉଛି। ଜଳସ୍ତର ହ୍ରାସ ପାଉଥିବାରୁ ଗ୍ରାମାଞ୍ଚଳରେ ଘରୋଇ ନଳକୂପରୁ ପାଣି ବାହାରୁ ନାହିଁ। ଏପଟେ ସରକାରୀ ପାଣି ନଷ୍ଟ ହେଉଥିବାବେଳେ ଯଦି ଟ୍ୟାପ ଲଗାଯାଆନ୍ତା ନଷ୍ଟ ହେଉଥିବା ପାଣିର ଉଚିତ୍ ବ୍ୟବହାର କରାଯାଇ ପାରନ୍ତା। ଏ ଦିଗରେ ପାନୀୟଜଳ ପରିମଳ ବିଭାଗ ଦୃଷ୍ଟି ଦେବାକୁ ଦାବି ହେଉଛି।



# ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଶୁଭେଚ୍ଛା ଜଣାଇଲେ, ସ୍ମାରକ ପତ୍ର ଦେଲେ

ପିପିଲି,୧୬।୬(ଦୁର୍ଗାମାଧବ ମିଶ୍ର)

କଳିଙ୍ଗ ପେସାଦାର ସାମ୍ବାଦିକ ସଂଘ କର୍ମକର୍ତ୍ତାମାନେ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ସ୍ୱାଗତ ସମ୍ବର୍ଦ୍ଧନା ଦେବା ସହ ମାନପତ୍ର ପ୍ରଦାନ କରି ଶୁଭେଚ୍ଛା ଜଣାଇଛନ୍ତି। ଏଥିସହ ରାଜ୍ୟରେ କାର୍ଯ୍ୟରତ ଖବରଦାତାଙ୍କ ନିମନ୍ତେ ଏକ ସ୍ୱଚ୍ଛ, ପ୍ରଭାବୀ, କ୍ରିୟାଶୀଳ, ଗୁଣାତ୍ମକ ମିଡିଆ ପଲିସି କାର୍ଯ୍ୟକାରୀ କରାଯିବାକୁ ଉକ୍ତ ସଂଘ କର୍ମକର୍ତ୍ତା ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି। ଏହି ସାକ୍ଷାତକାର ଅବସରରେ ସଂଘ ପକ୍ଷରୁ ପ୍ରଦତ୍ତ ସ୍ମାରକପତ୍ରରେ ଅନ୍ୟ ରାଜ୍ୟ ଭଳି ଅବସରକାଳୀନ ପେନସନ ଯୋଜନାରେ ଖବରଦାତାଙ୍କୁ ରାଜ୍ୟ ସରକାର ଅନ୍ୟୂନ ୧୦ ହଜାର ଟଙ୍କା ମାସିକ ପେନସନ ପ୍ରଦାନ କରାଯିବା, ରାଜ୍ୟରେ କେତେଜଣ ଖବରଦାତା ବିଭିନ୍ନ ଗଣମାଧ୍ୟମରେ କାମ କରୁଛନ୍ତି ତାହାର ଏକ ଠିକ୍ ତାଲିକା ପ୍ରସ୍ତୁତ, ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ସ୍ୱାସ୍ଥ୍ୟବୀମା ରାଶିକୁ ୧୦ଲକ୍ଷ ଟଙ୍କାକୁ ବୃଦ୍ଧି କରାଯିବା, ରାଜ୍ୟରେ କାର୍ଯ୍ୟରତ ପେସାଦାର ଖବରଦାତାଙ୍କ ନିମନ୍ତେ ବୃତ୍ତିଗତ ନିରାପତ୍ତା ଓ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ ପ୍ରଣୟନ କରାଯିବା ଆଦି ଉଲ୍ଲେଖ ରହିଛି। ମୁଖ୍ୟମନ୍ତ୍ରୀ ଏହି ସ୍ମାରକପତ୍ର ଗ୍ରହଣ କରି ସହୃଦୟତାର ସହ ଆଲୋଚନା ମାଧ୍ୟମରେ ରାଜ୍ୟରେ କାର୍ଯ୍ୟରତ ଖବରଦାତାଙ୍କ ସମସ୍ୟାର ସମାଧାନ କ୍ଷେତ୍ରରେ ସରକାର ଖୁବ୍‌ଶୀଘ୍ର ବିଚାର କରିବେ ବୋଲି ମୁଖ୍ୟମନ୍ତ୍ରୀ ମାଝୀ ପ୍ରତିଶ୍ରୁତି ଦେଇଥିବା ସଂଘ ସାଧାରଣ ସମ୍ପାଦକ ରାଜକିଶୋର ସ୍ୱାଇଁ ପ୍ରକାଶ କରିଛନ୍ତି।

# ବଣରେ ରହୁଛି ୧୦୮ ଆମ୍ବୁଲାନ୍ସ, କ୍ଲବ ଘରେ ଷ୍ଟାଫ୍

ଗୋପ,୧୬।୬(ଭାରତୀ ଭୂଷଣ ଉପାଧ୍ୟାୟ)

ସରକାର ସ୍ୱାସ୍ଥ୍ୟସେବାକୁ ନେଇ ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ବ୍ୟୟ କରୁଥିବାବେଳେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ନାଗପୁର ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟସେବାର ଏକ ବିକଳ୍ପ ଚିତ୍ର ଦେଖିବାକୁ ମିଳିଛି। ଏହି ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ସମସ୍ତ ସୁବିଧା ଥିଲେ ମଧ୍ୟ କେନ୍ଦ୍ର ଲାଗି ଉପଲବ୍ଧ ୧୦୮ ଆମ୍ବୁଲାନ୍ସଟି ବଣରେ ରହୁଥିବାବେଳେ ଆମ୍ବୁଲାନ୍ସ କର୍ମଚାରୀମାନେ ଗୋଟିଏ କ୍ଲବ ଘରେ ରହୁଛନ୍ତି। ଏହି ପ୍ରସଙ୍ଗରେ ଆମ୍ବୁଲାନ୍ସ କର୍ମଚାରୀ ବାରମ୍ବାର ସ୍ୱାସ୍ଥ୍ୟକେନ୍ଦ୍ର ଉଚ୍ଚ ପଦସ୍ଥ ଅଧିକାରୀ ଓ ସ୍ଥାନୀୟ ବିଧାୟକଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ।

ପ୍ରକାଶ ଯେ, ଯେଉଁଠି ଆମ୍ବୁଲାନ୍ସ ସହିତ କର୍ମଚାରୀଙ୍କୁ ଠିକ୍ ଭାବରେ ରଖାଯାଇ ପାରୁନାହିଁ, ସେ ସ୍ଥାନରେ କିପରି ସାଧାରଣ ଲୋକଙ୍କୁ ସେବା ଯୋଗାଇ ଦିଆଯାଉଥିବ ତାହା ସମସ୍ତଙ୍କୁ ବିସ୍ମିତ କରୁଥିବ ନିଶ୍ଚିତ। କିଛିଦିନ ଧରି ନାଗପୁର ଜଳସମ୍ପଦ ବିଭାଗ କାର୍ଯ୍ୟାଳୟ ପରିସରରେ ଆମ୍ବୁଲାନ୍ସ ରହିବା ସମୟରେ କର୍ମଚାରୀ ଏକ ଘରେ ରହୁଥିଲେ। ହେଲେ କୌଣସି କାରଣରୁ ଏଠାରେ ଆଉ ଆମ୍ବୁଲାନ୍ସ ରହୁ ନ ଥିବାରୁ ଏପରି ଅବସ୍ଥା ୨ ବର୍ଷ ହେବ ଦେଖିବାକୁ ମିଳିଛି। ଆମ୍ବୁଲାନ୍ସ ଓ ଏହାର କର୍ମଚାରୀ ବାର ଦୁଆର ଶୁଣ୍ଠିପିଣ୍ଡା ହେବାରୁ ସ୍ଥାନୀୟ କ୍ଲବ ସଦସ୍ୟମାନେ କ୍ଲବ ଘର ଦେଇଥିବାବେଳେ ଆମ୍ବୁଲାନ୍ସଟି ଖରା ବର୍ଷା ଶୀତ କାକରରେ ବଣ ଭିତରେ ରହୁଥିବା ଜଣାପଡ଼ିଛି। ଏପରି ଅଭିଯୋଗ ସମ୍ପର୍କରେ ୧୦୮ ଆମ୍ବୁଲାନ୍ସ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ଉତ୍ତର ମିଳି ନ ଥିଲା। ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରିଣୀ ଡା. ଜସ୍ମିନ ଆଫ୍ରୋଜଙ୍କୁ ପଚାରିବାରେ, ମୋ ନିକଟରେ ସେପରି ଖବର ନାହିଁ। ତଥାପି ଦୃଷ୍ଟି ଦେବେ ବୋଲି କହିଛନ୍ତି।




## ସଂକ୍ଷେପରେ

### ଦୟା ନଦୀବନ୍ଧ ଅବସ୍ଥା ଶୋଚନୀୟ

କଣାସ,୧୬।୬(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକର କଣାସଠାରୁ ନୂଆଗାଁ ନାଥ ସଡ଼କ ଉକ୍ତିଆ ପର୍ଯ୍ୟନ୍ତ ୬ କି.ମି. ଦୟାନଦୀ ବାମପାର୍ଶ୍ୱ ନଦୀବନ୍ଧ ମୁଖ୍ୟରାସ୍ତା ଠାଆକୁଠାଆ ଗଡ଼ ଗଡ଼ ଫାଟି ଯାଇଛି। ଫଳରେ ଦୈନନ୍ଦିନ ବାରମ୍ବାର ଦୁର୍ଘଟଣା ଘଟୁଛି। ମୌସୁମୀର ଆଗମନ ହେତୁ ନଦୀରେ ବନ୍ୟାଜଳ ପ୍ରବେଶ କଲେ ଉକ୍ତ ଗାଁମାନଗୁଡ଼ିକ କମ୍ ଜୋରିଥିବାରୁ ବିପଦର ସମ୍ଭାବନା ରହିଛି। ବନ୍ଧ ରାସ୍ତା ମଝିରୁ ଦୁଇ ଗଡ଼ ହୋଇ ଫାଟି ଯାଉଥିବାରୁ ବିଶେଷକରି ବାଇକ୍ ଆରୋହୀଙ୍କ ଚକ ଫାଟ ମଧ୍ୟରେ ପଶିଯାଉଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଛି। ବନ୍ଧ ମରାମତି ସମ୍ପର୍କରେ ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀଙ୍କୁ ପଚାରିବାରେ, ସେ ତୁରନ୍ତ ଏସ୍‌ଡିଓଙ୍କୁ ଜଣାଇ ସ୍ଥାନ ଦେଖାଇ ମରାମତି କରିବାର ବ୍ୟବସ୍ଥା କରୁଛନ୍ତି ବୋଲି କହିଥିଲେ।

### ମୋବାଇଲ ଚୋରି କରି ଯୁବକ ଗିରଫ

ବଲଙ୍ଗା,୧୬।୬(କେଦାରେଶ୍ୱର ନନ୍ଦ)

ବଲଙ୍ଗା ଥାନା ବାୟାର ଛକରେ ଜଣେ ଯୁବକଙ୍କଠାରୁ ମୋବାଇଲ ଛଡ଼ାଇନେବା ମାମଲାରେ ପୋଲିସ ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ନିମାପଡ଼ା ଥାନା ଅଧୀନ ରେଞ୍ଚ ଗ୍ରାମର ବୋଲି ଜଣାପଡ଼ିଛି। ପୋଲିସ ତାଙ୍କଠାରୁ ବୁଲେଟ୍ ଜବତ କରିଛି। ସୂଚନା ମୁତାବକ, ଗତ ୧୧ ତାରିଖ ରାତିରେ ବଲଙ୍ଗା ଥାନା ଅଧୀନ କାଳିଆପଦା ଗ୍ରାମର ସୁମିତ ସାହୁଙ୍କ ପୁଅ ବଲଙ୍ଗା ବଜାରରୁ ଘରକୁ ଫେରୁଥିଲେ। ବାୟାର ଛକରେ ବୁଲେଟ୍‌ରେ ଆସୁଥିବା ଜଣେ ଯୁବକ ତାଙ୍କଠାରୁ ମୋବାଇଲ ଛଡ଼ାଇ ନେଇ ପଳାଇଥିଲେ। ଏନେଇ ସୁମିତଙ୍କ ଅଭିଯୋଗକ୍ରମେ ପୋଲିସ ଥାନାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କାବୁ କରିବାରେ ସଫଳ ହୋଇଛି।

### ସାରଙ୍ଗଯୋଡ଼ିରେ ଲୋକକଳା ଦିବସ

ସାକ୍ଷୀଗୋପାଳ,୧୬।୬(ଭରତ ରାଉତ)

ଓଡ଼ିଶାର ପ୍ରମୁଖ ଗଣପର୍ବ ରଜର ଆଦ୍ୟ ଦିବସରେ ସାରଙ୍ଗଯୋଡ଼ି ଗୋପବନ୍ଧୁ ମଣ୍ଡପଠାରେ ରଜ ମହୋତ୍ସବ ଓ ଲୋକକଳା ଦିବସ- ୨୦୨୪ ଆୟୋଜିତ ହୋଇଯାଇଛି। ମା' କ୍ଷେତ୍ରପାଳୀ ମୃଦଙ୍ଗ ବାଦ୍ୟନୃତ୍ୟ ପରିଷଦ ଓ କୈଳାସ ଗୋପିପୁର ଓଡ଼ିଶୀ ନୃତ୍ୟ ପରିଷଦ ଦ୍ୱାରା ଅନୁଷ୍ଠିତ ଏହି ଉତ୍ସବରେ ମଧୁବନ ଶାନ୍ତି ଆନନ୍ଦ ଆଶ୍ରମ ପୀଠାଧୀଶ ବାବାଜୀ କୃଷ୍ଣଚନ୍ଦ୍ର ଦୀକ୍ଷିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଧୂପଦୀପ ଅର୍ପଣ କରିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ହେମେନ୍ଦ୍ରନାଥ ପଟ୍ଟନାୟକ ଓଡ଼ିଆ ଜନଜୀବନରେ ରଜପର୍ବର ମହତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବରିଷ୍ଠ ସଂଗୀତଜ୍ଞ ଗାୟକ ପୂର୍ଣ୍ଣଚନ୍ଦ୍ର ବାରିକ, ଗାୟକ ବାଣୀନନ୍ଦନ ସଦାଶିବ ବରାଳ (ପୂର୍ବ ସାର୍)ଙ୍କ ସମେତ ବିଭିନ୍ନ ସ୍ଥାନୀୟ ଲୋକକଳା ଦଳ ମନୋମୁଗ୍ଧକର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ଉପସ୍ଥିତ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ସତ୍ୟବାଦୀ ବ୍ଲକ କଳାସଂସ୍କୃତି ସଂଘ ଉପସଭାପତି ତଥା କ୍ଷେତ୍ରପାଳୀ ମୃଦଙ୍ଗ ବାଦ୍ୟନୃତ୍ୟ ପରିଷଦ ସଭାପତି ରମେଶ ଚନ୍ଦ୍ର ପଲେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଏକତାର ବାର୍ତ୍ତା ବାଣ୍ଟେ ରଜ ଉତ୍ସବ

ଗୋପ,୧୬।୬(ଭାରତୀ ଭୂଷଣ ଉପାଧ୍ୟାୟ)

ଓଡ଼ିଆ ଘରର ପରମ୍ପରା ଭାଇଚାରା ସଂସ୍କୃତି ରଜ ଉତ୍ସବର ମହକ ଏବେ ବି ହଜି ଯାଉଥିବାବେଳେ ଏହାକୁ ବଞ୍ଚାଇ ରଖିବା, ଆମମାନଙ୍କ ମଧ୍ୟରେ ଏକତାର ବାର୍ତ୍ତା ବହନ କରୁଥିବା ଏହି କୃଷିଭିତ୍ତିକ ପର୍ବପର୍ବାଣି ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ। ଆଖଣ୍ଡଳେଶ୍ୱର ମହିଳା ଶକ୍ତି ସଂଗଠନ ସଭାପତି ଜ୍ୟୋତ୍ସ୍ନାରାଣୀ ସେନାପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଶୈଳବାଳା ପରମାଣିକ, ମମତା ସିଂ, ରାନାରାଣୀ ଦାଶ, ସୁଲୋଚନା ସିଂ, ପୂର୍ଣ୍ଣିମା ଦେଈ, ମନୋରମା ସିଂ, ମାନସୀ ରାୟ ପ୍ରମୁଖ ଯୋଗଦେଇ ଓଡ଼ିଆ ଘରର ରଜ ଉତ୍ସବ କାହିଁକି ଓ କ'ଣ ପାଇଁ ବୋଲି ମତବ୍ୟକ୍ତ କରିଥିଲେ। ତୁଳସୀ ମଞ୍ଚ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ରଜ ଦୋଳି, କାଦଣା, ହୁଳହୁଳି, ଶଙ୍ଖନାଦ, ରଜଦୋଳି ଗୀତ ସହିତ ଅନ୍ୟାନ୍ୟ କାର୍ଯ୍ୟକ୍ରମଗୁଡ଼ିକ ଉପରେ ପ୍ରତିଯୋଗିତା କରାଯାଇଥିଲା। ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀଙ୍କୁ ମଞ୍ଚ ପକ୍ଷରୁ ପୁରସ୍କୃତ କରାଯାଇଥିଲା। କ୍ରୀଡ଼ା ଶିକ୍ଷୟିତ୍ରୀ ସମ୍ମିତା ପୃଷ୍ଟି, ଘୋଷକ ସଂଗ୍ରାମ କେଶରୀ ଭୋଳଙ୍କୁ ସମ୍ମାନିତ କରାଯାଇଥିଲା।

# ରତ୍ନଭଣ୍ଡାର ସ୍ଥିତି ଶୋଚନୀୟ, ଅଳଙ୍କାର ନଷ୍ଟ ହେବା ଆଶଙ୍କା

## ଅଭିଯୋଗ ଆଣିଲେ ଶ୍ରୀଜଗନ୍ନାଥଙ୍କ ବାଡ଼ଗ୍ରାହୀ

ପୁରୀ, ୧୬।୬(ଅଜିତ୍ ମହାନ୍ତି)



ଭକ୍ତଙ୍କ ନିମନ୍ତେ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲା ହେବା ପରେ ମହାପ୍ରଭୁଙ୍କ ରତ୍ନଭଣ୍ଡାର ଖୋଲାଯିବାକୁ ନେଇ ସାଧାରଣରେ ଉତ୍କଣ୍ଠା ଦେଖିବାକୁ ମିଳିଛି। ନୂତନ ଭାଜପା ସରକାର ଶାସନ ଗାଦିକୁ ଆସିବା ପୂର୍ବରୁ ଭକ୍ତଙ୍କ ନିମନ୍ତେ ଚାରିଦ୍ୱାର ଖୋଲାଯିବା ସହ ରତ୍ନଭଣ୍ଡାର ଖୋଲାଯାଇ ରତ୍ନଅଳଙ୍କାର ଗଣତିମଣତି କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହି ପ୍ରତିଶ୍ରୁତି ପାଳନ କରିଛନ୍ତି ନୂତନ ସରକାର। ସମ୍ପ୍ରତି ସରକାର ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିଛନ୍ତି। ତେଣୁ ଆଗାମୀ ଦିନରେ ରତ୍ନଭଣ୍ଡାର ଖୋଲାଯିବା ନେଇ ଭକ୍ତଙ୍କ ମନରେ ଆଶା ଉଜ୍ଜୀବିତ ହୋଇଛି। ଅନ୍ୟପକ୍ଷରେ ରତ୍ନଭଣ୍ଡାର ସ୍ଥିତି ଶୋଚନୀୟ ହୋଇପଡ଼ିଛି ବୋଲି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାଡ଼ଗ୍ରାହୀ ଦଇତାପତି ସେବାୟତ ଜଗନ୍ନାଥ ସ୍ୱାଇଁ ମହାପାତ୍ର ଅଭିଯୋଗ ଆଣିଛନ୍ତି।

ସେବାୟତ ସ୍ୱାଇଁ ମହାପାତ୍ର ରବିବାର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ରାଜ୍ୟର ନୂଆ ସରକାର ତାଙ୍କ ପ୍ରତିଶ୍ରୁତି ରଖି ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିଲେ। ଏବେ ରତ୍ନଭଣ୍ଡାର ଖୋଲାଯିବା ନେଇ ଆଶା ରହିଛି। ତେବେ ରତ୍ନଭଣ୍ଡାର ସ୍ଥିତି ଅତି ଶୋଚନୀୟ ହୋଇପଡ଼ିଛି ବୋଲି ସେ ଅଭିଯୋଗ କରିଛନ୍ତି। ରତ୍ନଭଣ୍ଡାରରେ ବର୍ଷାପାଣି ପଡ଼ି ଅଳଙ୍କାର ନଷ୍ଟ ହେବାକୁ ବସିଲାଣି। ଯଦି ତୁରନ୍ତ ରତ୍ନଭଣ୍ଡାର ଖୋଲା ନ ଯାଏ, ତେବେ ଯାହାବି ଅଳଙ୍କାର ଅଛି ସବୁ ନଷ୍ଟ ହୋଇଯିବ। ତେଣୁ ରତ୍ନଭଣ୍ଡାର ଖୋଲି ରତ୍ନଅଳଙ୍କାର କଢାଯାଉ। ଏଥିସହ ନୂତନ ରତ୍ନଭଣ୍ଡାର ନିର୍ମାଣ କରାଯାଇ ଅଳଙ୍କାରଗୁଡ଼ିକୁ ସେଠାରେ ସୁରକ୍ଷିତ ଭାବେ ରଖାଯାଉ। ବିଶେଷକରି ବର୍ଷାଦିନେ ବର୍ଷାପାଣି ରତ୍ନଭଣ୍ଡାର ଭିତରେ ପଶୁଛି। ପାଣି ଜମି ରହୁଥିବାରୁ ଅଳଙ୍କାର ନଷ୍ଟ ହେଉଛି। ପୂର୍ବ ସରକାର ରତ୍ନଭଣ୍ଡାର ଖୋଲୁନଥିଲେ, ଚାବି ହଜିଗଲା ବୋଲି କହିଥିଲେ। ତେବେ ରତ୍ନଭଣ୍ଡାର ଖୋଲିବା ନେଇ ପୂର୍ବ ସରକାରଙ୍କ ପକ୍ଷରୁ ପୂର୍ବତନ ବିଚାରପତି ଅରଜିତ୍ ପଶାୟତଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଛି। ଉକ୍ତ କମିଟି ରଥଯାତ୍ରା ପରଦିନ ଠାରୁ ରତ୍ନଭଣ୍ଡାର ଖୋଲି ଯାଞ୍ଚ କରିବା ସହ ଅଳଙ୍କାର ଗଣତିମଣତି କରିବାକୁ ନିଷ୍ପତ୍ତି ନେଇଛି। ଏନେଇ ପଶାୟତ ତାଙ୍କ ସହ ଆଲୋଚନା କରିଛନ୍ତି। କିନ୍ତୁ ରତ୍ନଅଳଙ୍କାର ଗଣତିମଣତି ୩ରୁ ୪ ମାସ ଲାଗିବ। ତେବେ ନୂତନ ସରକାର ରତ୍ନଅଳଙ୍କାର ଗଣତିମଣତି କରିବେ ବୋଲି ଆଶା ରହିଛି। ନୂତନ ସରକାରଙ୍କ ଉପରେ ଆସ୍ଥା ରହିଛି। ନୂତନ ମୁଖ୍ୟମନ୍ତ୍ରୀ ଭଲ ଲୋକ ବୋଲି ସ୍ୱାଇଁ ମହାପାତ୍ର କହିଛନ୍ତି। ସେହିପରି ରତ୍ନଭଣ୍ଡାର ଚାବି ହଜିବା କ'ଣ ପିଲାଳିଆମି କି ବୋଲି ସେ ପ୍ରଶ୍ନ କରିଛନ୍ତି। ତଦନ୍ତ ହେଉ ଏବଂ ଓରିଜିନାଲ ଚାବିରେ ରତ୍ନଭଣ୍ଡାର ଖୋଲାଯାଉ ବୋଲି ସ୍ୱାଇଁ ମହାପାତ୍ର ଦାବି କରିଛନ୍ତି।

ସୂଚନାଯୋଗ୍ୟ, ୨୦୧୮ ମାର୍ଚ୍ଚ ୨୨ରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ପ୍ରଥମେ ମାର୍ଚ୍ଚ ୨୬ରେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ) ଟିମ୍ ରତ୍ନଭଣ୍ଡାର ଯାଞ୍ଚ କରିଥିଲେ। ପରେ ଏପ୍ରିଲ ୪ରେ ଭିତର ରତ୍ନଭଣ୍ଡାର ଖୋଲିବାକୁ ୧୭ ଜଣିଆ ପ୍ରାଧିକୃତ୍ ଟିମ୍ ଯାଇଥିଲା। ତେବେ ଚାବି ହଜିଥିବାରୁ ଭିତର ରତ୍ନଭଣ୍ଡାର ଖୋଲାଯାଇପାରି ନ ଥିଲା। ପରେ ଚାବି ହଜିବା ସମ୍ପର୍କରେ ସରକାରଙ୍କ ପକ୍ଷରୁ ଜଷ୍ଟିସ୍ ରଘୁବୀର ଦାସ କମିଶନ ତଦନ୍ତ କରିଥିଲା। ମାତ୍ର ତଦନ୍ତ ରିପୋର୍ଟ ସାର୍ବଜନୀନ କରାଗଲା ନାହିଁ। ଶ୍ରୀମନ୍ଦିର ରେକର୍ଡ ଅଫ୍ ରାଇଟସ୍ ମୁତାବକ ପ୍ରତି ତିନିବର୍ଷରେ ରତ୍ନଭଣ୍ଡାର ଖୋଲାହେବା ନିୟମ ରହିଥିବାବେଳେ ଆଜିକୁ ପ୍ରାୟ ୪୫ ବର୍ଷ ହେବ ଏହା ଖୋଲାଯାଇନାହିଁ। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ତତ୍କାଳୀନ ରାଜ୍ୟ ସରକାରଙ୍କ ପକ୍ଷରୁ ଅବସରପ୍ରାପ୍ତ ବିଚାରପତି ଅରଜିତ ପଶାୟତଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଛି। କମିଟି ପକ୍ଷରୁ ପୂର୍ବରୁ ବୈଠକ କରାଯାଇ ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଛି। ଆଗାମୀ ରଥଯାତ୍ରା ସମୟରେ ରତ୍ନଭଣ୍ଡାର ଖୋଲିବ ବୋଲି ସୂଚନା ମିଳିଛି।

## ଶ୍ରୀକ୍ଷେତ୍ରରେ ଗହଳି ନିୟନ୍ତ୍ରଣ ପାଇଁ ୧୮ ପ୍ଲାଟୁନ୍ ପୋଲିସ ମୁତୟନ

ପୁରୀ, ୧୬।୬(ଅଜିତ୍ ମହାନ୍ତି)

ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ପରେ ପୁରୀରେ ଭକ୍ତଙ୍କ ପ୍ରବଳ ଭିଡ଼ ହେଉଛି। ଆଗକୁ ମହାପ୍ରଭୁଙ୍କ ସ୍ନାନଯାତ୍ରା ଥିବାରୁ ଶ୍ରୀକ୍ଷେତ୍ରରେ ଭକ୍ତଙ୍କ ପ୍ରବଳ ସମାଗମ ହେବ। ଭକ୍ତଙ୍କୁ ଶୃଙ୍ଖଳିତ ଦର୍ଶନ ଯୋଗାଇ ଦେବା ନିମନ୍ତେ ପୋଲିସ ପ୍ରଶାସନ ଓ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ପୋଲିସ ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିର ପରିସର, ବାହାରେ, ଚାରିଦ୍ୱାର ଓ ସମୁଦ୍ରକୂଳ ଆଦି ସ୍ଥାନରେ ପୋଲିସ ଫୋର୍ସ ନିୟୋଜିତ କରାଯାଇଛି। ଶ୍ରୀମନ୍ଦିର ଚାରିଦ୍ୱାରରେ ୮ ଇନ୍ସପେକ୍ଟର, ୮ ଏସ୍ଆଇ ଏସ୍ଆଇଙ୍କ ସହ ୮ ସେକ୍ସନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଶ୍ରୀମନ୍ଦିର ପରିସରରେ ୪ ଇନ୍ସପେକ୍ଟର ୨୪ ଏସ୍ଆଇ, ୫୪ ହାବିଲଦାର, କନଷ୍ଟେବଲ, ୧୨ ସେକ୍ସନ ଫୋର୍ସ, ୧୪ ହୋମଗାର୍ଡ ନିୟୋଜିତ ଅଛନ୍ତି। ଶ୍ରୀମନ୍ଦିର ବାହାରେ ୨ ଇନ୍ସପେକ୍ଟର, ୧୮ ଏସ୍ଆଇ ଏବଂ ଏଏସ୍ଆଇ, ୮ ହାବିଲଦାର, ଓ କନଷ୍ଟେବଲ, ୧୫ ସେକ୍ସନ ଫୋର୍ସ ଅଛନ୍ତି। ଟ୍ରାଫିକ ନିୟନ୍ତ୍ରଣରେ ଜଣେ ଇନ୍ସପେକ୍ଟର ୨୬ ଏସ୍ଆଇ ଏବଂ ଏଏସ୍ଆଇ, ୧୦ କନଷ୍ଟେବଲ, ୧୨ ଟ୍ରାଫିକ କନଷ୍ଟେବଲ, ୧୮ ସେକ୍ସନ ଫୋର୍ସ, ୩୪ ହୋମଗାର୍ଡ, ସମୁଦ୍ରକୂଳ ଅଞ୍ଚଳରେ ଜଣେ ଇନ୍ସପେକ୍ଟର ସହ ୨ସେକ୍ସନ ଫୋର୍ସ ନିୟୋଜିତ ରହିଛନ୍ତି। ତେବେ ସମୁଦାୟ ଦାୟିତ୍ୱରେ ୪ ଅତିରିକ୍ତ ଏସ୍‌ପି ର୍‍ୟାଙ୍କର ଅଫିସର, ୭ ଡିଏସ୍‌ପି ର୍‍ୟାଙ୍କ ଅଫିସର, ୧୬ ଇନ୍ସପେକ୍ଟର, ୬୬ ଜଣ ଏଏସ୍ଆଇ ଏସ୍ଆଇ, ୮୨ ହାବିଲଦାର ଓ କନେଷ୍ଟବଲ, ୧୨ ଟ୍ରାଫିକ କନେଷ୍ଟବଲ, ୧୮ ପ୍ଲାଟୁନ ପୋଲିସ ଫୋର୍ସ ଏବଂ ୪୮ ଜଣ ହୋମଗାର୍ଡ ନିୟୋଜିତ କରାଯାଇଛି।




ତ୍ରିଭଙ୍ଗ କଳା ନିକେତନ ପକ୍ଷରୁ ରବିବାର ଆୟୋଜିତ କଳା ଭାରତ ସଂସ୍କୃତି ପୁରସ୍କାର ଉତ୍ସବରେ ସମ୍ବର୍ଦ୍ଧିତ କଳାକାରଙ୍କ ସହ ଅତିଥିବୃନ୍ଦ।

# ୧୩ କଳାକାରଙ୍କୁ ତ୍ରିଭଙ୍ଗ କଳା ସମ୍ମାନ

ଭୁବନେଶ୍ୱର, ୧୬।୬(ଶର୍ମିଷ୍ଠା ପାଣିଗ୍ରାହୀ)

ତ୍ରିଭଙ୍ଗ କଳା ନିକେତନ ପକ୍ଷରୁ କଳା ଭାରତ ସଂସ୍କୃତି ପୁରସ୍କାର ଉତ୍ସବ ରବିବାର ଓଡ଼ିଶୀ ଗବେଷଣା କେନ୍ଦ୍ର ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ଓଡ଼ିଶୀ ନୃତ୍ୟଗୁରୁ ନିରଞ୍ଜନ ରାଉତ ଉଦ୍‌ଘାଟନ କରିଥିଲେ। ଗୁରୁ ସନାତନ ନାୟକ, ନାଟ୍ୟ ନିର୍ଦ୍ଦେଶକ ବିଜୟ ସାହୁ, ଅବିନାଶ ଦଣ୍ଡପାଟ, ଗୁରୁ ମାଧବ ମହାରଣା, ଗୁରୁ ଦେବେନ୍ଦ୍ର ନାଥ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସନ୍ଧ୍ୟାରେ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ଗୁରୁ ଧନେଶ୍ୱର ସ୍ୱାଇଁ, ଗୁରୁ ଗଜେନ୍ଦ୍ର ପଣ୍ଡା, ଗୁରୁ ସୁକାନ୍ତ କୁଣ୍ଡୁ ପ୍ରମୁଖ ଅତିଥିଭାବେ ଯୋଗଦେଇ ଆୟୋଜନର ଭୂୟସୀ ପ୍ରଶଂସା କରିବା ସହ ନୃତ୍ୟଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ରାଜ୍ୟରୁ ୩୦୦ରୁ ଉର୍ଦ୍ଧ୍ୱ ନୃତ୍ୟଶିଳ୍ପୀ ଯୋଗଦେଇ ନୃତ୍ୟ ପରିବେଷଣ କରିଥିଲେ। ଏକାଡେମୀ ପକ୍ଷରୁ ୧୩ ଜଣ ପ୍ରତିଭା କଳାକାରଙ୍କୁ ତ୍ରିଭଙ୍ଗ କଳା ସମ୍ମାନରେ ସମ୍ମାନିତ କରାଯାଇଥିଲା। ନୃତ୍ୟଶିଳ୍ପୀମାନେ ଓଡ଼ିଶୀ, ଭାରତନାଟ୍ୟମ, କଥକ, କୁଚିପୁଡ଼ି ଲୋକନୃତ୍ୟ ପରିବେଷଣ କରିଥିଲେ। ତ୍ରିଭଙ୍ଗ କଳା ନିକେତନର ନିର୍ଦ୍ଦେଶକ ଗୁରୁ ବିକ୍ରମ ସାମଲ ଏବଂ ଗୁରୁ ସୁନିତା ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବିନୋଦ ଚନ୍ଦ୍ର ସାହୁ ସଂଯୋଜନା କରିଥିଲେ।

## ଶେଷ ରଜରେ ନନ୍ଦନକାନନ ବୁଲିଲେ ୩୦ ହଜାର ୩୨୩ ପର୍ଯ୍ୟଟକ

ବାରଙ୍ଗ, ୧୬।୬(ଲିଙ୍ଗରାଜ ରାଉତ)

ନନ୍ଦନକାନନ ପ୍ରାଣୀଉଦ୍ୟାନକୁ ତୃତୀୟ ରଜରେ ମଧ୍ୟ ରେକର୍ଡ ସଂଖ୍ୟକ ପ୍ରର୍ଯ୍ୟଟକ ଆସିଥିଲେ। ଉଦ୍ୟାନର ପ୍ରାକୃତିକ ପରିବେଶ ସାଙ୍ଗକୁ ବିରଳ ଜୀବଜନ୍ତୁଙ୍କୁ ପାଖରେ ଦେଖି ବେଶ୍ ମଜା ଉଠାଇଛନ୍ତି ଦୂରଦୂରାନ୍ତରୁ ଆସିଥିବା ପର୍ଯ୍ୟଟକ। ପହିଲି ରଜରେ ୧୭ ହଜାର ୪୪୬, ୨ୟ ରଜରେ ୨୮ ହଜାର ୫୨୦ ଓ ଶେଷ ରଜରେ ୩୦ ହଜାର ୩୨୩ ପର୍ଯ୍ୟଟକ ବୁଲିବାକୁ ଆସିଥିଲେ। ଯାହାକି ଗତବର୍ଷ ଶେଷ ରଜଠାରୁ ୧୫ ହଜାରରୁ ଉର୍ଦ୍ଧ୍ୱ ପର୍ଯ୍ୟଟକ ଏଥର ଆସିଥିଲେ। ସେହିଭଳି ଭାବେ ବଟାନିକାଲ ଗାର୍ଡେନକୁ ଏଥର ୧ ହଜାର ୯୬୫ ପର୍ଯ୍ୟଟକ ବୁଲିବାକୁ ଆସିଥିଲେ। ଅନ୍ୟପଟେ ପ୍ରବଳ ଗରମ ଯୋଗୁ ପର୍ଯ୍ୟଟକମାନେ ନାହିଁ ନ ଥିବା ହଇରାଣ ହୋଇଥିଲେ। ଏପରିକି ୫/୬ ଜଣ ପର୍ଯ୍ୟଟକ ଭିଡ଼ ସାଙ୍ଗକୁ ପ୍ରବଳ ଗରମକୁ ସହ୍ୟ କରିନ ପାରି ଅଚେତ ହୋଇପଡ଼ିଥିଲେ। ଖବରପାଇ ନନ୍ଦନକାନନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ଚିକିତ୍ସା କରିଥିଲେ। ତେବେ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ନ ଆସିବାରୁ ତାଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଯାଇଥିବା ଜଣାପଡ଼ିଛି।

# ଯୁବକଙ୍କୁ ଖଣ୍ଡାରେ ହାଣିଲେ

## ପୋଲିସ କର୍ମଚାରୀ ସମେତ ୩ ଗିରଫ

ଜଟଣୀ, ୧୬।୬(ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ଥାନା ତିରିମଲ୍ଲରେ ଜଣେ ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ କରାଯାଇଛି। ଏ ନେଇ ଅଭିଯୋଗକ୍ରମେ ୭ମ ବାଟାଲିୟନର ଜଣେ ପୋଲିସ କର୍ମଚାରୀଙ୍କ ସମେତ ୩ ଜଣଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି ପୋଲିସ। ଅଭିଯୁକ୍ତମାନେ ହେଲେ ଏହି ଥାନା ଅଧୀନ ତିରିମଲ୍ଲ ଗ୍ରାମର ୭ମ ବାଟାଲିୟନର ପୋଲିସ କର୍ମଚାରୀ ବବ୍ରୁବାହନ ପ୍ରଧାନ(୪୦), ଦିଲୀପ ବଡ଼ଜେନା (୩୨) ଏବଂ ତାପସ ପାତ୍ର(୨୯)। ଅଭିଯୋଗ ମୁତାବକ, ଶନିବାର ସନ୍ଧ୍ୟାରେ ତିରିମଲ୍ଲ ଗ୍ରାମର ଦେବାଶିଷ ସାହୁ ବାଇକ୍‌ରେ ଘରକୁ ଫେରୁଥିଲେ। ତିରିମଲ୍ଲ ବ୍ରିଜ୍ ନିକଟରେ ଉକ୍ତ ଗ୍ରାମର ବବ୍ରୁବାହନ ଓ ଅନ୍ୟ ଦୁଇ ଅଭିଯୁକ୍ତ ହଠାତ୍ ଦେବାଶିଷଙ୍କୁ ଅଟକାଇ ଟଙ୍କା ମାଗିଥିଲେ। ଏ ନେଇ ବଚସା ହେବାରୁ ଦେବାଶିଷଙ୍କୁ ତଳେ ପକାଇ ମାଡ଼ ମାରିବା ସହ ଖଣ୍ଡାରେ ଆକ୍ରମଣ କରିଥିଲେ। ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଆସିଯିବାରୁ ଅଭିଯୁକ୍ତମାନେ ଦୌଡ଼ି ପଳାଇଥିଲେ। ପରେ ଏ ନେଇ ଦେବାଶିଷଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୨୩୫/୨୪) ରୁଜୁକରି ତଦନ୍ତ ଚଳାଇବା ସହ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ତେବେ ପୂର୍ବରୁ ଅନ୍ୟ ଏକ ମାମଲାରେ ବବ୍ରୁବାହନ ଜେଲ ଯାଇଥିଲେ ବୋଲି ପୋଲିସ କହିଛି।



ଗିରଫ ୩ ଅଭିଯୁକ୍ତ।

## ମୁରଲୀଧର ଚନ୍ଦ୍ରକାନ୍ତ ଭଣ୍ଡାରେଙ୍କ ବିୟୋଗରେ ନବୀନଙ୍କ ଶୋକ

ଭୁବନେଶ୍ୱର, ୧୬।୬
(ଅନୁରାଧା ମହାରଣା)

ଓଡ଼ିଶାର ପୂର୍ବତନ ରାଜ୍ୟପାଳ ତଥା ବିଶିଷ୍ଟ ରାଜନେତା ମୂରଲୀଧର ଚନ୍ଦ୍ରକାନ୍ତ ଭଣ୍ଡାରେଙ୍କ ବିୟୋଗରେ ବିଜୁ ଜନତା ଦଳ(ବିଜେଡି)ର ସଭାପତି ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିଛନ୍ତି। ଭଣ୍ଡାରେଙ୍କ ଭଳି ଜଣେ ପ୍ରବୀଣ ରାଜନେତାଙ୍କ ଦେହାନ୍ତ ଖବର ପାଇ ସେ ଦୁଃଖିତ ବୋଲି କହିଛନ୍ତି। ରାଜ୍ୟର ପ୍ରଗତି ଓ ଲୋକଙ୍କ କଲ୍ୟାଣ ପାଇଁ ଉତ୍ସର୍ଗୀକୃତ କାର୍ଯ୍ୟ ସହ ତାଙ୍କ ବିନମ୍ର ଏବଂ ଅମାୟିକ ସ୍ୱଭାବ ସର୍ବଦା ପ୍ରେରଣାର ଉତ୍ସ ହୋଇରହିବ ବୋଲି ନବୀନ କହିଛନ୍ତି। ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସେ ସମବେଦନା ଜଣାଇଛନ୍ତି।

## ଫ୍ୟାକ୍ଟ୍ରିରେ କର୍ମଚାରୀଙ୍କ ଆତ୍ମହତ୍ୟା

ଭୁବନେଶ୍ୱର, ୧୬।୬
(ସତ୍ୟଜିତ୍ ରାଉତ)

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ବରିମୁଣ୍ଡ ଅଞ୍ଚଳରେ ଥିବା ଅଣ୍ଡାଖୋଳ ଫ୍ୟାକ୍ଟ୍ରିରେ ଜଣେ କର୍ମଚାରୀ ଆତ୍ମହତ୍ୟା କରିଛନ୍ତି। ମୃତ କର୍ମଚାରୀ ହେଲେ ବରିମୁଣ୍ଡ ଗ୍ରାମର ରଞ୍ଜନ ଦାସ (୧୯)। ଫ୍ୟାକ୍ଟ୍ରିର ପ୍ରଥମ ମହଲାସ୍ଥିତ ଷ୍ଟୋରରୁମ୍‌ର ଆଜବେଷ୍ଟସ୍ ରେଲିଂରେ ରଞ୍ଜନଙ୍କ ମୃତଦେହ ଗାମୁଛା ଦ୍ୱାରା ଝୁଲୁଥିବା ବେଳେ ପୋଲିସ ଏହାକୁ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି। ଏନେଇ ତାଙ୍କ ବାପା ମହେନ୍ଦ୍ର ଦାସଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୯୬/୨୦୨୪) ରୁଜୁ କରି ତଦନ୍ତ ଜାରି ରଖିଛି। ଉକ୍ତ ଫ୍ୟାକ୍ଟ୍ରିରେ ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ କାମ କରୁଥିବା ବେଳେ ସେମାନଙ୍କ ମଧ୍ୟରେ ରଞ୍ଜନ ରହିଥିଲେ। ତେବେ ରଜ ପାଇଁ ଫ୍ୟାକ୍ଟ୍ରି ବନ୍ଦ ରହିଥିଲା। ରବିବାର ରଞ୍ଜନଙ୍କୁ ପରିବାର ଲୋକେ ଖୋଜାଖୋଜି କରି ପାଇ ନ ଥିଲେ। ଅପରାହ୍ନରେ ଫ୍ୟାକ୍ଟ୍ରି ନିକଟରେ ରଞ୍ଜନଙ୍କ ସାଇକେଲ ଥୁଆହୋଇଥିବା ଦେଖି ସନ୍ଦେହ ହୋଇଥିଲା। ପରେ ଘଟଣା ପଦାକୁ ଆସିଥିଲା।

# ଶୃଙ୍ଖଳିତ ଦର୍ଶନ ପାଇଁ ଆସନ୍ତା ବୈଠକରେ ଆଲୋଚନା ହେଉ

ପୁରୀ, ୧୬।୬
(ଅଜିତ୍ ମହାନ୍ତି)

କୋଭିଡ୍ ମହାମାରୀ ସମୟରେ ତତ୍କାଳୀନ ରାଜ୍ୟ ସରକାର ଶ୍ରୀମନ୍ଦିର ସିଂହଦ୍ୱାର ବ୍ୟତୀତ ଅନ୍ୟ ଦ୍ୱାରରେ ପ୍ରବେଶ ଉପରେ କଟକଣା ଲାଗୁ କରିଥିଲେ। ଫଳରେ ଭକ୍ତ ଘଣ୍ଟା ଘଣ୍ଟା ଧରି ବ୍ୟାରିକେଡ୍‌ରେ ଠିଆ ହେଉଥିଲେ। ତେବେ ନୂତନ ସରକାର ଆସିବା ପରେ ଭକ୍ତଙ୍କ ଭାବାବେଗକୁ ଦୃଷ୍ଟିରେ ରଖି ସମସ୍ତ ଦ୍ୱାର ଖୋଲାଯାଇଛି। ହେଲେ ଏବେ ରଜ ସମୟ ହୋଇଥିବାରୁ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ କିଛି ଦିନ ହେବ ଭକ୍ତଙ୍କ ପ୍ରବଳ ସମାଗମ ହୋଇଛି। ଏଥିରେ ଟ୍ରାଫିକ ଜାମ୍ ହେବା ସହ ୪ ଦ୍ୱାରରେ ପ୍ରବଳ ଗହଳି କାରଣରୁ ଅନେକ ଭକ୍ତ ଅଣନିଃଶ୍ୱାସୀ ହେଉଥିବା ଦେଖିବାକୁ ମିଳୁଛି। ଏପରିକି ଭଲରେ ଦର୍ଶନ କରି ନ ପାରି ଭକ୍ତ ଅସନ୍ତୋଷ ବ୍ୟକ୍ତ କରିବା ସହ ବ୍ୟବସ୍ଥା ଠିକ୍ ନ ଥିବା ଅଭିଯୋଗ କରୁଛନ୍ତି। ତେବେ ଏଥିନେଇ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଥିବା ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ଭକ୍ତଙ୍କ ଦର୍ଶନ ସମସ୍ୟାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ସେ କହିଛନ୍ତି, ଭକ୍ତଙ୍କ ଭାବାବେଗକୁ ଦୃଷ୍ଟି ଦେଇ ସରକାରଙ୍କ ପକ୍ଷରୁ ଭକ୍ତଙ୍କ ନିମନ୍ତେ ଚାରିଦ୍ୱାର ଖୋଲିବା ନିଷ୍ପତ୍ତି ସ୍ୱାଗତଯୋଗ୍ୟ ପଦକ୍ଷେପ। ଶ୍ରୀମନ୍ଦିର ପରିଚାଳନା କମିଟି ଶ୍ରୀମନ୍ଦିର ପ୍ରଶାସନର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ସରକାର ଓ ଶ୍ରୀମନ୍ଦିର ପ୍ରଶାସନର ସହଯୋଗ ନିମନ୍ତେ ବିଭିନ୍ନ ବର୍ଗ ତଥା ବିଭିନ୍ନ କ୍ଷେତ୍ରର ବ୍ୟକ୍ତିବିଶେଷଙ୍କୁ ଶ୍ରୀମନ୍ଦିର ପରିଚାଳନା କମିଟିରେ ସ୍ଥାନ ଦିଆଯାଇଛି। ତେବେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ପଟ୍ଟନାୟକ ଓ ପରିଚାଳନା କମିଟିର କେତେଜଣ ସଦସ୍ୟ ଗତ ୨ ବର୍ଷ ହେବ ପ୍ରଶାସନକୁ ସ୍ୱତନ୍ତ୍ର ବୈଠକ ଡକାଯାଇ ଶୃଙ୍ଖଳିତ ଦର୍ଶନ ଉପରେ ଆଲୋଚନା କରିବାକୁ କହୁଥିଲେ ମଧ୍ୟ କୌଣସି ବ୍ୟବସ୍ଥା ଗ୍ରହଣ କରାଯାଇ ନାହିଁ। ଆସନ୍ତା ୧୯ ତାରିଖରେ ଶ୍ରୀମନ୍ଦିରର ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହେବାକୁ ଥିବାବେଳେ ସେଥିରେ ଗହଳି ନିୟନ୍ତ୍ରଣ ସହ ଶୃଙ୍ଖଳିତ ଦର୍ଶନ ଉପରେ ଆଲୋଚନା ପାଇଁ ଅନୁରୋଧ କରାଯାଇଥିଲା। ମାତ୍ର ବୈଠକରେ କେବଳ ସ୍ନାନପୂର୍ଣ୍ଣିମା ସମ୍ପର୍କିତ ଆଲୋଚନା ହେବା ନେଇ ଏଜେଣ୍ଡାରେ ସ୍ଥାନ ପାଇଛି, ଯାହା ଦୁଃଖର ବିଷୟ। ଆସନ୍ତା ବୈଠକରେ ଶୃଙ୍ଖଳିତ ଦର୍ଶନ ସମ୍ପର୍କିତ ଆଲୋଚନା କରାଯିବାକୁ ସୁଦର୍ଶନ ଦାବି କରିଛନ୍ତି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଶୁଭାଶୀଷ



@ ଆରାଧ୍ୟା



@ କ୍ଷୀରୋଦ



@ ନୀଳକଣ୍ଠ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ସେନାପଟା, ବାହୁଟ ସେବା ଲାଗି ବଉଳ ଗଛ ଚିହ୍ନଟ

ସାକ୍ଷୀଗୋପାଳ, ୧୬।୬(କିଶୋର ମହାପାତ୍ର/ପ୍ରଶାନ୍ତ ବାରିକ/ଭରତ ରାଉତ)

ଚଳିତବର୍ଷ ସ୍ନାନଯାତ୍ରା ଓ ରଥଯାତ୍ରା ସମୟରେ ଶ୍ରୀଜଗନ୍ନାଥ ବଳଭଦ୍ରଙ୍କ ପହଣ୍ଡିକାଳୀନ ସୁରକ୍ଷା ନିମନ୍ତେ ବାହୁଟ ଓ ସେନାପଟା ଲାଗି ସେବା ପାଇଁ ସାକ୍ଷୀଗୋପାଳରେ ବଉଳ ଗଛ ରବିବାର ଚିହ୍ନଟ କରାଯାଇଛି। ପରମ୍ପରା ଅନୁଯାୟୀ, ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବରିଷ୍ଠ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ, ସର୍ଦ୍ଦାର ଭୋଇସେବକ ରବି ଭୋଇ, ସହଯୋଗୀ କାଳିଆ ଭୋଇ, ସତ୍ୟବାଦୀ ସଂସ୍କୃତି ସୁରକ୍ଷା ମଞ୍ଚ ସମ୍ପାଦକ କିଶୋର ଚନ୍ଦ୍ର ମହାପାତ୍ର ପ୍ରମୁଖ ସାକ୍ଷୀଗୋପାଳରେ ବିଭିନ୍ନ ଅଞ୍ଚଳରେ ଖୋଜିବା ପରେ ନିର୍ଦ୍ଧାରିତ ମାପର ବଉଳ ଗଛକୁ ଶନିବାର ଚିହ୍ନଟ କରିଥିଲେ। ରବିବାର ସକାଳେ ସାକ୍ଷୀଗୋପାଳ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱବାସୀ ତ୍ରିପାଠୀ, ସତ୍ୟବାଦୀ ସଂସ୍କୃତି ସୁରକ୍ଷା ମଞ୍ଚ ସମ୍ପାଦକ କିଶୋର ଚନ୍ଦ୍ର ମହାପାତ୍ରଙ୍କ ସମେତ ଅନ୍ୟମାନେ ସେଠାରେ ପହଞ୍ଚି ଗଛରେ ପାଟବସ୍ତ୍ର ବାନ୍ଧିଥିଲେ। ମଙ୍ଗଳବାର ନିର୍ଜଳା ଏକାଦଶୀ ତିଥିରେ ଜଗନ୍ନାଥଙ୍କ ଆଜ୍ଞାମାଳ ଲାଗି କରାଯାଇ ପୂଜାର୍ଚ୍ଚନା ପରେ ବୃକ୍ଷ ଛେଦନ ହେବ। ବକୁଳବନସ୍ଥିତ ସିଦ୍ଧବକୁଳ ମନ୍ଦିର ନିକଟରୁ ଏକ ବର୍ଣ୍ଣାଢ଼୍ୟ ଆଧ୍ୟାତ୍ମିକ ଶୋଭାଯାତ୍ରାରେ ସତ୍ୟବାଦୀରୁ ଶ୍ରୀକ୍ଷେତ୍ର ଅଭିମୁଖେ ମେଲାଣି ଦିଆଯିବ ବୋଲି ସତ୍ୟବାଦୀ ସଂସ୍କୃତି ସୁରକ୍ଷା ମଞ୍ଚ ସମ୍ପାଦକ ମହାପାତ୍ର ଜଣାଇଛନ୍ତି।



ବଉଳ ଗଛରେ ପାଟବସ୍ତ୍ର ବନ୍ଧାଯାଉଛି।

# ହାଇକୋର୍ଟ ବେଞ୍ଚ ହେଲେ ସମ୍ବଲପୁରରେ ହେବ: ଧର୍ମେନ୍ଦ୍ର

ସମ୍ବଲପୁର,୧୬।୬
(ଭବାନୀ ଶଙ୍କର ଭୋଇ)

ସମ୍ବଲପୁରରେ ରାସ୍ତାଘାଟ, ପିଇବା ପାଣି, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା ସୁଧୁରିବା ପାଇଁ ଦୀର୍ଘମିଆଦୀ ମାଷ୍ଟରପ୍ଲାନ ପ୍ରସ୍ତୁତ କରିବା ଲାଗି ଜିଲା ପ୍ରଶାସନକୁ ପରାମର୍ଶ ଦିଆଯାଇଛି। ଅଞ୍ଚଳର ମୌଳିକ ସମସ୍ୟା ଦୂରୀକରଣ ସହ ଲୋକଙ୍କ ଆକାଂକ୍ଷା ସହ ଜଡ଼ିତ ବିଭିନ୍ନ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ। ରବିବାର ଜିଲା ପ୍ରଶାସନିକ ଅଧିକାରୀଙ୍କ ବୈଠକ ପରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏ ନେଇ ସୂଚନା ଦେଇଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେ କହିଛନ୍ତି ଯେ, ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ହେଲେ ସମ୍ବଲପୁରରେ ହେବ। କାରଣ ଏହା ପଶ୍ଚିମାଞ୍ଚଳର କେନ୍ଦ୍ରସ୍ଥଳ। ଗମନାଗମନ ଦୃଷ୍ଟିରୁ ପଶ୍ଚିମାଞ୍ଚଳର ସବୁ ଅଞ୍ଚଳକୁ ଯୋଗାଯୋଗର ସୁବିଧା ରହିଛି। ସେଥିପାଇଁ ସମ୍ବଲପୁରର ଜନପ୍ରତିନିଧି ଭାବେ ସେ ସମ୍ବଲପୁରରେ ହାଇକୋର୍ଟ ବେଞ୍ଚ ଦାବିକୁ ସମର୍ଥନ କରୁଥିବା କହିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଓଡ଼ିଶାରେ ଜନ ଆଶୀର୍ବାଦ କାରଣରୁ ଭାଜପା ସରକାର ଗଠନ କରିଛି। ସରକାର ଗଠନର ସ୍ୱଳ୍ପ ସମୟ ମଧ୍ୟରେ ଭାଜପା ପକ୍ଷରୁ ଦିଆଯାଇଥିବା ପ୍ରତିଶ୍ରୁତି ପାଳନ କରିବା ପାଇଁ ନୀତିଗତ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ଲୋକଙ୍କ ମଧ୍ୟରେ ଉତ୍ସାହ ଦେଖାଯାଇଛି। ଏହି ପରିପ୍ରେକ୍ଷୀରେ ସମ୍ବଲପୁରକୁ ଆଗକୁ ନେବା ପାଇଁ ମଧ୍ୟ ଦଳ ପକ୍ଷରୁ ପ୍ରାଥମିକତା ଦିଆଯାଉଛି। ଲୋକଙ୍କୁ ସବୁ ସୁବିଧା ସହ କ୍ରୀଡ଼ାକୁ ପ୍ରୋତ୍ସାହନ, କଳା ଓ ସଂସ୍କୃତିକୁ ଆଗକୁ ନେବା ପାଇଁ ବହୁମୁଖୀ ସାଂସ୍କୃତିକ କେନ୍ଦ୍ର ପ୍ରତିଷ୍ଠା କରିବା ଲାଗି ନାଗରିକଙ୍କ ଥିବା ଅପେକ୍ଷା ଉପରେ ମହାନଗର ନିଗମ ଅଧିକାରୀଙ୍କ ସହ ପ୍ରାରମ୍ଭିକ ଆଲୋଚନା କରିଥିବା ସେ ସୂଚନା ଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି, ସିନ୍ଦୁରପଙ୍କରୁ ନକ୍ସାପାଲି ପର୍ଯ୍ୟନ୍ତ ପୁରୁଣା ଜାତୀୟ ରାଜପଥ ଏବେ ସ୍ୱାଭାବିକ ହୋଇଛି। ଖୁବ୍‌ଶୀଘ୍ର ଆନୁଷଙ୍ଗିକ କାମ ସମ୍ପୂର୍ଣ୍ଣ କରାଯିବ। ସରଳା ଓଭରବ୍ରିଜଠାରୁ ଆଗକୁ ଥିବା ରାସ୍ତାକୁ ୬ ଲେନ୍ କରାଯିବା କାମ ଆରମ୍ଭ ହୋଇଛି। ପଡ଼ିଆବାହାଲରୁ ଗୋଶାଳା ପର୍ଯ୍ୟନ୍ତ ୧୮ କିମି ଜାତୀୟ ରାଜପଥ ସମ୍ବଲପୁରର ମୁଖଶାଳା ହେବ। ଏହି ରାଜପଥରେ ସ୍ୱାସ୍ଥ୍ୟ ସୁବିଧା ଓ ଟର୍ମିନାଲ ମାର୍କେଟ୍ କମ୍ପ୍ଲେକ୍ସର କାମ ଉପରେ ଗୁରୁତ୍ୱ ଦିଆଯିବ। ଏହି ଜାତୀୟ ରାଜପଥ ନୂଆ ସମ୍ବଲପୁର ଅର୍ଥନୀତିର ଶ୍ରୀବୃଦ୍ଧିର ନମୁନା ହେବ। ସମ୍ବଲପୁରରେ ସାମଗ୍ରିକ ବିକାଶକୁ ଗୁରୁତ୍ୱ ଦିଆଯିବା ସହ ସମସ୍ତ ଶିକ୍ଷାନୁଷ୍ଠାନ ସହଯୋଗରେ ଜ୍ଞାନ ଆଧାରିତ ଅର୍ଥନୀତି ଗତିଶୀଳ ହେବ। ଦକ୍ଷତା, ଉଦ୍ୟମିତା ଓ ରୋଜଗାର ଉପରେ ଗୁରୁତ୍ୱ ଦେଇ ସମ୍ବଲପୁରକୁ ଏକ ଶ୍ରୀମନ୍ତ ସହର କରିବା ପାଇଁ ଭାଜପା ପ୍ରତିଶ୍ରୁତିବଦ୍ଧ ରହିଥିବା କେନ୍ଦ୍ରମନ୍ତ୍ରୀ କହିଛନ୍ତି।

ଖବରଦାତା ସମ୍ମିଳନୀରେ ପୂର୍ବତନ ରେଙ୍ଗାଲି ବିଧାୟକ ନାଉରୀ ନାୟକ, ରାଜ୍ୟ ସାଧାରଣ ସମ୍ପାଦକ ସୀମାଞ୍ଚଳ ଖଟେଇ, ଜିଲା ଭାଜପା ସଭାପତି ଗିରୀଶ ପଟେଲ, ବରିଷ୍ଠ ଭାଜପା ନେତା ଡ.ପ୍ରମୋଦ ରଥ, ଗୋବିନ୍ଦ ଅଗ୍ରୱାଲ ଓ ରାଜ୍ୟ ପେନାଲିଷ୍ଟ ମାନସ ରଞ୍ଜନ ବକ୍ସି ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଭାଜପା ନେତୃବର୍ଗ।

# ଖାର୍ଗେଙ୍କୁ ଭେଟିଲେ ରିଜିଜୁ



ନୂଆଦିଲ୍ଲୀ,୧୬।୬

ନୂଆ ଲୋକ ସଭାର ପ୍ରଥମ ଅଧିବେଶନ ଆରମ୍ଭ ହେବାର ସପ୍ତାହେ ପୂର୍ବରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ରବିବାର କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ତାଙ୍କ ୧୦ ରାଜାଜୀ ମାର୍ଗ ବାସଭବନରେ ସୌଜନ୍ୟମୂଳକ ସାକ୍ଷାତ୍ କରିଛନ୍ତି। ସଂଖ୍ୟାବଳକୁ ନେଇ ସରକାର କିମ୍ବା ବିରୋଧୀ ପରସ୍ପରକୁ ଟାଣିବା ଆବଶ୍ୟକ ନାହିଁ। ପାର୍ଲାମେଣ୍ଟର ସୁପରିଚାଳନା ପାଇଁ ରିଜିଜୁ ପ୍ରତ୍ୟେକଙ୍କୁ ଭେଟିବେ ବୋଲି କହିଛନ୍ତି। ଆସନ୍ତା ୨୪ରୁ ଲୋକ ସଭାର ସ୍ୱତନ୍ତ୍ର ଅଧିବେଶନ ଆରମ୍ଭ ହେଉଥିବାବେଳେ ୨୭ରେ ରାଷ୍ଟ୍ରପତି ଉଭୟ ଗୃହର ମିଳିତ ଅଧିବେଶନକୁ ସମ୍ବୋଧନ କରିବେ।



ମନ୍ତ୍ରୀ ରବି ନାରାୟଣ ନାୟକଙ୍କୁ ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି।

# ମନ୍ତ୍ରୀ ରବି ନାୟକଙ୍କୁ ଭେଟିଲେ ବିଭାଗୀୟ ପ୍ରମୁଖ ସଚିବ

ଭୁବନେଶ୍ୱର,୧୬।୬
(ଅନୁରାଧା ମହାରଣା)

ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ନବନିଯୁକ୍ତ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ରବିବାର ଭୁବନେଶ୍ୱରରେ ପ୍ରମୁଖ ଶାସନ ସଚିବ ସିଂହ ପୁଷ୍ପଗୁଚ୍ଛ ଦେଇ ବିଭାଗୀୟ ମନ୍ତ୍ରୀଙ୍କୁ ସ୍ୱାଗତ କରିବା ସହିତ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣରେ ଗ୍ରାମ୍ୟ ଉନ୍ନୟନ ଏଜେଣ୍ଡାକୁ ଆଗକୁ ବଢ଼ାଇବା ପାଇଁ ଧାର୍ଯ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଏବଂ ରଣନୀତିକ ପଦକ୍ଷେପ ଉପରେ ମନ୍ତ୍ରୀଙ୍କୁ ସମ୍ୟକ ସୂଚନା ଦେଇଥିଲେ। ଏଥିସହ ଚାଲିଥିବା ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା, ଗ୍ରାମୀଣ ଭିତ୍ତିଭୂମି ବୃଦ୍ଧି ଉଦ୍ଦେଶ୍ୟରେ ନୂତନ ନୀତିଗତ ପଦକ୍ଷେପ ଓ ନିରନ୍ତର ବିକାଶ ଲକ୍ଷ୍ୟ ହାସଲରେ ଅଂଶୀଦାରଙ୍କ ସହଭାଗିତାକୁ ବିଭାଗ ଗୁରୁତ୍ୱ ଦେଉଛି ବୋଲି ସେ କହିଥିଲେ। ସୂଚନା ଥାଉକି, ମନ୍ତ୍ରୀ ନାୟକ ଗ୍ରାମ୍ୟ ଉନ୍ନୟନ ବିଭାଗ ସହିତ ପଞ୍ଚାୟତିରାଜ, ପାନୀୟଜଳ ବିଭାଗ ଦାୟିତ୍ୱରେ ମଧ୍ୟ ରହିଛନ୍ତି।

# ପାର୍ଲାମେଣ୍ଟ ପରିସରରେ ପ୍ରତିମୂର୍ତ୍ତି ସ୍ଥାନାନ୍ତରକୁ କଂଗ୍ରେସର ନିନ୍ଦା

ନୂଆଦିଲ୍ଲୀ, ୧୬।୬(ପି.ଟି.)

ପାର୍ଲାମେଣ୍ଟ ପରିସରରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିକୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବା ଘଟଣାକୁ କଂଗ୍ରେସ ନିନ୍ଦା କରିଛି। କେନ୍ଦ୍ର ସରକାର ଏକତରଫା ଭାବେ ପ୍ରତିମୂର୍ତ୍ତି ସ୍ଥାନାନ୍ତର ପାଇଁ ନିଷ୍ପତ୍ତି ନେଇଛନ୍ତି। ପାର୍ଲାମେଣ୍ଟକୁ ଲାଗି ରହିଥିବା ଗଣତାନ୍ତ୍ରିକ ବିକ୍ଷୋଭ ଅଧିକାରର ପାରମ୍ପରିକ ସ୍ଥଳରେ ମହାତ୍ମା ଗାନ୍ଧୀ ଏବଂ ବି.ଆର୍. ଆମ୍ବେଡ୍‌କରଙ୍କ ପ୍ରତିମୂର୍ତ୍ତି ନ ରଖିବା ସରକାରଙ୍କ ଲକ୍ଷ୍ୟ ବୋଲି କଂଗ୍ରେସ କହିଛି। ସମସ୍ତ ସ୍ୱାଧୀନତା ସଂଗ୍ରାମୀ ଓ ଅନ୍ୟାନ୍ୟ ନେତାମାନଙ୍କ ପ୍ରତିମୂର୍ତ୍ତିକୁ ଗୋଟିଏ ସ୍ଥାନରେ ଏକତ୍ର ସ୍ଥାପନ କରାଯାଇ ଏହାକୁ 'ପ୍ରେରଣା ସ୍ଥଳ' ଭାବେ ନାମିତ କରାଯାଇଛି। ଉପରାଷ୍ଟ୍ରପତି ତଥା ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ୍ ଧନ୍‌କର ଉକ୍ତ ପ୍ରେରଣା ସ୍ଥଳକୁ ରବିବାର ଉଦ୍‌ଘାଟନ କରଥିବାବେଳେ କଂଗ୍ରେସ ସମାଲୋଚନା କରିଛି। ଅନ୍ୟପକ୍ଷରେ ଦର୍ଶକଙ୍କ ସୁବିଧା ପାଇଁ ସେଗୁଡ଼ିକୁ ଗୋଟିଏ ସ୍ଥାନରେ ରଖାଗଲା ବୋଲି ଲୋକ ସଭା ସଚିବାଳୟ ପକ୍ଷରୁ କୁହାଯାଇଛି।

# ଅନ୍ତର୍ଦ୍ୱନ୍ଦ୍ୱ, ଆତ୍ମଘାତୀ କାର୍ଯ୍ୟ ପରାଜୟର କାରଣ



ସମୀକ୍ଷା ବୈଠକରେ ବିଜେଡିର ନେତୃବର୍ଗ।

## ବିଜେଡିର ନିର୍ବାଚନୀ ସମୀକ୍ଷା ବୈଠକ

ବାଲେଶ୍ୱର,୧୬।୬(ମାନସ ବିଶ୍ୱାଳ)

ବାଲେଶ୍ୱର ବିଧାନସଭା କ୍ଷେତ୍ରରେ ବିଜେଡିର ପରାଜୟ ପରେ ଦଳ ପକ୍ଷରୁ ରବିବାର ସ୍ଥାନୀୟ ଷ୍ଟେଶନ କ୍ଲବଠାରେ ଏକ ସମୀକ୍ଷା ବୈଠକ କରାଯାଇଥିଲା। ଏଥିରେ ସହର ଓ ବ୍ଲକ ଅଧୀନ ସମସ୍ତ ପଞ୍ଚାୟତର କର୍ମକର୍ତ୍ତା ଯୋଗ ଦେଇଥିଲେ। ବୈଠକରେ ସଦର ବ୍ଲକ ବିଜେଡି ସଭାପତି ବସନ୍ତ ପଣ୍ଡା ଅଧ୍ୟକ୍ଷତା କରି ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ।

ସଦର ନିର୍ବାଚନମଣ୍ଡଳୀରେ ବିଧାୟକ ପ୍ରାର୍ଥୀ ସ୍ୱରୂପ ଦାସ ଏବଂ ଏମ୍‌ପି ପ୍ରାର୍ଥିନୀ ଡ. ଲେଖାଶ୍ରୀ ସାମନ୍ତସିଂହାର ପରାଜୟର କାରଣ ସମ୍ପର୍କରେ ଆଲୋଚନା କରିଥିଲେ। ୨୬ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ପଞ୍ଚାୟତ ସଭାପତି ପ୍ରମୁଖ ଦଳୀୟ ନେତୃବୃନ୍ଦ ଯୋଗଦେଇ ପରାଜୟର କାରଣ ସମ୍ପର୍କରେ ନେତୃବୃନ୍ଦଙ୍କ ଦୃଷ୍ଟି ଆକର୍ଷଣ କରି ଦଳ ଭିତରେ ଥିବା ଅନ୍ତର୍ଦ୍ୱନ୍ଦ୍ୱ ଏବଂ କେତେକ ଦଳୀୟ ନେତାଙ୍କ ଆତ୍ମଘାତୀ କାର୍ଯ୍ୟ ପାଇଁ ବିଜେଡିକୁ ପରାଜୟ ବରଣ କରିବାକୁ ପଡ଼ିଲା ବୋଲି କହିଥିଲେ। ଏହାର ପ୍ରତିକାର କରା ନ ଗଲେ ଦଳ ଆହୁରି ଦୁର୍ବଳ ହେବ ବୋଲି ମତ ପ୍ରକାଶ ପାଇଥିଲା। ବିଜେଡି ଜିଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଡ. ଲେଖାଶ୍ରୀସାମନ୍ତ ସିଂହାର ଏବଂ ପ୍ରାକ୍ତନ ବିଧାୟକ ସ୍ୱରୂପ ଦାସ, ଜିଲାପରିଷଦ ସଭାପତି ନାରାୟଣ ପ୍ରଧାନ, ଜିଲା ସାଧାରଣ ସମ୍ପାଦକ ରଞ୍ଜନ ବାଗ୍, ବାଲେଶ୍ୱର ପୌର ଉପାଧ୍ୟକ୍ଷ କୈଳାସ ଚନ୍ଦ୍ର ସେଠୀ, ପ୍ରାକ୍ତନ ପୌର ଉପାଧ୍ୟକ୍ଷ ତଥା ଜିଲା ସମ୍ପାଦକ ମନୋଜ କୁମାର ରାଉତ, ଜିଲାପରିଷଦ ସଦସ୍ୟା ସୋନାଲି ବିଶ୍ୱାଳ ପ୍ରମୁଖ ଏହି ସମୀକ୍ଷା ବୈଠକରେ ଯୋଗଦେଇ ପରାଜୟର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିବା ସହ ଦଳକୁ ଅଧିକ ଶୃଙ୍ଖଳିତ ଏବଂ ସୁଦୃଢ଼ କରିବା ପାଇଁ ସମସ୍ତ ନେତୃମଣ୍ଡଳୀଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦଳର ବରିଷ୍ଠ ଯୁବନେତା ତଥା ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ସଂଗ୍ରାମ ମଲ୍ଲିକ, ଜଗଦୀଶ ବେହେରା, ଲକ୍ଷ୍ମୀକାନ୍ତ ଜେନା, ବରିଷ୍ଠ ନେତା ଗୌରୀ ବାରିକ, ଜିଲା ସମ୍ପାଦକ ସଞ୍ଜୀବ ମଣ୍ଡଳ, ବରେନ୍ଦ୍ର ସେଠୀ, ଅଜିତ ମହାପାତ୍ର, ଦୀପକ ଜେନା, ରାଜକିଶୋର ମହାଳିକ, ଗଣେଶ ଜେନା, ମମତା ଜେନା, ମନୋରଞ୍ଜନ ଦଳେଇ, ରାଜୀବଲୋଚନ ବେହେରା, ଅକ୍ରୁର ତରେଇ ପ୍ରମୁଖ ସମୀକ୍ଷା ବୈଠକରେ ଯୋଗଦେଇଥିଲେ। ମନୋଜ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ଦାୟିତ୍ୱ ଗ୍ରହଣ ପରେ ବିଭାଗର ସମୀକ୍ଷା କଲେ ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର, ୧୬।୬(ସୁନିତ୍ ମିଶ୍ର)

ଓଡ଼ିଶାର ବିକାଶ ଓ ରାଜ୍ୟବାସୀଙ୍କ ସ୍ୱାର୍ଥ ରକ୍ଷାକୁ ସର୍ବଦା ଗୁରୁତ୍ୱ ଦିଆଯିବ। ବାତ୍ୟା, ବର୍ଷା, ବନ୍ୟା ଏବଂ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ମୋଦି ସରକାର ଅମଳରେ ଗତ ୧୦ ବର୍ଷରେ ପର୍ଯ୍ୟାପ୍ତ ପରିମାଣର ଆର୍ଥିକ ଅନୁଦାନ ଓ ସହାୟତା ଓଡ଼ିଶାକୁ ଆସିଛି। ଶନିବାର ରାଜ୍ୟ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗର ଦାୟିତ୍ୱ ମିଳିବା ପରେ ବିଭାଗୀୟ କ୍ୟାବିନେଟ ମନ୍ତ୍ରୀ ସୁରେଶ ପୂଜାରୀ ରବିବାର ଥିବା ସତ୍ତ୍ୱେ ବିଭାଗୀୟ ଅଧିକାରୀଙ୍କ ସହ ବାସ୍ତବ ସ୍ଥିତି ସମ୍ପର୍କରେ ପଚାରି ବୁଝିବା ସହିତ ସମୀକ୍ଷା କରିଛନ୍ତି। ରାଜ୍ୟରେ ମୌସୁମୀ ଦ୍ୱାରଦେଶରେ। ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରସ୍ତୁତ ରହିବା ସହିତ ଭିତ୍ତିଭୂମିକୁ ଆହୁରି ଅଧିକ ସୁଦୃଢ଼ କରାଯିବା ଉପରେ କାର୍ଯ୍ୟ କରିବାକୁ ମନ୍ତ୍ରୀ ପୂଜାରୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ବିଭାଗୀୟ ଅଧିକାରୀ ସୂଚନା ଦେଉଛନ୍ତି।

# ଉପବାଚସ୍ପତି ପଦ ନ ମିଳିଲେ ବାଚସ୍ପତି ନିର୍ବାଚନରେ ପ୍ରାର୍ଥୀ ଦେବ ବିରୋଧୀ ମେଣ୍ଟ

ନୂଆଦିଲ୍ଲୀ,୧୬।୬

ଅଷ୍ଟାଦଶ ଲୋକ ସଭାର ବାଚସ୍ପତି ପଦ ଲାଗି ଆସନ୍ତା ୨୬ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ବିରୋଧୀ ଇଣ୍ଡିଆ ବ୍ଲକ୍ ଉପବାଚସ୍ପତି ପଦ ଉପରେ ନଜର ରଖିଛି। ଯଦି ଏହାକୁ ଉପବାଚସ୍ପତି ପଦ ନ ମିଳେ ତେବେ ବିରୋଧୀ ଦଳଗୁଡ଼ିକ ବାଚସ୍ପତି ନିର୍ବାଚନରେ ପ୍ରାର୍ଥୀ ଦେଇପାରନ୍ତି ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ଅଷ୍ଟାଦଶ ଲୋକ ସଭାର ସ୍ୱତନ୍ତ୍ର ଅଧିବେଶନ ଜୁନ୍ ୨୪ରୁ ଆରମ୍ଭ ହୋଇ ଜୁଲାଇ ୩ ପର୍ଯ୍ୟନ୍ତ ଚାଲିବ। ସପ୍ତଦଶ ଲୋକ ସଭାରେ ଭାଜପାର ଓମ୍ ବିର୍ଲା ବାଚସ୍ପତି ଥିବାବେଳେ ଉପବାଚସ୍ପତି ପଦ ଖାଲିପଡ଼ିଥିଲା। ଏଥର ଇଣ୍ଡିଆ ବ୍ଲକ୍ ୨୩୩ ଆସନରେ ଜିତି ଏକ ସୁଦୃଢ଼ ବିରୋଧୀ ମେଣ୍ଟର ଭୂମିକା ନେବାକୁ ଯାଉଛି। ଭାଜପା ଅନ୍ୟ ସହଯୋଗୀ ଦଳମାନଙ୍କ ସହଯୋଗରେ ତୃତୀୟ ଥର ସରକାର ଗଢ଼ିବାକୁ ସମର୍ଥ ହୋଇଛି।



ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ଡେପୁଟି ସ୍ପିକର ଏକ ନିରପେକ୍ଷ କାର୍ଯ୍ୟାଳୟ। ସେ ବାଚସ୍ପତିଙ୍କ ଅଧୀନ ନୁହନ୍ତି। ଶିବସେନା (ୟୁବିଟି) ନେତା ସଞ୍ଜୟ ରାଉତ ନିକଟରେ ଇଣ୍ଡିଆ ବ୍ଲକ୍‌ର ଯୋଜନା ସମ୍ପର୍କରେ ଶେୟାର କରିଥିଲେ। ଯଦି ଚନ୍ଦ୍ରାବାବୁ ନାଇଡୁଙ୍କ ଟିଡିପିକୁ ବାଚସ୍ପତି ପଦ ନ ମିଳେ, ତେବେ ଏହି ପଦବୀ ପାଇଁ ଟିଡିପି ପ୍ରାର୍ଥୀଙ୍କୁ ଇଣ୍ଡିଆ ବ୍ଲକ୍ ପୂରା ସମର୍ଥନ ଯୋଗାଇଦେବ ବୋଲି ରାଉତ କହିଛନ୍ତି। ଚନ୍ଦ୍ରାବାବୁ ମଧ୍ୟ ବାଚସ୍ପତି ପଦ ପାଇଁ ପୂର୍ବରୁ ଦାବି ଜଣାଇଥିଲେ।

# ଗଞ୍ଜାମରୁ ବିଭୂତି ୪ର୍ଥ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ

ବ୍ରହ୍ମପୁର,୧୬।୬(ନରସିଂହ ସାହୁ)

ରାଜ୍ୟରେ ପ୍ରଥମଥର ପାଇଁ ହୋଇଥିବା ଭାଜପା ସରକାରରେ ଗଞ୍ଜାମ ଜିଲା ଗୋପାଳପୁର ବିଧାୟକ ବିଭୂତି ଭୂଷଣ ଜେନାଙ୍କୁ ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ବିଭାଗ ଦାୟିତ୍ୱ ଦିଆଯାଇଛି। ଜିଲାରୁ ବିଭୂତି ହେଉଛନ୍ତି ୪ର୍ଥ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ।

୧୯୬୧ରେ ଗଠନ ହୋଇଥିବା ଦୁରା ନିର୍ବାଚନମଣ୍ଡଳୀ ପରବର୍ତ୍ତୀ ପର୍ଯ୍ୟାୟରେ ଗୋପାଳପୁର ନାମରେ ନାମିତ ହୋଇଛି। ଏହି ଆସନରୁ ବର୍ତ୍ତମାନ ସୁଦ୍ଧା ୩ ଜଣ ମନ୍ତ୍ରୀ ପଦ ପାଇଛନ୍ତି। ୧୯୬୧ ନିର୍ବାଚନରେ ଜିତିଥିବା କଂଗ୍ରେସ ବିଧାୟକ ପି. ଭି. ଜଗନ୍ନାଥ ରାଓ କ୍ୟାବିନେଟ ମନ୍ତ୍ରୀ ହୋଇ ସ୍ୱାସ୍ଥ୍ୟ ବିଭାଗ ପାଇଥିଲେ। ତାଙ୍କ ଅମଳରେ ଏମ୍‌କେସିଜି ମେଡିକାଲ କଲେଜ ପ୍ରତିଷ୍ଠା ହୋଇଥିଲା। ୨୦୧୪ ନିର୍ବାଚନରେ ଜିତିଥିବା ବିଜେଡି ବିଧାୟକ ପ୍ରଦୀପ ପାଣିଗ୍ରାହୀ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ) ପଦ ପାଇ ଉଚ୍ଚଶିକ୍ଷା ସମେତ ଅନ୍ୟ ବିଭାଗ ସମ୍ଭାଳିଥିଲେ। ୨୦୧୭ ପର୍ଯ୍ୟନ୍ତ ସେ ମନ୍ତ୍ରୀ ଥିଲେ। ୨୦୨୪ ନିର୍ବାଚନରେ ବିଭୂତି ହୋଇଛନ୍ତି କ୍ୟାବିନେଟ ମନ୍ତ୍ରୀ।



ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ରବିବାର ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

ତଥ୍ୟାନୁସାରେ, ୧୯୭୭ ନିର୍ବାଚନରେ ଆସିକାର ତତ୍କାଳୀନ ଜନତା ପାର୍ଟି ବିଧାୟକ ହରିହର ସ୍ୱାଇଁ ବାଣିଜ୍ୟ ଓ ପରିବହନ ରାଷ୍ଟ୍ରମନ୍ତ୍ରୀ ହୋଇଥିଲେ। ତାଙ୍କ ଅମଳରେ ଆର୍ଯ୍ୟପଲ୍ଲୀଠାରେ ଗୋପାଳପୁର କ୍ଷୁଦ୍ର ବନ୍ଦର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ୧୯୮୦ ନିର୍ବାଚନରେ ବ୍ରହ୍ମପୁରରୁ କଂଗ୍ରେସ ବିଧାୟକ ହୋଇଥିଲେ କୃଷ୍ଣଚରଣ ପଟ୍ଟନାୟକ। ଜାନକୀବଲ୍ଲଭ ପଟ୍ଟନାୟକଙ୍କ ପ୍ରଥମ ସରକାରରେ ସେ ବାଣିଜ୍ୟ ଓ ପରିବହନ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ) ହୋଇଥିଲେ। ଏହା ସହ ଆଇନ ବିଭାଗ ମଧ୍ୟ ପାଇଥିଲେ। ୧୯୮୫ ନିର୍ବାଚନରେ ସୋରଡ଼ା ଆସନରୁ କଂଗ୍ରେସରୁ ଶରତ ଚନ୍ଦ୍ର ପଣ୍ଡା ନିର୍ବାଚିତ ହୋଇଥିଲେ। ଜାନକୀ ପଟ୍ଟନାୟକଙ୍କ ଦ୍ୱିତୀୟ ପାଳି ସରକାରରେ ସେ ହୋଇଥିଲେ ବାଣିଜ୍ୟ ଓ ପରିବହନ ରାଷ୍ଟ୍ରମନ୍ତ୍ରୀ। ୧୯୮୭ରେ ଗୋପାଳପୁର ବନ୍ଦର ଉଦ୍‌ଘାଟନ ହୋଇଥିଲା। ରାଜ୍ୟ ରାଜକୋଷରୁ ସେତେବେଳେ ୧୪୦ କୋଟି ଟଙ୍କା ବ୍ୟୟରେ ହୋଇଥିବା ଗୋପାଳପୁର ସାମୟିକ କ୍ଷୁଦ୍ର ବନ୍ଦରରେ କିଛିବର୍ଷ ନୌବାଣିଜ୍ୟ କାରବାର ଆଶାନୁରୂପ ହୋଇଥିଲା। ୧୯୯୯ ମହାବାତ୍ୟାରେ ବନ୍ଦର ଧ୍ୱଂସ ହୋଇଯାଇଥିଲା। ୬ ବର୍ଷ ଅଚଳ ଅବସ୍ଥାରେ ଥିବା ବନ୍ଦରକୁ ୨୦୦୬ରେ ବିଜେଡି ସରକାର ଘରୋଇ ମାଲିକାନାକୁ ଟେକିଦେଲେ। ସର୍ତ୍ତ ଥିଲା ବନ୍ଦରକୁ ସବୁଦିନିଆ ବୃହତ୍ ବନ୍ଦର କରାଯିବ। ଇତିମଧ୍ୟରେ ୧୮ ବର୍ଷ ବିତି ଯାଇଥିଲେ ମଧ୍ୟ ଯଥା ପୂର୍ବଂ ତଥା ପରଂ ରହିଛି। ଘରୋଇ ମାଲିକାନାରେ ଥିବା ବନ୍ଦର ଇତିମଧ୍ୟରେ ଦେଶର ଜଣେ ବଡ଼ ଉଦ୍ୟୋଗୀଙ୍କ ହାତକୁ ଯାଇଛି। ବର୍ତ୍ତମାନର ନୂଆ ସରକାରରେ ବିଭୂତିଙ୍କୁ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟ ବିଭାଗର କ୍ୟାବିନେଟ ପାହ୍ୟା ମିଳିଛି। ଦକ୍ଷିଣ ଓଡ଼ିଶାର ଏକମାତ୍ର ଗୋପାଳପୁର ବନ୍ଦର ସରକାରଙ୍କ ହାତଛଡ଼ା ହୋଇଯାଇଛି। ତେଣୁ ଦୀର୍ଘଦିନରୁ ପ୍ରସ୍ତାବିତ ଚିକିଟି ନିର୍ବାଚନମଣ୍ଡଳୀ ଅନ୍ତର୍ଭୁକ୍ତ ସୁନାପୁରସ୍ଥ ବାହୁଦା ମୁହାଣକୁ ନଦୀଭିତ୍ତିକ କ୍ଷୁଦ୍ର ବନ୍ଦର ନିର୍ମାଣ ଲାଗି ବିଭୂତି ପଦକ୍ଷେପ ନେବାକୁ ବିଭିନ୍ନ ମହଲରୁ ମତ ପ୍ରକାଶ ପାଇଛି।

**ଆଜି ଶେୟାର ବଜାର ବନ୍ଦ**

ନୂଆଦିଲ୍ଲୀ: ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ ଇଦ୍-ଉଜ୍-ଜୁହା (ବକ୍ରି ଇଦ୍) ପାଇଁ ଘରୋଇ ଶେୟାର ବଜାର କାରବାର ବନ୍ଦ ରହିବ। ଏ ନେଇ ଉଭୟ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ଏବଂ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ,୨୦୨୪ ଜୁନ ୧୭ ରେ ଇଦ୍-ଉଜ୍-ଜୁହା (ବକ୍ରି ଇଦ୍) ଯୋଗୁ ସୋମବାର ଶେୟାର ବଜାର କାରବାର ବନ୍ଦ ରହିବ ବୋଲି ଉଭୟ ଏକ୍ସଚେଞ୍ଜ ପକ୍ଷରୁ ସୂଚନା ଦିଆଯାଇଛି। ଏପରିକି ଷ୍ଟକ ଏକ୍ସଚେଞ୍ଜର ସମସ୍ତ ସେଗମେଣ୍ଟ ବନ୍ଦ ମଧ ରହିବ ବୋଲି ଏକ୍ସଚେଞ୍ଜ ପକ୍ଷରୁ କୁହାଯାଇଛି।

# ଏପ୍ରିଲ୍‌ରେ କୋଇଲା ଆମଦାନୀ ବୃଦ୍ଧି

**ଭୁବନେଶ୍ୱର,୧୬।୬(ଅନୁରାଧା ମହାରଣା)**



କୋଇଲା ଆମଦାନୀ ହ୍ରାସ କରିବାକୁ ଭାରତ ସରକାର କ୍ରମାଗତ ଭାବରେ ଚେଷ୍ଟା କରୁଛନ୍ତି, ମାତ୍ର ଆମଦାନୀ ପରିମାଣ ବଢ଼ିବାରେ ଲାଗିଛି। ୨୦୨୪ ଏପ୍ରିଲରେ କୋଇଲା ଆମଦାନୀ ୧୩.୨ ପ୍ରତିଶତ ବୃଦ୍ଧି ହୋଇ ୨୬.୧ ମିଲିୟନ ଟନ୍‌ରେ ପହଞ୍ଚିଛି। କିଛି ବିଦ୍ୟୁତ୍ କମ୍ପାନୀ ପକ୍ଷରୁ ବଢୁଥିବା କୋଇଲା ଚାହିଦା ବଢ଼ାଇଥ ପୂରଣ କରିବା ପାଇଁ ଏହି ଆମଦାନୀ ପରିମାଣ ବଢୁଥିବା କୁହଯାଇଛି। ବିଟୁବ ଇ-କମର୍ସ କମ୍ପାନୀ ଏମଜଙ୍କଶନ୍ ଲିମିଟେଡ୍ ପକ୍ଷରୁ ଏହ ମିଳିଛି। ୨୦୨୩ ଏପ୍ରିଲରେ କୋଇଲା ଆମଦାନୀ ୨.୩୦ ଏମଟି ଥିଲା। ଗୋଟିଏପଟେ କୋଇଲା ଏବଂ ଖଣି ମନ୍ତ୍ରୀ ଜି. କିଶନ ରେଡ୍ଡୀ କହିଛନ୍ତି ଯେ ଭାରତ ଜୀବାଶ୍ମ ଇନ୍ଧନର ଘରୋଇ ଉତ୍ପାଦନ ବୃଦ୍ଧି କରିବା ଉଚିତ, ଯାହାଦ୍ୱାରା ଆମଦାନୀ ହ୍ରାସ ହୋଇପାରିବ। ୨୦୨୫-୨୬ ସୁଦ୍ଧା ଘରୋଇ କୋଇଲା ଉତ୍ପାଦନ ବୃଦ୍ଧି କରି ଆମଦାନୀ ବନ୍ଦ କରିବାକୁ କେନ୍ଦ୍ର ସରକାର ଏକ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଅନ୍ୟପଟେ କୋଇଲା ଆମଦାନୀ ପରିମାଣରେ ହ୍ରାସ ପାଇବା ପରିବର୍ତ୍ତେ ବୃଦ୍ଧି ଘଟିଛି। ଏମଜଙ୍କଶନର ତଥ୍ୟ ଅନୁଯାୟୀ, ବନ୍ଦର ମାଧ୍ୟମରେ କୋଇଲା ଏବଂ କୋକ ଆମଦାନୀ ଗତ ବର୍ଷ ତୁଳନାରେ ଏପ୍ରିଲରେ ୧୩.୨ ପ୍ରତିଶତ ବୃଦ୍ଧି ପାଇଛି। ଏପ୍ରିଲରେ ମୋଟ ଆମଦାନୀ ମଧ୍ୟରୁ ଅଣ-କୋକିଂ କୋଇଲା ଆମଦାନୀ ୧.୭୪ କୋଟି ଟନ ଥିଲା। ଏହା ଏକ ବର୍ଷ ପୂର୍ବରୁ ୧.୫୧ କୋଟି ଟନ୍ ଥିଲା। ଏଥି ସହିତ କୋକିଂ କୋଇଲା ଆମଦାନୀ ୪୭.୭ ଲକ୍ଷ ଟନରୁ ୪୯.୭ ଲକ୍ଷ ଟନକୁ ବୃଦ୍ଧି ପାଇଛି।

ଏମଜଙ୍କଶନ୍‌ର ଏମଡି ଏବଂ ସିଇଓ ବିନୟ ଭର୍ମା କହିଛନ୍ତି, ଚାହିଦା ଦୃଷ୍ଟିରୁ ଆମଦାନୀ ବୃଦ୍ଧି ପାଇଛି। ମୌସୁମୀ ପୂର୍ବ ସଂରକ୍ଷଣ ହେତୁ ଉଭୟ ଶକ୍ତି ଏବଂ ଅଣ-ନିୟନ୍ତ୍ରିତ କ୍ଷେତ୍ରରୁ କୋଇଲା ପାଇଁ ପ୍ରବଳ ଚାହିଦା ଜାରି ରହିପାରେ। ମାର୍ଚ୍ଚରେ କୋଇଲା ଆମଦାନୀ ମଧ ମାର୍ଚ୍ଚ ତୁଳନାରେ ୮.୯୩ ପ୍ରତିଶତ ଅଧିକ ଥିଲା। ମାର୍ଚ୍ଚରେ ଏହା ୨.୩୯ କୋଟି ଟନରୁ ଅଧିକ ଥିଲା। ସମୁଦ୍ର ପରିବହନ ମୂଲ୍ୟ କମ୍ ରହୁଥିବା ହେତୁ ୨୦୨୩-୨୪ରେ କୋଇଲା ଆମଦାନୀ ୭.୨୩ ପ୍ରତିଶତ ବୃଦ୍ଧି ପାଇ ୨୬୮.୨ ଏମଟିରେ ପହଞ୍ଚିଛି। ୨୦୨୨-୨୩ ରେ ଏହି ପରିମାଣ ୨୪.୯୦ ଏମଟି ଥିଲା।

## ଓପୋର ନୂତନ ଉତ୍ପାଦ

**ଭୁବନେଶ୍ୱର,୧୬।୬**

ଦେଶର ପ୍ରମୁଖ ସ୍ମାର୍ଟଫୋନ ବ୍ରାଣ୍ଡ ତଥା ଓପୋ ଇଣ୍ଡିଆର ନୂତନ ଉତ୍ପାଦ 'ଏଫ୨୭ ପ୍ରୋ+୫ଜି'ର ସର୍ବଭାରତୀୟ ଉନ୍ମୋଚନ (ଶୁଭାରମ୍ଭ) ନିକଟରେ ହୋଇଯାଇଛି। ଏ ସମ୍ପର୍କରେ ଓପୋ ଇଣ୍ଡିଆର ନିର୍ଦ୍ଦେଶକ (ପ୍ରଡକ୍ଟ କମ୍ୟୁନିକେଶନ) ସାଭିଓ ଡିସୁଜା କହିଛନ୍ତି, ଓପୋ ଏଫ୨୭ପ୍ରୋ+୫ଜି ଏକମାତ୍ର ସ୍ମାର୍ଟଫୋନ, ଯାହା ଆଇପି୬୬, ଆଇପି୬୮ ଏବଂ ଆଇପି-୬୯ ରେଟିଙ୍ଗକୁ ବହନ କରୁଛି ଏବଂ ଧୂଳି ଓ ୱାଟର ଡ୍ୟାମେଜ ବିରୋଧରେ ସର୍ବୋଚ୍ଚ ମାନଦଣ୍ଡ ପୂରଣ କରୁଛି। ଏହା ବ୍ୟତୀତ ଏହାର ୩୬୦ଡିଗ୍ରୀ ଆର୍ମର ବଡି ଇନସାଇଡ-ଆଉଟ ସୁରକ୍ଷା ପ୍ରଦାନ ସହିତ ସୁଇସ ଏସଜିଏସ ପ୍ରିମିୟମ ପ୍ରଦର୍ଶନ ମାନଦଣ୍ଡ ଏବଂ ଏମଆଇଏଲ-ଏସଟିଡି-୮୧୦ଏଚ ମେଥଡ ୫୧୬.୮ ଦ୍ୱାରା ପ୍ରମାଣିତ ହୋଇଛି। ଉଲ୍ଲେଖଯୋଗ୍ୟ, ୨୦୨୪ ଜୁନ ୨୦ରୁ ଓପୋ ଏଫ୨୭ ପ୍ରୋ+ ୫ଜି ଘରୋଇ ବଜାରରେ ଉପଲବ୍ଧ ହେବ।

## ନିୟମ କୋହଳ କଲା ଇପିଏଫଓ

**ଭୁବନେଶ୍ୱର,୧୬।୬ (ଅନୁରାଧା ମହାରଣା)**

କର୍ମଚାରୀ ଭବିଷ୍ୟନିଧି ସଙ୍ଗଠନ (ଇପିଏଫଓ) ନିଯୁକ୍ତିଦାତା ଏବଂ କର୍ମଚାରୀଙ୍କ ପାଇଁ ନିୟମରେ କିଛି ପରିବର୍ତ୍ତନ କରିଛି। ଏହି ପରିବର୍ତ୍ତିତ ନିୟମ ନିଯୁକ୍ତିଦାତା କମ୍ପାନୀଙ୍କ ପାଇଁ ଦଣ୍ଡବିଧାନକୁ କୋହଳ କରିଛି। ଇପିଏଫଓ ଦ୍ୱାରା ପରିବର୍ତ୍ତନ କରାଯାଇଥିବା ନିୟମଗୁଡ଼ିକ ପିଏଫ୍, ବୀମା, ପେନସନ୍ ସହ ଜଡ଼ିତ ବୋଲି ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ମନ୍ତ୍ରଣାଳୟ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ଇପିଏଫଓ, କର୍ମଚାରୀ ପେନସନ ସ୍କିମ (ଇପିଏସ), କର୍ମଚାରୀ ପ୍ରୋଭିଡେଣ୍ଟ ଫଣ୍ଡ ସ୍କିମ୍ (ଇପିଏଫ୍) ଏବଂ କର୍ମଚାରୀଙ୍କ ଜମା ଲିଙ୍କଡ ଇନସ୍ୟୁରାନ୍ସ ସ୍କିମ (ଇଡିଏଲ୍‌ଆଇ)ର ତିନୋଟି ଯୋଜନାରେ କମ୍ପାନୀଗୁଡିକ କର୍ମଚାରୀଙ୍କ ଅବଦାନରେ ଡିଫଲ୍ଟ ହୁଅନ୍ତି, ତେବେ ସେମାନଙ୍କ ଉପରେ, ମାସିକ ଦେୟ ୧ ପ୍ରତିଶତ ଅର୍ଥାତ୍ ବାର୍ଷିକ ୧୨ ପ୍ରତିଶତ ଜରିମାନା ଲାଗୁ ହେବ। ବର୍ତ୍ତମାନ ପର୍ଯ୍ୟନ୍ତ, ଏହି ତିନୋଟି ଯୋଜନାରେ ଡିଫଲ୍ଟ ପାଇଁ କମ୍ପାନୀଗୁଡ଼ିକ ଉପରେ ବାର୍ଷିକ ୨୫ ପ୍ରତିଶତ ପର୍ଯ୍ୟନ୍ତ ଜରିମାନା ଲାଗୁ କରାଯାଇଥିଲା। ଶ୍ରମ ମନ୍ତ୍ରଣାଳୟ କହିଛି ଯେ ନିୟମରେ କରାଯାଇଥିବା ଏହି ପରିବର୍ତ୍ତନ ବିଜ୍ଞପ୍ତି ପ୍ରକାଶ ପାଇବା ଦିନଠାରୁ କାର୍ଯ୍ୟକାରୀ ହୋଇଛି। ଅର୍ଥାତ୍ ଜୁନ ୧୫ରୁ ନିୟମ କାର୍ଯ୍ୟକାରୀ ହୋଇଛି।

## ଆଜିଠାରୁ ରାଉରକେଲା ବଜାରରେ ଅମୂଲ ସମ୍ଭାର




**ଭୁବନେଶ୍ୱର,୧୬।୬**

ଦେଶର ପ୍ରମୁଖ ଦୁଗ୍ଧ ଉତ୍ପାଦକ ତଥା ଗୁଜରାଟ କୋ-ଅପରେଟିଭ ମିଲ୍କ ମାର୍କେଟିଂ ଫେଡେରେଶନ୍ ଲିମିଟେଡ (ଜିସିଏମ୍‌ଏମ୍‌ଏଫ ଲିମିଟେଡ)ର ଅଗ୍ରଣୀ ବ୍ରାଣ୍ଡ 'ଅମୂଲ'ର ନୂତନ ଉତ୍ପାଦ ସମ୍ଭାର ସୋମବାରଠାରୁ ରାଉରକେଲା ବଜାରରେ ଉପଲବ୍ଧ ହେବ। ଏପରିକି ରାଉରକେଲା ବଜାରରେ ବ୍ରାଣ୍ଡର ଅମୂଲ ଗୋଲ୍ଡ, ଅମୂଲ ଶକ୍ତି, ଅମୂଲ ତାଜା ଏବଂ ଅମୂଲ ଗାଈ କ୍ଷୀର ସହିତ ଅମୂଲ ମସ୍ତି ଦହି ପାଉଚ୍ ଏବଂ କପ୍ ସମେତ ମିଠା ଲସି ଓ ପ୍ରୋବାୟୋଟିକ ମସଲା ତଡକା, ଘୋଳ ଦହି ଆଦି ଉପଲବ୍ଧ।

ଉଲ୍ଲେଖଯୋଗ୍ୟ, ୨୦୨୪ ଜୁନ ୧୭ରୁ ରାଉରକେଲା ବଜାରରେ ଅମୂଲର ସମସ୍ତ ପ୍ରକାରର ତାଜା କ୍ଷୀର ଏବଂ ଅନ୍ୟାନ୍ୟ ଉତ୍ପାଦ ଉପଲବ୍ଧ ହେବ ବୋଲି ଫେଡେରେଶନ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଅପରପକ୍ଷରେ ଅମୂଲ ଗୋଲ୍ଡର ପ୍ରତି ୫୦୦ମିଲି ପ୍ୟାକର ମୂଲ୍ୟ ୩୨ ଟଙ୍କା ଥିଲାବେଳେ ଅମୂଲ ତାଜାର ପ୍ରତି ୫୦୦ମିଲି ପ୍ୟାକ ମୂଲ୍ୟ ୨୬ ଟଙ୍କା ରହିଛି। ଏପରିକି ଅମୂଲ ଶକ୍ତିର ପ୍ରତି ୫୦୦ ମି.ଲି. ପ୍ୟାକର ମୂଲ୍ୟ ୨୮ ଟଙ୍କା ଥିଲାବେଳେ ଅମୂଲ୍ ଗାଈ କ୍ଷୀରର ପ୍ରତି ୫୦୦ ମି.ଲି. ପ୍ୟାକର ମୂଲ୍ୟ ୨୭ ଟଙ୍କା ରହିଛି। ସେହିଭଳି ଅମୂଲ୍ ମସ୍ତି ଦହି ପାଉଚ୍ ଏବଂ କପ୍ ପ୍ୟାକରେ ଉପଲବ୍ଧ ହେଉଥିଲାବେଳେ ଏହାର ବଜାର ମୂଲ୍ୟ ପ୍ରତି ୨୦୦ଗ୍ରାମ୍‌ର ମୂଲ୍ୟ ୧୮ ଟଙ୍କା ଏବଂ ୪୦୦ ଗ୍ରାମ୍‌ର ମୂଲ୍ୟ ୩୪ ଟଙ୍କା ଥିଲାବେଳେ ୧କେଜିର ମୂଲ୍ୟ ୭୨ଟଙ୍କା ଓ ୨୦୦ ଗ୍ରାମ କପ୍‌ର ମୂଲ୍ୟ ୨୨ଟଙ୍କା ରହିଛି। ଏପରିକି ଅମୂଲ ମିଠା ଲସି ପ୍ରତି ୧୫୦ ମି.ଲି. ପାଉଚ୍‌ର ମୂଲ୍ୟ ୧୦ ଟଙ୍କା ରହିଥିଲାବେଳେ ଅମୂଲ ପ୍ରୋବାୟୋଟିକ ମସଲା ତଡକା ଘୋଳଦହି ପ୍ରତି ୨୭୦ ମି.ଲି. ପାଉଚ୍‌ର ମୂଲ୍ୟ ୧୦ ଟଙ୍କା ରହିଛି। ସେହିପରି ବଜାରର ଖୁଚୁରା ଦୋକାନ ପାଇଁ ମଧ ଅମୂଲର କ୍ଷୀର ପାଉଚ୍ (୫୦୦ ମି.ଲି.ପ୍ୟାକ) ଏବଂ ହୋଟେଲ, ରେଷ୍ଟୁରାଣ୍ଟ, ଚା ଦୋକାନ ପାଇଁ ୬ଲିଟର ଇକୋନୋମି ପ୍ୟାକ ମଧ ଉପଲବ୍ଧ।

## ନ୍ୟୁ ରାଜସ୍ଥାନ କଟନ୍‌ଫାବ-୨୦୨୪ ଉଦ୍‌ଘାଟିତ



**ଭୁବନେଶ୍ୱର,୧୬।୬ (ଅଭୟ ଦାଶ)**

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ହରିୟାଣାର କାମଧେନୁ ଖଦି ଉଲ୍ ପାନିପଥ ପକ୍ଷରୁ ଭୁବନେଶ୍ୱରର ୟୁନିଟ-୩ ପ୍ରଦର୍ଶନୀ ପଡିଆଠାରେ ଆୟୋଜିତ 'ନ୍ୟୁ ରାଜସ୍ଥାନ କଟନ୍‌ଫାବ-୨୦୨୪ ପ୍ରଦର୍ଶନୀ' ନିକଟରେ ଉଦଘାଟିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ୨୦୨୪ ଜୁନ ୧ରୁ ଆରମ୍ଭ ହୋଇଥିବା ଏହି ପ୍ରଦର୍ଶନୀ ଚଳିତ ବର୍ଷ ଅଗଷ୍ଟ ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଜାରି ରହିବ ବୋଲି ଆୟୋଜକଙ୍କ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ସେହିଭଳି ପ୍ରଦର୍ଶନୀର କାରବାର ବେଶ୍ ଉତ୍ସାହଜନକ ରହିଥିବାରୁ ବ୍ୟବସାୟୀ ଓ ବୁଣାକାର ସମିତିଗୁଡିକ ପକ୍ଷରୁ ମଧ ଭଳିକି ଭଳି ପୋଷାକ ଓ ବିଭିନ୍ନ ରାଜ୍ୟର ଲୋକପ୍ରିୟ ତଥା ପ୍ରସିଦ୍ଧ ବସ୍ତ୍ରଗୁଡିକର ବ୍ୟାପକ ସମ୍ଭାର ଗ୍ରାହକଙ୍କୁ ଯୋଗାଇ ଦିଆଯାଉଛି ବୋଲି ଆୟୋଜକ ଓ ବ୍ୟବସାୟୀମାନେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ଅପରପକ୍ଷରେ ସନ୍ଧ୍ୟା ହେଲେ ସହରବାସୀ ଭୁବନେଶ୍ୱରର ପ୍ରଦର୍ଶନୀ ପଡିଆଠାରେ ଆୟୋଜିତ 'ନ୍ୟୁ ରାଜସ୍ଥାନ କଟନଫାବ-୨୦୨୪ ପ୍ରଦର୍ଶନୀ'ରେ ଭିଡ ଜମାଉଛନ୍ତି। ଉଲ୍ଲେଖଯୋଗ୍ୟ, ହରିୟାଣାର କାମଧେନୁ ଖଦି ଉଲ୍ ପାନିପଥ ପକ୍ଷରୁ ଆୟୋଜିତ 'ହ୍ୟାଣ୍ଡଲୁମ ଆଣ୍ଡ ହାଣ୍ଡିକ୍ରାଫ୍ଟ ପ୍ରଦର୍ଶନୀ'ରେ ଓଡ଼ିଶାର ବୟନିକା ସମେତ ପଞ୍ଜାବ, ହରିୟାଣା, ଉତ୍ତରାଖଣ୍ଡ, ଉତ୍ତରପ୍ରଦେଶ, ରାଜସ୍ଥାନ, ଗୁଜରାଟ, ମଧ୍ୟପ୍ରଦେଶ, ବିହାର, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, କର୍ଣ୍ଣାଟକ, ତେଲଙ୍ଗାନା, ଆସାମ, ପୁଡୁଚେରୀ ଏବଂ ଜମ୍ମୁ ଆଣ୍ଡ କଶ୍ମୀର ଭଳି ରାଜ୍ୟର ହ୍ୟାଣ୍ଡଲୁମ ଆଣ୍ଡ ହାଣ୍ଡିକ୍ରାଫ ବ୍ୟବସାୟୀମାନେ ମୋଟ ୬୦ଟି ଷ୍ଟଲ ଜରିଆରେ ସେମାନଙ୍କର ଉତ୍ପାଦ ପ୍ରଦର୍ଶନ ଓ ବିକ୍ରି କରୁଥିବା କାମଧେନୁ ଖଦି ଉଲ ପାନିପଥର ସମ୍ପାଦକ ରାଜେନ୍ଦ୍ର ଚୌଧୁରୀ ବିସ୍ତୃତ ଭାବେ ସୂଚନା ଦେଇଛନ୍ତି।

ସେହିପରି ଭୁବନେଶ୍ୱରର ୟୁନିଟ-୩ ପ୍ରଦର୍ଶନୀ ପଡିଆଠାରେ ଜାରି ରହିଥିବା ନ୍ୟୁ ରାଜସ୍ଥାନ କଟନଫାବ-୨୦୨୪ ପ୍ରଦର୍ଶନୀ ପ୍ରତ୍ୟହ ଦିବା ୧୧ ଘଟିକାରୁ ରାତ୍ର ୯ଘଟିକା ପର୍ଯ୍ୟନ୍ତ ଜାରି ରହିଛି।

## ଏସ୍‌ବିଆଇ ଲାଇଫର ଡିଜିଟାଲ ଅଭିଯାନ

**ଭୁବନେଶ୍ୱର,୧୬।୬**

ଦେଶର ପ୍ରମୁଖ ଘରୋଇ ବୀମା କମ୍ପାନୀ 'ଏସ୍‌ବିଆଇ ଲାଇଫ୍ ଇନସ୍ୟୁରାନ୍ସ'ର ବହୁ ପ୍ରତୀକ୍ଷିତ ଡିଜିଟାଲ ଅଭିଯାନ 'ପାପା ହୈ ନା'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ଚଳିତ ବର୍ଷର ପିତୃ ଦିବସ ଅବସରରେ ଏସ୍‌ବିଆଇ ଲାଇଫ୍ ଇନସ୍ୟୁରାନ୍ସ ପକ୍ଷରୁ ପିଲାମାନଙ୍କ ଜୀବନରେ ଲାଇଫ୍ ମିତ୍ର (ଜୀବନ ମିତ୍ର) ଭାବେ ପିତାଙ୍କ ବନ୍ଧୁ, ମାର୍ଗଦର୍ଶକ ଓ ଆର୍ଥିକ ପରାମର୍ଶଦାତାର ବିଭିନ୍ନ ଭୂମିକାକୁ ପାଳନ କରାଯାଉଛି। ଏପରିକି କମ୍ପାନୀର ପ୍ରମୁଖ ଡିଜିଟାଲ ଅଭିଯାନ 'ପାପା ହୈ ନା' ଅଧୀନରେ ଏସ୍‌ବିଆଇ ଲାଇଫ୍ ଏକ ସୁନ୍ଦର ଡିଜିଟାଲ ସିନେମା (ଚଳଚ୍ଚିତ୍ର) ମଧ ରିଲିଜ କରିଛି,ଯେଉଁଥିରେ ଜୀବନର ଆହ୍ୱାନକୁ ଅତିକ୍ରମ କରିବା ପାଇଁ ବାପା କିଭଳି ନିଜର ଅନୁଭୂତିକୁ ବ୍ୟବହାର କରୁଛନ୍ତି, ଏହି ଚଳଚ୍ଚିତ୍ର ଜରିଆରେ ତାହା ଦର୍ଶାଯାଇଛି। ସେହିଭଳି ଏହି ଡିଜିଟାଲ ସିନେମାରେ ଏସ୍‌ବିଆଇ ଲାଇଫ୍‌ର ବ୍ରାଣ୍ଡ ଦର୍ଶନ ମଧ ସାମିଲ ରହିଛି, ଯେଉଁଥିରେ ବାପାଙ୍କ ବୃତ୍ତିଗତ ଓ ପିଲାମାନଙ୍କ ଯତ୍ନ ନେବାର ଦ୍ୱୈତ ଭୂମିକାକୁ ସୁନ୍ଦର ଭାବେ ପ୍ରଦର୍ଶିତ କରାଯାଇଛି, ଏଥିରେ ଲାଇଫ୍ ମିତ୍ର ଭାବେ ସେ ନିଜ ପୁଅକୁ ଏକ ଜଟିଳ ସମୟକୁ ଅତିକ୍ରମ କରିବାରେ ସାହାଯ୍ୟ କରୁଥିବାର ଦେଖିବାକୁ ମିଳିବ। ଏପରିକି ବୃତ୍ତିଗତ ଓ ବ୍ୟକ୍ତିଗତ ଜୀବନର ଆହ୍ୱାନଗୁଡ଼ିକୁ ଅତିକ୍ରମ କରିବା ପାଇଁ ପରାମର୍ଶ ଦେବା ଲାଗି ବୀମା ପରାମର୍ଶଦାତାମାନେ କିଭଳି ଉପଯୁକ୍ତ, ଏହି ଡିଜିଟାଲ ସିନେମା ମାଧ୍ୟମରେ ତାହାକୁ ସୁନ୍ଦର ଭାବେ ପ୍ରଦର୍ଶନ କରାଯାଇଛି। ଏ ସମ୍ପର୍କରେ ଏସ୍‌ବିଆଇ ଲାଇଫ୍‌ର କର୍ପୋରେଟ କମ୍ୟୁନିକେଶନ୍ ଆଣ୍ଡ ସିଏସ୍‌ଆର୍ ମୁଖ୍ୟ ରବୀନ୍ଦ୍ର ଶର୍ମା କହିଛନ୍ତି, ଏସ୍‌ବିଆଇ ଲାଇଫ୍‌ର ନୂତନ ଡିଜିଟାଲ ଅଭିଯାନ 'ପାପା ହୈ ନା' ଚଳଚ୍ଚିତ୍ରରେ ପିତାମାନେ କିଭଳି ସେମାନଙ୍କ ଦକ୍ଷତାକୁ ନିଜ ପିଲାମାନଙ୍କ ବିକାଶ ପାଇଁ ବ୍ୟବହାର କରିପାରିବେ, ତାହାକୁ ବିସ୍ତୃତ ଭାବେ ଏହି ଚଳଚ୍ଚିତ୍ର ଜରିଆରେ ଉଲ୍ଲେଖ କରାଯାଇଛି। ଏସ୍‌ବିଆଇ ଲାଇଫ୍‌ର 'ପାପା ହୈ ନା' ଡିଜିଟାଲ ସିନେମାରେ ପ୍ରତି ବାପାଙ୍କ ଭୂମିକାକୁ ବିଶେଷ ଭାବେ ମାନ୍ୟତା ଦିଆଯାଇଛି, ଯିଏ ନିଜ ପିଲାଙ୍କ ପାଇଁ ପ୍ରେରଣା ଭାବେ ଉଭା ହୋଇଛନ୍ତି।

**ରାଜ୍ୟ ଖବର**



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭୋ ଦଇବ!**
**ୟା ଦେଖିକରି ଦିହ ସହିବ?**
**ଟୋକିଟାକୁ ବୁଢ଼ା ବିଭା ହୋଇବ?**

ବିବାହ ବେଳେ ବର ଓ କନ୍ୟାଙ୍କ ବୟସ ଉପରେ ଅଧିକ ପ୍ରାଧାନ୍ୟ ଦିଆଯାଏ। ସେମାନଙ୍କ ମଧ୍ୟରେ ବୟସର ତାରତମ୍ୟ ଯେତେ କମ୍ ହୁଏ ଦାମ୍ପତ୍ୟ ଜୀବନ ସେତେ ସୁଖମୟ ହୋଇଥାଏ। ଏପରି ସ୍ଥଳେ ବୟସ୍କ ବ୍ୟକ୍ତି ସହ କୁଆଁରୀ କନ୍ୟାର ବିବାହ ସମାଜ ଆଖିରେ ସେତେଟା ଗ୍ରହଣୀୟ ହୋଇପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଭଙ୍ଗା ଢିଙ୍କିଶାଳ ରୁଅ**
**ହେଲା ଚାଉଳକୁ କେତେ କଣ୍ଡାଉଛୁ**
**ପାଇଛୁ କି ପୋଲା ଦିହ ?**

ସମ୍ପୂର୍ଣ୍ଣ ହୋଇଯାଇଥିବା କାମଟିକୁ ପୁନଶ୍ଚ କଷ୍ଟକରି କରିବାରେ କିଛି ଯଥାର୍ଥତା ନ ଥାଏ। ଏପରି ଲୋକଦେଖାଣିଆ କାମରେ କିଛି ମୂଲ୍ୟ ନ ଥାଏ ବା କିଛି ଲାଭ ମିଳି ନ ଥାଏ। ହୋଇସାରିଥିବା କାମରେ ହାତଦେଇ ମିଛ ବାହାଦୁରି ନେବାକୁ ଚେଷ୍ଟା କରୁଥିବା ବ୍ୟକ୍ତିଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ**




ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ବଜ୍ରପାତରେ ୨୦ ଗୋରୁଙ୍କ ମୃତ୍ୟୁ



**ମାଲକାନଗିରି,୧୬।୬(ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲାରେ ବଜ୍ରପାତ ଯୋଗୁ ୨୦ ଗୋରୁଙ୍କ ମୃତ୍ୟୁ ହୋଇଛି। ଶନିବାର ରାତିରେ ମାଲକାନଗିରିରେ ବର୍ଷା ସହ ବିଜୁଳି ମାରିଥିଲା। ବର୍ଷା ପରିମାଣ ସ୍ୱଳ୍ପ ସତ୍ତ୍ୱେ ପ୍ରବଳ ବିଜୁଳି ମଧ୍ୟରେ ଜିଲା ସଦର ବ୍ଲକ ଅନ୍ତର୍ଗତ କୁସୁମଗୁଡ଼ା ଓ ବୁରୁଦିରେ ବଜ୍ରପାତରେ ଗୁହାଳରେ ଥିବା ୨୦ ଗୋରୁଙ୍କ ମୃତ୍ୟୁ ଘଟିଛି। ଏହି ଦୁଇ ଗ୍ରାମର ୧୧ ଲୋକଙ୍କ ଗାଈ ବଳଦ ମରିଛନ୍ତି। ଏମାନେ ସମସ୍ତେ ଅତ୍ୟନ୍ତ ଗରିବ ଶ୍ରେଣୀର ଥିବା ଜଣାପଡିଛି। ଚାଷ ଓ ଗାଈ କ୍ଷୀର ଏମାନଙ୍କ ମୁଖ୍ୟ ଜୀବିକା ହୋଇଥିବା ବେଳେ ବର୍ତ୍ତମାନ ଗାଈ ଓ ବଳଦଙ୍କ ମୃତ୍ୟୁ ପରେ ଏହି ଲୋକମାନେ ଭାଙ୍ଗି ପଡିଛନ୍ତି। ପରିବାର ପ୍ରତିପୋଷଣ କଷ୍ଟକର ହୋଇପଡିଛି।

ଏହାସହ କ୍ଷତିପୂରଣ ମଧ ଦାବି କରିଛନ୍ତି। ତେବେ ଏ ନେଇ ଖବର ପାଇବା ପରେ ରବିବାର ସକାଳୁ ସ୍ଥାନୀୟ ସରପଞ୍ଚ ବାବୁଲା ପଡ଼ିଆମୀ, ରାଜସ୍ୱ ନିରୀକ୍ଷକ ସନ୍ଦୀପ ବେହେରା, ପ୍ରାଣୀ ଚିକିତ୍ସା ବିଭାଗ ଏଲ୍‌ଆଇ ସୁକୁମାର ସାନା, ସ୍ଥାନୀୟ ପଞ୍ଚାୟତ ନିର୍ବାହୀ ଅଧିକାରୀ ଦୟାନିଧି ନିମାଲ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ କିପରି ଏହି ଗାଈ ଓ ବଳଦ ମୃତ୍ୟୁର ସହାୟତା ଲୋକଙ୍କୁ ପ୍ରଦାନ କରିହେବ ସେ ନେଇ ପଦକ୍ଷେପ ନେଇଥିବା ସୂଚନା ମିଳିଛି।

# କୋଣାର୍କ ନବଗ୍ରହ ପଥରର ଅକୁହା ଆବେଗ

- ପାଞ୍ଚ ପ୍ରକାର 'ପୋତ'ରେ ବୁହା ହେଉଥିଲା ପଥର
- ପୋତ ନିର୍ମାଣ ପାଇଁ ଜଙ୍କିଆଗଡ଼ରୁ ଆସିଥିଲା କାଠ

**ଡ. ସୁରେନ୍ଦ୍ର କୁମାର ମିଶ୍ର**



ଶାସ୍ତ୍ରୀୟ ପରମ୍ପରାରେ ନିର୍ମିତ କୋଣାର୍କରେ ପୂଜା ପାଉଥିବା ନବଗ୍ରହ ଶିଳା ବିଗ୍ରହ। **(ଫଟୋ: ଜ୍ୟୋତିରାଜ ମହାନ୍ତି)**




ଆଷାଢ଼ ମାସ ଶୁକ୍ଳ ପଞ୍ଚମୀ ବେଳକୁ ହିସାବ କଲେ ଜଣାଯାଏ, ମନ୍ଦିର ନିର୍ମାଣ ଆରମ୍ଭ ଏଗାରବର୍ଷ ଚାଲିଥାଏ। ଏଗାର ବର୍ଷରେ ବନ୍ଦାପନା ମଣ୍ଡପ ଓ ନାଟପୀଠ ଆରମ୍ଭ ହୋଇଥିଲା। ମକରଗୟଳ ନିର୍ମାଣ ସେହିବର୍ଷ ନୟାଗଡ଼ର ଶିବ ମହାରଣା ଆରମ୍ଭ କରିଥିଲେ। ସେହିବର୍ଷ ମନ୍ଦିରର ପଶ୍ଚିମପଟ ଗୁମୁଟର ସିଂହ ନିର୍ମାଣ ସମାପ୍ତ ହୋଇଥିଲା। ଗୁରୁପୂର୍ଣ୍ଣିମା ଦିନ ଏହି ସିଂହମୂର୍ତ୍ତିଙ୍କୁ ଗୁମୁଟ ଉପରେ ଖଞ୍ଜା ଯାଇଥିଲା। ସେହିବର୍ଷ ଆରମ୍ଭ ହୋଇଥିଲା ଦ୍ୱାରପାଳ ମୂର୍ତ୍ତିଙ୍କ ନିର୍ମାଣ କାର୍ଯ୍ୟ। ଶିଳ୍ପୀ ଥିଲେ ରାଧା ମହାପାତ୍ର। ଗର୍ଭ ମେଳଣରେ ତିନୋଟି ସୂର୍ଯ୍ୟମୂର୍ତ୍ତି ଖଞ୍ଜିବା କାର୍ଯ୍ୟ ସେହି ବର୍ଷ ସମାପ୍ତ ହୋଇଥିଲା। ଖଞ୍ଜିବା ଦାୟିତ୍ୱରେ ଥିଲେ ଶ୍ରୀରାମ ମହାପାତ୍ର ଓ ଯୋଗୀ ମହାପାତ୍ର। ସେଇ ମାସରେ ଦେବୀ ଛାୟା, ମାୟା, ସନ୍ଧ୍ୟା ଓ ଶ୍ରଦ୍ଧାଙ୍କ ବିଗ୍ରହ ନିର୍ମାଣ ଆରମ୍ଭ ହୋଇଥିଲା।

ଏହା ପରେ ପରେ ନବଗ୍ରହ ପଥର ଖୋଦେଇ ଆରମ୍ଭ ହୋଇଥିଲା। ଏହି ନବଗ୍ରହ ପଥରକୁ ଚକ୍ରାନ୍ତ କରି କଲିକତା ନେଇଯିବାକୁ ଉଦ୍ୟମ ହୋଇଥିଲା। ବହୁ ଚେଷ୍ଟା କରିଥିଲେ। ସାମାନ୍ୟ ଘୁଞ୍ଚେଇବାକୁ ସମର୍ଥ ହୋଇ ନ ଥିଲେ। ଶେଷରେ କିଛି ଶିଳ୍ପୀଙ୍କୁ ଯୋଗାଡ଼ କରି ଆଣିଥିଲେ। ସେମାନଙ୍କୁ କୁହାଗଲା ପ୍ରାଚୀନ କୌଶଳରେ ଉଠାଇ ଗାଡ଼ିରେ ଲଦିନେବା ପାଇଁ ସାହାଯ୍ୟ କର। ଶିଳ୍ପୀଙ୍କୁ ଏକାଠି କରେଇଥିଲେ ଶିବ ମହାନ୍ତି। ଶିବ ମହାନ୍ତି ଶେଷକୁ ସମସ୍ତଙ୍କୁ ବାରଣ କଲେ। ନା... ଆମେ ସାହାଯ୍ୟ କରିବାନି। ସେମାନେ ସମର୍ଥ ଥିଲେ। ପୁରୁଣା କୌଶଳ ତାଙ୍କ ପୂର୍ବପୁରୁଷଙ୍କଠାରୁ ଜାଣିଥିଲେ, ମାତ୍ର ଜାଣିପାରିଲେ... ଆଶଙ୍କା ହେଲା ପଥରକୁ ଇଂରେଜ ସରକାର ତାଙ୍କ ଦେଶକୁ ନେଇଯିବେ।

କେତେ ଯେ କଳା କୌଶଳରେ ସେତେବେଳେ 'ନବଗ୍ରହ ପଥର' ସାକାର ରୂପ ନେଇଥିଲା ଭାବି ହେଉ ନାହିଁ।

ବାସୁ ଓଝାଙ୍କର 'ଉଥାଳିଫାସ'କୁ 'ବ୍ୟାସାସନ' ଆକୃତି ଦିଆଯାଇଥିଲା। ସେଥିରେ ଛୋଟ ଛୋଟ ଆଠଟି ଚକ ଲାଗିଥିଲା। ସୁନ୍ଦର ମହାପାତ୍ରଙ୍କ ଚାରୋଟି ଖିଲପଥରରେ ଦୁଇପଟର ଫାଟକ ଲାଗିଲା। ଚାରି କାଠଖମ୍ବ, ଛଅ ଲୁହା ଶଗଡ଼ି ଆସିଲା ଖିଲପଥରକୁ ଖଞ୍ଜିବା ପାଇଁ। ଛଅଟି ଦଉଡ଼ିରେ ନବଗ୍ରହ ପଥରକୁ ଚାରିପଟୁ ଗୁଡ଼େଇ ବନ୍ଧାଗଲା।

ଏହି ପ୍ରାରମ୍ଭିକ ପ୍ରସ୍ତୁତିର ସାକ୍ଷୀ ରହିଥାନ୍ତି ମହାଶ୍ରମ (ଗଜପତି)ଙ୍କ ସାବତ ଭାଇ ଗୋପୀନାଥ ଦେବ। ଏଥିରେ ଦୁଇଟି ହାତୀ ମଧ ଯୋଗଦାନ ଦେଇଥିଲେ। ବହୁ ପରିଶ୍ରମ, ଓଡ଼ିଶୀ କୌଶଳରେ ଲୁହାବେଷ୍ଟିତ କବାଟ ମଝିରେ ନବଗ୍ରହ ପଥର ଖଞ୍ଜା ଯାଇଥିଲା। ଏହା ଏପରି କଷ୍ଟକର ଥିଲା ଯେ ଶିଳ୍ପୀଙ୍କୁ ଛାଡ଼ି ୬୨ଜଣ ପଥୁରିଆ ଲଗାତାର କାମ କରିଥିଲେ। କାମରେ ବିଶୃଙ୍ଖଳା ନ ହେଉ, ଉତ୍ସାହ ଉଦ୍ଦୀପନା ଦେଇ ଶେଷ ହେଉ ସେଥିପାଇଁ ପାନ ଭାଙ୍ଗି ସମସ୍ତଙ୍କୁ ଯୋଗାଇବା ପାଇଁ ଦୁଇଜଣ ପାନ ଭଙ୍ଗାଳି ନିଯୁକ୍ତି ହୋଇଥିଲେ। ଏହାପରେ ନବଗ୍ରହ ପଥର ଖଞ୍ଜା ପ୍ରସଙ୍ଗ ସରି ନାହିଁ। ଷୋଳ ସେରେ ଖଣ୍ଡ ମିଠା ବ୍ୟବହାର ହୋଇ ଏକ ପଣା ସମର୍ପଣ ହୋଇଥିଲା। ଉଠିଲାବେଳେ ପଡ଼ିଥିଲା ହରିବୋଲ ହୁଳହୁଳି। ପଣା ସମର୍ପଣ ପରେ ପୁଣି ହରିବୋଲ ହୁଳହୁଳିରେ କମ୍ପି ଉଠିଲା କୋଣାର୍କ ବାଲିବନ୍ତ।

ବଳଶ୍ରୀ (ରକ୍ଷାମନ୍ତ୍ରୀ) କାର୍ଯ୍ୟର ସଫଳତା ପାଇଁ ପ୍ରଥମେ ଉପହାର ଦେଲେ ନିଧି ମହାପାତ୍ରଙ୍କୁ। ନବଗ୍ରହ ପଥର ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟର ସେ ଥିଲେ ବିନ୍ଧାଣି। ନିଧି ମହାପାତ୍ର ହେଉଛନ୍ତି ଧର୍ମପଦଙ୍କର କକା। ସୂତ୍ରଧର (ମୁଖ୍ୟ ସ୍ଥପତି) ଥିଲେ ଏହି କାର୍ଯ୍ୟର ମାର୍ଗଦର୍ଶକ। ତାଙ୍କୁ ସମ୍ମାନିଭେଟି ଦିଆଯାଇଥିଲା। ପଥୁରିଆଙ୍କୁ ତାଙ୍କ ପାଉଣା ବାଦେ ପିଠାଖିଆ ପାଇଁ ଗୋଟିଏ ଗଙ୍ଗମାଢ଼ (ସୁନା ମୋହର) ଦିଆଯାଇଥିଲା।

ଆମେ ଏସବୁ ଆଲୋଚନା କରୁଛେ। ଏଇଥିପାଇଁ ଯେ କେତେ କଳାକୌଶଳରେ ଖୋଦେଇ ହେବା ପରେ ଓଡ଼ିଆଶିଳ୍ପୀ ତାହାକୁ ଖଞ୍ଜିବା ପାଇଁ ନିଜକୁ ସମର୍ପିତ କରି ଦେଉଥିଲେ। ଅନେକଙ୍କ ମନରେ ଏହା କେମିତି ହେଇଥିବ... କେମିତି ସେ କାଳରେ ଖଞ୍ଜା ହୋଇଥିବ... ଆଶ୍ଚର୍ଯ୍ୟ ହୁଅନ୍ତି। ପାଠକଙ୍କ ମନରେ ଶଙ୍କା ଆସୁଛି ଏଡ଼େ ବଡ଼ ବଡ଼ ପଥର କେଉଁ ପୋତରେ ନଦୀପଥରେ ସେମାନେ ଆଣୁଥିଲେ। ଏହା ସ୍ୱାଭାବିକ। ବାସ୍ତବରେ ନଦୀପଥରେ ପଥର ଆଣିବା ପାଇଁ ଓଡ଼ିଶା ଜଳବାହିନୀ ୫ ପ୍ରକାର ସ୍ୱତନ୍ତ୍ର ପୋତ ନିର୍ମାଣ କରିଥିଲେ। ଚାପ, ଡୋଲ, ଡଙ୍ଗା, ଭୋଟ ଓ କୋଶଳୀ, ଏହିପରି ପାଞ୍ଚପ୍ରକାର ପୋତ ବ୍ୟବହାର ହେଉଥିଲା। ସେତେବେଳେ ସବୁଥିରୁ ଗୋଟିଏ ଗୋଟିଏ ନିର୍ମାଣ ପାଇଁ ଖର୍ଚ୍ଚ ହୋଇଥିଲା ୩୦୦ ମାଢ଼ ସୁନା। ଏଥିରେ ବ୍ୟବହୃତ ସମସ୍ତ କାଠ, ଗଜପତିଙ୍କ ନିର୍ଦ୍ଦେଶରେ ଜଙ୍କିଆଗଡ଼ରୁ ଆସିଥିଲା। କେଉଁ ପୋତ କେଉଁ ନଦୀ ଦେଇ କେଉଁ ପାହାଡ଼ରୁ ପଥର ଆଣିବ, ତାହା ବି ନିର୍ଦ୍ଦିଷ୍ଟ ଥିଲା।

ସେତେବେଳେ ଓଡ଼ିଶାର ନଦୀଗୁଡ଼ିକରେ ପଇଁତରା ମାରୁଥିଲା ଏହି ପୋତଗୁଡ଼ିକ। ଘାଟ ପରେ ଘାଟ ଦେଇ ସୂର୍ଯ୍ୟ ଦେବତାଙ୍କ ମନ୍ଦିର ପାଇଁ ଆସୁଥିବା ପଥର ପୋତ କଥା ଶୁଣିଲେ ମାଇପି ମରଦ ଏକାଠି ହେଉଥିଲେ। ହରିବୋଲ ହୁଳହୁଳିରେ କମ୍ପିଉଠୁଥିଲା ନଦୀଗୁଡ଼ିକର ଘାଟ...।

# ବିଶାଳ ସୌର ଶିଖା ଓ ଚମତ୍କାର ମେରୁ ଆଲୋକ



ଇଂ. ମାୟାଧର ସ୍ୱାଇଁ

"ଚଳିତ ବର୍ଷ ମେ ମାସ ୧୧ ତାରିଖରେ ସୂର୍ଯ୍ୟପୃଷ୍ଠରେ ଦୁଇ ଲକ୍ଷ କିମି ବ୍ୟାପୀ ସୌର କଳଙ୍କ ଦେଖାଯାଇଥିଲା। ଏହାର ଆକାର ପୃଥିବୀର ୧୫ ଗୁଣ ଥିଲା। ଏହା ଏତେ ବଡ଼ ଥିଲା ଯେ ଏହା ସାଧାରଣ ଦୂରବୀକ୍ଷଣ ଯନ୍ତ୍ରରେ ପୃଥିବୀକୁ ଦେଖାଯାଇଥିଲା। ଜ୍ୟୋତିର୍ବିଜ୍ଞାନୀମାନେ ଏହାର ନାମ 'AR3664' ଦେଇଛନ୍ତି। ପ୍ରଥମେ ମେ ୧୧ ତାରିଖରେ X ୧.୫ ଏବଂ X ୫.୮ର ସୌର ଶିଖା ଦେଖାଦେଲା। ୨୦୧୭ ମସିହା ପରଠାରୁ ଏତେ ବଡ଼ ସୌର ଶିଖା ଦେଖାଯାଇ ନ ଥିଲା। ସୌର ଶିଖାଗୁଡ଼ିକର ଆକାର ଅନୁଯାୟୀ ସେଗୁଡ଼ିକର ବର୍ଗୀକରଣ କରାଯାଇଛି। 'X ଶ୍ରେଣୀ' ହେଉଛି ସବୁଠାରୁ ଶକ୍ତିଶାଳୀ। ଏହାପଛକୁ ଅଛି ମ ଶ୍ରେଣୀ ଯାହା 'X ଶ୍ରେଣୀ' ଠାରୁ ଦଶ ଗୁଣ କମ୍ ଶକ୍ତିଶାଳୀ। ଏହାପରେ C-ଶ୍ରେଣୀ, B-ଶ୍ରେଣୀ ଏବଂ A-ଶ୍ରେଣୀ ସୌର ଶିଖା ରହିଛି। ପ୍ରତ୍ୟେକ ଶ୍ରେଣୀର ଶକ୍ତି ତାହାର ପୂର୍ବ ଶ୍ରେଣୀ ଅପେକ୍ଷା ହେଉଛି ଦଶ ଗୁଣ କମ୍। ପୁନଶ୍ଚ ପ୍ରତ୍ୟେକ ଶ୍ରେଣୀକୁ ଶିଖାର ଆପେକ୍ଷିକ ସାମର୍ଥ୍ୟ ଅନୁଯାୟୀ ୧ରୁ ୧୦ ସଂଖ୍ୟା ମଧ୍ୟରେ ଭାଗ କରାଯାଇଛି।"



ଏହି ବର୍ଷ ମେ ମାସ ଦ୍ୱିତୀୟ ସପ୍ତାହରେ ମହାକାଶରେ ଏକ ଅଲୌକିକ ଘଟଣା ଦେଖିବାକୁ ମିଳିଥିଲା। ଏହା ଥିଲା ବିଶାଳ ସୌର ଶିଖା ଏବଂ ଚମତ୍କାର ମେରୁ ଆଲୋକ। ସୌର ଶିଖା ହେଉଛି ସୂର୍ଯ୍ୟ ପୃଷ୍ଠରୁ ନିର୍ଗତ ଶକ୍ତିଶାଳୀ ବିଦ୍ୟୁତ୍ ଚୁମ୍ବକୀୟ ବିସ୍ଫୋରଣର ବିସ୍ଫୋଟ। ସୂର୍ଯ୍ୟ ଦେହରେ ଚୁମ୍ବକୀୟ ଝଡ଼ ସୃଷ୍ଟି ହେଲେ ଏହା ଘଟିଥାଏ। ସାଧାରଣତଃ ସୌର କାର୍ଯ୍ୟକଳାପର ସର୍ବୋଚ୍ଚ ସମୟରେ ଚୁମ୍ବକୀୟ ଝଡ଼ ସୃଷ୍ଟି ହୋଇ ସୌର ଶିଖା ଉତ୍ପନ୍ନ ହୋଇଥାଏ। ସୂଚନାଯୋଗ୍ୟ ଯେ, ପ୍ରତି ୧୧ ବର୍ଷରେ ସୂର୍ଯ୍ୟ ଦେହରେ ଏହା ସର୍ବନିମ୍ନ ଏବଂ ସର୍ବୋଚ୍ଚ ସ୍ତର ମଧ୍ୟରେ ପରିବର୍ତ୍ତିତ ହେଉଥାଏ। ବର୍ତ୍ତମାନ ଆମେ ୨୫ତମ ସୌର ଚକ୍ର ଦେଇ ଗତି କରୁଛେ। ଏହା ୨୦୧୯ ମସିହାରେ ଆରମ୍ଭ ହୋଇଛି ଏବଂ ୨୦୨୫ରେ ସର୍ବୋଚ୍ଚ ସ୍ତରରେ ପହଞ୍ଚିବ। ଏହା ସହିତ ମଧ୍ୟ ସୌର କଳଙ୍କର ସମ୍ପର୍କ ରହିଛି। ସୂର୍ଯ୍ୟର ଆଲୋକ ମଣ୍ଡଳରେ ଦେଖାଯାଉଥିବା କଳା କଳା ଦାଗ ହେଉଛି ସୌର କଳଙ୍କ। ଏହା ଆଖିକୁ ଖୁବ୍ ଛୋଟ ଦେଖାଗଲେ ମଧ୍ୟ ବାସ୍ତବରେ ଏହା ହେଉଛି ବହୁତ ବଡ଼। ଏଗୁଡ଼ିକର ସଂଖ୍ୟା ସୂର୍ଯ୍ୟପୃଷ୍ଠରେ ବଢୁଥାଏ। ପ୍ରତି ୧୧ ବର୍ଷ ଅନ୍ତରରେ ଏହାର ହ୍ରାସ ବୃଦ୍ଧି ହୁଏ। ଯେତେବେଳେ ସର୍ବାଧିକ ସୌରକଳଙ୍କ ଦେଖାଯାଏ, ସେତେବେଳେ ସୂର୍ଯ୍ୟରେ ଅଧିକ ଚୁମ୍ବକୀୟ ଝଡ଼ ହୋଇଥାଏ ଏବଂ ବଡ଼ ବଡ଼ ସୌର ଶିଖା ବାହାରିଥାଏ।

ଚଳିତ ବର୍ଷ ମେ ୧୧ ତାରିଖରେ ସୂର୍ଯ୍ୟପୃଷ୍ଠରେ ଦୁଇ ଲକ୍ଷ କିମି ବ୍ୟାପୀ ସୌର କଳଙ୍କ ଦେଖାଯାଇଥିଲା। ଏହାର ଆକାର ପୃଥିବୀର ୧୫ ଗୁଣ ଥିଲା। ଏହା ଏତେ ବଡ଼ ଥିଲା ଯେ ଏହା ସାଧାରଣ ଦୂରବୀକ୍ଷଣ ଯନ୍ତ୍ରରେ ପୃଥିବୀକୁ ଦେଖାଯାଇଥିଲା। ଜ୍ୟୋତିର୍ବିଜ୍ଞାନୀମାନେ ଏହାର ନାମ 'AR3664' ଦେଇଛନ୍ତି। ପ୍ରଥମେ ମେ ୧୧ ତାରିଖରେ X ୧.୫ ଏବଂ X ୫.୮ର ସୌର ଶିଖା ଦେଖାଦେଲା। ୨୦୧୭ ମସିହା ପରଠାରୁ ଏତେ ବଡ଼ ସୌରଶିଖା ଦେଖାଯାଇ ନ ଥିଲା। ସୌର ଶିଖାଗୁଡ଼ିକର ଆକାର ଅନୁଯାୟୀ ସେଗୁଡ଼ିକର ବର୍ଗୀକରଣ କରାଯାଇଛି। 'X ଶ୍ରେଣୀ' ହେଉଛି ସବୁଠାରୁ ଶକ୍ତିଶାଳୀ। ଏହାପଛକୁ ଅଛି ମ ଶ୍ରେଣୀ ଯାହା 'X ଶ୍ରେଣୀ' ଠାରୁ ଦଶ ଗୁଣ କମ୍ ଶକ୍ତିଶାଳୀ। ଏହାପରେ C-ଶ୍ରେଣୀ, B-ଶ୍ରେଣୀ ଏବଂ A-ଶ୍ରେଣୀ ସୌର ଶିଖା ରହିଛି। ପ୍ରତ୍ୟେକ ଶ୍ରେଣୀର ଶକ୍ତି ତାହାର ପୂର୍ବ ଶ୍ରେଣୀ ଅପେକ୍ଷା ହେଉଛି ଦଶ ଗୁଣ କମ୍। ପୁନଶ୍ଚ ପ୍ରତ୍ୟେକ ଶ୍ରେଣୀକୁ ଶିଖାର ଆପେକ୍ଷିକ ସାମର୍ଥ୍ୟ ଅନୁଯାୟୀ ୧ରୁ ୧୦ ସଂଖ୍ୟା ମଧ୍ୟରେ ଭାଗ କରାଯାଇଛି। ଯେଉଁ ଶିଖା ଯେତେ ଶକ୍ତିଶାଳୀ, ପୃଥିବୀ ଉପରେ ତାହାର କ୍ଷତିକାରକ ପ୍ରଭାବ ହେଉଛି ସେତେ ଅଧିକ। A-ଶ୍ରେଣୀ ଶିଖାର ପୃଥିବୀ ଉପରେ ପ୍ରାୟ କୌଣସି ପ୍ରଭାବ ପକାଏ ନାହିଁ।

ସୂର୍ଯ୍ୟଠାରୁ ଆମେ ଆଲୋକ ଓ ତାପ ପାଇଥାଉ। କିନ୍ତୁ ଏହା ସହିତ କେତେକ ଅଦୃଶ୍ୟ ଚାର୍ଜ କଣିକା ମଧ୍ୟ ସୂର୍ଯ୍ୟଠାରୁ ଆସିଥାଏ। ଏଥିରେ ମୁଖ୍ୟତଃ ଇଲେକ୍‌ଟ୍ରନ୍ ଓ ପ୍ରୋଟନ୍ ଥାଏ। ଏହା ସେକେଣ୍ଡ ପ୍ରତି ୪୦୦ରୁ ୮୦୦ କିମି ବେଗରେ ଆସିଥାଏ। ଏହାକୁ 'ସୌର ପବନ' କୁହାଯାଏ। କିନ୍ତୁ ବେଳେବେଳେ ଏହା ଅଧିକ ପରିମାଣରେ ଏବଂ ଅଧିକ ବେଗରେ ଆସିଥାଏ। ବିଶେଷତଃ ସୂର୍ଯ୍ୟର ସର୍ବାଧିକ କାର୍ଯ୍ୟକାରିତା ସମୟରେ ଏହା ଘଟିଥାଏ। ଏହାକୁ 'ସୌର ଝଡ଼' କୁହାଯାଏ। ପୃଥିବୀ ଚାରିପଟେ ଥିବା ଚୁମ୍ବକୀୟ ମଣ୍ଡଳ ସୌର ବାୟୁକୁ ପୃଥିବୀକୁ ଆସିବାକୁ ଦେଇ ନ ଥାଏ ଏବଂ ଫଳରେ ଏହା ପୃଥିବୀର କୌଣସି କ୍ଷତି କରି ନ ଥାଏ। କିନ୍ତୁ ସୌର ଝଡ଼ ହେଲେ ଏହାର କିଛି ଉପାଦାନ ପୃଥିବୀର ବାୟୁମଣ୍ଡଳରେ ପ୍ରବେଶ କରିଥାଏ। ଏହା ବାୟୁମଣ୍ଡଳରେ ଆୟନମଣ୍ଡଳକୁ ଉତ୍ତପ୍ତ କରିଥାଏ, ଯାହାଫଳରେ ରେଡିଓ ଯୋଗାଯୋଗରେ ବ୍ୟାଘାତ ଘଟିଥାଏ। ଏହା ମଧ୍ୟ ମହାକାଶରେ ଅବସ୍ଥାପିତ କୃତ୍ରିମ ଉପଗ୍ରହର ଯୋଗାଯୋଗ ଓ ଅନ୍ୟ ଇଲେକ୍‌ଟ୍ରୋନିକ ଯନ୍ତ୍ରପାତିରେ ତ୍ରୁଟି ଆଣିଥାଏ ଏବଂ ଉପଗ୍ରହ କକ୍ଷର ସ୍ଥିରତା ବଜାୟ ରଖିବାରେ କଷ୍ଟକର ହୋଇଥାଏ। ଏହା ପୃଥିବୀର ବିଦ୍ୟୁତ୍ ଗ୍ରୀଡ୍‌ର କ୍ଷତି କରିଥାଏ ଏବଂ ବ୍ୟୋମ ସଞ୍ଚାଳନରେ ମଧ୍ୟ ବ୍ୟାଘାତ ସୃଷ୍ଟି କରିଥାଏ। ଆମ ଆଲୋଚିତ ସୌରଶିଖା ଯୋଗୁ ପୃଥିବୀ ଅନେକ ଦେଶରେ ରେଡିଓ ପ୍ରସାରଣରେ ବାଧା ପହଞ୍ଚିଥିବା ଜଣାପଡ଼ିଛି।

ସୌର ବାୟୁର ଅନ୍ୟ ଏକ ପ୍ରଭାବ ହେଉଛି ମେରୁ ଆଲୋକ ବା ଅରୋରା। ଏଥିରେ ଆସୁଥିବା ଚାର୍ଜ କଣିକାଗୁଡ଼ିକୁ ପୃଥିବୀର ଚୁମ୍ବକୀୟ ମଣ୍ଡଳ ଉତ୍ତର ମେରୁ ଓ ଦକ୍ଷିଣ ମେରୁ ଆଡ଼କୁ ପଠାଇଦିଏ। ସେଠାରେ ଏହା ବାୟୁମଣ୍ଡଳ ସଂସ୍ପର୍ଶରେ ଆସି ବିଭିନ୍ନ ରଙ୍ଗର ଆଲୋକ ଦେଉଥିବା ବେଳେ ଯବକ୍ଷାରଜାନ ନୀଳ ଓ ବାଇଗଣୀ ଆଲୋକ ଦିଏ। ଏହି ଆଲୋକ ଅନେକ ସମୟରେ ନୃତ୍ୟ କରୁଥିବା ଭଳି ଅପୂର୍ବ ଦୃଶ୍ୟ ଦେଖାଯାଏ। ଉତ୍ତର ମେରୁରେ ଏହାକୁ ଉତ୍ତର ଆଲୋକ ବା ସୁମେରୁ ପ୍ରଭା ଏବଂ ଦକ୍ଷିଣ ମେରୁରେ ଏହାକୁ ଦକ୍ଷିଣ ଆଲୋକ ବା କୁମେରୁ ପ୍ରଭା କୁହାଯାଏ।

ସାଧାରଣତଃ ମେରୁ ଆଲୋକ ମେରୁ ନିକଟରେ ଦେଖାଦେଇଥାଏ। କିନ୍ତୁ ଚଳିତ ବର୍ଷ ମେ' ମାସରେ ଘଟିଥିବା ବିଶାଳ ସୌରଶିଖା ପ୍ରଭାବରେ ସୃଷ୍ଟି ହୋଇଥିବା ସୌର ଝଡ଼ ଯୋଗୁ ମେରୁ ଆଲୋକ ପୃଥିବୀର ଅନେକ ଅଞ୍ଚଳକୁ ଦେଖାଯାଇଥିଲା। ଏହି ଚମତ୍କାର ରଙ୍ଗୀନ ଆଲୋକର ଝଲକକୁ ବିଭିନ୍ନ ଦେଶର ଲୋକମାନେ ଖାଲି ଆଖିରେ ମଧ୍ୟ ଦେଖିଛନ୍ତି। ଆମ ଦେଶରେ ପୂର୍ବରୁ କେବେ ଏହା ଦେଖାଯାଇ ନ ଥିଲା। କିନ୍ତୁ ଏଥର ମେ' ମାସର ବିରଳ ମେରୁ ପ୍ରଭାକୁ ଲଦାଖର ମାଉଣ୍ଟ ସରସ୍ୱତୀ ଉପରେ ସ୍ଥାପନ କରାଯାଇଥିବା ଭାରତୀୟ ଜ୍ୟୋତିର୍ବିଦ୍ୟ ପର୍ଯ୍ୟବେକ୍ଷଣାଗାରର କ୍ୟାମେରାରେ ଏହା ଧରାପଡ଼ିଥିଲା।

ସୂର୍ଯ୍ୟକୁ ଅଧ୍ୟୟନ କରିବା ପାଇଁ ମହାକାଶରେ ଅବସ୍ଥାପିତ ଭାରତର 'ଆଦିତ୍ୟ ଏଲ୍-୧' ଯାନ ସୌରଶିଖାର ଚିତ୍ର ନେଇ ଆମ ପାଖକୁ ପଠାଇଛି। ଏଥିରେ ଥିବା ଗୋଟିଏ ଯନ୍ତ୍ର ତୀବ୍ର ବେଗରେ ଆସୁଥିବା ସୌର ପବନ, ପ୍ଲାଜମା ଓ ଆୟନକୁ ଚିହ୍ନଟ କରିଥିଲା। ଏଥିରେ ଥିବା ଅନ୍ୟ ଦୁଇଟି ଯନ୍ତ୍ର ଅଳ୍ପ ଦିନ ପୂର୍ବରୁ ସୂର୍ଯ୍ୟ ପୃଷ୍ଠରେ ମ-ଶ୍ରେଣୀ ଓ X-ଶ୍ରେଣୀ ସୌର ଶିଖାକୁ ଚିହ୍ନଟ କରିଥିଲା। ଠିକ୍ ସେହିସ୍ଥାନରୁ ପରେ ବିଶାଳ ସୌର ଶିଖା ବାହାରିଥିଲା।

ଅନ୍ୟପକ୍ଷରେ ଚନ୍ଦ୍ରକୁ ପରିକ୍ରମଣ କରୁଥିବା 'ଚନ୍ଦ୍ରଯାନ-୨'ର ଅର୍ବିଟ୍‌ରେ ଥିବା ଏକ ଯନ୍ତ୍ର ମଧ୍ୟ ଏହି ସୌର ଶିଖାକୁ ଚିହ୍ନଟ କରିଛି। ଏଥିରେ ଥିବା ଏକ ସ୍ୱୟଂକ୍ରିୟ ବ୍ୟବସ୍ଥା ଅନୁଯାୟୀ ବିଶାଳ ସୌରଶିଖାର ପ୍ରଭାବରୁ ରକ୍ଷାପାଇବା ପାଇଁ ଏହା ସମ୍ମୁଖକୁ ଏକ ଫିଲ୍‌ଟର ଆସିଯାଇଥିଲା।

ସୌର ଶିଖା ଓ ସୌର ଝଡ଼ ହେଉଛି ପ୍ରାକୃତିକ ଘଟଣା ଏବଂ ଏହାର ପ୍ରଭାବରୁ ରକ୍ଷା କରିବା ପାଇଁ ପ୍ରକୃତି ମଧ୍ୟ ବ୍ୟବସ୍ଥା କରିଛି। ଏହା ସହିତ ଏହା ମେରୁ ଆଲୋକ ଭଳି ଚମତ୍କାର ଦୃଶ୍ୟ ମଧ୍ୟ ପ୍ରଦର୍ଶନ କରୁଛି।

-୭୦, ଲକ୍ଷ୍ମୀ ବିହାର, ଫେଜ୍-୧,
ଭୁବନେଶ୍ୱର-୧୮
ମୋ: ୯୪୩୮୬୯୩୭୨୪

## ଶରୀରରେ ଜଳୀୟ ଅଂଶ ସନ୍ତୁଳିତ ନ ରହିଲେ...



ଆମ ଶରୀର ପାଇଁ ଆବଶ୍ୟକ ପଡୁଥିବା ପ୍ରମୁଖ ଦ୍ରବ୍ୟଗୁଡ଼ିକ ମଧ୍ୟରୁ ଜଳ ଅନ୍ୟତମ। କାରଣ ଶରୀରରେ ଏହାର ପରିମାଣ ସବୁଠାରୁ ବେଶି। ଯଦି ଏଥିରେ ଜଳୀୟ ଅଂଶ ସନ୍ତୁଳିତ ନ ରହିଲା ତେବେ ତାହା ଗୁରୁତର ସମସ୍ୟା ଧାରଣ କରିଥାଏ। ଏପରି କି ସଂପୃକ୍ତ ବ୍ୟକ୍ତିଙ୍କୁ ହସ୍ପିଟାଲରେ ଆଡ୍‌ମିଶନ କରି ସାଲାଇନ୍ ମାଧ୍ୟମରେ ଜଳୀୟ ଅଂଶକୁ ଠିକ୍ ସ୍ତରକୁ ଅଣାଯାଏ। ତେଣୁ ଆମେ ଖାଦ୍ୟ ଖାଇବା ସହ ସେହି ମୁତାବକ ପାଣି ପିଇବା ନିହାତି ଦରକାର। କାରଣ ଥରେ ଜଳୀୟ ଶୁଷ୍କତା ଦେଖାଦେଲେ ତାହା ପରୋକ୍ଷରେ କେତେକ ରୋଗର କାରଣ ସାଜିଥାଏ। ଆମ ଶରୀରରେ ଯେତିକି ଜଳ ଅଛି, ତା'ର ପାଞ୍ଚଭାଗରୁ ମାତ୍ର ଏକ ଭାଗ କମିଗଲେ, ତାହା ଶରୀର ଉପରେ ଗୁରୁତର ପ୍ରଭାବ ପକାଏ। ଶରୀରରେ ରକ୍ତ, ମୂତ୍ର, ଲୁହ, ପିତ୍ତ, ଲାଳ ଆଦି ଯେତେସବୁ ତରଳ ପଦାର୍ଥ ରହିଛି, ସେଗୁଡ଼ିକର ମୂଳ ଉପାଦାନ ହେଉଛି ଜଳ। ଏହା ଶରୀରରେ ହେଉଥିବା ଜୈବ ରାସାୟନିକ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରେ। ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ତଥା କୋଷିକା ନିକଟରେ ଅମ୍ଳଜାନ, ବିଭିନ୍ନ ଖାଦ୍ୟ ଉପାଦାନ, ଭିଟାମିନ୍ସ ଏବଂ ଔଷଧ ଆଦି ପହଞ୍ଚାଇବାରେ ଏହା ବାହକ ରୂପେ ମଧ୍ୟ କାମ କରେ। ଶରୀରରେ ତାପମାତ୍ରା ନିୟନ୍ତ୍ରଣ କରିବା ବି ଏହାର ଅନ୍ୟତମ କାର୍ଯ୍ୟ। ପରିସ୍ରା ଓ ଝାଳ ମାଧ୍ୟମରେ ଜଳ ଶରୀରରୁ ନିଷ୍କାସିତ ହୋଇଥାଏ। ଶରୀରର ଆଭ୍ୟନ୍ତରୀଣ ଅଙ୍ଗ ଯଥା ହାର୍ଟ, ଲିଭର୍ ଆଦିକୁ ସୁରକ୍ଷା ପ୍ରଦାନ କରିବା ସହ ଶରୀରର ଓଜନ କମାଇବାରେ ମଧ୍ୟ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ତେଣୁ ଆମ ଶରୀରରେ ଜଳର ପରିମାଣ ସବୁବେଳେ ସନ୍ତୁଳିତ ରହିବା ନିହାତି ଜରୁରୀ।

## ସ୍ୱାସ୍ଥ୍ୟୋପକାରୀ ବ୍ରେକ୍‌ଫାଷ୍ଟ



ବ୍ରେକ୍‌ଫାଷ୍ଟ ବା ସକାଳ ଜଳଖିଆରେ ଅନେକ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଏହା ଶରୀର ପାଇଁ ବେଶ୍ ଉପକାରୀ। ପ୍ରଥମ କଥା ହେଲା ପ୍ରତିଦିନ କେତେବେଳେ ବ୍ରେକ୍‌ଫାଷ୍ଟ କରିବେ ତାହା ନିର୍ଦ୍ଧାରଣ କରନ୍ତୁ। ସବୁବେଳେ ଯେମିତି ସେହି ସମୟରେ ହିଁ ବ୍ରେକ୍‌ଫାଷ୍ଟ କରିବେ, ସେଥିପ୍ରତି ଧ୍ୟାନ ଦିଅନ୍ତୁ। ଏଥିରେ ସବୁବେଳେ ହାଲୁକା ଖାଦ୍ୟ ସାମିଲ କରନ୍ତୁ। ପ୍ରତିଦିନ ବ୍ରେକ୍‌ଫାଷ୍ଟରେ ତଟକା ଫଳମୂଳରୁ ପ୍ରସ୍ତୁତ ଜୁସ୍ ପିଅନ୍ତୁ, କାରଣ ଏଥିରେ କ୍ୟାଲୋରୀ ଭରି ରହିଛି । ସକାଳେ ଏପରି ଖାଦ୍ୟ ଆଦୌ ଖାଆନ୍ତୁ ନାହିଁ, ଯେପରି ଆପଣଙ୍କୁ ଦିନତମାମ ଭାରାକ୍ରାନ୍ତ ଲାଗିବ। ବ୍ରେକ୍‌ଫାଷ୍ଟରେ ତଟକା ଫଳମୂଳ, ସାଲାଡ୍ ସାମିଲ କରନ୍ତୁ। ସକାଳୁ ଖାଲି ପେଟରେ ତେଲଜାତୀୟ ଖାଦ୍ୟ ଆଦୌ ଖାଅନ୍ତୁ ନାହିଁ। ବ୍ରେକ୍‌ଫାଷ୍ଟ ହେଉଛି ଦିନର ପ୍ରଥମ ଖାଦ୍ୟ, ତେଣୁ ଏଥିରେ ଏପରି ଖାଦ୍ୟ ସାମିଲ କରନ୍ତୁ, ଯାହା ମନକୁ ଖୁସି ରଖିବା ସହ ମାନସିକତାକୁ ସୁସ୍ଥ ରଖିବାରେ ସହାୟକ ହେବ। ଭଲ ବ୍ରେକ୍‌ଫାଷ୍ଟ ମନରେ ସକାରାତ୍ମକ ଭାବନା ସୃଷ୍ଟି କରିବାରେ ଅନେକାଂଶରେ ସହାୟକ ହୋଇଥାଏ। ଯଦି ପ୍ରତିଦିନ ଆପଣ ବ୍ୟାୟାମ କରୁଛନ୍ତି ତେବେ କିଛି ସମୟ ପରେ ହିଁ ବ୍ରେକ୍‌ଫାଷ୍ଟ କରନ୍ତୁ। ଏହି ତାଲିକାରେ ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ଆଦୌ ସାମିଲ କରନ୍ତୁ ନାହିଁ। ବ୍ରେକ୍‌ଫାଷ୍ଟରେ ତଟକା ଫଳମୂଳ ବ୍ୟତୀତ ବ୍ରେଡ୍, ବିସ୍କୁଟ ମଧ୍ୟ ଖାଇପାରିବେ।

## ଜାଣି ରଖନ୍ତୁ



- ବେଳେବେଳେ ଅଧିକ ପଢ଼ାପଢ଼ି ଯୋଗୁ ତାହାର ପ୍ରଭାବ ମସ୍ତିଷ୍କ ବା ଆମ ବ୍ରେନ୍ ଉପରେ ପଡ଼ିଥାଏ। ତେଣୁ ଦୀର୍ଘ ସମୟ ପର୍ଯ୍ୟନ୍ତ ପାଠ ପଢୁଥିଲେ ମଝିରେ ମଝିରେ କିଛି ସମୟ ବିରତି ନିଅନ୍ତୁ ।
- ଡାକ୍ତରଙ୍କ ସହ କୌଣସି ରୋଗ ବିଷୟରେ ଆଲୋଚନା କରିବା ସମୟରେ ଏହାର କାରଣ ସମ୍ପର୍କରେ ସବିଶେଷ ସୂଚନା ଦେବାକୁ ଭୁଲନ୍ତୁ ନାହିଁ। ଯଦି ଆପଣଙ୍କର ଆଉ କିଛି ସ୍ୱାସ୍ଥ୍ୟଜନିତ ସମସ୍ୟା ରହିଛି, ତେବେ ତାକୁ ମଧ୍ୟ ଜଣାନ୍ତୁ।
- ରାତିରେ ସବୁବେଳେ ହାଲୁକା ଖାଦ୍ୟ ଖାଆନ୍ତୁ। ଆଉ ମନେରଖନ୍ତୁ, ରାତିରେ ଖାଇବା ଓ ଶୋଇବା ମଧ୍ୟରେ ଅତି କମ୍‌ରେ ଦୁଇ ଘଣ୍ଟାର ବ୍ୟବଧାନ ରହିଲେ ଭଲ।
- ବୟସ ବଢ଼ିବା ସହ ଧୀରେ ଧୀରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅବନତି ମଧ୍ୟ ଦେଖାଯାଏ। ତେଣୁ, ନିୟମିତ ବ୍ୟବଧାନରେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।
- ଅଧିକ ଫୋନ୍, ଲାପ୍‌ଟପ୍, ଟାବ୍‌ଲଏଡ୍ କିମ୍ବା ଡେକ୍ସଟପ୍ ସାମ୍ନାରେ ବସିଲେ ଏହାର ପ୍ରଭାବ ଆଖି ଉପରେ ଅଧିକ ଖରାପ ପ୍ରଭାବ ପଡ଼ିଥାଏ। ତେଣୁ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ମୁହଁକୁ ଧୋଇ ଦିଅନ୍ତୁ। ଏହାଦ୍ୱାରା ଆଖିକୁ ଆରାମ ଲାଗିଥାଏ।
- ଘରେ ସବୁବେଳେ ଫାଷ୍ଟଏଡ୍ ବକ୍ସ, ନିକଟସ୍ଥ ଡାକ୍ତର ଏବଂ ପାଖ ହସ୍ପିଟାଲ୍‌ର ନମ୍ବର ରଖିବାକୁ ଭୁଲନ୍ତୁ ନାହିଁ। ଦରକାର ସମୟରେ ଏହା ନିହାତି ଆପଣଙ୍କର କାମରେ ଆସିବ।

## ମେଦ କମାଏ ଗ୍ରୀନ୍ ମଟର



ଗ୍ରୀନ୍ ମଟରରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଏଥିରେ ଫାଇବର୍ ଏବଂ ପ୍ରୋଟିନ୍‌ର ପରିମାଣ ବେଶି ରହିଛି। ଏଥିରେ କ୍ୟାଲୋରୀ କମ୍ ଥିବାରୁ ଏହା ମୋଟାପଣ କମାଇବାରେ ସାହାଯ୍ୟ କରେ। କେବଳ ପ୍ରୋଟିନ୍ ନୁହେଁ, ବରଂ ଏଥିରେ ଆଇରନ୍, ଫସ୍‌ଫରସ୍, ଭିଟାମିନ୍-ଏ, ଭିଟାମିନ୍-କେ, ଭିଟାମିନ୍-ସି ମଧ୍ୟ ରହିଛି, ଯାହା ଶରୀରର ମାଂସପେଶୀକୁ ଶକ୍ତ ରଖିବାରେ ମୁଖ୍ୟ ଭୂମିକା ଗ୍ରହଣ କରେ। ଶରୀରରେ ରକ୍ତଚାପକୁ ମଧ୍ୟ ଏହା ସନ୍ତୁଳିତ ରଖେ। ଗ୍ରୀନ୍ ମଟରରେ ଆଇରନ୍ ଓ ଫାଇବର୍ ଅଧିକ ପରିମାଣରେ ଥିବାରୁ ଖାଦ୍ୟ ଠିକ୍ ଭାବେ ହଜମ ହୋଇଥାଏ। ଆବଶ୍ୟକ ପରିମାଣର ମ୍ୟାଗ୍ନେସିୟମ୍ ଓ ପଟାସିୟମ୍ ଶରୀର ପାଇଁ ବେଶ୍ ଉପକାରୀ, ଯାହା ଗ୍ରୀନ୍ ମଟରରୁ ଆମେ ପାଇଥାଉ। ଏହାର ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ଥିବାରୁ ଏହା ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ଦୃଢ଼ କରେ। ଏଥିରେ ଲୁଟେଇନ୍ ନାମକ ଏକ ତତ୍ତ୍ୱ ରହିଛି ଯାହା ଦୃଷ୍ଟି ଶକ୍ତି ପାଇଁ ବେଶ୍ ଉପକାରୀ।

## ଡିପ୍‌ଥେରିଆ: କାରଣ, ପ୍ରତିକାର



ଡା. ରାମଚନ୍ଦ୍ର ରାଉତ

ଏବେ ଶିଶୁମାନଙ୍କର ଏକ ବିରଳ ରୋଗ ହେଲା 'ଡିପ୍‌ଥେରିଆ' ବା କଣ୍ଠ ଆଳତି। ସାର୍ବଜନୀନ ଟିକା ପ୍ରଦାନ ଦ୍ୱାରା ଏହା ବହୁମାତ୍ରାରେ କମିଯାଇଛି। ସମଗ୍ର ଦେଶରେ ଏ କ୍ଷେତ୍ରରେ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ରହିଛି। ମାତ୍ର ଏବେ ଏଭଳି ସ୍ୱାସ୍ଥ୍ୟ ସମସ୍ୟା ହେବାର କୌଣସି ଆଶଙ୍କା ନ ଥିଲେ ମଧ୍ୟ ଆମ୍ଭମାନଙ୍କୁ ଏଥିପ୍ରତି ସତର୍କ ରହିବାକୁ ପଡ଼ିବ।

ଆଗରୁ ଡିପ୍‌ଥେରିଆରେ ଆକ୍ରାନ୍ତ ହୋଇ ବହୁ ସଂଖ୍ୟାରେ ଶିଶୁ ମୃତ୍ୟୁମୁଖରେ ପଡୁଥିଲେ। ୧ ବର୍ଷରୁ ୫ ବର୍ଷ ପର୍ଯ୍ୟନ୍ତ ଶିଶୁମାନଙ୍କଠାରେ ଏଭଳି ରୋଗ ଦେଖାଯାଉଥିଲେ ହେଁ ସାଧାରଣତଃ ଶିଶୁମାନଙ୍କୁ ଛ' ମାସ ପୂର୍ବରୁ ମା' କ୍ଷୀରରେ ଥିବା ଆଣ୍ଟିବଡିଯୋଗୁ ଏହା ହୋଇନଥାଏ।

ଡିପ୍‌ଥେରିଆ 'କରିନୋବ୍ୟାକ୍ଟେରିଅମ ଡିପ୍‌ଥେରି' (ପୂର୍ବରୁ କେ.ଏଲ୍. ବାସିଲସ୍ କୁହାଯାଉଥିଲା) ନାମକ ଜୀବାଣୁ ଦ୍ୱାରା ହୋଇଥାଏ। କେବଳ ଶିଶୁମାନେ ହିଁ ଏହି ରୋଗରେ ଆକ୍ରାନ୍ତ ହୋଇଥାଆନ୍ତି। ଆକ୍ରାନ୍ତ ଶିଶୁମାନଙ୍କଠାରୁ ଅନ୍ୟମାନଙ୍କୁ ସଂକ୍ରମିତ ଲାଳ, କଫ, ନାକରୁ ନିର୍ଗତ ପଦାର୍ଥ, ଡ୍ରପ୍‌ଲେଟ୍ ମାଧ୍ୟମରେ ଏହା ବ୍ୟାପିଥାଏ। ଥର୍ମୋମିଟର, ଜିଭ ଚାପିବା ଚାମୁଚ, ରୁମାଲ, କଲମ, ପେନ୍‌ସିଲ, ଟୁଥ୍ ବ୍ରଶ, କପ୍ ପ୍ଲେଟ୍, ଖେଳନା ଇତ୍ୟାଦି ମାଧ୍ୟମରେ ମଧ୍ୟ ଡିପ୍‌ଥେରିଆ ବ୍ୟାପିଥାଏ। ଶିଶୁଟି ଏଥିରେ ଆକ୍ରାନ୍ତ ହେବାର ଦୁଇ ଦିନଠାରୁ ୬ ସପ୍ତାହ ପର୍ଯ୍ୟନ୍ତ ସଂକ୍ରମିତ ବ୍ୟବସ୍ଥାରେ ରହିଥାଏ। ଉଭୟ ପୁଅ ଓ ଝିଅମାନଙ୍କ ମଧ୍ୟରେ ଏହା ସମାନ ମାତ୍ରାରେ ଦେଖାଯାଏ। ବିଶେଷଭାବରେ ଏହା ଶୀତଦିନେ ଅଧିକ ବ୍ୟାପିଥାଏ।

ଡିପ୍‌ଥେରିଆ ଜୀବାଣୁ ଶରୀରରେ ପ୍ରବେଶ କରିବାର ୨ରୁ ୬ଦିନ ମଧ୍ୟରେ ଲକ୍ଷଣ ପ୍ରକାଶ ପାଇଥାଏ। ଡିପ୍‌ଥେରିଆ ଦ୍ୱାରା ଆକ୍ରାନ୍ତ ହେଲେ ଜ୍ୱର କ୍ରମଶଃ ବୃଦ୍ଧି ପାଇଥାଏ। ଏହାସହ ତଣ୍ଟି ଦରଜ ହୋଇ ରକ୍ତମିଶ୍ରିତ ନାକକ୍ଷରଣ ବାହାରିଥାଏ। ଏହା ନାକ ଆକ୍ରାନ୍ତ ଡିପ୍‌ଥେରିଆ, ଟନ୍‌ସିଲ୍ ଆକ୍ରାନ୍ତ, ଗଳା ଆକ୍ରାନ୍ତ, ସ୍ୱରଯନ୍ତ୍ର ଆକ୍ରାନ୍ତ, କେତେକ କ୍ଷେତ୍ରରେ ଚର୍ମ, ଚକ୍ଷୁ, ଖାଦ୍ୟ ଓ ପାଚକ ଯନ୍ତ୍ରକୁ ମଧ୍ୟ ଆକ୍ରାନ୍ତ କରିଥାଏ।

ଡିପ୍‌ଥେରିଆ ସାଧାରଣତଃ ଗଳା, ସ୍ନାୟୁ, ହୃଦ୍‌ଯନ୍ତ୍ର (ହାର୍ଟ) ଇତ୍ୟାଦିରେ ଜଟିଳତା ସୃଷ୍ଟି କରିଥାଏ। 'ସିକ୍ ପରୀକ୍ଷା' ନାମକ ଏକ ପରୀକ୍ଷା ଦ୍ୱାରା ଶିଶୁଟିକୁ ଡିପ୍‌ଥେରିଆ ହୋଇଛି ବୋଲି ଜଣାପଡ଼ିଥାଏ।

ସାଧାରଣତଃ ବିଶ୍ରାମ, ପୃଥକୀକରଣ, ସଙ୍ଗରୋଧ ଦ୍ୱାରା ଗଳା ସଂକ୍ରମଣ ଭଲ ହେବା ପର୍ଯ୍ୟନ୍ତ ଅନୁସରଣ କରାଯାଇଥାଏ। ସ୍ଥଳବିଶେଷରେ 'ଏଡିଏସ୍' (ଆଣ୍ଟି ଡିପ୍‌ଥେରିକ୍ ସିରମ୍) ୨୦ ହଜାରରୁ ୧ ଲକ୍ଷ ୟୁନିଟ ପର୍ଯ୍ୟନ୍ତ ଦିଆଯାଇଥାଏ। ଏଥିପାଇଁ ପେନସିଲିନ୍ ହେଉଛି ଠିକ୍ ଚିକିତ୍ସା। ଏହା ବଦଳରେ ଇରିଥ୍ରୋମାଇସିନ୍ ମଧ୍ୟ ଦିଆଯାଇପାରେ। ଜ୍ୱର କମିବା ଔଷଧ ଓ କେତେକ କ୍ଷେତ୍ରରେ ସାଲାଇନ୍ ଓ ଭିଟାମିନ୍ ମଧ୍ୟ ଦିଆଯାଏ। ଏହି ସମୟରେ 'ଓଆର୍‌ଏସ୍' ମଧ୍ୟ ବହୁତ ଉପଯୋଗୀ।

ତେଣୁ ତଣ୍ଟି ଦରଜ ହୋଇ ଜ୍ୱର, ଶରୀର ବ୍ୟଥା ହେଲେ ଶିଶୁମାନଙ୍କୁ ଡେରି ନ କରି ଶିଶୁ ବିଶେଷଜ୍ଞଙ୍କ ନିକଟକୁ ନେଇ ଚିକିତ୍ସା କରାନ୍ତୁ। ଶିଶୁମାନଙ୍କୁ ସମ୍ପୂର୍ଣ୍ଣ ଟିକାକରଣ କାର୍ଯ୍ୟକ୍ରମରେ ତିନି ମାସରୁ ଅନ୍ୟ ଟିକାମାନଙ୍କ ସହିତ ମିଶି ରହିଥିବା ଡିପ୍‌ଥେରିଆ ଟିକା ସବୁ ସ୍ୱାସ୍ଥ୍ୟକେନ୍ଦ୍ର ଓ ଡାକ୍ତରଖାନାଗୁଡ଼ିକରେ ମାଗଣାରେ ଦିଆଯାଉଛି।



- ଅବସରପ୍ରାପ୍ତ ନିର୍ଦ୍ଦେଶକ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
ମୋ: ୮୨୪୯୦୮୭୯୯୫

## ସ୍ୱାସ୍ଥ୍ୟ ସୂଚନା

- ଯଦି ଆପଣଙ୍କର ବ୍ଲଡ୍‌ପ୍ରେସର ସମସ୍ୟା ରହିଛି ତେବେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଏହାର ପରିମାଣ କେତେ ରହୁଛି ମାପି ନିଅନ୍ତୁ। ଏଥିପାଇଁ ବ୍ଲଡ୍‌ପ୍ରେସର ମାପିବା ମେସିନ୍ ଘରେ ରଖିପାରନ୍ତି। ଯଦି କିଛି ସମସ୍ୟା ରହୁଛି, ତେବେ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।
- ସବୁବେଳେ ଏକ ରୁଟିନ୍ ଲାଇଫ ଅନୁସରଣ କରିବାକୁ ଚେଷ୍ଟା କରନ୍ତୁ।
- ମନରେ ଶାନ୍ତି ଓ ସକାରାତ୍ମକ ଭାବନା ପାଇଁ ପ୍ରତିଦିନ କିଛି ସମୟ ପ୍ରାର୍ଥନା କରନ୍ତୁ। ଏହା ମସ୍ତିଷ୍କ ଉପରେ ସୁପ୍ରଭାବ ପକାଇଥାଏ।
- ଦାନ୍ତ ଘଷିଲା ବେଳେ ଆଦୌ ତରବର ହୁଅନ୍ତୁ ନାହିଁ। ଅତି କମ୍‌ରେ ଦୁଇରୁ ତିନି ମିନିଟ୍ ଯାଏ ଭଲଭାବେ ଘଷନ୍ତୁ। ପ୍ରତିଦିନ ସକାଳେ ଏବଂ ରାତ୍ରଭୋଜନ ପରେ ଦାନ୍ତ ଘଷନ୍ତୁ।
- ସବୁବେଳେ ଯଦି ମସଲାଜାତୀୟ ଖାଦ୍ୟ ଖାଉଛନ୍ତି ତେବେ ଏହା ଏସିଡିଟି ସମସ୍ୟା ସୃଷ୍ଟି କରିବାର ଆଶଙ୍କା ରହିଛି। ତେଣୁ ଏଭଳି ଖାଦ୍ୟ ଯେତେ କମ୍ ଖାଇବେ ସେତେ ଭଲ।






## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ: ......................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ସ୍କଟ୍‌ଲାଣ୍ଡକୁ ହରାଇଲା ଅଷ୍ଟ୍ରେଲିଆ

## ସୁପର-୮ରେ ଇଂଲଣ୍ଡ

ଗ୍ରସ୍ ଆଇଲେଟ୍,୧୬।୬(ପି.ଟି.)

ଟି୨୦ ବିଶ୍ୱକପ୍‌ରେ ରବିବାର ସ୍କଟ୍‌ଲାଣ୍ଡକୁ ୫ ଉଇକେଟରେ ପରାସ୍ତ କରିଛି ଅଷ୍ଟ୍ରେଲିଆ। ଏହି ପରାଜୟ ସହିତ ସ୍କଟ୍‌ଲାଣ୍ଡ ଟୁର୍ନାମେଣ୍ଟରୁ ବିଦାୟ ନେଇଥିବା ବେଳେ ଇଂଲଣ୍ଡ ସୁପର୍-୮ରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରି ସ୍କଟ୍‌ଲାଣ୍ଡ ୫ ଉଇକେଟରେ ୧୮୦ ରନ୍ କରିଥିଲା। ଜବାବରେ ୧୯.୪ ଓଭରରେ ଅଷ୍ଟ୍ରେଲିଆ ୫ ଉଇକେଟରେ ୧୮୬ ରନ୍ କରିଥିଲା। ଅଷ୍ଟ୍ରେଲିଆ ଟସ୍ ଜିତି ପ୍ରଥମେ ବୋଲିଂ କରିଥିଲା। ଓପନର ଜର୍ଜ ମୁନ୍‌ସୀ (୩୫) ରନ୍ କରିଥିବା ବେଳେ ଦଳୀୟ ସ୍କୋର ୩ ରନ୍‌ରେ ଅନ୍ୟତମ ଓପନର ମାଇକେଲ୍ ଜୋନ୍ସ ମାତ୍ର ୨ ରନ୍ କରି ଆଉଟ ହୋଇଥିଲେ। ତେବେ ମୁନ୍‌ସୀ ଓ ବ୍ରେଣ୍ଡନ ମ୍ୟାକମୁଲେନ୍(୬୦) ଦ୍ୱିତୀୟ ଉଇକେଟରେ ୮୯ ରନ୍ ଯୋଡିଥିଲେ। ୯ମ ଓଭରରେ ପାର୍ଟ ଟାଇମର ଗ୍ଲେନ୍ ମ୍ୟାକ୍ସୱେଲ ଏହି ଯୋଡି ଭାଙ୍ଗିଥିଲେ। ମୁନ୍‌ସୀ ୨୩ ବଲ୍ ଖେଳି ୨ ଚୌକା ଓ ୩ ଛକା ସହ ୩୫ ରନ୍ କରିଥିଲେ। ଅନ୍ୟପକ୍ଷରେ ମ୍ୟାକ୍‌ମୁଲେନ୍ ୩୪ ବଲ୍ ଖେଳି ୨ ଚୌକା ଓ ୬ ଛକା ମାରିଥିଲେ। ଶେଷ ଆଡକୁ ଅଧିନାୟକ ରିଚି ବାରିଙ୍ଗଟନ୍ ୩୧ ବଲ୍ ଖେଳି ଅପରାଜିତ ୪୨ ରନ୍ କରିବାରୁ ସ୍କଟ୍‌ଲାଣ୍ଡ ଲଢୁଆ ୧୮୦ ରନ୍ କରିଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ଗ୍ଲେନ୍ ମ୍ୟାକ୍ସୱେଲ ୨, ଆଷ୍ଟନ ଆଗର, ନାଥନ ଏଲିସ ଓ ଆଡାମ ଜାମ୍ପା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

୧୮୧ ରନ୍‌ର ପିଛା କରୁଥିବା ଅଷ୍ଟ୍ରେଲିଆ ୬୦ ରନ୍‌ରେ ୩ ଉଇକେଟ ହରାଇଥିଲା। ଓପନର ଡେଭିଡ୍ ୱାର୍ନର ୧, ଅଧିନାୟକ ମିଚେଲ୍ ମାର୍ଶ ୮ ଓ ଗ୍ଲେନ୍ ମ୍ୟାକ୍ସୱେଲ ୧୧ ରନ୍ କରି ଆଉଟ ହୋଇଥିଲେ। ତେବେ ଟପ୍ ସ୍କୋରର ରହିଥିବା ଟ୍ରାଭିସ୍ ହେଡ୍(୬୮) ଓ ମାର୍କୁସ୍ ଷ୍ଟୋଇନିସ୍(୫୯) ଚତୁର୍ଥ ଉଇକେଟରେ ୮୦ ରନ୍ ଯୋଡିଥିଲେ। ହେଡ୍ ୪୯ ବଲ୍ ଖେଳି ୫ ଚୌକା ଓ ୪ ଛକା ମାରିଥିଲେ। ଅନ୍ୟପକ୍ଷରେ ଷ୍ଟୋଇନିସ ୨୯ ବଲ୍ ଖେଳି ୯ ଚୌକା ଓ ୨ ଛକା ମାରିଥିଲେ। ଅନ୍ତିମ ୩ ଓଭରରୁ ୨୫ ରନ୍ ଆବଶ୍ୟକ ଥିବା ବେଳେ ଟିମ୍ ଡେଭିଡ୍ ୧୪ ବଲ୍‌ରୁ ୨୪ ରନ୍ କରି ଦଳକୁ ବିଜୟୀ କରିଥିଲେ। ସ୍କଟ୍‌ଲାଣ୍ଡ ପକ୍ଷରୁ ସଫ୍ୟାନ ଶରିଫ୍ ଓ ମାର୍କ ୱାଟ୍ ୨ଟି ଲେଖାଏ, ବ୍ରାଡ୍ ହ୍ୱିଲ ଗୋଟିଏ ଉଇକେଟ ନେଇଥିଲେ। ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ପରି ଦଳକୁ କଡା ଟକ୍କର ଦେଇଥିବା ସ୍କଟ୍‌ଲାଣ୍ଡ ଏହି ପରାଜୟ ସହ ବିଦାୟ ନେଇଛି। ଇଂଲଣ୍ଡ ଓ ସ୍କଟ୍‌ଲାଣ୍ଡ ସମାନ ୫ ପଏଣ୍ଟ ଲେଖାଏ ପାଇଥିବା ବେଳେ ରନ୍ ରେଟ୍ ବ୍ୟବଧାନରେ ଆଗୁଆ ରହି ଇଂଲଣ୍ଡ ସୁପର-୮କୁ ଉନ୍ନୀତ ହୋଇଛି।



ମାର୍କୁସ୍ ଷ୍ଟୋଇନିସ

**ସଂକ୍ଷିପ୍ତ ସ୍କୋର**

ସ୍କଟ୍‌ଲାଣ୍ଡ ୨୦ ଓଭରରେ ୧୮୦/୫ (ବ୍ରେଣ୍ଡନ ମ୍ୟାକମୁଲେନ୍-୬୦, ରିଚି ବାରିଙ୍ଗଟନ୍-୪୨*, ଜର୍ଜ ମୁନ୍‌ସୀ-୩୫, ଗ୍ଲେନ୍ ମ୍ୟାକ୍ସୱେଲ-୨/୪୪, ଆଡାମ ଜାମ୍ପା-୧/୩୦, ନାଥାନ ଏଲିସ୍-୧/୩୪)। ଅଷ୍ଟ୍ରେଲିଆ ୧୯.୪ ଓଭରରେ ୧୮୬/୫ (ଟ୍ରାଭିସ୍ ହେଡ୍-୬୮, ମାର୍କୁସ୍ ଷ୍ଟୋଇନିସ-୫୯, ଟିମ୍ ଡେଭିଡ୍-୨୪*, ଫ୍ୟାନ ଶରିଫ-୨/୪୨, ମାର୍କ ୱାଟ୍- ୨/୩୨, ବ୍ରାଡ ହ୍ୱିଲ୍-୧/୨୮)।

## ଟି୨୦ ବିଶ୍ୱକପ

(ଆଜିର ମ୍ୟାଚ)

**ବାଂଲାଦେଶ ବନାମ ନେପାଳ**
ସ୍ଥାନ: କିଙ୍ଗ୍ସ ଟାଉନ୍
ସମୟ:ପ୍ରାତଃ ୫ଟା

**ଶ୍ରୀଲଙ୍କା ବନାମ ନେଦରଲାଣ୍ଡ୍ସ**
ସ୍ଥାନ: ସେଣ୍ଟ ଭିନ୍‌ସେଣ୍ଟ
ସମୟ: ସକାଳ ୬ଟା

**ନ୍ୟୁଜିଲାଣ୍ଡ ବନାମ ପପୁଆ ନ୍ୟୁ ଗିନି**
ସ୍ଥାନ:ତ୍ରିନିଦାଦ
ସମୟ: ରାତି ୮ଟା

## ପାକିସ୍ତାନର ଅଭିଯାନ ଶେଷ

**ଫ୍ଲୋରିଡା,୧୬।୬ (ପି.ଟି.):** ପାକିସ୍ତାନ ଏହାର ଅନ୍ତିମ ଗ୍ରୁପ୍ ମ୍ୟାଚ୍‌ରେ ଆୟର୍ଲାଣ୍ଡକୁ ୩ ଉଇକେଟରେ ପରାସ୍ତ କରି ଟି୨୦ ବିଶ୍ୱକପ ଅଭିଯାନ ଶେଷ କରିଛି। ଆୟର୍ଲାଣ୍ଡ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୯ ଉଇକେଟ ହରାଇ ୧୦୬ ରନ୍ କରିଥିଲା। ଜବାବରେ ପାକିସ୍ତାନ ୧୮.୫ ଓଭରରେ ୭ ଉଇକେଟ ହରାଇ ୧୧ ରନ୍ କରିଥିଲା। ପାକିସ୍ତାନ ଟସ୍ ଜିତି ପ୍ରଥମେ ବୋଲିଂ କରିଥିଲା। ଶାହିନ୍ ଶାହ ଆଫ୍ରିଦି ଓ ମହମ୍ମଦ ଆମିର ଚମତ୍କାର ବୋଲିଂ କରିଥିଲେ। ଆୟର୍ଲାଣ୍ଡ ୩୨ ରନ୍‌ରେ ୬ ଉଇକେଟ ହରାଇଥିଲା। ତେବେ ଗେରାଥ୍ ଡେଲାନୀ ୩୧, ମାର୍କ ଆଡେର ୧୫ ଓ ଜୋଶୁଆ ଲିଟିଲ ୨୨* ରନ୍‌ର ଇନିଂସ ଖେଳିଥିଲେ। ଡେଲାନୀ ଓ ଆଡେର ସପ୍ତମ ଉଇକେଟରେ ୪୪ ରନ୍ ଯୋଡିଥିଲେ। ପାକିସ୍ତାନ ପକ୍ଷରୁ ଇମାଦ ୱାସିମ ଓ ଶାହିନ୍ ଆଫ୍ରିଦି ୩ଟି ଲେଖାଏ, ମହମ୍ମଦ ଆମିର ୨ ଓ ହରିସ ରୌଫ୍ ଗୋଟିଏ ଉଇକେଟ ନେଇଥିଲେ। ୧୦୭ ରନ୍ ଜବାବରେ ପାକିସ୍ତାନ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ୬୨ ରନ୍‌ରେ ଷଷ୍ଠ ଉଇକେଟର ପତନ ପରେ ବାବର ଆଜାମ ୩୨* ଓ ଆବ୍ବାସ ଆଫ୍ରିଦି ୧୭ ରନ୍ କରି ଇନିଂସ ସମ୍ଭାଳିଥିଲେ। ଶେଷ ଆଡକୁ ଶାହିନ୍ ଆଫ୍ରିଦି ୫ ବଲ୍‌ରୁ ୧୩ ରନ କରି ଜିତାଇଥିଲେ। ଆୟର୍ଲାଣ୍ଡ ପକ୍ଷରୁ ବ୍ୟାରୀ ମାକାର୍ଥି ୩, କର୍ଟିସ୍ କାମ୍ଫର୨, ବେଞ୍ଜାମିନ ହ୍ୱାଇଟ୍ ଓ ମାର୍କ ଆଡେର ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର:** ଆୟର୍ଲାଣ୍ଡ ୨୦ ଓଭରରେ ୧୦୬/୯ (ଗେରାଥ୍ ଡେଲାନୀ-୩୧, ମାର୍କ ଆଡେର-୧୫, ଜୋଶୁଆ ଲିଟିଲ-୨୨*, ଇମାଦ ୱାସିମ-୩/୫, ଶାହିନ ଆଫ୍ରିଦି-୩/୨୨, ମହମ୍ମଦ ଆମିର-୨/୧୧)। ପାକିସ୍ତାନ ୧୮.୫ ଓଭରରେ ୧୧୧/୭ (ବାବର ଆଜମ-୩୨*, ମହମ୍ମଦ ରିଜୱାନ-୧୭, ଆବ୍ବାସ ଆଫ୍ରିଦି-୧୭, ବ୍ୟାରୀ ମାକାର୍ଥି-୩/୧୫, କର୍ଟିସ୍ କାମ୍ଫର-୨/୨୪, ବେଞ୍ଜାମିନ ହ୍ୱାଇଟ୍-୧/୧୧)।

# ଓଡ଼ିଶା ଖେଳାଳିଙ୍କୁ ୩ ପଦକ



ପଦକ ସହ ଟ୍ରାଇ ଆଥଲେଟ୍ ପ୍ରଣବ ଦାସ।

## ଜାତୀୟ ଓପନ ଟ୍ରାଇଥଲନ ର୍‍ୟାଙ୍କିଙ୍ଗ ପ୍ରତିଯୋଗିତା

ଭୁବନେଶ୍ୱର,୧୬।୬(ସରୋଜ ଜେନା)

ହାଇଦ୍ରାବାଦରେ ଅନୁଷ୍ଠିତ ଜାତୀୟ ଓପନ ଟ୍ରାଇଥଲନ ର୍‍ୟାଙ୍କିଙ୍ଗ ପ୍ରତିଯୋଗିତାରେ ଓଡ଼ିଆ ଟ୍ରାଇ ଆଥ୍‌ଲେଟ ପ୍ରଣବ ଦାସ ଦୁଇଟି ପଦକ ବିଜୟୀ ହୋଇଛନ୍ତି। ପୁରୁଷ ସୁପର ସ୍ପ୍ରିଣ୍ଟ ଟ୍ରାଇଥଲନ ପ୍ରତିଯୋଗିତାରେ ରୌପ୍ୟ ଓ ଆକ୍ୱାଥଲନରେ ବ୍ରୋଞ୍ଜ ପଦକ ବିଜୟୀ ହୋଇଥିଲେ। ଜୁନ ୧୫-୧୬ ତାରିଖରେ ଅନୁଷ୍ଠିତ ଏହି ପ୍ରତିଯୋଗିତାର ସୁପର ସ୍ପ୍ରିଣ୍ଟ ଟ୍ରାଇଥଲନକୁ ୨୭ମି. ୨୯ ସେକେଣ୍ଡରେ ଶେଷ କରି ରୌପ୍ୟ ପଦକ ହାସଲ କରିଛନ୍ତି। ଏହି ବର୍ଗରେ ସର୍ଭିସେସର ସୈଖୋମ ବିଶ୍ୱଜିତ ସିଂ ସ୍ୱର୍ଣ୍ଣ ଏବଂ ମଣିପୁରର ମୟଙ୍ଗଲମ୍ବମ ନିବାସ ସିଂହ ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି। ୧୬ ତାରିଖରେ ଅନୁଷ୍ଠିତ ଆକ୍ୱାଥଲନରେ ପ୍ରଣବ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ମଧ୍ୟପ୍ରଦେଶର ରୋଶନ ଗୋଣ୍ଡ, ଅଙ୍କୁର ଚହର ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଥିଲେ। ଜୁନିୟର ବର୍ଗରେ ଓଡ଼ିଶାର ରାୟଗୁରୁ ସୂର୍ଯ୍ୟାଂଶ ମହାପାତ୍ର ଏକ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

# ବିଶ୍ୱ ବଧିର ଭଲିବଲ ଚାମ୍ପିୟନଶିପ୍ ପାଇଁ ବିଦ୍ୟାଧର ମନୋନୀତ

ଭୁବନେଶ୍ୱର,୧୬।୬(ବିଜୟ ରଣା)

ଜାପାନର ତୋମିଗୁସୁକୁଠାରେ ଜୁନ୍ ୨୧ରୁ ୩୦ ପର୍ଯ୍ୟନ୍ତ ୫ମ ବିଶ୍ୱ ବଧିର ଭଲିବଲ ଚାମ୍ପିୟନଶିପ୍ ଆୟୋଜନ ହେଉଛି। ଏଥିପାଇଁ ଭାରତରୁ ପ୍ରତିନିଧିତ୍ୱ ଲାଗି ଓଡ଼ିଶା ବଧିର କ୍ରୀଡ଼ା ପରିଷଦର ସଦସ୍ୟ ବିଦ୍ୟାଧର ଛୋଟରାୟ ମନୋନୀତ ହୋଇଛନ୍ତି। ବିଦ୍ୟାଧର ବର୍ତ୍ତମାନ ମଧ୍ୟପ୍ରଦେଶର ଗ୍ୱାଲିୟରଠାରେ ରହିଥିବା ଅଟଳବିହାରୀ ବାଜପେୟୀ ବଧିର କ୍ରୀଡ଼ା ଟ୍ରେନିଂ ସେଣ୍ଟରଠାରେ ଗତ ୨ତାରିଖଠାରୁ ଟ୍ରେନିଂ ନେଇଆସୁଛନ୍ତି। ୧୮ତାରିଖରେ ଟ୍ରେନିଂ ଶେଷ ହେବା ପରେ ସେ ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଭାରତୀୟ ଦଳରେ ଯୋଗ ଦେବେ। ବିଦ୍ୟାଧର ବର୍ତ୍ତମାନ ଖୋର୍ଦ୍ଧାସ୍ଥିତ ଇଷ୍ଟକୋଷ୍ଟ ରେଲୱେ ଡିଆରଏମ୍ କାର୍ଯ୍ୟାଳୟର ମେକାନିକାଲ ଡିପାର୍ଟମେଣ୍ଟରେ ଜଣେ ସିନିୟର ଖଲାସି ଭାବେ କାର୍ଯ୍ୟରତ।

# ହର୍ଷିତ ରଞ୍ଜନ ଚାମ୍ପିୟନ



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

## ରାଜ୍ୟ ଓପନ ଚେସ୍ ଚାମ୍ପିୟନଶିପ୍

ଭୁବନେଶ୍ୱର, ୧୬।୬ (ବିଜୟ ରଣା)

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଚତୁର୍ଥ ନୃସିଂହ ଚରଣ ମିଶ୍ର ମେମୋରିଆଲ ରାଜ୍ୟ ଓପନ ଚେସ୍ ଚାମ୍ପିୟନଶିପ୍ ସ୍ଥାନୀୟ କେଶୁରାସ୍ଥିତ ରୟାଲ ପବ୍ଲିକ ସ୍କୁଲ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ଏହି ଟୁର୍ନାମେଣ୍ଟରେ କଟକର ହର୍ଷିତ ରଞ୍ଜନ ସାହୁ ୪.୫ ପଏଣ୍ଟ ସହ ପ୍ରଥମ ସ୍ଥାନ ଅଧିକାର କରି ଚାମ୍ପିୟନ ହୋଇଛନ୍ତି। କଟକର ଅନ୍ୟ ଜଣେ ଲଳିତ ରଞ୍ଜନ ସାହୁ (୪.୫) ଦ୍ୱିତୀୟ ସ୍ଥାନ ସହ ରନରଅପ୍ ହୋଇଛନ୍ତି। ଭୁବନେଶ୍ୱରର ରାଜେନ୍ଦ୍ର କୁମାର ସାହୁ(୪.୦) ତୃତୀୟ ହୋଇଥିଲେ। ଚତୁର୍ଥରୁ ୭ମ ସ୍ଥାନ ଅଧିକାର କରିଥିବା ଖେଳାଳିମାନେ ଯଥାକ୍ରମେ ହେଲେ ମହେଶ ପ୍ରସାଦ ସେଠୀ (ପୁରୀ),ରବୀନ୍ଦ୍ର କୁମାର ଓଝା (କଟକ), ସୃଜନ ପ୍ରଣୟୀ ରାୟ(ଯାଜପୁର) ଓ ଅବିନାଶ ବଳିୟାର ସିଂ(ଜଟଣୀ)। ଅନ୍ୟପକ୍ଷରେ ବାଳିକା ବିଭାଗରେ ସାଇ ବିଦ୍ୟାଶ୍ରୀ ପ୍ରଥମ ଏବଂ ଦୀୟା ଦାସ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ୧୪ ବର୍ଷରୁ କମ୍ ବିଭାଗରେ ଅନୁଭବ ଦାଶ ପ୍ରଥମ ଏବଂ ଆଦିତ୍ୟ ପ୍ରଧାନ ଦ୍ୱିତୀୟ ସ୍ଥାନରେ ରହିଥିଲେ। ୧୨ ବର୍ଷରୁ କମ୍ ବିଭାଗରେ ସାରାଂଶ ମିଶ୍ର ପ୍ରଥମ ଓ ସାଇ ରଞ୍ଜନ ମିଶ୍ର ଦ୍ୱିତୀୟ ହୋଇଥିବା ବେଳେ ୧୦ ବର୍ଷରୁ କମ୍ ବିଭାଗରେ ମନୀଷ ରଞ୍ଜନ ଦାସ ପ୍ରଥମ ଏବଂ ସୌମ୍ୟଜିତ୍ ପଟ୍ଟନାୟକ ଦ୍ୱିତୀୟ ହୋଇଛନ୍ତି। ୮ ବର୍ଷରୁ କମ୍ ବିଭାଗରେ ଦେବଙ୍କ ଯାଦବ ପ୍ରଥମ ଏବଂ ଆପିୟା ମହାନ୍ତି ଦ୍ୱିତୀୟ ହୋଇଛନ୍ତି। ପୁରସ୍କାର ବିତରଣ ଉତ୍ସବରେ କେନ୍ଦୁଝର ସେଣ୍ଟ ଜାଭିୟର ହାୟର ସେକେଣ୍ଡାରୀ ସ୍କୁଲର ପ୍ରିନ୍ସିପାଲ ତଥା ଏକାଡେମିକ ଆଡ୍‌ଭାଇଜର ପ୍ରବୋଧ କୁମାର ମିଶ୍ର, ବିଶିଷ୍ଟ ଚେସ୍ କୋଚ୍ ଅଶୋକ କୁମାର ମହାନ୍ତି, ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଏବଂ ପୂର୍ବତନ ଜାତୀୟ ଚେସ୍ ଖେଳାଳି ହୃଦାନନ୍ଦ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ବେନାଭିଡେଜଙ୍କୁ ଲାଇଟ୍ ହେଭିୱେଟ୍ ଟାଇଟଲ

ଲାସ ଭେଗାସ, ୧୬।୬ (ଏପି)

ଓଲେକ୍‌ସାଣ୍ଡର ଜିଭୋଜିକ୍‌ଙ୍କୁ ସର୍ବସମ୍ମତି ନିଷ୍ପତ୍ତିରେ ପରାସ୍ତ କରି ଡେଭିଡ ବେନାଭିଡେଜ୍ ଅନ୍ତରୀଣ ଡବ୍ଲ୍ୟୁବିସି ଲାଇଟ୍ ହେଭିୱେଟ୍ ବେଲ୍ଟ ହାସଲ କରିଛନ୍ତି। ଫାଇଟ୍‌ରେ ଡନ୍ ଟ୍ରେଲା ୧୧୯-୧୦୯ ସ୍କୋର କରିଥିବା ବେଳେ ଡେଭ୍ ମୋରେଟି ୧୧୭-୧୧୧ ଏବଂ ଜାଚାରୀ ୟଙ୍ଗ ୧୧୬-୧୧୨ ସ୍କୋର କରିଥିଲେ। ବେନାଭିଡେଜ୍ ଏପର୍ଯ୍ୟନ୍ତ ତାଙ୍କର ସମସ୍ତ ୨୯ଟି ମୁକାବିଲାରେ ବିଜୟ ଲାଭ କରିଛନ୍ତି। ତନ୍ମଧ୍ୟରୁ ତାଙ୍କର ୨୪ଟି ନକ୍‌ଆଉଟ ରହିଛି। ଟ୍ରେନିଂ କ୍ୟାମ୍ପ ବେଳେ ତାଙ୍କ ବାମ ଆଖି ଉପରି ଭାଗରେ ଆଘାତ ଲାଗିଥିଲା। ଏହା ସତ୍ତ୍ୱେ ସେ ଲାଇଟ୍‌ହେଭିୱେଟରେ ତାଙ୍କର ପ୍ରଥମ ପଦାର୍ପଣ କରିଥିଲେ। ବେନାଭିଡେଜ ଆକ୍ରମଣାତ୍ମକ ରଣନୀତି ଆପଣେଇବା ସହ ଫାଇଟ୍‌କୁ ସମ୍ପୂର୍ଣ୍ଣ ରୂପେ ନିଜ ନିୟନ୍ତ୍ରଣରେ ରଖିଥିଲେ। ଜିଭୋଜିକ୍ ରକ୍ଷଣାତ୍ମକ ଖେଳିବା ଲାଗି ବାଧ୍ୟ ହୋଇଥିଲେ।

**Classified Everyday**
**0674-2580101, 2549949**



REAL ESTATE

SALE

**Plot for sale near Trisulia, CISF Campus, CDA, RERA Approved. (RP/07/2023/01069), (www.rera.odisha.gov.in). Contact- 7008513309.** D-517

**ଭୁବନେଶ୍ୱର ନଖରା, Synergy College ନିକଟବର୍ତ୍ତୀ 30 feet road ଥାଇ Boundarywall, Electricity ଥାଇ plot ମିଳୁଅଛି। 6370354458, 8018242542.** D-503

**Developed Gharabari, Electric, Boundary ପ୍ଲଟ୍ ବାଲକାଟି ଏବଂ ଗୁଡ଼ିଆପୋଖରୀରେ କିଣନ୍ତୁ। 7008492511.** D-484

**3BHK flat for sale at Jharpada 80 feet road side. Contact- 9437307086, 7008789347.** D-504

Duplex project at Retang Medical, Station, C.V. Raman University, Tamando, Bhubaneswar. 7008459987. D-75965

**Ready to move 2/3BHK flat for sale at Jayadevvihar Chhak. Contact- 9437307086, 7008789347.** D-505

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grandbazar NH-16 ଏବଂ Sum-2 ହସ୍‌ପିଟାଲ୍‌ଠାରୁ ଅଳ୍ପ ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ। 7008175202. D-75963

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।





3 Rooms, 1 Big hall, kitchen, Balcony- available in 2nd Floor for rent at Saptasati Vihar (Palasuni, Bhubaneswar) 100 mtrs. away from NH16 (Rent- 25000). Contact- 8217625744/ 9437214049. D-510

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।





Newly open health benefits spa special offer @999, Bapujinagar. 8018429809. D-76128

Piles Clinic, BBSR.: ଅର୍ଶ, ମଳକଣ୍ଟକ, ଭଗନ୍ଦର ଚିକିତ୍ସା କରାଯାଏ। 9861146916, 9078463148. D-75337

Relax, refresh your body, mind by expert therapist. Contact- 9938843929. D-76127

Fully relaxed body massage trained therapist. Central SPA. 9556483961. D-75752

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75752

Monalisa massage Club:All types Body massage with hiprofile smart lady rooms service available. 9708545108. D-518

**AFFIDAVIT**

By virtue of an affidavit before the Executive Magistrate, Balasore on dated 13.06.24, I, Pranati Das, W/o- Subrata Kumar Das, At- Akatpur Mandalbagicha, P.O.- Sunhat, Dist.- Balasore, P.S.- Town declare that in my Passport my husband's name has been mentioned as Subrata Das instead of Subrata Kumar Das. But both the names of my husband is one and same person. D-516

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

# ଭାରତର ସହଜ ବିଜୟ

## ସ୍ମୃତି ମନ୍ଧାନାଙ୍କ ଶତକ



**ବେଙ୍ଗାଲୁରୁ, ୧୬।୬ (ପି.ଟି.)**

ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ମହିଳା ଦିନିକିଆ କ୍ରିକେଟ ମ୍ୟାଚରେ ଭାରତ ୧୪୩ ରନରେ ବିଜୟ ହାସଲ କରିଛି। ସ୍ଥାନୀୟ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ରବିବାର ଖେଳାଯାଇଥିବା ଏହି ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଉପଅଧିନାୟିକା ସ୍ମୃତି ମନ୍ଧାନାଙ୍କ ଶତକ ସହାୟତାରେ ୮ ଉଇକେଟ ବିନିମୟରେ ୨୬୫ ରନ କରିଥିଲା। ଜବାବରେ ଭ୍ରମଣକାରୀ ଦଳ ନିର୍ଦ୍ଧାରିତ ଓଭରରେ ୩୭.୪ ଓଭରରେ ୧୨୨ ରନ କରି ଅଲ୍ଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଟପ୍ ସ୍କୋରର ସୁନେ ଲୁସ୍ ୩୩ ରନ କରିଥିବା ବେଳେ ଉଇକେଟକିପର ସିନାଲୋ ଜାଫ୍ଟା ୨୭ରନ କରି ଅପରାଜିତ ରହିଥିଲେ। ମାରିଜେନ କାପ୍ ୨୪ ରନ କରିଥିଲେ। ଭାରତୀୟ ଦଳର ସବୁଠାରୁ ସଫଳ ବୋଲର ଆଶା ଶୋଭାନା ତାଙ୍କ ପଦାର୍ପଣ ମ୍ୟାଚରେ ୨୧ରନ ବିନିମୟରେ ୪ ଉଇକେଟ ଅକ୍ତିଆର କରିଥିଲେ। ଦୀପ୍ତି ଶର୍ମା ୧୦ ରନ ଦେଇ ୨ ଉଇକେଟ ହାସଲ କରିଥିଲେ। ରେଣୁକା ଠାକୁର, ପୂଜା ବସ୍ତ୍ରାକାର ଓ ରାଧା ଯାଦବ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ଭାରତର ଆରମ୍ଭ ଉତ୍ସାହଜନକ ନ ଥିଲା। ଦଳ ଏକଦା ୯୯ ସ୍କୋରରେ ଏହାର ୫ ଉଇକେଟ ହରାଇ ସାରିଥିଲା। ଶେଫାଳୀ ବର୍ମା (୭), ଅଧିନାୟିକା ହରମନପ୍ରୀତ କୌର (୧୦) ଓ ଜେମିମା ରୋଡ୍ରିଗ୍ସ (୧୭)ଙ୍କ ଭଳି ଟପ୍ ଅର୍ଡର ବ୍ୟାଟର କ୍ରିଜ୍‌ରେ ଅଧିକ ସମୟ ତିଷ୍ଠିପାରି ନ ଥିଲେ। ଭାରତର ୫ ଉଇକେଟ ପତନ ବେଳକୁ ମନ୍ଧାନା ୩୩ ରନ କରି ବ୍ୟାଟିଂ କରୁଥିଲେ। ଶତକ ହାସଲ କରିଥିବା ମନ୍ଧାନା ୧୨୭ ବଲ୍ ସାମ୍ନା କରି ୧୨ ଚୌକା ଓ ୧ ଛକା ସହ ୧୧୭ ରନ କରିଥିଲେ। ଏହାଥିଲା ତାଙ୍କର ୬ଷ୍ଠ ଅନ୍ତର୍ଜାତୀୟ ଦିନିକିଆ। ସେ ଓ ଦୀପ୍ତି ଶର୍ମା (୩୭ରନ, ୪୮ବଲ୍, ୩ ଚୌକା) ୬ଷ୍ଠ ଉଇକେଟରେ ୮୧ରନ (୯୨ ବଲ୍) ଯୋଗ କରିଥିଲେ। ପରେ ପୂଜା ବସ୍ତ୍ରାକାର (୩୧*) ଓ ମନ୍ଧାନା ୭ମ ଉଇକେଟରେ ୫୮ରନ (୫୪ବଲ୍) ଯୋଗ କରି ଦଳର ବିଜୟ ପଥକୁ ସହଜ କରିଦେଇଥିଲେ। ମାସାବାଟା କ୍ଲାସ ମନ୍ଧାନାଙ୍କୁ ସୁନ୍ ଲୁସ୍‌ଙ୍କ ଦ୍ୱାରା କ୍ୟାଚ ଆଉଟ କରି ଏହି ପାର୍ଟନରଶିପ୍‌କୁ ଭାଙ୍ଗି ଦେଇଥିଲେ। ଏହି ମ୍ୟାଚରେ ଭାରତ ତରଫରୁ ଲେଗ୍ ସ୍ପିନର ଆଶା ସୋଭାନା ତାଙ୍କର ପ୍ରଥମ ଅନ୍ତର୍ଜାତୀୟ ଦିନିକିଆ ପଦାର୍ପଣ କରିଥିବା ବେଳେ ଦକ୍ଷିଣ ଆଫ୍ରିକା ତରଫରୁ ଆନେରି ଡେର୍କସେନ ୫୦ ଓଭର ଫର୍ମାଟରେ ପଦାର୍ପଣ କରିଛନ୍ତି। ରବିବାର ଏହି ବିଜୟ ଦ୍ୱାରା ଭାରତ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ଲାଭ କରିଛି। ଦୁଇ ଦଳ ମଧ୍ୟରେ ଦ୍ୱିତୀୟ ମ୍ୟାଚ ଜୁନ୍ ୧୯ରେ ଖେଳାଯିବ।

**ସଂକ୍ଷିପ୍ତ ସ୍କୋର**

ଭାରତୀୟ ଇନିଂସ: ୫୦ ଓଭରରେ ୨୬୫/୮ (ସ୍ମୃତି ମନ୍ଧାନା-୧୧୭, ଦୀପ୍ତି ଶର୍ମା-୩୭, ପୂଜା ବସ୍ତ୍ରାକାର-୩୧ ; ଆୟାବୋଙ୍ଗା ଖାକା-୩/୪୭, ମାସାବାଟା କ୍ଲାସା-୨/୫୧)। ଦକ୍ଷିଣ ଆଫ୍ରିକା ଇନିଂସ: ୩୭.୪ ଓଭରରେ ୧୨୨/ଅଲଆଉଟ (ସୁନେ ଲୁସ୍-୩୩, ସିନାଲୋ ଜାଫ୍ଟା-୨୭*, ମାରିଜେନ୍ କାପ୍-୨୪ ; ଆଶା ଶୋଭାନା-୪/୨୧, ଦୀପ୍ତି ଶର୍ମା -୨/୧୦)।

**ଜାତୀୟ ମିନି ଓ ଶିଶୁ ଫେନ୍‌ସିଂ ପ୍ରତିଯୋଗିତା**

# ଓମ୍ ଶଙ୍କରଙ୍କୁ ରୌପ୍ୟ

**ଭୁବନେଶ୍ୱର, ୧୬।୬ (ସରୋଜ ଜେନା)**

ଓଡ଼ିଶା ଫେନସିଂ ଆସୋସିଏଶନ ପକ୍ଷରୁ କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ୧୨ତମ ଜାତୀୟ ମିନି ଓ ଶିଶୁ ଫେନ୍‌ସିଂ ପ୍ରତିଯୋଗିତାର ତୃତୀୟ ଦିବସରେ ଓଡ଼ିଶା ପାଞ୍ଚଟି ବ୍ରୋଞ୍ଜ ଓ ଗୋଟିଏ ରୌପ୍ୟ ପଦକ ହାସଲ କରିଛି। ଦିଲ୍ଲୀ ଦୁଇଟି ସ୍ୱର୍ଣ୍ଣ ପଦକ ହାତେଇଥିବା ବେଳେ ପଞ୍ଜାବ ଚାରିଟି ବ୍ରୋଞ୍ଜ, ଗୋଟିଏ ରୌପ୍ୟ, ତାମିଲନାଡୁ ଗୋଟିଏ ରୌପ୍ୟ, ୪ ବ୍ରୋଞ୍ଜ ପଦକ ପାଇଛି। ଓଡ଼ିଶା ପ୍ରତିଯୋଗୀ ଓମ୍ ଶଙ୍କର ପଟେଲ ରୌପ୍ୟ ଓ ପ୍ରିୟଲୋଚନ ନାୟକ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ପଦକ ବିତରଣ ଉତ୍ସବରେ ରାଜ୍ୟ ସୂଚନା କମିଶନର ସୁଶାନ୍ତ କୁମାର ମହାନ୍ତି, ଉପ ସଭାପତି ରମେଶ ଚନ୍ଦ୍ର ମଲ୍ଲିକ, ଓଡ଼ିଶା ଫେନ୍‌ସିଂ ସଂଘର ସମ୍ପାଦକ ଦେବେନ୍ଦ୍ର ସାହୁ, ସାଙ୍ଗଠନିକ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ, ପୁଲିନ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କୁ ପଦକ ବିତରଣ କରିଥିଲେ।

# ଭାରତୀୟ ସଫ୍ଟଟେନିସ୍ ଦଳରେ ଅଂଶୁମାନ



ଅଂଶୁମାନ ବାବୁଙ୍କୁ ସମ୍ମାନିତ କରାଯାଉଛି।

**ଭୁବନେଶ୍ୱର, ୧୬।୬ (ବିଜୟ ରଣା)**

ଭାରତୀୟ ସଫ୍ଟଟେନିସ ଦଳରେ ଓଡ଼ିଶାର ଅଂଶୁମାନ ବାବୁ ସ୍ଥାନ ପାଇଛନ୍ତି। ସେ ଚଳିତ ମାସ ୧୮ରୁ ୨୩ ତାରିଖ ପର୍ଯ୍ୟନ୍ତ କୋରିଆରେ ହେବାକୁଥିବା ୨୦୨୪ ନିୟୋଂ ବ୍ୟାଙ୍କ ଇଚିଂ କୋରିଆ କପ୍ ଇଣ୍ଟରନ୍ୟାଶନାଲ ସଫ୍ଟ ଟେନିସ୍ ଟୁର୍ନାମେଣ୍ଟରେ ଭାଗ ନେବେ। ଏହି ଅବସରରେ ଓଡ଼ିଶା ସଫ୍ଟ ଟେନିସ ଆସୋସିଏଶନର ଚେୟାରମ୍ୟାନ ରଞ୍ଜନ କୁମାର ନନ୍ଦ, ସାଧାରଣ ସମ୍ପାଦକ ମହମ୍ମଦ ଆଜମ୍ ଅଂଶୁମାନ ବାବୁଙ୍କୁ ସମ୍ମାନିତ କରିଛନ୍ତି। ଅନ୍ୟପକ୍ଷରେ ଉପସଭାପତି ଦିଲୀପ କୁମାର ମହାନ୍ତି, ଟିଟନ ସାହୁ, ରୁଦ୍ର ନାରାୟଣ ବେହେରା, ଶକ୍ତି ରଞ୍ଜନ ମହାନ୍ତି, ଆଇନଜୀବୀ ନିର୍ଭୟ କୁମାର ସାମନ୍ତରାୟ, ନବରଞ୍ଜନ ପଟ୍ଟନାୟକ, ଡ. ଗଗନେନ୍ଦୁ ଦାସ, ସୌର୍ଯ୍ୟରଞ୍ଜନ ପରିଜା, ପଙ୍କଜ ମିତଲ୍ ଓ କୃଷ୍ଣଚରଣ ପଣ୍ଡା ପ୍ରମୁଖ ତାଙ୍କର ସଫଳତା କାମନା କରିଛନ୍ତି।

# ଲଭଲିନା ବୋର୍ଗୋହେନଙ୍କୁ ରୌପ୍ୟ

**ଉସ୍ତି ନାଦ ଲାବେମ୍ ଗ୍ରାଁ ପ୍ରି**



ପୁରସ୍କାର ଗ୍ରହଣ କରୁଛନ୍ତି ଲଭଲିନା ବୋର୍ଗୋହେନ।

**ନୂଆଦିଲ୍ଲୀ, ୧୬।୬(ପି.ଟି.)**

ଟୋକିଓ ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜୟିନୀ ଭାରତର ଲଭଲିନା ବୋର୍ଗୋହେନ୍ ଚେକ୍ ରିପବ୍ଲିକ୍‌ରେ ଅନୁଷ୍ଠିତ ଉସ୍ତି ନାଦ ଲାବେମ୍ ଗ୍ରାଁ ପ୍ରିରେ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ୭୫ କିଗ୍ରା ଓଜନ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଲଭଲିନା ୨-୩ରେ ପରାଜିତ ହୋଇଥିଲେ। ଶନିବାର ବିଳମ୍ବିତ ରାତିରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ସେ ଏସିଆନ ଚାମ୍ପିୟନ ଚାଇନାର ଲି କ୍ୱିଆନଙ୍କଠାରୁ ହାରି ଯାଇଥିଲେ। ପ୍ୟାରିସ୍ ୨୦୨୪ ପାଇଁ ଯୋଗ୍ୟତା ଅର୍ଜନ କରି ସାରିଥିବା ଲଭଲିନା ପରାଜିତ ହୋଇଥିଲେ ମଧ୍ୟ ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତି ଠିକ୍ ଦିଗରେ ଥିବା କହିଛନ୍ତି। ଲି କ୍ୱିଆନଙ୍କ ବିପକ୍ଷରେ ଏହା ତାଙ୍କର ଦ୍ୱିତୀୟ ପରାଜୟ। ୨ ଥର ଅଲିମ୍ପିକ୍ସ ଓ ୩ ଥର ବିଶ୍ୱ ଚାମ୍ପିୟନଶିପ ପଦକ ବିଜେତା ଲି କ୍ୱିଆନ ପୂର୍ବରୁ ଏସିଆନ ଗେମ୍ସ ଫାଇନାଲରେ ମଧ୍ୟ ଲଭଲିନାଙ୍କୁ ପରାସ୍ତ କରିଥିଲେ। ଏହି ଟୁର୍ନାମେଣ୍ଟରେ ପୂର୍ବରୁ ଲଭଲିନା ରୌପ୍ୟ ପଦକ ଜିତିଥିବା ବେଳେ ପ୍ୟାରିସ୍ ଅଲିମ୍ପିକ୍ସ ପୂର୍ବରୁ ତାଙ୍କ ପାଇଁ ଏହା ଏକ ଭଲ ସୁଯୋଗ ବୋଲି କହିଛନ୍ତି। ଲଭଲିନା ନିଜର ସଫଳତା ପାଇଁ ବକ୍ସିଂ ଫେଡେରେଶନ ଅଫ୍ ଇଣ୍ଡିଆ ଓ ଭାରତ ସରକାରଙ୍କୁ ଧନ୍ୟବାଦ ଜଣାଇ ଏକ ଭିଡିଓ ଶେୟାର କରିଥିଲେ। ନୂତନ କ୍ରୀଡା ମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଏହି ଭିଡିଓକୁ 'ଏକ୍ସ'ରେ ପୋଷ୍ଟ କରିବା ସହ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଲଭଲିନା ବକ୍ସିଂ ରିଙ୍ଗ୍‌ରେ ଅନେକ ଯୁବ ଆଥ୍‌ଲେଟଙ୍କ ଲାଗି ପ୍ରେରଣାର ଉତ୍ସ ବୋଲି କହିବା ସହ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ଉସ୍ତି ନାଦ ଲାବେମ୍ ଗ୍ରାଁ ପ୍ରି ଏକ ଆମନ୍ତ୍ରଣୀୟ ବକ୍ସିଂ ଟୁର୍ନାମେଣ୍ଟ। ଲଭଲିନାଙ୍କ ବ୍ୟତୀତ ରିପବ୍ଲିକ ବକ୍ସିଂ ଟିମ୍‌ର ସିଣ୍ଡି ଏନ୍‌ଗାମ୍ବା, ଚାଇନାର ଲି କ୍ୱିଆନ ଓ ଇଂଲଣ୍ଡର ଚାଣ୍ଟାଲ ରେଡ୍ ଅଂଶଗ୍ରହଣ କରିଥିଲେ।

# ରାଜ୍ୟ ୧୭ ବର୍ଷରୁ କମ ଚେସ୍ ଉଦ୍‌ଘାଟିତ



ପ୍ରଥମ ଦିନରେ ଭାଗନେଇଥିବା ଖେଳାଳି। (ଫଟୋ: ରାଜକିଶୋର ମହାନ୍ତି)

**କଟକ ୧୬।୬ (କାର୍ତ୍ତିକ ସାହୁ)**

ନିଖିଳ ଓଡିଶା ଚେସ ସଂଘ ଓ ଆଇ ଏସ ଚେସ ସେଣ୍ଟର ପକ୍ଷରୁ ମିଳିତ ଆନୁକୁଲ୍ୟରେ ସ୍ଥାନୀୟ ରିଦ୍ଧି ସିଦ୍ଧି କଲ୍ୟାଣ ମଣ୍ଡପ ଠାରେ ଓଡ଼ିଶା ରାଜ୍ୟ ୧୭ ବର୍ଷରୁ କମ ଚେସ ପ୍ରତିଯୋଗିତା ରବିବାର ଉଦଘାଟିତ ହୋଇଛି। ୧୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ରାଜ୍ୟର ୧୭ ଗୋଟି ଜିଲ୍ଲାରୁ ୧୭୫ ଜଣ ଖେଳାଳି ଅଂଶଗ୍ରହଣ କରୁଛନ୍ତି। ଏପରିକି ୬୩ ଜଣ ଅନ୍ତର୍ଜାତୀୟ ମାନ୍ୟତା ପ୍ରାପ୍ତ ଖେଳାଳି ଏହି ଟୁର୍ନାମେଣ୍ଟର ଅଂଶ ଗ୍ରହଣ କରୁଛନ୍ତି। ଓପନ ବର୍ଗରେ କୌସ୍ତୁଭ ଦାସଙ୍କୁ ଶୀର୍ଷ ମାନ୍ୟତା ମିଳିଥିବା ବେଳେ ୟାଶିତା ରାଉତଙ୍କୁ ବାଳିକା ବର୍ଗର ଶୀର୍ଷ ମାନ୍ୟତା ମିଳିଛି। ଆଇ ଏସ ଚେସ ସେଣ୍ଟର ନିର୍ଦ୍ଦେଶକ ଆଡଭୋକେଟ ମାନସ ପାଣିଙ୍କ ପୌରହିତ୍ୟରେ ଆୟୋଜିତ ଉତ୍ସବରେ ବରିଷ୍ଠ ଚେସ ପ୍ରଶାସକ ଅଧ୍ୟାପକ ଅସିତ୍ ମୁଖାର୍ଜୀ ଉଦ୍‌ଘାଟନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସୂର୍ଯ୍ୟକାନ୍ତ ବିଶୋଇ, ସଞ୍ଜୟ ଜେନା ଉପସ୍ଥିତ ଥିଲେ। ଅନ୍ତର୍ଜାତୀୟ ଆର୍ବିଟର ଭବେସ ମହାନ୍ତି, ସନ୍ତୋଷ ମହାପାତ୍ର, ଶଙ୍କର ରାଓ, ସୋନାଲି ଦାସ, ଏ ପଓନୀ, ଭେଙ୍କଟ ରାଓ, ବିରାଜ ଦାସ ଓ ପ୍ରଶାନ୍ତ ବିହାରୀ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ।

# ଭଜନଙ୍କୁ ସ୍ୱର୍ଣ୍ଣ ସହ ଅଲିମ୍ପିକ କୋଟା

**ଆଣ୍ଟାଲ୍ୟା, ୧୬।୬ (ପି.ଟି.):** ଭାରତର ଭଜନ କୌର ଏଠାରେ ଚାଲିଥିବା 'ଆର୍ଚେରୀ ଇନ୍ ପ୍ୟାରିସ ଫାଇନାଲ ଅଲିମ୍ପିକ କ୍ୱାଲିଫାୟର' ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିବା ସହ ଷ୍ଟାଇଲରେ ବ୍ୟକ୍ତିଗତ କୋଟା ହାସଲ କରିପାରିଛନ୍ତି। ଚାମ୍ପିୟନଶିପ୍‌ରେ ଭାରତର ଷ୍ଟାର ତୀରନ୍ଦାଜ ଦୀପିକା କୁମାରୀଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ରହିଥିଲା। ସେ ତାଙ୍କ ପ୍ରଥମ ମ୍ୟାଚ ହାରିଯାଇଥିଲେ। ଅନ୍ୟପକ୍ଷରେ ଭଜନ ଟପ୍ ସିଡ୍ ତଥା ଇରାନର ମୋବିନା ଫାଲାହ ବିପକ୍ଷ ମ୍ୟାଚ ଗୋଟିଏ ସେଟ୍ ଡ୍ରପ୍ ନ କରି ଚମକପ୍ରଦ ବିଜୟ ହାସଲ କରି ସ୍ୱର୍ଣ୍ଣ ଜିତିପାରିଛନ୍ତି। ତୃତୀୟ ସିଡ୍ ଭଜନ ଚମତ୍କାର ପ୍ରଦର୍ଶନ କରି ମୋବିନାଙ୍କୁ ଏକ ଏକତରଫା ଫାଇନାଲରେ ୬-୨ (୨୮-୨୬, ୨୯-୨୯, ୨୯-୨୬, ୨୯-୨୯)ରେ ପରାସ୍ତ କରିଛନ୍ତି। ତାଙ୍କ ସାଥୀ ଖେଳାଳି ଅଙ୍କିତା ଭକତ କ୍ୱାର୍ଟରଫାଇନାଲରୁ ବିଦାୟ ନେଇଛନ୍ତି। କିନ୍ତୁ କ୍ୱାର୍ଟରଫାଇନାଲିଷ୍ଟ ଭାବେ ବ୍ୟକ୍ତିଗତ ଅଲିମ୍ପିକ କୋଟା ହାସଲ କରି ନେଇଛନ୍ତି। ୮ଟି ଦେଶକୁ ବ୍ୟକ୍ତିଗତ କୋଟା ମଞ୍ଜୁର ହୋଇଛି। ପ୍ରତ୍ୟେକ ଦେଶ ପ୍ରଦର୍ଶନ ଜରିଆରେ ଗୋଟିଏ ବ୍ୟକ୍ତିଗତ କୋଟା ହାସଲ କରିପାରିବେ। ଭାରତ ଉଭୟ ପୁରୁଷ ଓ ମହିଳା ବିଭାଗରେ କୋଟା ହାସଲ କରିବାରେ ସମର୍ଥ ହୋଇ ପାରିଛି।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ